

ରଣଜୀ ପରେ ସନ୍ୟାସ ନେବେ ଋଦ୍ଧିମାନ ପୃଷ୍ଠା ୫

# ସଂଚାର
THE SANCHAR

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 32 | ISSUE 221 | ଭାଗ ୩୨ | ସଂଖ୍ୟା୨୨୧ Bhubaneswar | Tuesday 5 November 2024 | Page 8 Rs. 4.00 ଭୁବନେଶ୍ୱର | ମଙ୍ଗଳବାର ୫ ନଭେମ୍ବର ୨୦୨୪ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା

## ‘ଦାନା’ରେ ୬୦୦ କୋଟି କ୍ଷତି

- ୪୧ ଲକ୍ଷ ଲୋକ ପ୍ରଭାବିତ
- ବାଲେଶ୍ୱର, ଭଦ୍ରକ ଓ କେନ୍ଦ୍ରାପଡ଼ା ସର୍ବାଧିକ କ୍ଷତିଗ୍ରସ୍ତ



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ବାତ୍ୟା ‘ଦାନା’ କ୍ଷୟକ୍ଷତି ରିପୋର୍ଟ ରାଜ୍ୟ ସରକାରଙ୍କ ନିକଟରେ ଉପସ୍ଥାପନ କରାଯାଇଛି। ଜିଲ୍ଲାସ୍ତରରୁ କ୍ଷୟକ୍ଷତି ରିପୋର୍ଟ ପାଇଛନ୍ତି ସରକାର। ପଞ୍ଚାୟତିରାଜ ବିଭାଗ ବ୍ୟତୀତ ଅନ୍ୟ ସବୁ ବିଭାଗରୁ ଆସିଛି ରିପୋର୍ଟ। ପ୍ରାଥମିକ ଆକଳନ ଅନୁଯାୟୀ ଦାନାରେ ପ୍ରାୟ ୬ଶହ କୋଟି ଟଙ୍କାର ସମ୍ପତ୍ତି କ୍ଷତି ହୋଇଥିବା କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ବାତ୍ୟାରେ ବାଲେଶ୍ୱର, ଭଦ୍ରକ ଏବଂ କେନ୍ଦ୍ରାପଡ଼ା ଜିଲ୍ଲା ବେଶୀ କ୍ଷତିଗ୍ରସ୍ତ ହୋଇଛି। ମୋଟାମୋଟି ଭାବରେ ୧୪ ଜିଲ୍ଲାର ୧୩୧ ବ୍ଲକ ପ୍ରଭାବିତ ହୋଇଛି। ୧୧, ୬୩୭ ଗାଁର ୪୧ ଲକ୍ଷ ଲୋକ ପ୍ରଭାବିତ ହୋଇଛନ୍ତି। ସମୁଦାୟ ୧୬,୪୧୭ ଘର ପ୍ରଭାବିତ ହୋଇଥିବାବେଳେ ୨୭ ଘର ସଂପୂର୍ଣ୍ଣ ଭାବେ କ୍ଷତିଗ୍ରସ୍ତ ହୋଇଛି। ୧୪,୬୮୦ ଘର ଆଂଶିକ ଭାବେ କ୍ଷତିଗ୍ରସ୍ତ ହୋଇଛି ବୋଲି କହିଛନ୍ତି ମନ୍ତ୍ରୀ। ବିଭାଗୱାରୀ ହିସାବ ଭିତ୍ତିରେ ଶକ୍ତି ବିଭାଗ ବେଶୀ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଛି। ତେବେ ଚୂଡ଼ାନ୍ତ ରିପୋର୍ଟ ଆସିବା ପରେ ପ୍ରକୃତ କ୍ଷୟକ୍ଷତି ସ୍ପଷ୍ଟ ହେବ ବୋଲି ମନ୍ତ୍ରୀ କହିଛନ୍ତି। ରିପୋର୍ଟ ଆସିଲା ପରେ କ୍ଷତିଗ୍ରସ୍ତଙ୍କୁ ସହାୟତା ଯୋଗାଇ ଦିଆଯିବ। ଏହାସହ ଚୂଡ଼ାନ୍ତ ଆକଳନ ପରେ କେନ୍ଦ୍ରକୁ କ୍ଷତିପୂରଣ ପାଇଁ ରିପୋର୍ଟ ଦିଆଯିବ ବୋଲି କୁହାଯାଇଛି। ସେପଟେ କେନ୍ଦ୍ର ସହାୟତା ରାଶି ଦେବା ପୂର୍ବରୁ ରାଜ୍ୟ ନିଜସ୍ୱ ପାଣ୍ଠିରୁ କ୍ଷତିପୂରଣ ଦେବ ବୋଲି ମଧ୍ୟ ମନ୍ତ୍ରୀ ପୂର୍ବରୁ କହିଥିଲେ।

## ୨୧ରୁ ଧାନ କିଣା

ବରଗଡ଼ ଜିଲ୍ଲାରୁ ଆରମ୍ଭ

### ଚାଷୀଙ୍କ ସ୍ୱାର୍ଥକୁ ସରକାରଙ୍କ ପ୍ରାଧାନ୍ୟ



ଭୁବନେଶ୍ୱର, ୪।୧୧ (ସଂଚାର ବ୍ୟୁରୋ): ନଭେମ୍ବର ତୃତୀୟ ସପ୍ତାହ ଅର୍ଥାତ୍ ୨୧ ତାରିଖରୁ ଆରମ୍ଭ ହେବ ଧାନ କିଣା ପକ୍ରିୟା। ବରଗଡ଼ ଜିଲ୍ଲାରୁ ଆରମ୍ଭ ହେବ ଧାନ କିଣା। ଧାନ କିଣାକୁ ନେଇ ମନ୍ତ୍ରୀସ୍ତରୀୟ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଚାଷୀଙ୍କ ଠାରୁ ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ପିଛା ୩୧ ଶହ ଟଙ୍କାରେ କିଣାଯିବ। ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍ଏସ୍ପି) ୨୩୦୦ ଟଙ୍କା ସହିତ ରାଜ୍ୟ ସରକାରଙ୍କ ତରଫରୁ ଇନ୍‌ପୁଟ ସହାୟତା ୮୦୦ ଟଙ୍କା ମିଶାଇ ଏ ବର୍ଷ କ୍ୱିଣ୍ଟାଲ ପ୍ରତି

- କଟଣି ଛଟଣିମୁକ୍ତ ଧାନ କିଣାକୁ ଗୁରୁତ୍ୱ
- ସମସ୍ୟା ହେଲେ ଟୋଲ୍‌ଫ୍ରି ନମ୍ବର-୧୯୬୭କୁ ଜଣାଇବେ

୩୧୦୦ ଟଙ୍କା ଧାର୍ଯ୍ୟ କରାଯାଇଛି।

ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ, ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଧାନସଂଗ୍ରହ ନେଇ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ସମବାୟ, ହସ୍ତତନ୍ତ, ହସ୍ତଶିଳ୍ପ ଓ ବୟନ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ଅନ୍ୟ ସଂପୃକ୍ତ ବିଭାଗର ପ୍ରମୁଖ ଶାସନ ସଚିବ ଓ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ ।

ବୈଠକରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ଧାନସଂଗ୍ରହ ପ୍ରକ୍ରିୟା ସ୍ୱଚ୍ଛ ଓ ସରଳ ହେବା ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱଚ୍ଛତା ବଜାୟ ରହିବା ସହ ସଂପୂର୍ଣ୍ଣ ପ୍ରକ୍ରିୟାକୁ ଦୁର୍ନୀତିମୁକ୍ତ କରିବା ନିମନ୍ତେ ତୃତୀୟ ପକ୍ଷ ଦ୍ୱାରା ଯାଞ୍ଚ କରାଯିବ । କୌଣସି ସୂଚନା ପାଇବା ପାଇଁ କିମ୍ବା ଅସୁବିଧାର ସମ୍ମୁଖୀନ ହେଲେ ଚାଷୀମାନେ ଟୋଲ୍ ଫ୍ରି ନଂ-୧୯୬୭କୁ ଫୋନ୍ କରିପାରିବେ। ପୂର୍ବବର୍ଷ ଅପେକ୍ଷା ଚଳିତ ବର୍ଷ ଅଧିକ ୩୦ଟି ସିଟ୍ ଥିବା କଲ୍ ସେଣ୍ଟର ଖୋଲାଯାଇଛି । ଏହା ଖାଦ୍ୟଯୋଗାଣ ନିଗମ ଦ୍ୱାରା ପରିଚାଳିତ ହେବ। ଧାନମଣ୍ଡିରୁ ମିଲ୍ ପର୍ଯ୍ୟନ୍ତ ଧାନ ଯିବା ପାଇଁ ଟେଣ୍ଡର ବିଜ୍ଞପ୍ତି ଜାରି କରାଯାଇଛି । ପୃଷ୍ଠା-୬

## ଯୋଗାଣ ଅଧିକାରୀଙ୍କୁ ନାଲିଆଖି



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ମନ୍ତ୍ରୀଙ୍କ ମୁହଁରେ ସିଂଘମ ଡାଏଲଗ। ଯୋଗାଣ ସହାୟକ ବୈଠକରେ ସିଙ୍ଘମ ଫିଲ୍ମ ଡାଇଲଗ ଶୁଣାଇ ଉପଦେଶ ଦେଲେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର। କହିଲେ, ଅଗର୍ ପୋଲିସ ଚାହେଗା ତୋ ମନ୍ଦିର କେ ସାମ୍ନା ସେ ଏକ୍ ଚପଲ ଭି ଚୋରି ନେହିଁ ହୋ ସକ୍‌ତା। ଅଗର୍ ଆପ୍ ଚାହେଙ୍ଗେ ତୋ ମଣ୍ଡି ମେ ଭ୍ରଷ୍ଟାଚାର ନେହିଁ ହୋଗା। ଏହା ସହ ମହାଭାରତ ଭୀଷ୍ମ ଶରଶଯ୍ୟା କାହାଣୀ ଶୁଣାଇ ତାଗିଦ ବି କଲେ । ଭୀଷ୍ମ ଶରଶଯ୍ୟା ବେଳେ ଭଗବାନ୍ କୃଷ୍ଣ ତାଙ୍କୁ କହିଥିଲେ ଆପଣ ଯଦିଓ କିଛି କରି ନ ଥିଲେ, କିନ୍ତୁ ଦ୍ରୌପଦୀ ବସ୍ତ୍ର ହରଣ ବେଳେ ଆପଣ ଦେଖିଥିଲେ ସେଥିପାଇଁ ଶାସ୍ତି ଭୋଗୁଛନ୍ତି। ତେଣୁ ଅନ୍ୟାୟ କରୁଥିବା ଲୋକ, ଅନ୍ୟାୟକୁ ପ୍ରଶୟ ଦେଉଥିବା ଏବଂ ଦେଖିଥିବା ଲୋକ ଉପରେ ବି କାର୍ଯ୍ୟାନୁଷ୍ଠାନର ଚେତାବନୀ ଦେଲେ ମନ୍ତ୍ରୀ। ମନ୍ତ୍ରୀ ଶ୍ରୀ ପାତ୍ର କହିଲେ, ବିଜେଡି ସରକାର ସମୟରେ ପୁଳା ପୁଳା ଦୁର୍ନୀତି ହେଉଥିଲା, କିନ୍ତୁ ମୁଁ ଶପଥ ନେଇଛି ଏହି ବିଭାଗକୁ ସ୍ୱଚ୍ଛ କରିବି । ଅନ୍ୟପଟେ, ଆମ୍ବ ଟାକୁଆ ଖାଇ ମୃତ୍ୟୁ ହୋଇଥିବା ପ୍ରସଙ୍ଗ ଉପରେ ଯୋଗାଣ ମନ୍ତ୍ରୀ କହିଛନ୍ତି, ପର୍ଯ୍ୟାପ୍ତ ଚାଉଳ ମହଜୁଦ ଥାଇ ବି ସେମାନଙ୍କର ମୃତ୍ୟୁ ହୋଇଛି। ଆମ୍ବ ଟାକୁଆ ଆଦିବାସୀଙ୍କ ପାରମ୍ପରିକ ଖାଦ୍ୟ, ସବୁବେଳେ ଖାଆନ୍ତି। ଚାଉଳ ଅଭାବରୁ ନୁହେଁ, ବାସୀ ଖାଦ୍ୟ ଖାଇ ମୃତ୍ୟୁ ହୋଇଛି। ସ୍ଥାନୀୟ ଇଂଜିନିୟର୍ସ ଭବନ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ମନ୍ତ୍ରୀ ଶ୍ରୀ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୋଗାଣ ସହାୟକମାନଙ୍କୁ ପୃଷ୍ଠା-୬

### ହିନ୍ଦୀ ସମିତି ବୈଠକରେ ମୁଖ୍ୟମନ୍ତ୍ରୀ ଦେଲେ ୬ ପ୍ରସ୍ତାବ

## ଓଡ଼ିଶାରେ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ ଦାବି




ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ହିନ୍ଦୀ ସମିତିର ୩୨ତମ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାରେ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ୬ ପ୍ରସ୍ତାବ ରଖିଛନ୍ତି। ଡିଶାରେ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନ ସ୍ଥାପନ ହେଲେ ରାଜ୍ୟରେ ଅଧିକ ସଂଖ୍ୟକ ହିନ୍ଦୀ ଶିକ୍ଷକ ସୃଷ୍ଟି କରିବା ଏବଂ ହିନ୍ଦୀ ସାହିତ୍ୟକୁ ପ୍ରୋତ୍ସାହନ ଦେବା ପାଇଁ ସ୍ୱତନ୍ତ୍ର ହିନ୍ଦୀ ଶିକ୍ଷା ପ୍ରତିଷ୍ଠାନର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଓଡିଆ-ହିନ୍ଦୀ ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ଦ୍ୱାରା ଓଡିଆ ଓ ହିନ୍ଦୀ ଭାଷାର ପ୍ରଚାର ପ୍ରସାର ପାଇଁ ଉଭୟ ଭାଷାର ଅନବଦ୍ୟ ସାହିତ୍ୟିକ କୃତି ଏବଂ ଅନ୍ୟାନ୍ୟ ରଚନା ଗୁଡିକର ଅନୁବାଦ ଆବଶ୍ୟକ। ଏଥି ପାଇଁ କେନ୍ଦ୍ର ସରକାରଙ୍କ ରାଜଭାଷା ବିଭାଗର ଆର୍ଥିକ ସହାୟତାରେ ଏକ ସ୍ୱତନ୍ତ୍ର ଅନୁବାଦ କେନ୍ଦ୍ର ପ୍ରତିଷ୍ଠା ହେବା ଆବଶ୍ୟକ।

**ଓଡ଼ିଆ-ହିନ୍ଦୀ ଅନୁବାଦ କେନ୍ଦ୍ର ଓ ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ ସ୍ଥାପନ ହେଉ**

ମୁଖ୍ୟମନ୍ତ୍ରୀ କହିଥିଲେ, ଅଧିକ ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମର ଆୟୋଜନ ହେବା ଆବଶ୍ୟକ। ଏହାଦ୍ୱାରା ହିନ୍ଦୀ ଏବଂ ଓଡିଆ ଭାଷା ଓ ସାହିତ୍ୟ ମଧ୍ୟରେ ଅଧିକ ସାଂସ୍କୃତିକ ବିନିମୟ ପୃଷ୍ଠା-୬

### ପୋଲିସ ଗୃହ ନିର୍ମାଣ ନିଗମରେ ବ୍ୟାପକ ଦୁର୍ନୀତି

## ସନ୍ତୋଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ପୋଲିସ ଗୃହନିର୍ମାଣ ଓ କଲ୍ୟାଣ ନିଗମ ଅଧ୍ୟକ୍ଷ ଡ. ସନ୍ତୋଷ ବାଲା ବଦଳି ହେବା ସତ୍ତ୍ୱେ କିପରି ନିଜ ଗାଦି ନ ଛାଡି, ସରକାରୀ ଆଦେଶ ଓ ନିୟମକୁ ହେୟଜ୍ଞାନ କରି ମନମାନି କରିଛନ୍ତି, ସେ ବିଷୟରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ତାଙ୍କ ନାମରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିବା ପାଇଁ ସାମାଜିକ କର୍ମୀ ଶ୍ରୀକାନ୍ତ ପାକଳ ଅକ୍ଟୋବର ୨୮ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାର ନକଲ ମୁଖ୍ୟ ଶାସନ ସଚିବ, ଘରୋଇ ବିଭାଗ ସଚିବଓ ପୋଲିସ ଡିଜିଙ୍କୁ ଦେଇଛନ୍ତି।

ଗୃହବିଭାଗର ଚିଠି ସଂଖ୍ୟା ୩୫୯୯୮/ଆଇପିଏସ୍, ତା ୨୯।୦୯।୨୦୨୪ରିଖ ଅନୁସାରେ ଡ. ବାଲାଙ୍କର ପୋଲିସ ଗୃହନିର୍ମାଣ ସଂସ୍ଥାରୁ ବଦଳି କରାଯାଇ ଏସ୍‌ସିଆର୍‌ବି ଏବଂ ଏସ୍‌ଏଫ୍‌ଏସ୍‌ଏଲ୍‌ରେ ଡାଇରେକ୍ଟର ହିସାବରେ ପୋଷ୍ଟିଙ୍ଗ କରାଯାଇଥିଲା। ଏହି ନିର୍ଦ୍ଦେଶନାମାରେ ସେ ପୋଲିସ ହାଉସିଙ୍ଗରୁ ମଧ୍ୟ ବଦଳି ହେଲେ ବୋଲି ନିର୍ଦ୍ଦିଷ୍ଟ ଭାବେ ଉଲ୍ଲେଖ ରହିଥିଲା। ଏଥି ନିମନ୍ତେ ତା ୩୦।୦୯।୨୦୨୪ରିଖରେ ମୁଭମେଣ୍ଟ ଅର୍ଡର ବାହାରିଥିଲା। ଏଥିରେ ନିର୍ଦ୍ଦେଶ ଥିଲା ଯେ ସେ ତାଙ୍କର ମୂଳ କାର୍ଯ୍ୟ ସ୍ପେସିଆଲ ସେକ୍ରେଟାରି ହୋମ ସହିତ ପୋଲିସ ଗୃହନିର୍ମାଣ ସଂସ୍ଥାରୁ ମୁକ୍ତ ହୋଇ ନୂତନ କାର୍ଯ୍ୟରେ ଯୋଗଦେବେ। ଏହି ନିର୍ଦ୍ଦେଶ ସହିତ ଓଜିଏଫ୍ଆର୍ ନିୟମ ସଂଖ୍ୟା ୩୮ ଅନୁଯାୟୀ ସେ ପୋଲିସ ଗୃହନିର୍ମାଣ ସଂସ୍ଥାରୁ ରିଲିଭ ହେବାର ଆବଶ୍ୟକତା ନଥିଲା, ସେ ତାଙ୍କର ମୂଳ ପୋଷ୍ଟିଙ୍ଗରୁ ରିଲିଭ ହେବାର ଆବଶ୍ୟକତା ରହିଥିଲା। ତା ୧।୧୦।୨୪ ରିଖ ଦିନ ହୋମରୁ କାର୍ଯ୍ୟମୁକ୍ତ ହୋଇ ସେ ନୂତନ କାର୍ଯ୍ୟରେ ଯୋଗଦେଇଥିଲେ କିନ୍ତୁ ପୋଲିସ ହାଉସିଙ୍ଗ୍ ଆସିବା ବନ୍ଦ କରି ନ ଥିଲେ। ବରଂ ପ୍ରତିଦିନ ଏଠାକୁ ଆସି ତିନି ସହଯୋଗୀ ଟେକନିକାଲ ଆଡଭାଇଜର, ଡିଜିଏମ ଆଡମିନ ଓ ଚାଟାର୍ଡ ଆକାଉଣ୍ଟାଣ୍ଟଙ୍କ ସହାୟତାରେ ଭୁଲଗୁଡିକୁ ଲୁଚାଇବାରେ ଲାଗିପଡ଼ିଥିଲେ। ତାଛଡା ନିଜ ଲୋକମାନଙ୍କୁ ଧରାଧରି କରି ଏଠାରେ ରହିବା ପାଇଁ ସରକାରଙ୍କ ପାଖରେ ଲବି କରିବା ଆରମ୍ଭ କରିଦେଇଥିଲେ।

ସେ ନିଜର ତିନିଜଣ ବିଶ୍ୱସ୍ତ ଅନୁଗତମାନଙ୍କ ଦ୍ୱାରା ଅର୍ଥ ରୋଜଗାରରେ ଲାଗିପଡ଼ିଥିଲେ। ଗତ ତା ୪।୧୦।୨୪ରିଖ ଦିନ ସେ ଏକକାଳୀନ ନିଗମର ପ୍ରାୟ ୨୦ଜଣ ପ୍ରୋଜେକ୍ଟ ମ୍ୟାନେଜର, ଡେପୁଟି ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ବଦଳି କରିଥିଲେ। ଏହାପଛରେ ଉଦ୍ଦେଶ୍ୟ ଥିଲା ତାଙ୍କୁ ବିରୋଧ କରୁଥିବା ଅଫିସରମାନଙ୍କୁ ଦୃଢ଼ ହସ୍ତରେ ଦମନ କରିବା, ପଇସାପତ୍ର ଦେଉଥିବା ଦୁର୍ନୀତିଖୋର ଅଫିସରମାନଙ୍କୁ ଭଲ ଜାଗାରେ ବସାଇବା ସହିତ ନୁଆ ପ୍ରମୋସନ ପାଇଥିବା ଅଫିସରମାନଙ୍କୁ ଉପହାର ଦେବା।

ଡ. ବାଲା ସରକାରଙ୍କର ମୂଳ ବଦଳି ଅର୍ଡରରେ ରହିଯାଇଥିବା ଭୁଲର ସଂପୂର୍ଣ୍ଣ ଫଇଦା ନେବାକୁ ଚେଷ୍ଟାକଲେ। ଯେହେତୁ ପୋଲିସ ହାଉସିଙ୍ଗରେ ଅନ୍ୟକାହାକୁ ପୋଷ୍ଟିଙ୍ଗ କରାଯାଇ ନ ଥିଲା, ସେ ଧୂର୍ତ୍ତ ଅନୁଚରଙ୍କୁ ଧରି ଲୁଟତରାଜ ଆରମ୍ଭ କରିଦେଇଥିଲେ। ପୂର୍ବରୁ ସପ୍ତାହକୁ ଥରେ ଅଫିସ ଆସୁ ନ ଥିବା ଲୋକ ପ୍ରତିଦିନ ପୁରାସମୟ ଅଫିସ ଆସିଥିଲେ।

ଶେଷରେ ତା ୨୪।୧୦।୨୪ ତାରିଖ ଦିନ ରାଜ୍ୟ ସରକାରଙ୍କ ବଦଳି ଆଦେଶ ବଳରେ ପୃଷ୍ଠା-୬

## ମାଥିଙ୍କ ଦୁର୍ନୀତିର ମଙ୍ଗ ଧରିଛନ୍ତି ସାଗରିକା !








ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ଓଡ଼ିଶା ସରକାରଙ୍କର ଗୃହ ଓ ନଗର ଉନ୍ନୟନ ବିଭାଗରେ ଦୁର୍ନୀତି ବଢ଼ି ବଢ଼ି ଚାଲିଥିବା ଅଭିଯୋଗ କରିଛନ୍ତି ସାମାଜିକ କର୍ମୀ । ଏହାର ଗୋଟି ଗୋଟି କରି ହିସାବ ଦେବା ସହିତ ଉଚ୍ଚସ୍ତରୀୟ ତଦନ୍ତ ଏବଂ ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ ପାଇଁ ଦାବି କରିଛନ୍ତି । ସାମାଜିକ କର୍ମୀ ଜୟନ୍ତ ଦାଶ ମୁଖ୍ୟମନ୍ତ୍ରୀଙ୍କୁ ଲେଖିଥିବା ଚିଠିରେ ଦୁର୍ନୀତିର ବିସ୍ତୃତ ବର୍ଣ୍ଣନା କରି କିଛି ଗାଦିମଡ଼ା ସରକାରୀ ବାବୁଙ୍କର ବଦଳି ପରେ ମଧ୍ୟ ବିଭଗରେ ସେମାନଙ୍କର ପାଦୁର୍ଭାବ କିଭଳି ଦେଖିବାକୁ ମିଳୁଛି ତାହା ଉଲ୍ଲେଖ କରିଛନ୍ତି। ଶ୍ରୀ ଦାଶ ଆଜି ଦର୍ଶାଇଛନ୍ତି ଯେ ଜି. ମାଥିବାଥାନଂଙ୍କର ଛତ୍ରଛାୟା ରେ ଚାଲୁଥିବା କିଛି ଅଫିସରଙ୍କର ପାଦୁର୍ଭାବ ବଳବତ୍ତର ଅଛି। ଅନୁସନ୍ଧାନରୁ ଜଣାପଡିଛି ଯେ ସମ୍ପୃକ୍ତ ଗୃହ ଓ ନଗର ଉନ୍ନୟନ ବିଭାଗ ଏକ ଦୁହାଁଳିଆ ଗାଈ ଭଳି ହୋଇଛି । ସବୁସ୍ଥାନରେ ପୁରୁଣା ବାବୁଙ୍କ ଲୋକ ଗାଦିମାଡ଼ି ବସିଛନ୍ତି। ପୂର୍ବ ସରକାରଙ୍କର ଜି. ମାଥିବାଥାନନ ଓ ମନୋଜ ମିଶ୍ରଙ୍କର ଅତି ଆପଣାର କରିତକର୍ମା ଅଧିକାରିଣୀ ସାଗରିକା ପଟନାୟକ ଗୃହ ଓ ନଗର ଉନୟନ ବିଭାଗରେ ଦ୍ୱିତୀୟ କ୍ଷମତା କେନ୍ଦ୍ର ପାଲଟିଛନ୍ତି। ତାଙ୍କ ହାତରେ ଅମୃତ, ଆମ ପୋଖରି, ଓଡ଼ିଶା ଅର୍ବାନ ଏକାଡେମୀ, ହାଉସିଂ ବୋର୍ଡ଼ ଓ ଉନତି ଭବନର ଦାୟିତ୍ୱ ଜି. ମାଥିବାଥାନନ ଦେଇଥିଲେ । ସେ ବର୍ତ୍ତମାନ ଡେପୁଟେସନରେ ସମ୍ପୃକ୍ତ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟରତ। ଅମୃତ ଯୋଜନା ଅନ୍ତର୍ଗତ ଓଡ଼ିଶାର ସମସ୍ତ ସହରରେ ପିଏଚଡି ଦ୍ୱାରା କୋଟି କୋଟି ଟଙ୍କାର କାର୍ଯ୍ୟ ହୋଇଛି ଓ ସମ୍ପୃକ୍ତ କାର୍ଯ୍ୟରେ କେଲେଙ୍କାରୀ ଘଟିଛି। ତତସହିତ କିଛି ଅବସର ପ୍ରାପ୍ତ କର୍ମଚାରୀ ମାନେ ପିଏମୟୁ ଯୋଜନାରେ ଆଉଟସୋର୍ସିଂ ମାଧ୍ୟମରେ କାମ ମଧ୍ୟ କରୁଛନ୍ତି । ସେମାନେ ସେ କାର୍ଯ୍ୟର ତଦାରଖ କରି ପିସି ଆଦାୟକରି ସାଗରିକା ପଟନାୟକ ମାଧ୍ୟମରେ ଉପରିସ୍ଥ ଅଧିକାରୀଙ୍କ ପାଖରେ ପହଁଚାଉଥିବା ଅଭିଯୋଗ କରିଛନ୍ତି ।

- ରେଳବାଇରୁ ଡେପୁଟେସନରେ ଆସି ପାଲଟିଛନ୍ତି କ୍ଷମତାକେନ୍ଦ୍ର
- ବିଭାଗର ଦୁର୍ନୀତି ଗୁମର ଖୋଲିଲେ ସାମାଜିକ କର୍ମୀ

ସେହିଭଳି ଆମ ପୋଖରୀ ଯୋଜନାରେ ଖୋଲାଯାଇଥିବା ପୋଖରୀ ଗୁଡିକରେ, କରାଯାଇଥିବା ଡିପିଆର ରେ ପଙ୍କର ଗଭୀରତା ଏକ ମଟର ବଦଳରେ ୪ ମିଟର ପର୍ଯ୍ୟନ୍ତ ଅନୁମୋଦନ ଦେଇଥିଲେ ଏବଂ ସେଠାରୁ ଯେଉଁ ପଙ୍କ ବାହାରିଲା ସେଗୁଡିକୁ ଗୋଟିଏ ଟ୍ରିପ ପିଛା ୧୦୦୦ ରୁ ୧୫୦୦ ଟଙ୍କା ପର୍ଯ୍ୟନ୍ତ ବିକ୍ରି କରାଯାଇ ୨ ପରାମର୍ଶଦାତାଙ୍କ ଜରିଆରେ ସାଗରିକା ପିସି ଆଦାୟ କରୁଥିଲେ କିନ୍ତୁ ବର୍ତ୍ତମାନ ସେଇପୋଖରୀରେ ଅଧିକ ପଙ୍କ ଅଛି ବୋଲି ଦର୍ଶାଇ ପୌରସଂସ୍ଥା ମାନଙ୍କୁ ସଂଶୋଧିତ ଆକଳନ ଦେବାକୁ ବାଧ୍ୟ କରୁଛନ୍ତି । ସାଗରିକାଙ୍କର ନିର୍ଦ୍ଦେଶ ହେଲା ଆପଣ ସଂଶୋଧିତ ଆକଳନ ବଢ଼େଇକି ପୃଷ୍ଠା-୬

## ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର: ୩ଗିରଫ

ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ଦିଲ୍ଲୀରେ ଓଡ଼ିଆ ଯୁବତୀଙ୍କୁ ବଳାତ୍କାର ମାମଲାରେ ୩ ଜଣ ଗିରଫ କରାଯାଇଛି। ସେମାନଙ୍କ ଦ୍ୱାରା ବ୍ୟବହୃତ ଅଟୋରିକ୍ସା ଜବତ କରାଯାଇଛି। ଅଧିକ ତଦନ୍ତ ପାଇଁ ଦିଲ୍ଲୀ ପୋଲିସକୁ ଅନୁରୋଧ କରାଯାଇଛି ବୋଲି ବୋଲି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଅକ୍ଟୋବର ୧୦ ଏବଂ ୧୧ ମଧ୍ୟରାତ୍ରିରେ ଦକ୍ଷିଣ ପୂର୍ବ ଦିଲ୍ଲୀର ଏକ ଫ୍ଲାଏ ଓଭର ନିକଟରେ ୩୪ ବର୍ଷୀୟା ଓଡ଼ିଆ ଯୁବତୀଙ୍କୁ ରକ୍ତାକ୍ତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ତାଙ୍କୁ ଅନ୍ୟତ୍ର ବଳାତ୍କାର କରାଯାଇ ପୃଷ୍ଠା-୬

### ଟ୍ରେଣ୍ଡିଂ ନ୍ୟୁଜ୍

- ଇସ୍ରାଏଲ ବିରୋଧରେ ଇରାନ ସେନା ଅଧିକ ଶକ୍ତିଶାଳୀ ଯୁଦ୍ଧାସ୍ତ୍ର ବ୍ୟବହାର କରିବ ବୋଲି ଚେତାବନୀ ଦେବା ପରେ ଉଭୟ ଦେଶ ମଧ୍ୟରେ ଚାଲିଥିବା ଯୁଦ୍ଧ ଆଗକୁ ଆହୁରି ଭୟଙ୍କର ହେବାର ଆଶଙ୍କା ପ୍ରକାଶ ପାଇଛି।
- ଭାରତୀୟ ବାୟୁସେନାର ଏକ ମିଗ-୨୯ ଯୁଦ୍ଧ ବିମାନ ଆଗ୍ରାରେ ଦୁର୍ଘଟଣାଗ୍ରସ୍ତ ହୋଇ ଜଳିଗଲା। ଏହାର ପାଇଲଟ ସୁରକ୍ଷିତ ଭାବେ ବାହାରି ଆସିବାକୁ ସକ୍ଷମ ହେଲେ।
- ରାଜନୈତିକ ଦଳଗୁଡ଼ିକର ଅନୁରୋଧକ୍ରମେ ନିର୍ବାଚନ କମିଶନ କେରଳ, ପଞ୍ଜାବ ଓ ଉତ୍ତର ପ୍ରଦେଶର ୧୪ ବିଧାନସଭା ଆସନରେ ଆସନ୍ତା ୧୩ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ଉପନିର୍ବାଚନ ନଭେମ୍ବର ୨୦ରେ ଅନୁଷ୍ଠିତ ହେବ।
- ସେପ୍ଟେମ୍ବର ୨୭ରେ ରେକର୍ଡ ସ୍ତର ୮୫,୯୭୮ ପଏଣ୍ଟ ଛୁଇଁଥିବା ସେନ୍‌ସେକ୍ସ ୪ ସପ୍ତାହ ଧରି ହ୍ରାସ ପାଇ ସୋମବାର ୧୫୦୦ ପଏଣ୍ଟ ରେ ପହଞ୍ଚିଛି। ନିଫ୍‌ଟି ୨୩,୮୦୦ ପଏଣ୍ଟ ହ୍ରାସ। ଅଗଷ୍ଟ ୬ ପରେ ନିଫ୍‌ଟିର ଏହା ସର୍ବନିମ୍ନ ସ୍ତର।
- ଦିଲ୍ଲୀରେ ଭୟଙ୍କର ପ୍ରଦୂଷଣକୁ ନେଇ ଆପ୍ ସରକାରଙ୍କ ଉପରେ ବର୍ଷିଛନ୍ତି ସୁପ୍ରିମକୋର୍ଟ। ଦିଲ୍ଲୀରେ ବାଣ ଫୁଟାଇବା ନିଷିଦ୍ଧ ହୋଇଥିଲେ ହେଁ ଏହାକୁ କ୍ୱଚିତ କାର୍ଯ୍ୟକାରୀ କରାଯାଇଛି। ନିଷେଧାଦେଶ କାର୍ଯ୍ୟକାରୀ କରିବା ପାଇଁ କ’ଣ ସବୁ ପଦକ୍ଷେପ ନିଆଯାଇଥିଲା ଓ ଆସନ୍ତା ବର୍ଷ କ’ଣ ପଦକ୍ଷେପ ନିଆଯିବ ତାହା ସପ୍ତାହକ ମଧ୍ୟରେ ଦେବାକୁ ଦିଲ୍ଲୀ ସରକାର ଓ ପୁଲିସ୍ ମହାନିର୍ଦ୍ଦେଶକଙ୍କୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।
- ପୂର୍ବ ଲଦାଖରୁ ଭାରତ ଓ ଚୀନ ସଂପୂର୍ଣ୍ଣ ସେନା ପ୍ରତ୍ୟାହାର କରିବା ପରେ ଦେଶପଙ୍ଗ ଏବଂ ଡେମଚୋକ୍‌ରେ ଭାରତୀୟ ସେନାର ପାଟ୍ରୋଲିଂ।

## ମେଘନାଦ ପାଚେରିର ସ୍ଥାୟୀ ମରାମତି ହେଉ

ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ମେଘନାଦ ପ୍ରାଚୀରର ତୁରନ୍ତ ସ୍ଥାୟୀ ମରାମତି ଏବଂ ପୁନରୁଦ୍ଧାର କରିବାକୁ ଏଏସ୍ଆଇକୁ ଅନୁରୋଧ କରିଛନ୍ତି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ। । ଏଥିସହ ସହ ପ୍ରାଚୀରର ଏକ ସାମଗ୍ରିକ ବୈଜ୍ଞାନିକ ସର୍ଭେ କରିବାକୁ ମଧ୍ୟ ସେ ଏଏସ୍ଆଇ ଅଧୀକ୍ଷକଙ୍କୁ ପତ୍ର ଲେଖିଛନ୍ତି। ମେଘନାଦ ପ୍ରାଚୀରରେ କେତେକ ଫାଟ ହୋଇଥିବା ନଜରକୁ ଆସିଛି । ଶ୍ରୀମନ୍ଦିର ପ୍ରଶାସନର ନିର୍ମାଣ ବିଭାଗ ପକ୍ଷରୁ ପ୍ରାଥମିକ ଶିଉଳି ଛଡାଇବା ସହିତ ପାଣି ଝରିବା ରୋକିବାକୁ ପଦକ୍ଷେପ ନିଆଯାଇଛି। ଆନନ୍ଦ ବଜାରର ଡ୍ରେନେଜ୍ ବ୍ୟବସ୍ଥା ସୁଧାରିବା ପାଇଁ ଇତିମଧ୍ୟରେ ଟେଣ୍ଡର୍ ପ୍ରକ୍ରିୟା ମଧ୍ୟ ହୋଇଛି। ତେବେ ଶ୍ରୀମନ୍ଦିରକୁ ସୁରକ୍ଷା ଦେଉଥିବା ମେଘନାଦ ପ୍ରାଚୀର ମରାମତି ତଥା ପୁନରୁଦ୍ଧାର କାର୍ଯ୍ୟ ଅତି ଶୀଘ୍ର ହାତକୁ ନେବାକୁ ଅନୁରୋଧ କରିଛନ୍ତି ମୁଖ୍ୟ ପ୍ରଶାସକ। ମରାମତି ଓ ସର୍ଭେରେ ଶ୍ରୀମନ୍ଦିର ପ୍ରଶାସନକୁ ପୂର୍ଣ୍ଣ ସହଯୋଗ ଯୋଗାଇଦେବାର ପ୍ରତିଶ୍ରୁତି ଏଏସ୍ଆଇ ଦେଇଛି।

## ଭରସାଯୋଗ୍ୟ ନ ଥିଲା ବିଜେଡି ସରକାର



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡା ଜିଲ୍ଲାରେ ପ୍ରସ୍ତାବିତ ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ କାରଖାନା ପ୍ରସଙ୍ଗରେ ବିଜେଡି ଯେଉଁ ‘ଭରସା’ ର କଥା କହୁଛି ତାହା ଅନେକଙ୍କୁ ଆଶ୍ଚର୍ଯ୍ୟଚକିତ କରିଛି। ଖୋଦ୍ ବିଜେଡି କର୍ମୀମାନେ ଏହାକୁ ଗ୍ରହଣ କରିପାରୁ ନାହାନ୍ତି। କାରଣ ବିଜେଡି ସରକାର ଉପରେ ଭରସା ନଥିବା ଯୋଗୁଁ କେଳବ ବିଶ୍ୱର ସର୍ବବୃହତ୍ ଇସ୍ପାତ କମ୍ପାନୀ ପୋସ୍କୋ ଓଡ଼ିଶା ଛାଡି ନ ଥିଲା, ପୋସ୍କୋ ପାଇଁ ଅଧିଗ୍ରହଣ ହୋଇଥିବା ଜମି ଉପରେ ବର୍ତ୍ତମାନ ସୁଦ୍ଧା କୌଣସି ଶିଳ୍ପ କାରଖାନାଟିଏ ଛିଡା କରିପାରିଲେ ନାହିଁ।

ବିଜେଡି ଓଡ଼ିଶାରେ ୨୫ ବର୍ଷ ଶାସନ କରିବା ଭିତରେ ଇସ୍ପାତ ଓ ତଦ୍‌ଜନିତ ଶିଳ୍ପ ପ୍ରତିଷ୍ଠା ପାଇଁ ୨୨୨ଟି ଶିଳ୍ପକୁ ଅନୁମୋଦନ ଦେଇଛି। ହେଲେ ଏହା ଭିତରୁ କେତୋଟି ଶିଳ୍ପ ବିଜେଡି ଉପରେ ଭରସା କରି ପ୍ରତିଷ୍ଠା କରିଛନ୍ତି ଓ ଆଉ କେତେ ଶିଳ୍ପ ଲୋକଙ୍କ ଭିଟାମାଟି ଉଜାଡି ଓଡ଼ିଶା ଛାଡି ପଳାଇଛନ୍ତି ବିଜେଡି ମୁଖପାତ୍ରମାନେ ତାହାର ଉତ୍ତର ରଖିବା ଉଚିତ୍। ବିଜେଡି ସରକାର ଉପରେ ଭରସା ନ ପାଇବାରୁ ଗୋପାଳପୁରରେ ଟାଟାର ପ୍ରସ୍ତାବିତ ଇସ୍ପାତ କାରଖାନା ଆଜିଯାଏ ହୋଇପାରିଲା ନାହିଁ। ଆଜି ବି ସେହି ପ୍ରକଳ୍ପକୁ ନେଇ ଛୋଟ ବଡ଼ ଆନ୍ଦୋଳନ ଚାଲୁଛି।

- ଶୂନ୍ୟକୁ ଛେପ ପକାଉଛନ୍ତି ବିଜେଡି ନେତା
- ପ୍ରଥମେ ପୋସ୍କୋ ପଳାୟନର ଉତ୍ତର ଦେଉ ବିଜେଡି

ସେହିଭଳି ଓଡ଼ିଶା ଉପକୂଳରେ ୧୩ଟି ବନ୍ଦର ପ୍ରତିଷ୍ଠା ପାଇଁ ରାଜ୍ୟ ସରକାରଙ୍କ ସହ ବିଭିନ୍ନ କମ୍ପାନୀ ଚୁକ୍ତି କରିଥିବାବେଳେ ବିଜେଡି ସରକାର ଉପରେ ଭରସା ନପାଇବାରୁ ଅନେକ ବାଟ କାଟି ଚାଲିଗଲେଣି। ଯାହା ଜଣାପଡୁଛି ଗୋଟିଏ ହେଲେ ନୂଆ ବନ୍ଦର ପ୍ରତିଷ୍ଠା ସମ୍ଭବ ନୁହେଁ। ଅନୁଗୁଳ ଜିଲ୍ଲାରେ ରାଷ୍ଟ୍ରାୟତ ସଂସ୍ଥାର ପ୍ରସ୍ତାବିତ ଅଲଟ୍ରା ମେଗା ପାୱାର ପ୍ଲାଣ୍ଟ ବି ବିଜେଡି ସରକାର ଉପରେ ଭରସା ନପାଇବାରୁ ହୋଇପାରିଲା ନାହିଁ।

କେବଳ ଇସ୍ପାତ, ତାପଜ କେନ୍ଦ୍ର କିମ୍ବା ବନ୍ଦର ପ୍ରକଳ୍ପ ନୁହେଁ ବିଜେଡି ସରକାର ଅନୁମୋଦନ ଦେଇଥିବା ୯୯୬ଟି ପ୍ରକଳ୍ପ ମଧ୍ୟରୁ ଅନେକଙ୍କର ବିଜେଡି ସରକାର ଉପରେ ଭରସା ନପାଇବାରୁ ସେମାନେ ଓଡ଼ିଶା ଛାଡିଛନ୍ତି ନ ପୃଷ୍ଠା-୬

# ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ ରବିନାରାୟଣ ନାୟକ

## ମାନସ, ଉମାକାନ୍ତ, ଡଲି, ମନିଷାଙ୍କ ବୟକଟ୍

**କେନ୍ଦ୍ରାପଡ଼ା, ୪।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ହେଉଥିବା ପ୍ରକଳ୍ପର ସୋମବାର ଦିନ ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ଯୋଗାଣ ମନ୍ତ୍ରୀ ରବିନାରାୟଣ ନାଏକ ପାଟକୁରା ଗ୍ରସ୍ତ କରି ଗରଦପୁର ବ୍ଲକ ଚାଟରାରେ ଜଳ ଜୀବନ ମିଶନ ପକ୍ଷରୁ ଆରମ୍ଭ ହୋଇଥିବା ମେଘା ପାନୀୟ ଜଳ ଯୋଗାଣ ପ୍ରକଳ୍ପର ସମୀକ୍ଷା କରିଛନ୍ତି । ଗତ ସେପ୍ଟେମ୍ବର ମାସ ୨୦୨୨ ମସିହାରେ ଏହି ପ୍ରକଳ୍ପଟି ଆରମ୍ଭ ହୋଇଥିଲେ ମଧ୍ୟ ଠିକାଦାର ଙ୍କ କଛପ ଗତିର କାର୍ଯ୍ୟ ଓ ନିମ୍ନମାନର କାର୍ଯ୍ୟ ଯୋଗୁଁ ମନ୍ତ୍ରୀ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାଛଡା ଆମେ ଭାବୁ ଉପକୂଳ ଜିଲ୍ଲା ଉନ୍ନତ ବୋଲି ହେଲେ ପୂର୍ବ ଓଡ଼ିଶା ର ଜନସାଧାରଣ ଗତ ୨୪ ବର୍ଷ ଭିତରେ ପାନୀୟ ଜଳ ପାଇ ନାହାନ୍ତି । ଏହା ଅତ୍ୟନ୍ତ ଦୃଭାଗ୍ୟ ଓ ଅତି ନିନ୍ଦନୀୟ କଥା ।

ତେବେ ଉକ୍ତ ପ୍ରକଳ୍ପ କାର୍ଯ୍ୟ ୧ ଶହ କୋଟି ୭୨ ଲକ୍ଷ ୨୦୨୪ ରେ ଡିସେମ୍ବର ମାସରେ ଶେଷ ହେବ ବୋଲି ଏଗ୍ରିମେଣ୍ଟ ହୋଇଥିଲା ହେଲେ ଅବଦ୍ଧି ସରିବା ପରେ ବି ଏବେ ଏହି ପ୍ରକଳ୍ପ ୨୦୨୫ ରେ କାର୍ଯ୍ୟ ଶେଷ ହେବ ହେବ ବୋଲି ବିଭାଗୀୟ ଅଧିକାରୀ କହୁଥୁବା ବେଳେ ଠିକାଦାର ୨୦୨୬ ରେ ଶେଷ ହେବ ବୋଲି ସୂଚନା ଦେଇଛନ୍ତି । ଏହି ସୂଚନାକୁ ନେଇ ମନ୍ତ୍ରୀ ଉତ୍ତର ଦେଇ କହିଛନ୍ତି ଏହା



ଖୁବ୍ ଶୀଘ୍ର କାର୍ଯ୍ୟ ଶେଷ ହେବା ସହ ପ୍ରତିଘରକୁ ପାଣି ପହଞ୍ଚିବ। ଏହାପରେ ବି ଯଦିବି ନିର୍ଦ୍ଧିଷ୍ଟ ସମୟରେ ନସରିବ ତେବେ ଠିକାଦାର କୁ କଳାତାଲିକା ଭୂକ୍ତ କରିଦେବି ବୋଲି ତାଗିଦ୍ କରିଛନ୍ତି । ତେବେ ଏହି ପ୍ରକଳ୍ପ ଶେଷ ହେଲେ ୧୩୫ ଟି ରାଜସ୍ୱ ଗ୍ରାମ ସହ ୨୦୧୧ ମସିହା ଜନଗଣନା ଅନୁଯାୟୀ ଅନୁନ୍ୟ ୯୧୯୧୯ ଜନସାଧାରଣ ପାନୀୟ ଜଳ ପାଇବାକୁ ସମର୍ଥ ହୋଇପାରିବେ ।

ମନ୍ତ୍ରୀଙ୍କ ପାଟକୁରା ଗ୍ରସ୍ତ ହୋଇଥିବା ବେଳେ ଅନେକ ଅନେକ ବିଜେପି ତୁଙ୍ଗ ନେତାମାନଙ୍କ ଦର୍ଶନ ମିଳିନି ଯାହାକୁ ନେଇ ପାଟକୁରା ବିଜେପି ମଧ୍ୟରେ ସଠିକ୍ ସମୋନୟ ରହୁନଥିବା ଜଣାପଡିଛି । ମନ୍ତ୍ରୀଙ୍କ ଗ୍ରସ୍ତ ସମୟରେ ପାଟକୁରା ର ବିଜେପି ନେତା ମାନସ ମହାନ୍ତି ଙ୍କ ଗ୍ରାମରେ ଏହି ପ୍ରକଳ୍ପକୁ ଖୋଦ ବିଭାଗୀୟ ମନ୍ତ୍ରୀ ସମୀକ୍ଷା କରିବା ପାଇଁ ଆସୁଥିବା ବେଳେ ମାନସ ଅନୁପସ୍ଥିତ ରହିବା ସହ ବିଜେପି ନେତା ତଥା ଦଳର ମୁଖପାତ୍ର ଉମାକାନ୍ତ ପଟ୍ଟନାୟକ, ବିଜେପି ନେତ୍ରୀ ମନିଷା ପଣ୍ଡା, କୃଷକ ମୋର୍ଚ୍ଚା ସଭାପତି ରଞ୍ଜିତ ଆଚାର୍ଯ୍ୟ ଙ୍କ ସମେତ ଜିଲ୍ଲା ବିଜେପି ସଭାପତି ଏବଂ ଜିଲ୍ଲାର ଏକମାତ୍ର ନିର୍ବାଚିତ ବିଜେପି ଜିଲ୍ଲାପରିଷଦ ସଦସ୍ୟା ଡଲି ଶତପଥୀ ବେକ୍ତିଗତ ଭାବେ ମାହାଳ ଜଗନ୍ନାଥ ମନ୍ଦିରରେ ମନ୍ତ୍ରୀଙ୍କୁ ସାକ୍ଷାତ କରିଥିବା ବେଳେ ଦୁଇ ପ୍ରକଳ୍ପ କାର୍ଯ୍ୟର ସମୀକ୍ଷା ସମୟରେ କିନ୍ତୁ ଅନୁପସ୍ଥିତ ରହିଛନ୍ତି । ହେଲେ ମନ୍ତ୍ରୀ ଏହି କାର୍ଯ୍ୟକ୍ରମ ପରେ ମଧୁ ଗ୍ରାମର ଜଗନ୍ନାଥ ମନ୍ଦିର, ହରିହର କ୍ଷେତ୍ର ମାହଳ ର ଜଗନ୍ନାଥ ମନ୍ଦିରକୁ ଯାଇ ଦର୍ଶନ କରିଥିଲେ। ଏହି ଅବସରରେ ପାଟକୁରା ବେଜେପି ନେତା ତେଜେଶ୍ୱର ପରିଡ଼ା, ମହାକାଳପଡା ବିଧାୟକ ଦୁର୍ଗା ପ୍ରଶ୍ନନ ନାୟକ, ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ, ନୂତନ ତହସିଲଦାର ତୃପ୍ତି ଦାସ, ବିଜେପି ନେତା ସଞ୍ଜୟ ରଥ, ବରିଷ୍ଠ ବିଜେପି ନେତା ବିକ୍ରମ ରାଉତରାୟ,ପ୍ରଶ୍ନନ ପଣ୍ଡା,ସାଂସଦ ଙ୍କ ପ୍ରତିନିଧି ବିଜୟ ନାୟକ, ବିଜ୍ଞାନରତ୍ନ ସୂତାର, ମଣ୍ଡଳ ସଭାପତି ଚିତ୍ତରଞ୍ଜନ ଚୌଧୁରୀଙ୍କ ସମେତ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ ।

# ବାଉଁଶବଣିଆ ଛକ ଠାରେ ଅନିର୍ଦ୍ଧିଷ୍ଟ କାଳପାଇଁ ରାସ୍ତାରୋକ

**ନୀଳଗିରି, ୪।୧୧ (ସଂଚାର ବ୍ୟୁରୋ):** ନୀଳଗିରି ବଉଳଗଡ଼ିଆ ଦୀର୍ଘ ୧୪କି.ମି ରାସ୍ତାର ପୁନଃନିର୍ମାଣ, କୁଳଡିହା ଅଭୟାରଣ୍ୟ ସନ୍ନିକଟ ଜନବସତିକୁ ଇକୋସେନ୍ସେଟିଭ ଜୋନରୁ ବାଦ୍ ଦେବା ଏବଂ ହାତୀ ପ୍ରାଦୃଭାବରୁ ଅଞ୍ଚଳବାସୀଙ୍କୁ ସୁରକ୍ଷାଦେବା ପ୍ରତିବାଦରେ ନୀଳଗିରି ଆଞ୍ଚଳିକ କୃଷକସଭା ତରଫରୁ ସୋମବାର ୯ଘଟିକା ଠାରୁ ଔପଦା ବ୍ଲକ୍ ବାଉଁଶବଣିଆ ଛକଠାରେ ଅନିର୍ଦ୍ଧିଷ୍ଟ କାଳପାଇଁ ରାସ୍ତାରୋକ କରାଯାଇଛି। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଗାଡ଼ି, ମଟର ଅଟକି ରହିଥିବା ବେଳେ ଲୋକମାନେ



ନାହିଁନଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ମିଳିତ ଆଞ୍ଚଳିକ କୃଷକ ସଭାର ସଭାପତି ରାମଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ଏହି ଧାରଣାରେ ଆଖପାଖ ଅଞ୍ଚଳର ଶହ ଶହ ମହିଳା ଓ ପୁରୁଷ ଯୋଗଦେଇ ଧାରଣା ଦେଇଥିଲେ। ଧାରଣାରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ଅକ୍ଷୟ କୁମାର ଆଚାର୍ଯ୍ୟ ପ୍ରମୁଖ, ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ, ସିପିଆଇ ଜିଲ୍ଲା ସମ୍ପାଦକ ନିରଞ୍ଜନ ବାରିକ, ବିଜୟ କୁମାର ସ ପ୍ରମୁଖ ଉପସ୍ଥିତ ରହି ସମସ୍ୟା ସମ୍ପର୍କରେ ଆଲୋଚନା କରିଥିବା ବେଳେ ପ୍ରଶାସନର ଅବହେଳା ପାଇଁ ଜନସାଧାରଣଙ୍କୁ ଏଭଳି ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡୁଛି ବୋଲି ସୂଚନା ଦେଇଥିଲେ। ସ୍ଥାୟୀ ସମାଧାନ ନହେବା ପର୍ଯ୍ୟନ୍ତ ଏହି ଧାରଣା ଚାଲୁରହିବ ବୋଲି ସୂଚନା ମିଳିଛି।

# ‘ଦାନା’ କ୍ଷୟକ୍ଷତି ଭରଣା ପାଇଁ ସିପିଆଇ(ଏମ୍) ପକ୍ଷରୁ ଦାବି

**ପଟ୍ଟାମୁଣ୍ଡାଇ, ୪।୧୧ (ସଂଚାର ବ୍ୟୁରୋ):** ‘ଦାନା’ ବାତ୍ୟା ଯୋଗୁଁ ପଟ୍ଟାମୁଣ୍ଡାଇ ତହସିଲରେ ବ୍ୟାପକ କ୍ଷୟକ୍ଷତି ଘଟିଛି । ଏହି କ୍ଷୟକ୍ଷତିର ଭରଣା ପାଇଁ ସିପିଆଇ(ଏମ୍) ପଟ୍ଟାମୁଣ୍ଡାଇ ଆଞ୍ଚଳିକ କମିଟି ପକ୍ଷରୁ ଆଜି ତହସିଲଦାରଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ପ୍ରତିବର୍ଷ ଆବାସ ଯୋଜନାରେ ଗୃହହୀନ ମାନଙ୍କୁ ଘର ଯୋଗାଣ ହେଉଥିଲେ ମଧ୍ୟ ବାତ୍ୟା ଦାନା ଯୋଗୁଁ ହଜାର ଲୋକ ବାତ୍ୟା ଆଶ୍ରୟସ୍ଥଳୀରେ ମୁଣ୍ଡ ଗୁଞ୍ଜିଲେ।ଏହାର ତଦନ୍ତ ହେବା ସହିତ ସମସ୍ତ ଆଶ୍ରିତଙ୍କୁ ପକ୍କା ଘର ଯୋଗାଇ ଦେବା,ପବନ ଯୋଗୁଁ କ୍ଷତିଗ୍ରସ୍ତ ଥୁଡ଼ ବାହାରିଥିବା ଓ ଗର୍ଭଣା ଧାନ ଚାଷୀଙ୍କୁ ସମ୍ପୂର୍ଣ୍ଣ ସହାୟତା ପ୍ରଦାନ ସହିତ ଜମିକୁ ୟୁନିଟି ଭାବେ ଗ୍ରହଣ କରି କ୍ଷତିର ଆକଳନ କରିବା, ଆଗାମୀ ରବି ଫସଲ ପାଇଁ ପର୍ଯ୍ୟାପ୍ତ ସହାୟତା ଯୋଗାଇ ଦେବା,ସମସ୍ତ ନଦୀ ଓ ତଟବର୍ତୀ ଅଂଚଳରେ କୁମ୍ଭୀର ଦାଉରୁ ଲୋକଙ୍କୁ ରକ୍ଷା କରିବା ପାଇଁ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହିତ କ୍ଷତିପୂରଣ ଦେବା ଓ ଆକାଶ ଛୁଆଁ ଦରବୃଦ୍ଧିକୁ ରୋକିବା ପ୍ରଭୃତି ଦାବି ନେଇ ଦଳର ଜିଲ୍ଲା ସମ୍ପାଦକ ଗୟାଧର ଧଳଙ୍କ ନେତୃତ୍ୱରେ ଆଞ୍ଚଳିକ କମିଟି ସମ୍ପାଦକ ରତ୍ନଞ୍ଜୟ ମଲ୍ଲିକ, ଜିଲ୍ଲା କମିଟି ସଭ୍ୟ ସୋମନାଥ ବିଶ୍ୱାଳ, କୃଷକ ସଭା ବ୍ଲକ ସଭାପତି ଆଡଭୋକେଟ ପ୍ରଫୁଲ୍ଲ ଦାଶ, ଶ୍ରମିକ ନେତା ପ୍ରକାଶ ମହାନ୍ତି,ବରିଷ୍ଠ ନେତା ଧନୁର୍ଜୟ ପରିଡା, ଗୁଣମଣି ବେହେରା,ସୁଧୀର ଦାଶ, ମଙ୍ଗୁଳି ଖଟୁଆ ପ୍ରମୁଖ ବହୁ ବାମପନ୍ଥୀ ନେତା ସାମିଲ ହୋଇ ପଟ୍ଟାମୁଣ୍ଡାଇ ତହସିଲଦାର ପଞ୍ଚାନନ ନାୟକଙ୍କୁ ଦାବୀପତ୍ର ପ୍ରଦାନ କରିଥିଲେ।

# ତ୍ରିଦିବସୀୟ ଉଚ୍ଚ ପ୍ରାଥମିକ ଶିକ୍ଷକ ତାଲିମ ଶିବିର ଉଦ୍‌ଯାପିତ

**ରାଜନଗର, ୪।୧୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଧନେଶ୍ୱର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଖାସମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଣ୍ଡଳ ଶିକ୍ଷାକାର୍ଯ୍ୟାଳୟ ଆନୁକୂଲ୍ୟରେ ଚାଲିଥିବା ତ୍ରିଦିବସିୟ ଉଚ୍ଚ ପ୍ରାଥମିକ ଶିକ୍ଷକ ତାଲିମ ୨୦୨୪-୨୫ ଉଦ୍‌ଯାପିତ ହୋଇଯାଇଛି। ବ୍ଲକର ବିଭିନ୍ନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୧୦୦ଜଣ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରଶିକ୍ଷଣ ନେବା ସହ ଦୁଇ କେନ୍ଦ୍ରରେ ୪ଜଣ ଲେଖାଏଁ ସାଧନ କର୍ମୀ ଅତୁଳା ମୋନାଲିସା ରାଉତ, ଶ୍ରଦ୍ଧାଞ୍ଜଳି ଦାସ, ମମତା ନାୟକ, ପ୍ରଶାନ୍ତ କୁମାର ଜେନା, ଅରୁଣ ଜେନା, ସବ୍ୟସାଚୀ ଦାସ, ତ୍ରିଲୋଚନ ଦାସ, ମନୋରଞ୍ଜନ ପରମାଣିକ ପ୍ରମୁଖ ପ୍ରଶିକ୍ଷଣ ଦେଇଥିଲେ। ସରକାରଙ୍କ ବିଦ୍ୟାଳୟସ୍ତରରେ



ଶିକ୍ଷକ ନେତୃତ୍ୱ ୟୁଡିଆଇଏସଇ ପ୍ଲସ ବସ୍ତାନୀ ବିହୀନ ପାଠପଢ଼ା ଦିବସ, ହାଉସ୍ ସିଷ୍ଟମ, ଅନ୍ତର୍ନିବେଶୀ ଶିକ୍ଷା, ବର୍ଣ୍ଣାଳୀ, ଜାତୀୟ ଉପଲବ୍ଧି ସର୍ବେକ୍ଷଣ, ଟାବଲେଟର ବ୍ୟବହାର, ସାମାଜିକ, ଆବେଗିକ ଓ ନୈତିକ ଶିକ୍ଷଣ, ମାସିକ ପାଠ୍ୟ ଖସଡା ଯୋଜନା ଓ ବିଦ୍ୟାଳୟ ନିରାପତା ସୁରକ୍ଷା ବ୍ୟବସ୍ଥା ବିଷୟରେ ପ୍ରଶିକ୍ଷଣ ଦେବା ସହ ବିଦ୍ୟାଳୟ ସ୍ତରରେ କାର୍ଯ୍ୟକାରୀ କରିବା ପାଇଁ ତାଲିମର ମୁଖ୍ୟଲକ୍ଷ୍ୟ ଥିଲା। ଏହି କାର୍ଯ୍ୟକ୍ରମରେ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟ କ୍ଲଷ୍ଟରର ଶିକ୍ଷକ ମନୋଜ କୁମାର ସେଠୀ, ଭାଗ୍ୟଶ୍ରୀ କୁଣ୍ଡ, ସ୍ମିତାଞ୍ଜଳୀ ନାୟକ, ପାର୍ବତୀ ସୋରେନ, ସସ୍ମିତା ପଟ୍ଟନାୟକ, ମଧୁସ୍ମିତା ବେହେରା, ଶୁଭଦର୍ଶିନୀ ବିଶ୍ୱାଳ, ଗୋଲୋକ ବିହାରୀ ମୁର୍ମୁ ଓ ବିଜୟଲକ୍ଷୀ ବେହେରା ପ୍ରମୁଖଙ୍କୁ ସିଆରସିସି ପ୍ରଶାନ୍ତ କୁମାର ଜେନା ଓ କ୍ଲଷ୍ଟରର ସମସ୍ତ ପ୍ରଧାନଶିକ୍ଷକ ଉପସ୍ଥିତ ରହି ସମ୍ବର୍ଦ୍ଧିତ କରିଥିଲେ।

# ଐତିହାସିକ ଗୋବରୀର ପୁନଃରୁଦ୍ଧାର ବାଲିଯାତ୍ରାର ଆଭିମୁଖ୍ୟ

## ବାଲିଯାତ୍ରା ମହୋତ୍ସବ ପାଇଁ ଭୂମି ପୂଜନ

**କେନ୍ଦ୍ରାପଡ଼ା, ୪।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ବାଲିଯାତ୍ରାର ମୁଖ୍ୟ ଆଭିମୁଖ୍ୟ ଐତିହାସିକ ଗୋବରୀ ନଦୀର ପୁନଃରୁଦ୍ଧାର ପାଇଁ ସୋମବାର ଗୁଲନଗର ପଞ୍ଚାୟତର ସୁଜାନଗରସ୍ଥିତ ବାଲିଯାତ୍ରା ପଡିଆରେ ବାଲିଯାତ୍ରା ପାଇଁ ଭୂମିପୂଜନ କରାଯାଇଥିଲା। ଏଥିରେ ଗୋବରୀ ନଦୀର ପୁନଃରୁଦ୍ଧାରକୁ ଗୁରୁତ୍ୱାରୋପ କରାଯାଇଥିଲା ।



ଏହି ଅବସରରେ ଅନୁଷ୍ଠିତ ସଭାରେ କେନ୍ଦ୍ରାପଡା ବାଲିଯାତ୍ରା କମିଟିର ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶଙ୍କ ପୌରୋହିତ୍ୟରେ ଏକ ସଭା ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ଅପରାହ୍ନ ୪ଟାରେ ପ୍ରଦୀପ କୁମାର ଦାଶ କର୍ତ୍ତା ଭାବେ ଯୋଗଦେଇ ଭୂମି ପୂଜନ କରାଯାଇଛି । ଆସନ୍ତା ନଭେମ୍ବରମାସ ୧୫ତାରିଖରୁ ଆରମ୍ଭ ହୋଇ ୨୧ତାରିଖରେ କେନ୍ଦ୍ରାପଡା ବାଲିଯାତ୍ରା ଅନୁଷ୍ଠିତ ହେବ । ୭ଦିନ ଧରି ହେଉଥିବା ଉତ୍ସବରେ ପତ୍ରିକା ପ୍ରକାଶନ, ଗୋଟିପୁଅ ନାଚ, କବିତା ପଠୋତ୍ସବ, ସାହିତ୍ୟ ସଭା, ସମ୍ବର୍ଦ୍ଧନା ଉତ୍ସବ ପ୍ରଭୁତି ବିଭିନ୍ନ କାର୍ଯ୍ୟକ୍ରମ କାରାଯିବ । ଏଥି ସହିତ ରାଜ୍ୟ ସ୍ତରୀୟ କଳାକାରଙ୍କ ଦ୍ୱାରା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଓ ମିନାବଜାର କାରାଯିବ ବୋଲି ସଭାପତି ସୂଚନା ଦେଇଛନ୍ତି । ଏହି ଉତ୍ସବରେ ୨୦୦ରୁ ଉର୍ଦ୍ଧ୍ୱ ଷ୍ଟଲ ଖୋଲାଯିବ ବୋଲି ବାଲିଯାତ୍ରା କମିଟି ସମ୍ପାଦକ ସରକାରୀ ଓକିଲ ସଞ୍ଜୟ କୁମାର ଜେନା ସୂଚନା ଦେଇଛନ୍ତି। ଷ୍ଟଲ ଖୋଲିବାକୁ ଇଚ୍ଛୁକ ବ୍ୟକ୍ତିମାନେ କମିଟିର କର୍ମକର୍ତ୍ତା ଟୁଟୁ ଗେରୁ, ମୃତ୍ୟୁଞ୍ଜୟ ସାହୁଙ୍କୁ ଯୋଗାଯୋଗ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ଉପସଭାପତି ଧିରେନ୍ଦ୍ର କୁମାର ଦାସ, କୋଷାଧ୍ୟକ୍ଷ ମନୋରଞ୍ଜନ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଶୁଭାଂଶୁ କୁମାର ଦାସ, ସହ କୋଷାଧ୍ୟକ୍ଷ ପଞ୍ଚାନନ ଗେରୁ, ସଂଗଠନ ସମ୍ପାଦକ ସତ୍ୟବ୍ରତ ସିଂହ ବ୍ଲକ ଉପାଧ୍ୟକ୍ଷ ପ୍ରତାପ ନାରାୟଣ ମହାପାତ୍ର, ଅଭିମନ୍ୟୁ ଗୋଛାୟତ,ମହେନ୍ଦ୍ର ଆଚାର୍ଯ୍ୟ, ଶ୍ରୀଧର କୁମାର ମହାନ୍ତି, ମିଡିଆସେଲର ସମ୍ପାଦକ ଅଲେଖ ନାୟକ, ରମଣୀ ରଞ୍ଜନ ରାଉତରାୟ, ଗବେଷକ ନିରଞ୍ଜନ ମେକାପ, ଗେରୁ, ସେକ ରିଙ୍କୁ ପ୍ରମୁଖ ଶତାଧିକ ବାଲିଯାତ୍ରା ପ୍ରେମୀମାନେ ଯୋଗଦେଇଥିଲେ ।

# ଆଇନ୍ ଅମାନ୍ୟ କରୁଛନ୍ତି ଖଣି ଅଧିକାରୀ

## ଜାଲିଆତି ଲିଜଧାରୀଙ୍କ ଦସ୍ତଖତ, ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ

**କେନ୍ଦ୍ରାପଡ଼ା, ୪।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲାର ଭାରପ୍ରାପ୍ତ ଖଣି ଅଧିକାରୀ ଭାବେ ଦାୟିତ୍ୱ ନେଇଥିବା ଅତିରିକ୍ତ ଖଣି ଅଧିକାରୀଙ୍କ ବିରୋଧରେ ସୋମବାର ଦିନ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି ।

ଅଭିଯୋଗରେ ନିକିରାଇ ଥାନା ଅଧିନ ଇଟିପୁର ଗ୍ରାମର ମାଧବଚନ୍ଦ୍ର ପ୍ରଧାନ ଦର୍ଶାଇଛନ୍ତି ଯେ ବସପୁର ବାଲିଘାଟକୁ ୨୦୨୨ ମସିହାରେ



ଲିଜ ନେଇଥିଲେ କେନ୍ଦୁଝର ଜିଲ୍ଲା ନନ୍ଦିପଦା ଥାନା ଅନ୍ତର୍ଗତ ଏଲକଣିଆ ଗ୍ରାମର ଯୋଗେନ୍ଦ୍ର ବେହେରା । କିନ୍ତୁ ସେ ଘାଟ ଚଳାଇଲେ ନାହିଁ। ତେଣୁ ଘାଟ ପରିଚାଳନା କରିବା ପାଇଁ ମାଧବଚନ୍ଦ୍ରଙ୍କୁ ଯୋଗେନ୍ଦ୍ର ପାୱାର ଅଫ ଆଟର୍ଣ୍ଣି ଦେଇଥିଲେ । ଯୋଗେନ୍ଦ୍ରଙ୍କ ଠାରୁ ପାୱାର ଅଫ ଅଟର୍ଣ୍ଣି ପାଇବା ପରେ ମାଧବଚନ୍ଦ୍ର ସିକ୍ୟୁରିଟି ବାବଦରେ ୬୪ ଲକ୍ଷ ଟଙ୍କା ପୈଠ କରିଥିଲେ । ଆଉ ୩୪ ଲକ୍ଷ ଟଙ୍କା ଯୋଗେନ୍ଦ୍ରଙ୍କୁ ଦେଇଥିଲେ। ଏହିପରି ଭାବେ ଏକ କୋଟି ଟଙ୍କା ମାଧବଚନ୍ଦ୍ର ଘାଟ ଚଳାଇବା ପାଇଁ ବିନିଯୋଗ କରିଥିଲେ । ଏହାସହ ସଠିକ ସମୟରେ ରୟାଲଟି ପୈଠ କରୁଥିଲେ । ଏ ବାବଦରେ ଆବଶ୍ୟକ ରାଜସ୍ୱ ସରକାରଙ୍କ ତହବିଲକୁ ଯାଉଥିଲା । କିନ୍ତୁ ଏହି ଘାଟ ଉପରେ ଲୋଲୁପଦୃଷ୍ଟି ପକାଇଥିଲେ କେତେକ ମାଫିଆ । ଜଣେ ବ୍ୟକ୍ତି ନିଜକୁ ଯୋଗେନ୍ଦ୍ର ବେହେରା ଭାବେ ପରିଚୟ ଦେଇ ଅଶୁରେଶ୍ୱର ଅଞ୍ଚଳର ଅବଦୁଲ ନିୟାଜ ଖାନ୍ ନାମକ ଜଣେ ବ୍ୟକ୍ତିଙ୍କୁ ଜିଲାଆତି କରି ପାୱାର ଅଫ ଆଟର୍ଣ୍ଣି ଦେଇଥିବା ନଜରକୁ ଆସିଥିଲା । ଏହା ବେଆଇନ୍ କାର୍ଯ୍ୟ । କାରଣ ତାଙ୍କର ପାୱାର ଅଫ ଆଟର୍ଣ୍ଣି ଥାଉ ଥାଉ ଅନ୍ୟ କାହାକୁ ପାୱାର ଅଫ ଆଟର୍ଣ୍ଣି ଦିଆଯାଇ ପାରିବ ନାହିଁ । କିନ୍ତୁ ଏହାକୁ ଜିଲ୍ଲା ଭାରପ୍ରାପ୍ତ ଖଣି ଅଧିକାରୀ ପ୍ରଶ୍ରୟ ଦେଉଛନ୍ତି । ସେ ଆଇନ୍ ବିରୋଧୀ କାର୍ଯ୍ୟ କରୁଛନ୍ତି । ଏହି ମାମଲା ସଦର ଥାନାକୁ ଯାଇଥିଲା । ତଦନ୍ତ ବେଳେ ଜଣାପଡିଥିଲା ଯେ ଯୋଗେନ୍ଦ୍ର ବେହେରା ନାମରେ ଅବଦୁଲ ନିୟାଜ ଖାନ୍ ଯେଉଁ ପାୱାର ଅଫ ଆଟର୍ଣ୍ଣି ହୋଇଛି ସେଥିରେ ଦସ୍ତଖତ ଜାଲିଆତି ହୋଇଛି ।

ଗତ ସେପ୍ଟେମ୍ବର ୮ ତାରିଖରେ ଅବଦୁଲ ନିୟାଜ ଖାନ୍ ୧୫ ଜଣ ସହଯୋଗୀଙ୍କୁ ନେଇ ବସପୁର ବାଲି ଖାଦାନକୁ ବଳ ପୂର୍ବକ ଦଖଲ କରିବା ପାଇଁ ଉଦ୍ୟମ କରିଥିଲା । ହେଲେ ଏହାକୁ ସଦର ଥାନା ପୁଲିସ ପଣ୍ଡ କରି ଦେଇଥିଲା । ଅପରପକ୍ଷରେ ଏହି ଜାଲିଆତିକୁ ଭାରପ୍ରାପ୍ତ ଖଣି ଅଧିକାରୀ ଘୋଡାଇ ଅବଦୁଲ ନିୟାଜ ଖାନ୍‌ଙ୍କୁ ଖଣି ଲିଜ ଦେବା ପାଇଁ ଯୋଜନା କରୁଛନ୍ତି । ମାଧବ ଚନ୍ଦ୍ର ପ୍ରଧାନଙ୍କ ବାଲି ଖୋଳା ମେସିନ୍‌କୁ ବିନା କୌଣସି ମାଜିଷ୍ଟ୍ରେଟଙ୍କ ଅନୁମତିରେ ଜବତ କରିଛନ୍ତି। ଏହାସହ ଏହାର କାଚ ଭାଙ୍ଗି ସେଠାରୁ ସ୍ଥାନାନ୍ତର କରି ଏହାକୁ ବେଆଇନ୍ ଭାବେ ପୁଲିସ ଜିମା ଦେଇଛନ୍ତି । ଏ ନେଇ ମାଧବ ସଦର ଥାନାରେ ଅଭିଯୋଗ ମଧ୍ୟ କରିଛନ୍ତି । ମୋଟାମୋଟି ଭାବେ ଭାରପ୍ରାପ୍ତ ଖଣି ଅଧିକାରୀ ଆଇନ୍ ବିରୋଧୀ କାର୍ଯ୍ୟ କରୁଛନ୍ତି ବୋଲି ମାଧବ ଅଭିଯୋଗପତ୍ରରେ ଉଲ୍ଲେଖ କରିଛନ୍ତି ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

**ପଟ୍ଟାମୁଣ୍ଡାଇ, ୪।୧୧ (ସଂଚାର ବ୍ୟୁରୋ):** ଓଡିଶା ତଥା ଓଡ଼ିଆଙ୍କ ସ୍ୱାର୍ଥର ଜାଗ୍ରତ ପ୍ରହରୀ ବିଜୁ ଜନତା ଦଳ ସଂଗଠନକୁ ଅଧିକ ଶାଣିତ ଓ ସଶକ୍ତ କରିବା ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରିବା ପାଇଁ ଆଜି ପଟ୍ଟାମୁଣ୍ଡାଇ ନଗର ବିଜେଡି ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନକୁ ସଫଳ କରିବା ପାଇଁ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ରାଜନଗର ବିଧାୟକ ଧ୍ରୁବ ସାହୁ ପ୍ରକାଶ କରିଛନ୍ତି । ପଟ୍ଟାମୁଣ୍ଡାଇ ନଗର ବିଜେଡି ସଭାପତି ବୁଢ଼ା ଲେଙ୍କାଙ୍କ ପୌରହିତ୍ୟରେ ଆୟୋଜିତ ପ୍ରସ୍ତୁତି ବୈଠକରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଅଗ୍ରଗତି ସମ୍ପର୍କରେ ଅନୁଧ୍ୟାନ କରି ସଭ୍ୟ ସଂଗ୍ରହ ଅଭିଯାନକୁ ଜୋରଦାର କରି ଦଳର ସଂଗଠନକୁ ମଜଭୁତ କରିବା ସହିତ ପଟ୍ଟାମୁଣ୍ଡାଇ ଅଂଚଳର ସ୍ୱାର୍ଥ ସ୍ୱାଭିମାନ ଓ ଅସ୍ମିତା ସୁରକ୍ଷା ଦିଗରେ କାର୍ଯ୍ୟ କରିବାକୁ ବିଧାୟକ ଧ୍ରୁବ ସାହୁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ପଟ୍ଟାମୁଣ୍ଡାଇ ପୌର ପରିଷଦ ଅଧକ୍ଷ ହେମନ୍ତ ସାହୁ, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ବରିଷ୍ଠ ନେତା ଅମୂଲ୍ୟ ପ୍ରଧାନ ପୌର ପରିଷଦ ଉପାଧକ୍ଷା ଅନୁପ୍ରିୟା ସାହୁ, ନଗର ଯୁବବିଜେଡି ସଭାପତି ଅଶୋକ ଧଳ,ନଗର ମହିଳା ବିଜେଡି ସଭାନେତ୍ରୀ କାଉନସିଲର ଲାସ୍ୟମୟୀ ସାହୁ ପ୍ରାକ୍ତନ ପୌର ଉପାଧ୍ୟକ୍ଷ ସୁମନ୍ତ ପାତ୍ର,କାଉନସିଲର ପ୍ରଶାନ୍ତ ବାରିକ ସୁବାଷ ମଲିକ ଗୋପୀବଲ୍ଲଭ ନାୟକ, ଲକ୍ଷ୍ମୀପ୍ରିୟା ସାହୁ,ସନ୍ତୋଷ ଦାସ, ମୃତ୍ୟୁଞ୍ଜୟ ପାଢ଼ୀ, ସୁଧାମୟ ମଲିକ, ମଧୁସ୍ମିତା ମଲିକ, ପ୍ରିୟଙ୍କା ସେଠୀ, ସାନିଆ ପରମିନ ସାହେବା, ଝରଣା ବେହେରା, ପୂର୍ବତନ କାଉନସିଲର ଆଲୋକ ଧଳ, ଏସ କେ ଅମରୁଲ, ମଳୟ ମଲିକ,ଦଳିତ ନେତା ବାରେଣୀ ସେଠୀ ବରିଷ୍ଠ ନେତା ରବୀନ୍ଦ୍ର ସାହୁ, ଯୁବନେତା ବାବନ ସାହୁ, ଚିତ୍ତ ରଞ୍ଜନ ସେଠୀ,ଅଭିରାମ ସ୍ୱାଇଁ, ତାପସ ପ୍ରଧାନ, ଦିଲ୍ଲୀପ ସାହୁ, ବାପି ସାମଲ, ଏମ ଡି ପପୁ, ସୌରେନ୍ଦ୍ର ବେହେରା, ବିଷ୍ଣୁ ସାହୁ, ପିଣ୍ଟୁ ସେଠୀ, ଦିଲ୍ଲୀପ ମହାନ୍ତି, କେଶବ ମଲିକ ଅନିଲ ପଣ୍ଡା, ପବିତ୍ର ପାତ୍ର, ଅଜୟ ନାୟକ, ଟୁଟୁ ମିଶ୍ର, ସଞ୍ଜୟ ଦାସ, ସୁବାଷ ସ୍ୱାଇଁ ପୁରୁଷୋତ୍ତମ ଗିରି, ରମୁ ପାତ୍ର, ସୁଲେଖ ସାହୁ ହେମନ୍ତ ମଲିକ, ନିଲୁ ଧଳ ସରୋଜ ବଳ, ପ୍ରଦୀପ୍ତ ବେହେରା, ରଞ୍ଜନ ବେହେରା, ପ୍ରଶାନ୍ତ ମହାରଣା ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା, କାଉନସିଲର ଓ ବହୁ ସଂଖ୍ୟକ ବିଜେଡି କର୍ମୀ ଯୋଗ ଦେଇଥିଲେ ।

## ଅଗ୍ନିକାଣ୍ଡରେ ୪ ବଖରା ଭସ୍ମୀଭୂତ

# ବିପନ୍ନ ପରିବାରକୁ ଭେଟିଲେ ବିଧାୟକ



**ରାଜନଗର, ୪।୧୧ (ସଂଚାର ବ୍ୟୁରୋ):** ରାଜନଗର ତହସିଲ ଅନ୍ତର୍ଗତ ଘଡିଆମାଳ ପଞ୍ଚାୟତ ଦାରୁଓରା ଗ୍ରାମର ଉମେଶ ସ୍ୱାଇଁଙ୍କ ଘର ଗତକାଲି ରାତିରେ ଅଗ୍ନିକାଣ୍ଡ ଘଟି ୪ ବଖରା ଘର ସମେତ ଲକ୍ଷାଧିକ ଟଙ୍କାର ସମ୍ପତି ପୋଡି ନଷ୍ଟ ହୋଇଯାଇଛି। ଘର ଲୋକ ବାହାର ଦାଣ୍ଡ ପିଣ୍ଡାରେ ବସିଥିବା ବେଳେ ଘରେ ନିଆଁ ଲାଗି ଧୂଆଁ ବାହାରିବା ଦେଖି ପାଟି କରିଥିଲେ। ପାଟି ଶୁଣି ଗ୍ରାମବାସୀମାନେ ଆସି ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁ ଏତେ ପ୍ରଖର ଥିଲା ଯେ ଚାହୁଁ ଚାହୁଁ ସବୁ ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ଦମକଳ ବାହିନୀ ପହଁଚି ନିଆଁକୁ ଆୟତ କରିଥିଲା। ସେତେବେଳକୁ ଉମେଶଙ୍କର ଧାନ ଚାଉଳ, ଆସବାସପତ୍ର, ଟଙ୍କା, ସୁନା, ଅନ୍ୟାନ୍ୟ କାଗଜପତ୍ର ପୋଡି ପାଉଁଶ ହୋଇଯାଇଥିଲା। ଖବରପାଇ ରାଜନଗର ତହସିଲ ପକ୍ଷରୁ ବିପନ୍ନ ପରିବାରଙ୍କୁ ଭେଟି ପାଲ ଯୋଗାଇ ଦିଆଯାଇଛି। ବିପନ୍ନ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀମାନେ ଦାବୀ କରିଛନ୍ତି। ରାଜନଗର ବିଧାୟକ ଧ୍ରୁବ ସାହୁ ଅଗ୍ନିବିପନ୍ନ ପରିବାର ନିକଟରେ ପହଁଚି ସମବେଦନା ଜଣାଇବା ସହିତ ସହାୟତା ପ୍ରଦାନ କରିଛନ୍ତି। ଏଥିସହିତ ସରକାରୀ ସହାୟତା କିପରି ବିପନ୍ନ ପରିବାରଙ୍କୁ ଶୀଘ୍ର ଯୋଗାଇ ଦିଆଯିବ, ସେ ନେଇ ପ୍ରଶାସନ ସହିତ କଥା ହୋଇଛନ୍ତି। ବିଧାୟକଙ୍କ ସହିତ ସରପଞ୍ଚ ଶୈଳେନ୍ଦ୍ର କୁମାର ମିଶ୍ର, ଚିତ ରଞ୍ଜନ ପଣ୍ଡା, ସମିତିସଭ୍ୟ ଆର୍ତବନ୍ଧୁ ମହାନ୍ତି, ଯୁବନେତା ରାକେଶ ନାୟକ, ବସନ୍ତ ନାୟକ, ନିରଞ୍ଜନ ବିନୋଦ, ରମେଶ ସ୍ୱାଇଁ, ସୀତାକାନ୍ତ ନାୟକ, ଲକ୍ଷ୍ମୀଧର ବିଶ୍ୱାଳ, ରଘୁନାଥ ଭୂୟାଁ, ଅନାଦୀ ମଲିକ ପ୍ରମୁଖ ବିପନ୍ନ ପରିବାରଙ୍କୁ ଭେଟି ସମବେଦନା ଜଣାଇଛନ୍ତି।

# ମାନସିକ ବିକୃତ ମହିଳା ନିଖୋଜ

**ବାଲିପାଟଣା, ୪।୧୧ (ସଂଚାର ବ୍ୟୁରୋ):** ବାଲିପାଟଣା ଥାନା ଅଧୀନ କୁଳନ୍ତିରା ଗ୍ରାମର ଜଣେ ମାନସିକ ବିକୃତ ମହିଳା ନିଖୋଜ ଅଛନ୍ତି। ସୂଚନା ମୁତାବକ କୁଳନ୍ତିରା ଗ୍ରାମର ଭବାନୀ ଶଙ୍କର ରାୟ ଙ୍କ ଏକମାତ୍ର କନ୍ୟା ବିଜୟଲକ୍ଷ୍ମୀ ରାୟ(୨୫) (ରାଧା) ସେ ବାଲିପାଟଣା ବଜାର କୁ ଆସି ଗତ ଶୁକ୍ରବାର ସନ୍ଧ୍ୟା ଠାରୁ ନିଖୋଜ ଅଛନ୍ତି। ଏନେଇ ତାଙ୍କର ପରିବାର ଲୋକେ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସେ ମାନସିକ ରୋଗୀ



ଥିଲେ ଓ ଘରୁ ଗଲାବେଳେ କଳା ରଙ୍ଗର ଡ୍ରେସ୍ ପିନ୍ଧିଥିଲେ ନାଲି ରଙ୍ଗର ଓନି ପକେଇ ଥିଲେ। ଯଦି କେହି ବ୍ୟକ୍ତି ତାଙ୍କୁ ଦେଖନ୍ତି ତେବେ ଉକ୍ତ ଫୋନ ନମ୍ବର୍ (୯୩୩୭୫୭୮୦୧୮) ରେ ଯୋଗାଯୋଗ କରିବାକୁ ପରିବାର ପକ୍ଷରୁ ଅନୁରୋଧ କରାଯାଇଛି।ଗତକାଲି ରାତି ୧୦ ଟା ସମୟରେ ଭୁବନେଶ୍ୱର ନଅ ନମ୍ବର ଅଞ୍ଚଳରେ ବୁଲୁଥିବାର ଫଟୋ ଏକ ଦୋକାନ ସିସି ଟିଭିରୁ ମିଳିଚି। ବାଲିପାଟଣା ପୋଲିସ୍ ପୋଲିସ ଏହାର ଅଧିକ ତଦନ୍ତ କରୁଛି।

## ବାଡ଼ ଯଦି କ୍ଷେତ ଖାଏ କହିବା କାହାକୁ ?

# ପ୍ରାକୃତିକ ବାଲିବନ୍ତକୁ ଖୋଳି ମ୍ୟାନଗ୍ରୋଭ ରିଟ୍ରେଟ ଗର୍ତ୍ତ ପୋତା

**କାକଟପୁର/ଅସ୍ତରଙ୍ଗ, ୪।୧୧ (ସଂଚାର ବ୍ୟୁରୋ):** ୧୯୭୧ ମସିହାରେ ବିଶ୍ୱ ବନ ଦିବସ ପାଳନର ଅୟ ଆରମ୍ଭ ହୋଇଥିଲା। ଯାହା ପଛରେ ଉଦେଶ୍ୟ ଥିଲା ଧରାପୃଷ୍ଟରେ ଜୀବନ ଚକ୍ରର ଭାରସାମ୍ୟ ରକ୍ଷା କରିବାରେ ତଥା ମନୁଷ୍ୟ ଜୀବନ ଚର୍ଯ୍ୟାର ଜଙ୍ଗଲ ଅନିବାର୍ଯ୍ୟ ଆବଶ୍ୟକତା ବିଷୟରେ ଜନସାଧାରଣଙ୍କୁ ବୁଝାଇବା ଏବଂ ଅମୂଲ୍ୟ ସମ୍ପଦର ସୁରକ୍ଷା ପାଇଁ ସଚେତନ ସୃଷ୍ଟି କରିବା। ଅରଣ୍ୟର ଅବଦାନ ଅତୁଳନୀୟ। ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଏହା ସହ ଆମେ ଜଡିତ। ଜଙ୍ଗଲ, ବନ୍ୟଜନ୍ତୁ ଓ ଏହାର ଜୈବ ବିବିଧତା ସଂରକ୍ଷଣ ପାଇଁ ନିୟୋଜିତ ରହିଛି ସରକାରଙ୍କ ତରଫରୁ ବନ ବିଭାଗ। କିନ୍ତୁ ବେଆଇନ ଭାବେ ଉପକୂଳ ଅଞ୍ଚଳ ସହ ଜଙ୍ଗଲ ପରିସଂସ୍ଥାନକୁ ବିପଦରେ ପକାଇ ଦୀର୍ଘ ବର୍ଷତଳର ପ୍ରାକୃତିକ ବାଲୁକା ବନ୍ତ ଖୋଳି ୮ ଟ୍ରାକ୍ଟର ବାଲି ନିଆଯାଇ ବନ ବିଭାଗ ନିକଟସ୍ଥ ମ୍ୟାନଗ୍ରୋଭ ରିଟ୍ରେଟର ଏକ ଗର୍ତ୍ତ ପୋତି ବିକାଶ ମୂଳକ କାର୍ଯ୍ୟରେ ବ୍ୟବହାର କରିଛନ୍ତି। କାର୍ଯ୍ୟରତ ବନରକ୍ଷୀ ଦିଲ୍ଲୀପ କୁମାର ନାୟକ କହିଛନ୍ତି ମ୍ୟାନଗ୍ରୋଭ ରିଟ୍ରେଟ ଭିତରେ ଏକ ବିରାଟ



ଗର୍ତ୍ତ ଥିଲା, ବାଲି କୁଆଡେ ମିଳିଲାନି ସେଥିପାଇଁ ଏକ ପ୍ରାକୃତିକ ବାଲିବନ୍ତକୁ ଖୋଳି ଟ୍ରାକ୍ଟର ମାଧ୍ୟମରେ ୮ ଟ୍ରାକ୍ଟର ପକାଇଛୁ ଆଉ ପକାଇବୁ ନାହିଁ।

ପ୍ରାକୃତିକ ବାଲି ବନ୍ତ ଖୋଳା ହୋଇଥିବା ଘଟଣା ବିଶେଷ ସୂତ୍ରରୁ ପୁରୀ ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରୀ ବିବେକ କୁମାର ଜାଣି ନଭେମ୍ବର ୧ତାରିଖରେ ଉକ୍ତ ସ୍ଥାନକୁ ପରିଦର୍ଶନ କରିବା ସହ ପ୍ରାକୃତିକ ବାଲି ବନ୍ତ ଖୋଲା ହୋଇଥିବା ସମ୍ପର୍କରେ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧିକାରିଣୀଙ୍କୁ ପଚାରି ବୁଝିଥିଲେ। ଏହା ପରେ ପ୍ରାକୃତିକ ବାଲି ବନ୍ତକୁ ସୁରକ୍ଷିତ କରିବା ପାଇଁ ଅଧିକାରିଣୀ ଓ ବନକର୍ମଚାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଏଠାରେ ଖୁବ ଶୀଘ୍ର ଗ୍ରାସ ଲ୍ୟାଣ୍ଡ ଓ ବରଗଛ ଲଗାଇଦେବ ବୋଲି। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚିନ୍ତା ପ୍ରକଟ କରାଯାଇଅଛି।

ପ୍ରକାଶ ଥାଉ କି, ଅକ୍ଟୋବର ଶେଷ ସପ୍ତାହରେ ଆଶ୍ଚର୍ଯ୍ୟଜନକ ଭାବେ ସ୍ଥାନୀୟ ଅଞ୍ଚଳର ବନ ବିଭାଗ ଅଧିକାରୀ ଓଡ଼ିଶା ଜଙ୍ଗଲ ଆଇନ୍ ୧୯୭୨ ଧାରାକୁ ସଂପୂର୍ଣ୍ଣ ରୁପେ ଉଲଘଂନ କରି ଏ ଜମି ଅଧିଗ୍ରହଣ କରାଯାଇଥିଲା । ଏହି ବାଲି ଉତ୍ତୋଳନ ସ୍ଥାନୀୟ ଅଞ୍ଚଳକୁ କେବଳ ସାମୁଦ୍ରିକ ପତ୍ତନ ବୃଦ୍ଧି କିମ୍ବା ସାମୁଦ୍ରିକ ଝଡ଼ ଦାଉରୁ ଉପକୂଳକୁ ସୁରକ୍ଷା ଦେଇ ନ ଥାଏ ବରଂ ଆଞ୍ଚଳିକ ବନ୍ୟଜନ୍ତୁଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବନ ବିଭାଗ ପକ୍ଷରୁ ସମସ୍ତ ନିୟମକୁ ଉଲଙ୍ଘନ କରାଯାଇ ଏପରି ବେଆଇନ କାର୍ଯ୍ୟକୁ ସାଧାରଣରେ ତୀବ୍ର ନିନ୍ଦା କରାଯାଇଛି। ‘ବାଡ଼ ଯଦି କ୍ଷେତ ଖାଏ କହିବା କାହାକୁ’ ଲୋକବାଣୀ ଅନୁଯାୟୀ ବନବିଭାଗ ଅନ୍ୟ ଲୋକଙ୍କୁ ସଚେତନ କରିବା ପରିବର୍ତ୍ତେ କିପରି ଦୀର୍ଘ ବର୍ଷରୁ ସୃଷ୍ଟି ହୋଇଥିବା ସୁଉଚ୍ଚ ପ୍ରାକୃତିକ ବାଲି ବନ୍ତ ଖୋଳିଲେ ଏହା ପ୍ରଶ୍ନବାଚୀ ? ଅନ୍ୟପକ୍ଷେ ସ୍ଥାନୀୟ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ଅଧୀନରେ ନିୟୋଜିତ କର୍ମଚାରୀଙ୍କ ପରିଚାଳନା ଅଭିଜ୍ଞତା ବିଭାଗର ପ୍ରତିବଦ୍ଧତା ଉପରେ ପ୍ରଶ୍ନ ସୃଷ୍ଟି ହୋଇଛି। ସମ୍ପୃକ୍ତ ଅଧିକାରୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ସହିତ ଅନଭିଜ୍ଞ ଅଧିକାରୀଙ୍କୁ ଅସ୍ତରଙ୍ଗ ବନ୍ୟପ୍ରାଣୀ ବନାଞ୍ଚଳ ପରି ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳରେ ନିୟୋଜିତ ନ କରିବାକୁ ସରକାର ଦୃଷ୍ଟି ଦେବାକୁ ସାଧାରଣରେ ମତ ପ୍ରକାଶ ପାଇଛି।

# ବିପିୟୁଟିର ଟେକ୍ କାର୍ନିଭାଲ ଉଦ୍‌ଘାଟିତ

## ବିକଶିତ ଓଡ଼ିଶା-ବିକଶିତ ଭାରତ ଗଠନରେ ଟେକ୍ନୋଲୋଜି ପ୍ରମୁଖ ଭୂମିକା ଗ୍ରହଣ କରିବ



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ବିକଶିତ ଓଡ଼ିଶା - ବିକଶିତ ଭାରତ ଗଠନରେ ଟେକ୍ନୋଲୋଜି ପ୍ରମୁଖ ଭୂମିକା ଗ୍ରହଣ କରିବ। ଚଳିତ ନଭେମ୍ବର ୪ତାରିଖ ସୋମବାର ଦିନ ଭୁବନେଶ୍ୱରର ଚନ୍ଦ୍ରଶେଖରପୁର ଠାରେ ଅବସ୍ଥିତ ରେଳ ସଦନ ଅଡିଟୋରିୟମ ଠାରେ ବିଜୁ ପଟ୍ଟନାୟକ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି (ବିପିୟୁଟି) ଅନୁକୂଲରେ ଆୟୋଜିତ ଟେକ୍ କାର୍ନିଭାଲକୁ ଉଦ୍‌ଘାଟନ କରି ରାଜ୍ୟପାଳ ରଘୁବର ଦାସ ଏହା କହିଛନ୍ତି। ଏହି ସମାରୋହରେ ଉଦ୍‌ବୋଧନ ଦେଇ ରାଜ୍ୟପାଳ ଶ୍ରୀ ଦାସ କହିଥିଲେ ଯେ, ବର୍ତ୍ତମାନ ଆମେ ବୈଷୟିକ ଜ୍ଞାନ ଆଧାରିତ ଯୁଗରେ ଗତି କରୁଛେ। ଏହି ଜ୍ଞାନ ଆଧାରିତ ଯୁଗରେ ଯାହାଙ୍କ ପାଖରେ ବୈଷୟିକ ଜ୍ଞାନ ଅଛି ସେ ନିଜର ପ୍ରତିଭାକୁ ବିକଷିତ କରିପାରିବ ଏବଂ ଆହ୍ୱାନକୁ ସୁଯୋଗରେ ପରିଣତ କରିପାରିବେ। ଆଜିର ଦୁନିଆରେ ଯେଉଁଠାରେ ଟେକ୍ନୋଲୋଜି ଜୀବନର ପ୍ରତ୍ୟେକ ପଦକ୍ଷେପରେ ରୂପ ନେଉଛି। ବୈଷୟିକ କ୍ଷେତ୍ରରେ ଏକ ଦ୍ରୁତ ଭିତ୍ତିଭୂମି ବିକାଶ ପାଇଁ ଛାତ୍ରଛାତ୍ରୀମାନଙ୍କୁ ମାର୍ଗଦର୍ଶନ କରିବାରେ ବିଶ୍ୱବିଦ୍ୟାଳୟଗୁଡ଼ିକର ଭୂମିକା ପୂର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇଛି। ଓଡ଼ିଶାରେ ଏହି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାରେ ବିପିୟୁଟି ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି ଏବଂ ଯୁବପିଢ଼ି ମଧ୍ୟରେ ଅଭିନବତା ଓ ଉଦ୍ଭାବନର ସଂସ୍କୃତି ବୃଦ୍ଧି କରୁଛି। ବିପିୟୁଟି ଏଦିଗରେ ଯେଉଁ ପରିବେଶ ବିକାଶ କରୁଛି ଯାହା ଉତ୍ସାହ ଜନକ। ବୈଷୟିକ, ସାଂସ୍କୃତିକ ଏବଂ କ୍ରୀଡ଼ା ଠାରୁ ଆରମ୍ଭ କରି ଅନେକ ପ୍ରଭାବଶାଳୀ ହାଇ-ଇଭେଣ୍ଟ ସହିତ ଟେକ୍ କାର୍ନିଭାଲ କେବଳ ପ୍ରତିଭା ଏବଂ ଜ୍ଞାନର ଉତ୍ସବ ନୁହେଁ। ଏହା ଓଡ଼ିଶାର ଯୁବକମାନଙ୍କ ଅଗ୍ରଗାମୀ ଚିନ୍ତାର ପ୍ରତିଫଳନ, ଯେଉଁମାନେ ଟେକ୍ନୋଲୋଜି ମାଧ୍ୟମରେ ଆମର ଭବିଷ୍ୟତ ଗଠନ ପାଇଁ ଆଗକୁ ବଢ଼ୁଛନ୍ତି। ଏହି କାର୍ନିଭାଲରେ ଅଂଶଗ୍ରହଣ କରି ଆମର ଛାତ୍ରଛାତ୍ରୀମାନେ କେବଳ ସେମାନଙ୍କର ପ୍ରତିଯୋଗିତାମୂଳକ ବୈଷୟିକ ଦକ୍ଷତାର ବିକାଶ କରିବେ ନାହିଁ ବରଂ ଦଳଗତ କାର୍ଯ୍ୟ ଏବଂ ଚିନ୍ତାଧାରା ଭଳି ଅତ୍ୟାବଶ୍ୟକ କୌଶଳ ମଧ୍ୟ ବିକାଶ କରିବେ। ଆଜିର ଦ୍ରୁତ ଗତିଶୀଳ ପ୍ରତିଯୋଗିତାମୂଳକ ଦୁନିଆରେ ସଫଳ ହେବାକୁ ଲକ୍ଷ୍ୟ ରଖିଥିବା କୌଣସି ଉଦ୍ୟୋଗୀ କିମ୍ବା ପ୍ରଯୁକ୍ତିବିଦ୍ୟା ଆଗ୍ରହୀଙ୍କ ପାଇଁ ନେତୃତ୍ୱ ନେବାରେ ଏହି କାର୍ନିଭାଲ୍ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।



# ହିନ୍ଦୁ ମନ୍ଦିର ଉପରେ ଆକ୍ରମଣକୁ ଦୃଢ଼ ନିନ୍ଦା କଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୪।୧୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ନିକଟରେ କାନାଡାର ଏକ ହିନ୍ଦୁ ମନ୍ଦିର ଉପରେ ହୋଇଥିବା ଆକ୍ରମଣ ଏବଂ ଭାରତୀୟ କୂଟନୀତିଜ୍ଞମାନଙ୍କୁ ଭୟଭୀତ କରିବାର ପ୍ରୟାସକୁ ଦୃଢ଼ ନିନ୍ଦା କରିଛନ୍ତି। ଭାରତର ଦୃଢ଼ ସଂକଳ୍ପ ଉପରେ ଗୁରୁତ୍ୱାରୋପ କରି ସେ ନ୍ୟାୟ ସୁନିଶ୍ଚିତ କରିବା ଏବଂ ଆଇନର ଶାସନକୁ ବଜାୟ ରଖିବାକୁ କାନାଡା ସରକାରଙ୍କୁ ଆହ୍ୱାନ ଦେଇଛନ୍ତି। ଏକ୍ସରେ ପୋଷ୍ଟ କରିଥିବା ନିଜ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି: କାନାଡ଼ାର ଏକ ହିନ୍ଦୁ ମନ୍ଦିର ଉପରେ ଯୋଜନାବଦ୍ଧ ଆକ୍ରମଣକୁ ମୁଁ ଦୃଢ଼ ନିନ୍ଦା କରୁଛି। ଆମ କୂଟନୀତିଜ୍ଞମାନଙ୍କୁ ଭୟଭୀତ କରିବାର କାପୁରୁଷତାପୂର୍ଣ୍ଣ ପ୍ରୟାସ ମଧ୍ୟ ସେତିକି ଉଦବେଗଜନକ। ଏଭଳି ହିଂସାକାଣ୍ଡ ଭାରତର ସଂକଳ୍ପକୁ କେବେ ବି ଦୁର୍ବଳ କରିବ ନାହିଁ। କାନାଡା ସରକାର ନ୍ୟାୟ ସୁନିଶ୍ଚିତ କରିବେ ଏବଂ ଆଇନର ଶାସନକୁ ବଜାୟ ରଖିବେ ବୋଲି ଆମେ ଆଶା କରୁଛୁ।

## ଟ୍ୱିନ୍ ସିଟି କ୍ରାଇମ୍

### ୪ ବେପାରୀ ଗିରଫ ; ୨୧ କେଜି ଗଞ୍ଜେଇ ଜବତ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** କନ୍ଧମାଳରୁ ବସରେ ଚୋରା ଗଞ୍ଜେଇ ଆଣି ଭୁବନେଶ୍ୱର ବରମୁଣ୍ଡା ବସଷ୍ଟାଣ୍ଡରୁ ଏକ ଅଟୋରେ ଗଞ୍ଜେଇ ନେଇ ଫେରାର ହେଉଥିବା ବେଳେ ବରମୁଣ୍ଡା ଇପିକଲ ରୋଡରେ ଗୋଡାଇ ଧରିଲା ଖଣ୍ଡଗିରି ଥାନା ପୁଲିସ। ପରେ ଅଟୋକୁ ତଲାସି ସମୟରେ ଗାଡି ଭିତରୁ ୨୧ କେଜି ଗଞ୍ଜେଇ ଜବତ କରାଯାଇଥିଲା। ପରେ ଅଟୋରେ ଥିବା ୪ ଜଣ କୁଖ୍ୟାତ ଗଞ୍ଜେଇ ବେପାରୀଙ୍କୁ ଗିରଫ କରାଯାଇ ଆଜି କୋର୍ଟ ଚାଲାଣ କରାଯାଇଛି। ଗିରଫ ୪ ଅଭିଯୁକ୍ତ ହେଲେ, କନ୍ଧମାଳ ଜିଲ୍ଲାର କମ୍ପୁାଣୀ ଦିଗାଲ, ନୀଳାଞ୍ଚଳ ବେହେରା, ନବଘନ ଦିଗାଲ ଓ ସିମା ଓରଫ ହିମାଞ୍ଚଳ ବେହେରା। ସୂଚନା ଯୋଗ୍ୟଯେ, ସୋମବାର ଦିନ ସକାଳୁ ୯ଟା ବେଳେ ଖଣ୍ଡଗିରି ଥାନା ପୁଲିସ ଥାନାଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ବରମୁଣ୍ଡା ଅଞ୍ଚଳରେ ପେଟ୍ରୋଲିଂ ଚଳାଇଥିଲେ। ଏହି ସମୟରେ ଏକ ଅଟୋରେ ୪ ଜଣ ଯୁବକ ବରମୁଣ୍ଡା ଇପିକଲ ରୋଡରେ ଦ୍ରୁତଗତିରେ ଯାଇଥିବା ପୁଲିସ ଟିମ ଦେଖିବାକୁ ପାଇଥିଲା। ପରେ ସନ୍ଦେହ ହେବାରୁ ଅଟୋକୁ ପିଛା କରି କାବୁ କରିବା ସହ ଗାଡିକୁ ଚେକିଂ ବେଳେ ଭିତରୁ ୨୧ କେଜି ଗଞ୍ଜେଇ ବାହାରିଥିଲା। ଏତିକି ବେଳେ ଗାଡିରେ ଥିବା ୪ ଅଭିଯୁକ୍ତ ଦୌଡ଼ି ପଳାଇବାକୁ ଚେଷ୍ଟା କରୁଥିବା ସମୟରେ ପୁଲିସ ଟିମ ସେମାନଙ୍କୁ ଗୋଡାଇ କାବୁ କରି ଥାନାକୁ ଆଣିଥିଲେ। ଥାନାରେ ୪ ଜଣଙ୍କୁ ଅଟକ ରଖି ପଚରା ଉଚରା ବେଳେ ଜଣାପଡ଼ିଥିଲା ଏମାନେ ହେଉଛନ୍ତି ପେଶାଦାର ଗଞ୍ଜେଇ ବେପାରୀ। ପୂର୍ବରୁ ବହୁ ବାର ଗିରଫ ହୋଇ ଜେଲ ଯାଇଛନ୍ତି। ପରେ ପୁଲିସ ୭୬୮ରେ ମାମଲା ରୁଜୁକରି ଏନଡ଼ିପିଏସ୍ ଆକ୍ଟ ୨୦(ବି)ରେ ୪ ଜଣଙ୍କୁ କୋର୍ଟ ଚାଲାଣ କରିଛି।

### ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ; ଅଭିଯୁକ୍ତ ଗିରଫ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ବସ୍ତିରେ ତ୍ରିନାଥ ମନ୍ଦିର କରିବା ସହ ସେଠାରେ ବରଗଛ ଲଗାଇ ପୂଜାର୍ଚ୍ଚନା କରୁଥିବା ବେଳେ, ଗଛକୁ କାଟିଦେଲେ ବିରୋଧି ଗୋଷ୍ଠି। ଏନେଇ ଉଭୟ ଗୋଷ୍ଠିଙ୍କ ଭିତରେ ବଚସା ବେଳେ ଅଭିଯୋଗକାରୀ ଯୁବକଙ୍କୁ ମାରଣାସ୍ତ୍ରରେ ମରଣାନ୍ତକ ଆକ୍ରମଣ। ଏନେଇ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲା, ଭରତପୁର ପଣ୍ଡାକୁଡ଼ିଆ ବସ୍ତିର ହାଇଦର ମଲ୍ଲୀକ। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ଜିତୁ ମହାକୁଡ଼ ଓ ତାଙ୍କ ବସ୍ତିର କିଛି ଯୁବ ଗୋଷ୍ଠି ପଣ୍ଡାକୁଡିଆ ବସ୍ତିରେ ଏକ ମଣ୍ଡପ ନିର୍ମାଣ କରିଛନ୍ତି, ଯେଉଁଠାରେ ସେମାନେ ଏକ ବରଗଛ ଲଗାଇବା ସହ ସେଠାରେ ଏକ ତ୍ରିନାଥ ମନ୍ଦିର ମଧ୍ୟ ନିର୍ମାଣ କରିଥିଲେ। ଅଭିଯୋଗକାରୀ ଓ ସେହି ବସ୍ତିର ଅନ୍ୟ ଯୁବକମାନେ ସେଠାରେ ପୂଜାର୍ଚ୍ଚନା କରିବା ସହିତ ବିଭିନ୍ନ ଉଦେଶ୍ୟରେ ଉକ୍ତ ମଣ୍ଡପକୁ ବ୍ୟବହାର ମଧ୍ୟ କରୁଥିଲେ। ଘଟଣା ଦିନ ଅବା ଗତ ୨ ତାରିଖ ଅପରାହ୍ନ ୨ଟା ବେଳେ ନିମ୍ନୋକ୍ତ ଅଭିଯୁକ୍ତ ଓ ତାର ଅନ୍ୟ ସହଯୋଗୀମାନେ ଉକ୍ତ ତ୍ରିନାଥ ମନ୍ଦିର ଉପରେ ଚଢ଼ି ବରଗଛ ଟିକୁ କାଟି ଦେଇଥିଲେ। ଏହି ସମୟରେ ଅଭିଯୋଗକାରୀ ଏହାକୁ ବିରୋଧ କରିବାରୁ ଅଭିଯୁକ୍ତ ମାନେ ତାଙ୍କୁ ହତ୍ୟା ଧମକ ଦେଇଥିଲେ। ପୁନର୍ବାର ସେହି ଘଟଣା ଦିନ ରାତି ପ୍ରାୟ ୧୦ଟାରେ ଅଭିଯୁକ୍ତ ଓ ତାଙ୍କ ସହଯୋଗୀ ମାନେ ଜିଆଇ ପାଇପ, ଲାଠି ଆଦି ଅସ୍ତ୍ରଶସ୍ତ୍ର ନେଇ ଅଭିଯୋଗକାରୀଙ୍କୁ ଦେଖାକରିଥିଲେ ଓ ତାଙ୍କୁ ଗାଳି ଗୁଲଜ କରି ଏକ ପାଇପରେ ମୁଣ୍ଡକୁ ଆକ୍ରମଣ କରିଥିଲା। ଫଳରେ ଅଭିଯୋଗକାରୀ ଗୁରୁତର ଆହତ ହୋଇ ତଳେ ପଡ଼ିଯାଇଥିଲେ। ଏହି ସମୟରେ ଅଭିଯୁକ୍ତ ମାନେ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଏହି ଘଟଣା ପରେ ଅଭିଯୋଗକାରୀଙ୍କର କିଛି ବନ୍ଧୁ ତାଙ୍କୁ ଉର୍ଦ୍ଧ୍ୱାର କରି ସ୍ଥାନୀୟ ହସ୍ପିଟାଲକୁ ଚିକିତ୍ସିତ ପାଇ ନେଇ ଯାଇଥିଲେ। ଏହି ଘଟଣାକୁ ନେଇ ଭରତପୁର ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

### ଲୁଟେରା ଗିରଫ ; ମୋବାଇଲ ଜବତ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଘରେ ଶୋଇଥିବା ବେଳେ ଘରେ ପଶି ମୋବାଇଲ ଲୁଟ୍। ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଆଜି ଲୁଟେରାକୁ ଗିରଫ କରିବା ସହ ତାଠାରୁ ଚୋରା ମୋବାଇଲ ଜବତ କରାଯାଇଛି। ଗିରଫ ଅଭିଯୁକ୍ତ ହେଲା, ରେଣ୍ଟାଲ କଲୋନୀ ଅଞ୍ଚଳର ତପନ ନାୟକ। ଆଜି ତାକୁ କୋର୍ଟ ଚାଲାଣ କରାଯାଇଛି। ସୂଚନା ଯୋଗ୍ୟଯେ, ଅଭିଯୋଗକାରୀ ପ୍ରଶାନ୍ତ କୁମାର ପରିଡ଼ା ନୟାପଲ୍ଲୀ ଥାନା ଅନ୍ତର୍ଗତ ଗଣପତି ନଗର ବସ୍ତିରେ ରୁହନ୍ତି। ଗତ ୧ ତାରିଖ ରାତିରେ ସେ ଘରେ ନିଦରେ ଶୋଇପଡ଼ିଥିବା ବେଳେ, ଏହାର ସୁଯୋଗ ନେଇ ଅଭିଯୁକ୍ତ ଜଣକ ବିଳମ୍ବିତ ରାତିରେ ଘରେ ପଶି ତାଙ୍କ ମୋବାଇଲ ଫୋନକୁ ଚୋରିକରି ନେଇଯାଇଥିଲା। ଅଭିଯୋଗକାରୀ ସକାଳୁ ଉଠି ନିଜ ମୋବାଇଲ ଚୋରୀ ହୋଇଠିତବା ଜାଣିବା ପରେ, ଏନେଇ ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପରେ ପୁଲିସ ମାମଲା ରୁଜୁକରି ତଦନ୍ତ ଚଳାଇ ଅଭିଯୋଗର ପରଦିନ ଲୁଟେରାକୁ ପିଡ଼ି ମାର୍କେଟରୁ କାବୁ କରିବା ସହ ତାଠାରୁ ଏକ ଚୋରା ମୋବାଇଲ ଜବତ କରାଯାଇଛି।

# ସୋଆରେ ଶିଳ୍ପ ଓ ସାମୁଦ୍ରିକ ଜୈବ ପ୍ରଯୁକ୍ତିବିଦ୍ୟା ଉପରେ ଦୁଇ ଦିନିଆ ଜାତୀୟ ସମ୍ମିଳନୀ




**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** କୋଭିଡ ମହାମାରୀରେ ଭାରତରେ ୫ ଲକ୍ଷରୁ ଉର୍ଦ୍ଧ୍ୱ ଲୋକଙ୍କର ମୃତ୍ୟୁ ହୋଇଥିବା ବେଳେ ଜୀବନର ରକ୍ଷାକାରୀ ସାଜିଥିଲା ଜୀବାଣୁକୁ ଅକାମୀ କରୁଥିବା ଆଂଟିବାୟୋଟିକ। ତେଣୁ ଏଭଳି ଆଂଟିବାୟୋଟିକ୍‌ଗୁଡ଼ିକୁ ଅଧିକ ମାତ୍ରାରେ ବିକଶିତ କରିବା ପାଇଁ ସମାଜର ସହଯୋଗର ଆବଶ୍ୟକତା ରହିଛି। ଏହା ଜାତୀୟ ସୁରକ୍ଷା ନିମନ୍ତେ ଆବଶ୍ୟକ ବୋଲି ଶିଳ୍ପ ଏବଂ ସାମୁଦ୍ରିକ ଜୈବପ୍ରଯୁକ୍ତିବିଦ୍ୟା ଉପରେ ସୋମବାର ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜାତୀୟ ସମ୍ମିଳନୀରେ ବିଶେଷଜ୍ଞ ମତ ଦେଇଛନ୍ତି। ନଭେମ୍ବର ୪ ଓ ୫ ଦୁଇ ଦିନ ଧରି 'ରିସର୍ଚ୍ଚ ଆଣ୍ଡ ଇନୋଭେସନ୍‌ସ ଇନ୍ ଇଣ୍ଡଷ୍ଟ୍ରିଆଲ୍ ଆଣ୍ଡ ମେରାଇନ୍ ବାୟୋଟେକ୍ନୋଲେଜି: ଏ ସର୍କୁଲାର ଇକୋନୋମି' ଶୀର୍ଷକ ଜାତୀୟ କର୍ମଶାଳାର ଆୟୋଜନ କରାଯାଇଥିବାବେଳେ ଏହାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଚେନ୍ନାଇର ବି.ଏସ୍. ଅବ୍‌ଦୁର ରହେମାନ୍ କ୍ରେସେଂଟ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲେଜି (ଡିମ୍‌ଡ଼ି ଟୁ ବି ୟୁନିଭର୍ସିଟି)ର ଉପକୁଳପତି ପ୍ରଫେସର ଏନ୍. ତାଜୁଦ୍ଦିନ କହିଥିଲେ ଯେ ବିଶ୍ୱରେ ବର୍ତ୍ତମାନ ପରିବେଶର ପ୍ରଦୂଷଣ ଏବଂ ପୁଷ୍ଟିହୀନତା ବଡ଼ ସମସ୍ୟା ଭାବେ ଉଭା ହୋଇଛି। ଏଥି ନିମନ୍ତେ ଜୈବବିଜ୍ଞାନର ସହଯୋଗର ଅନେକ ଆବଶ୍ୟକତା ରହିଛି ବୋଲି ସେ କହିଛନ୍ତି।

# ସପ୍ତମ ବାର୍ଷିକ ଅଧିବେଶନ ଆୟୋଜନ କଲା ଆନ୍ତର୍ଜାତିକ ସୌର ମଞ୍ଚ

## ୧୦୩ ସଦସ୍ୟ ଓ ୧୭ ସ୍ୱାକ୍ଷରକାରୀ ଦେଶର ପ୍ରତିନିଧି ଅଂଶଗ୍ରହଣ କଲେ

**ନୂଆଦିଲ୍ଲୀ,୪।୧୧:** ଅନ୍ତର୍ଜାତୀୟ ସୌର ମଞ୍ଚ (ଆଇଏସଏ) ୨୯ଟି ଦେଶର ମନ୍ତ୍ରୀଙ୍କୁ ନେଇ ଭାରତୀୟ ରାଜଧାନୀରେ ଏହାର ସପ୍ତମ ବାର୍ଷିକ ଅଧିବେଶନ ଆୟୋଜନ କରୁଛି। ଉଦଘାଟନୀ ସମାରୋହରେ ଭାରତର ନୂତନ ଓ ଅକ୍ଷୟ ଶକ୍ତି ମନ୍ତ୍ରୀ ଶ୍ରୀ ପ୍ରହ୍ଲାଦ ଯୋଶୀ ଆଇଏସଏ ସଭାର ସଭାପତି ଭାବରେ ଯୋଗ ଦେଇ କହିଲେ, 'ଆଇଏସଏର ସପ୍ତମ ଅଧିବେଶନରେ ଆଜି ଆପଣଙ୍କ ସମ୍ମୁଖରେ ଠିଆ ହେବା ମୋ ପାଇଁ ବଡ଼ ଗୌରବର ବିଷୟ। ଆଜି ଆମେ ବିଶ୍ୱ ଶକ୍ତି ଭବିଷ୍ୟତକୁ ନୂଆ ରୂପ ଦେବାର ମିଶନରେ ନିଜକୁ ଏକ ଗୁରୁତ୍ୱପୂର୍ଣ୍ଣ ଟର୍ଣ୍ଣିଂ ପଏଣ୍ଟରେ ପାଇଛୁ। ଏକଦା ସୌର ଶକ୍ତି କେବଳ ଏକ ଦୃଷ୍ଟିକୋଣ ଥିଲା, ବର୍ତ୍ତମାନ ଏକ ଶକ୍ତିଶାଳୀ ବାସ୍ତବତା, ଯାହା ବିଶ୍ୱକୁ ଏକ ସ୍ୱଚ୍ଛ ଏବଂ ଅଧିକ ସ୍ଥାୟୀ ମାର୍ଗ ଆଡକୁ ନେଇଯାଉଛି। ଆମେ ମିଳିତ ଭାବେ ଯେଉଁ ଅଗ୍ରଗତି କରିଛୁ ତାହା ସ୍ୱୀକାର ଯୋଗ୍ୟ। ସୌର ଶକ୍ତିର ପ୍ରକୃତ ସମ୍ଭାବନା ଉନ୍ମୋଚନ ହେଉଛି, ଯାହା ଆମକୁ ଦର୍ଶାଉଛି ଯେ ଏହା କେତେ ପରିବର୍ତ୍ତନଶୀଳ ହୋଇପାରେ। ସେ ଆହୁରି ମଧ୍ୟ କହିଛନ୍ତି ଯେ ୧୨୦ ଟି ସଦସ୍ୟ ଏବଂ ସ୍ୱାକ୍ଷରକାରୀ ରାଷ୍ଟ୍ରର ଏକ ମେଣ୍ଟ ଭାବରେ ଆଇଏସଏ ସମଗ୍ର ବିଶ୍ୱରେ ବିଶେଷକରି ଅଳ୍ପ ବିକଶିତ ଦେଶ (ଏଲଡିସି) ଏବଂ କ୍ଷୁଦ୍ର ବିକାଶଶୀଳ ଦ୍ୱୀପ ରାଷ୍ଟ୍ର (ଏସଆଇଡିଏସ)ରେ ସମ୍ବଳ ସଂଗ୍ରହ ଏବଂ ସୌର ପ୍ରକଳ୍ପ ଗୁଡିକର ପ୍ରୟୋଗକୁ ସୁଗମ କରିବାରେ ଅଗ୍ରଣୀ ରହିଛି। ମୁଁ ଗର୍ବର ସହ କହିବାକୁ ଚାହୁଁଛି ଯେ ଆଇଏସଏ ୨୭ଟି ପ୍ରଦର୍ଶନ ପ୍ରକଳ୍ପ ମଧ୍ୟରୁ ୨୧ଟି ସଫଳତାର ସହ ଶେଷ କରିଛି, ସୌର ଶକ୍ତି ବିନିଯୋଗରେ ଉଲ୍ଲେଖନୀୟ ଅଗ୍ରଗତି କରିବା ଏବଂ ସମଗ୍ର ବିଶ୍ୱରେ ସ୍ଥାୟୀ ବିକାଶକୁ ସମର୍ଥନ କରିବା ପାଇଁ ଆମର ସାମୂହିକ ଦକ୍ଷତା ପ୍ରଦର୍ଶନ କରିଛୁ। ଏହି ସଫଳ ପ୍ରକଳ୍ପଗୁଡ଼ିକ ଆମର ମିଳିତ ପ୍ରତିବଦ୍ଧତା ଏବଂ ସମର୍ପଣର ପ୍ରମାଣ। ଆଜି ଶୁଭାରମ୍ଭ ହୋଇଥିବା ୧୧ଟି ପ୍ରଦର୍ଶନ ପ୍ରକଳ୍ପ ଏବଂ ସାତଟି ଷ୍ଟାର ସେଣ୍ଟରକୁ ମୁଁ ଅଭିନନ୍ଦନ ଜଣାଉଛି ଏବଂ ଏହି ସବୁ ଦେଶର ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି।



# ବିତରକ ଅଭୟ ବାରିଙ୍କ ପରଲୋକ



**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ନିବେଦନର କାରଣ ଏହିକି ଯେ; ମାଷ୍ଟରକ୍ୟାଣ୍ଟିନ୍ ପଏଣ୍ଟର ବିତରକ ଅଭୟ କୁମାର ବାରିକ ଯାହାକି, ଆଶୋକ ନଗର ଖବର କାଗଜ ବିତରକ ସଂଘର ସଭାପତି ଭାବେ କାର୍ଯ୍ୟକରି ଆସୁଥିଲେ। ତାଙ୍କର ତା-୦୩-୧୧-୨୪ ରିଖ ଦିନ ଅକାଳ ବିୟୋଗରେ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ପଦ ଚରଣରେ ୨ ମିନିଟ୍ ନିରବ ପ୍ରାର୍ଥନା ପୂର୍ବକ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଅର୍ପଣ କାରାଯାଇଥିଲା। ଏଥିରେ ଆସୋସିଏସନ୍‌ର ମୁଖ୍ୟ ତଥା ସମସ୍ତ ବିତରକ ସ୍ୱତକୃତ୍ୟ ଭାବେ ସର୍ମପିତ ହୋଥିଲା।

# ଅଧିକ ୨ ଲକ୍ଷ ଲିଟର ଦୁଗ୍ଧ ବ୍ୟବସାୟ କରିବ ଓମ୍‌ଫେଡ୍

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଆସନ୍ତା ଦୁଇ ମାସ ମଧ୍ୟରେ ଆହୁରି ୨ ଲକ୍ଷ ଲିଟର ଦୁଗ୍ଧ କ୍ରୟ ଓ ବିକ୍ରୟ କରିବ ଓମ୍‌ଫେଡ୍। ଆଜି ଓମ୍‌ଫେଡ୍‌ର ପରିଚାଳନା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚ ସ୍ତରୀୟ ବୈଠକରେ ହୋଇଛି ଏହି ନିଷ୍ପତ୍ତି। ଏବେ ଓମ୍‌ଫେଡ୍ ଦୈନିକ ୫ ଲକ୍ଷ ଲିଟର ଦୁଗ୍ଧ ପ୍ରକ୍ରିୟାକରଣ କରି ବଜାରରେ ବିକ୍ରି କରୁଥିବା ବେଳେ ଆହୁରି ୨ ଲକ୍ଷ ଲିଟର କ୍ଷୀର ପ୍ରକ୍ରିୟାକରଣ କରି ବିକ୍ରି କରିବ। ସେହିପରି ସମଗ୍ର ରାଜ୍ୟରେ ଓମ୍‌ଫେଡ୍ ଖୋଲିବ ୨୦ଟି କ୍ଷୀର ଧାରା। ଗ୍ରାମାଞ୍ଚଳ ଗ୍ରାହକଙ୍କୁ ଓମ୍‌ଫେଡ୍ ଗୁଣାତ୍ମକ, ସ୍ୱାସ୍ଥ୍ୟକର ଓ ସ୍ୱାଦିଷ୍ଟ ଦୁଗ୍ଧ ଏବଂ ଦୁଗ୍ଧଜାତୀୟ ପଦାର୍ଥ ଯଥା- ଛେନାପୋଡ଼, ଖଟା ଓ ମିଠା ଦହି, ରାବିଡ଼ି, ପନିର, ଘିଅ, ଆଇସକ୍ରିମ୍, ଘୋଳ ଦହି, ଲସି ଓ ଓମ୍‌ଫେଡ୍ ପାଉଡର ଆଦି ଯୋଗାଇ ଦେବାକୁ ପଞ୍ଚାୟତ ସ୍ତରରେ ଏହି କ୍ଷୀର ଧାରା ଖୋଲିବାକୁ ନିଷ୍ପତ୍ତି ହୋଇଛି। ବିଭିନ୍ନ ଜିଲ୍ଲାର ୨୦ଟି ପଞ୍ଚାୟତରେ ପ୍ରଥମ ପର୍ଯ୍ୟାୟରେ ଖୋଲିବ ଏହି କ୍ଷୀର ଧାରା।





# ସରକାରୀ ସ୍କୁଲ ଓ ଅଙ୍ଗନବାଡ଼ିର ଭିତ୍ତିଭୂମି ବଢ଼ାଇଲା ବେଦାନ୍ତ

**ଭୁବନେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ଗୁଣାତ୍ମକ ଶିକ୍ଷାର ବ୍ୟାପକ ଉପଲବ୍ଧତା ଏବଂ ଯୁବପିଢ଼ିଙ୍କୁ ସଶକ୍ତ ସହିତ ଗୋଷ୍ଠୀ ବିକାଶ ଦିଗରେ ପ୍ରତିଶ୍ରୁତିବଦ୍ଧତାର ପରିଚୟ ଦେଇ ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ୍ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ସୁନ୍ଦରଗଡ଼ର ଜାମକାଣୀ କୋଇଲା ଖଣି ଅଞ୍ଚଳରେ ଥିବା ୧୪ଟି ସରକାରୀ ବିଦ୍ୟାଳୟ ଓ ୭ଟି ଅଙ୍ଗନବାଡ଼ି କେନ୍ଦ୍ରକୁ ଅତ୍ୟାବଶ୍ୟକ ଭିତ୍ତିଭୂମି ଯୋଗାଇ ଦେଇଛି। ଏହି ଅଞ୍ଚଳର ୭୫୦ରୁ ଅଧିକ ଛାତ୍ରଛାତ୍ରୀ ଉପକୃତ ହେବା ସହ ମୁଣ୍ଡେଲଖେତ, କୋଡାଜାଲଙ୍ଗା, ଭୋଗ୍ରାକାଚାର, ଘୋଘରପଲ୍ଲୀ, ଜାମକାନି ଓ ଗିରିସ୍ମା ଗ୍ରାମର ସରକାରୀ ବିଦ୍ୟାଳୟଗୁଡ଼ିକୁ ଡେସ୍କ ଓ ବେଞ୍ଚ, ଚେୟାର, ଟେବୁଲ, ରାକ୍ ଓ ଆଲମିରା ପ୍ରଦାନ କରାଯାଇଛି। ୧୪ଟି ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ବ୍ଲକ ଶିକ୍ଷକ ସଂଘର ସଭାପତି ଓ ଗୋଷ୍ଠି ସଦସ୍ୟଙ୍କ ଉପସ୍ଥିତିରେ ଆୟୋଜିତ ଉତ୍ସବରେ କମ୍ପାନି ପକ୍ଷରୁ ଏହି ସହଯୋଗ ପ୍ରଦାନ କରାଯାଇଥିଲା। ବେଦାନ୍ତ କମ୍ପାନିର ଏଭଳି ପଦକ୍ଷେପ ସମ୍ପର୍କରେ ଭୋଗରକାଛର ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ଭବାନୀ ଶଙ୍କର ପଧାନ କହିଛନ୍ତି ଯେ ବେଦାନ୍ତର ଉଦାର ସହଯୋଗ ପାଇଁ ଆମେ ସେମାନଙ୍କୁ ଧନ୍ୟବାଦ ଜଣାଉଛୁ। ଏହା ଅନୁକୂଳ ଶିକ୍ଷଣ ବାତାବରଣ ସୃଷ୍ଟି କରିଛି। ବ୍ଲକ ଶିକ୍ଷକ ସଂଘ ସଭାପତି ରାମଲାଲ ପଟେଲ କହିଛନ୍ତି ଯେ ଉନ୍ନତ ବିଦ୍ୟାଳୟ ଭିତ୍ତିଭୂମି ବ୍ୟବସ୍ଥା ଛାତ୍ରଛାତ୍ରୀଙ୍କୁ ଉପକୃତ କରିଛି ଏବଂ ସେମାନଙ୍କ ପାଠପଢ଼ା ଉପରେ ଅଧିକ ଧ୍ୟାନ ଦେବାରେ ସହାୟକ ହେଉଛି। ଏଥିରୁ ଶିକ୍ଷା କ୍ଷେତ୍ର ପ୍ରତି ବେଦାନ୍ତର ସମର୍ପଣ ମନୋଭାବର ପ୍ରମାଣ ମିଳୁଛି। ସୂଚନାଯୋଗ୍ୟ, ଶିକ୍ଷା, ସ୍ୱାସ୍ଥ୍ୟସେବା, ସ୍ଥାୟୀ ଜୀବିକା, ଗ୍ରାମୀଣ ଭିତ୍ତିଭୂମି ତଥା ତୃଣମୂଳ ସ୍ତରର କ୍ରୀଡ଼ା ଓ ସଂସ୍କୃତି କ୍ଷେତ୍ରରେ ରଣନୈତିକ ପଦକ୍ଷେପ ମାଧ୍ୟମରେ ଗୋଷ୍ଠୀ ବିକାଶ ପାଇଁ ବେଦାନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବାରୁ ଓଡ଼ିଶାର ଯୁବବର୍ଗଙ୍କ ଭବିଷ୍ୟତରେ ପୁଞ୍ଜିନିବେଶ କରି ଅଧିକ ସୁଯୋଗ, ଅଭିବୃଦ୍ଧି ଓ ବିକାଶ ପାଇଁ ରାସ୍ତା ପ୍ରଶସ୍ତ କରୁଛି ।




# ଅଲ୍‌ମୋରା ସଡକ ଦୁର୍ଘଟଣାରେ ମୃତକଙ୍କ ପ୍ରତି ସମବେଦନା ଜଣାଇଲେ ପ୍ରଧାନମନ୍ତ୍ରୀ

**ନୂଆଦିଲ୍ଲୀ,୪।୧୧:** ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଉତ୍ତରାଖଣ୍ଡର ଅଲ୍‌ମୋରାରେ ହୋଇଥିବା ଏକ ଭୟଙ୍କର ସଡକ ଦୁର୍ଘଟଣାରେ ପ୍ରାଣ ହରାଇଥିବା ପରିବାର ଏବଂ ପ୍ରିୟଜନଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ପିଏମ୍‌ଓଇଣ୍ଡିଆ ଦ୍ୱାରା ସୋସିଆଲ୍ ମିଡିଆରେ ଶେୟାର କରାଯାଇଥିବା ଏକ ବିବୃତ୍ତିରେ ପ୍ରଧାନମନ୍ତ୍ରୀ ପ୍ରଭାବିତ ପରିବାର ପ୍ରତି ସମବେଦନା ଜଣାଇବା ସହ ଦୁର୍ଘଟଣାରେ ଆହତମାନଙ୍କର ଶୀଘ୍ର ଆରୋଗ୍ୟ ପାଇଁ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ କହିଛନ୍ତି, "ଉତ୍ତରାଖଣ୍ଡର ଅଲ୍‌ମୋରାଠାରେ ଘଟିଥିବା ଦୁର୍ଭାଗ୍ୟଜନକ ସଡକ ଦୁର୍ଘଟଣାରେ ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି ମୁଁ ସେମାନଙ୍କୁ ଗଭୀର ସମବେଦନା ଜଣାଉଛି। ସମସ୍ତ ଆହତଙ୍କ ଶୀଘ୍ର ଆରୋଗ୍ୟ ପାଇଁ ମଧ୍ୟ ମୁଁ ପ୍ରାର୍ଥନା କରୁଛି।" ଶ୍ରୀ ନରେନ୍ଦ୍ର ମୋଦୀ ଏହି ଦୁର୍ଘଟଣାରେ ପ୍ରାଣ ହରାଇଥିବା ପ୍ରତ୍ୟେକ ବ୍ୟକ୍ତିଙ୍କ ସମ୍ପର୍କୀୟଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ୨ ଲକ୍ଷ ଟଙ୍କାର ସହାୟତା ଦେବାକୁ ଘୋଷଣା କରିଛନ୍ତି। ଆହତମାନଙ୍କୁ ୫୦ ହଜାର ଟଙ୍କା ଦିଆଯିବ।



# ୱେଭ୍ସ ଅନୁଷ୍ଠିତ ହେବା ପୂର୍ବରୁ କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ ସିଜିନ- ୧ ଜୋର ଧରିଛି

**ନୂଆଦିଲ୍ଲୀ,୪।୧୧:** ଭାରତ ସରକାରଙ୍କ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ୱାର୍ଲ୍ଡ ଅଡିଓ ଭିଜୁଆଲ୍ ଏଣ୍ଟରଟେନମେଣ୍ଟ ସମିଟ (ୱେଭ୍ସ)ର ଅଗ୍ରଣୀ କ୍ରିଏଟ୍ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ - ସିଜିନ୍ ୧ (ସିଆଇସି)କୁ ମିଳୁଥିବା ଜବରଦସ୍ତ ପ୍ରତିକ୍ରିୟା ସମ୍ପର୍କରେ ଘୋଷଣା କରି ଆନନ୍ଦ ପ୍ରକାଶ କରିଛି। ୱେଭ୍ସ ମିଶନକୁ ଆଧାର କରି କ୍ରିଏଟ ଇନ୍ ଇଣ୍ଡିଆ ଚ୍ୟାଲେଞ୍ଜ ସୃଜନଶୀଳ ଅଭିବ୍ୟକ୍ତି ଏବଂ ନବସୃଜନ ପାଇଁ ଏକ ପ୍ଲାଟଫର୍ମ ପ୍ରଦାନ କରି ଏହି ଦୃଷ୍ଟିକୋଣକୁ ଜୀବନ୍ତ କରିଛି। ଭାରତର କ୍ରିଏଟର୍ସ ଇକୋନୋମି ଉପରେ ଗଭୀର ପ୍ରଭାବ ପକାଇବା, ବିଷୟବସ୍ତୁ ପ୍ରସ୍ତୁତକାରୀ ଏବଂ ସୃଜନକାରୀ ମାନଙ୍କୁ ସେମାନଙ୍କ ପ୍ରତିଭା ପ୍ରଦର୍ଶନ କରିବା, ସେମାନଙ୍କ ଦକ୍ଷତାକୁ ମୁଦ୍ରାକରଣ କରିବା ଏବଂ ଭାରତୀୟ ଗଣମାଧ୍ୟମ ଏବଂ ମନୋରଞ୍ଜନ ଶିଳ୍ପର ଅଭିବୃଦ୍ଧିରେ ଯୋଗଦାନ କରିବା ସିଆଇସିର ଲକ୍ଷ୍ୟ ରହିଛି। ଏହା ବିଶ୍ୱସ୍ତରରେ ଭାରତର ସଫ୍ଟ ପାୱାର (କୋମଳ ଶକ୍ତି)କୁ ବୃଦ୍ଧି କରିଥାଏ ଏବଂ ଭାରତର ଉଦୀୟମାନ ସୃଜନଶୀଳ ପ୍ରତିଭାଙ୍କ ପାଇଁ ଏକ ଲଞ୍ଚପ୍ୟାଡ୍ ଭାବରେ କାର୍ଯ୍ୟ କରେ, ଯାହା ସେମାନଙ୍କୁ ବିଶ୍ୱସ୍ତରୀୟ ସ୍ୱୀକୃତି ଆଡକୁ ଆଗେଇ ନେଇଥାଏ। ୱେଭ୍ସ ୱେବସାଇଟ :https://wavesindia.org/challenges-2025-୨୦୨୫ରେ ସମସ୍ତ ଚ୍ୟାଲେଞ୍ଜ ପାଇଁ ପଞ୍ଜୀକରଣ ଖୋଲା ରହିଛି।

# ବିକଶିତ ଓଡ଼ିଶା ଶତ ପ୍ରତିଶତ ସାକ୍ଷରତା ଲକ୍ଷ୍ୟ

**ଭୁବନେଶ୍ୱର,୪।୧୧:** ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ କରିବାର ଲକ୍ଷ୍ୟ ନେଇ ଆଗକୁ ବଢ଼ୁଥିବା ରାଜ୍ୟ ସରକାର ଓଡ଼ିଶାକୁ ପୂର୍ଣ୍ଣ ସାକ୍ଷର କରିବାପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି। ଏଥିପାଇଁ ଉଭୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗ ଖସଡା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି।

୨୦୧୧ ମସିହାରେ ଶେଷଥର ପାଇଁ ହୋଇଥିବା ଜନଗଣନା ସମୟରେ ରାଜ୍ୟରେ ସାକ୍ଷରତା ହାର ପାଖାପାଖି ୭୩ପ୍ରତିଶତ ରହିଥିଲା। ସେତେବେଳେ ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ସାକ୍ଷରତା କ୍ଷେତ୍ରରେ ବଡ ଫରକ ଥିବାବେଳେ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳଗୁଡିକରେ ସାକ୍ଷରତା ହାର ଢେର କମ୍ ରହିଥିଲା। ୨୦୧୧ରେ ରାଜ୍ୟର ସହରାଞ୍ଚଳରେ ସାକ୍ଷରତା ହାରତା ୮୫ ପ୍ରତିଶତ ଉପରେ ରହିଥିବାବେଳେ ଗ୍ରାମାଞ୍ଚଳରେ ଏହା ୭୦ ପ୍ରତିଶତରୁ ସାମାନ୍ୟ ଅଧିକ ରହିଥିଲା। ଏହା ପରଠାରୁ ବିଭିନ୍ନ ବେସରକାରୀ ସ୍ତରରେ ସାକ୍ଷରତା ସଂକ୍ରାନ୍ତରେ ହୋଇଥିବା ଆକଳନରୁ ଜଣାଯାଇଛି ଯେ ରାଜ୍ୟର ସାକ୍ଷରତା ହାର ଏବେ ୭୫ ପ୍ରତିଶତକୁ ଅତିକ୍ରମ କରିଥିବାବେଳେ ଉପକୂଳ ଜିଲ୍ଲାଗୁଡିକରେ ଏହା ୮୫ ପ୍ରତିଶତରୁ ଅଧିକ ରହିଛି। ତେବେ ରାଜ୍ୟର ସମସ୍ତ ଜିଲ୍ଲା ବିଶେଷକରି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାଗୁଡିକରେ ସାକ୍ଷରତା ହାରକୁ ୨୦୩୬ ସୁଦ୍ଧା ଶତ ପ୍ରତିଶତରେ ପହଞ୍ଚାଇବାପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏ ସଂକ୍ରାନ୍ତରେ ରାଜ୍ୟ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଏବଂ ଉଚ୍ଚଶିକ୍ଷା ବିଭାଗକୁ ନେଇ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ସମ୍ପୂର୍ଣ୍ଣ ସାକ୍ଷରତା ହାସଲକୁ ନେଇ ମାନସ ମନ୍ଥନ ହୋଇଛି। ରାଜ୍ୟରେ ଏବେ ପ୍ରାଥମିକ ସ୍ତରରେ ନାମଲେଖା ଶତ ପ୍ରତିଶତ ପାଖାପାଖି ହେଉଥିବାବେଳେ ହାଇସ୍କୁଲ ସ୍ତରରେ ଅଧାରୁ ପାଠ ଛାଡିବା କିନ୍ତୁ ସରକାରଙ୍କ ପାଇଁ ଚିନ୍ତାର କାରଣ ହୋଇଛି। ପ୍ରଥମରୁ ଅଷ୍ଟମଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ ବିନା ବାଧାରେ ଉତ୍ତୀର୍ଣ୍ଣ ହୋଇଯାଉଥିବାବେଳେ ନବମ ଓ ଦଶମଶ୍ରେଣୀ ପରୀକ୍ଷା ସମୟରେ ଅନେକ ପାଠ ଛାଡି ଦେଉଛନ୍ତି। ଆଦିବାସୀ ଅଧ୍ୟୁଷିତ ଓ ପଶ୍ଚିମଓଡ଼ିଶାରେ ଏହି ସମସ୍ୟା ଜଟିଳ ହେବାରେ ଲାଗିଛି। ଏପରିକି ମାଟ୍ରିକ ପରୀକ୍ଷାପାଇଁ ଫର୍ମ ପୂରଣ କରୁଥିବା ହଜାର ହଜାର ଛାତ୍ରଛାତ୍ରୀ ପରୀକ୍ଷାରେ ବସୁନାହାନ୍ତି। ସେହିଭଳି ଚତୁର୍ଥ ଓ ପଞ୍ଚମଶ୍ରେଣୀରେ ପଢୁଥିବା ପିଲାଙ୍କ ମେଧା ଜ୍ଞାନ ଦୁର୍ବଳ ରହୁଥିବା ନେଇ ବାରମ୍ବାର ଅଭିଯୋଗ ହେବାରେ ଲାଗିଛି। ଏହିସବୁ ଶ୍ରେଣୀରେ ପଢୁଥିବା ପିଲାମାନେ ଇଂରାଜୀରେ ନିଜ ନାମ ଲେଖିପାରୁନଥିବାବେଳେ ସାଧାରଣ ମିଶାଣ ଫେଡାଣ ମଧ୍ୟ କରିପାରୁ ନାହାନ୍ତି। ତେଣୁ ଶିକ୍ଷାର ମାନ କିଭଳି ବୃଦ୍ଧି ପାଇବ ସେଥିପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି। ଭାରତ ସରକାର ୨୦୪୭ ସୁଦ୍ଧା ବିକଶିତ ଭାରତର ଲକ୍ଷ୍ୟ ରଖିଥିବାବେଳେ ରାଜ୍ୟମାନେ ମଧ୍ୟ ନିଜ ନିଜ ସ୍ତରରେ ଏଥିପାଇଁ ଲକ୍ଷ୍ୟଧାର୍ଯ୍ୟ କରିଛନ୍ତି। ସେହି ଅନୁଯାୟୀ ଓଡ଼ିଶା ସରକାର ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ପାଇଁ ଲକ୍ଷ୍ୟ ରଖିଥିବାବେଳେ ଏଥିପାଇଁ ଶିକ୍ଷା କ୍ଷେତ୍ରକୁ ସର୍ବାଧିକ ଗୁରୁତ୍ୱ ଦିଆଯାଉଛି। ଏହାର ପ୍ରଥମ ପାହାଚ ଭାବେ ରାଜ୍ୟରେ ଶତ ପ୍ରତିଶତ ସାକ୍ଷରତା ଆବଶ୍ୟକ ହେଉଥିବାରୁ ଏବେ ଏହି ଲକ୍ଷ୍ୟ ହାସଲ ପାଇଁ ଖସଡା ପ୍ରସ୍ତୁତ ହେଉଥିବାର ସୂଚନା ମିଳିଛି। (ତଥ୍ୟ)



ଜୀବନ ଅମୃତ ଅନୁଚିନ୍ତା

ଈଶ୍ୱରଙ୍କ ବିସ୍ମୟ-ଯେଉଁ ବିଶ୍ୱବ୍ରହ୍ମାଣ୍ଡର ଅଧିଶ୍ୱରଙ୍କ ବିଶାଳତାକୁ କଳନା କରିବା ସ୍ୱୟଂ ସୃଷ୍ଟିକର୍ତ୍ତାଙ୍କ ପାଇଁ ମଧ୍ୟ ସମ୍ଭବ ନୁହେଁ, ସେ ପୁଣି ସାମାନ୍ୟ ଭକ୍ତି କଣିକା ହୋଇ ଭକ୍ତର ହୃଦୟରେ ବିରାଜମାନ କରନ୍ତି।

SANCHAR
ସଂଚାର

୪ ମଙ୍ଗଳବାର ୫ ନଭେମ୍ବର ୨୦୨୪, ଭୁବନେଶ୍ୱର
Tuesday 5 November 2024 Bhubaneswar


# ମହାନଗରୀ ପ୍ରତି ବିପଦ

ବିଶ୍ୱର ସବୁଠାରୁ ପ୍ରଦୂଷିତ ସହର ବା ମହାନଗରୀ ମଧ୍ୟରେ ଭାରତର ଅଧିକାଂଶ ବଡ଼ ବଡ଼ ନଗରୀ ରହିଛି। ପାକିସ୍ତାନର ଲାହୋର ତାଲିକାର ସର୍ବାଗ୍ରେ ରହିଛି। ରାଜଧାନୀ ଦିଲ୍ଲୀ ମଧ୍ୟ ବିଶେଷ ପଛରେ ପଡ଼ି ନାହିଁ। ଭାରତରେ ସର୍ବାଧିକ ପ୍ରଦୂଷିତ ନଗରୀ ମଧ୍ୟରେ ରହିଛି ଦିଲ୍ଲୀ। ବଡ଼ ବଡ଼ ସହର ଯେଉଁଠାରେ ଜନସଂଖ୍ୟା ଅଧିକ ସେଠାରେ ପରିବେଶ ପ୍ରଦୂଷଣ ଏକ ସ୍ୱାଭାବିକ କଥା। କିନ୍ତୁ ଦିଲ୍ଲୀ ଭଳି ଦେଶର ରାଜନଧାନୀରେ ଏହା ସୀମା ଅତିକ୍ରମ କରିଛି। ମୁମ୍ବାଇରେ ମଧ୍ୟ ପ୍ରଦୂଷଣ ମାତ୍ରା ଅଧିକ। କିନ୍ତୁ ମୁମ୍ବାଇ ସମୁଦ୍ର କୂଳରେ ଅବସ୍ଥିତ ଏକ ନଗରୀ। ତେଣୁ ଏହାର ବାୟୁପ୍ରଦୂଷଣ ପ୍ରାକୃତିକ ଉପାୟରେ ନିୟନ୍ତ୍ରିତ ହୋଇଥାଏ। କିନ୍ତୁ ଦିଲ୍ଲୀ ସମୁଦ୍ରକୂଳଠାରୁ ବହୁ ଦୂରରେ। ନିକଟରେ ବଡ଼ ଜଙ୍ଗଲ ମଧ୍ୟ ନାହିଁ। ଅନ୍ୟ ପକ୍ଷରେ ଦିଲ୍ଲୀ ଚାରିପଟେ ହଜାର ହଜାର ଶିଳ୍ପ କାରଖାନା ପ୍ରତିଷ୍ଠିତ ହୋଇଛି। ତେଣୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ସହିତ ଜଳ ଏବଂ ମୃତ୍ତିକା ପ୍ରଦୂଷଣ ମଧ୍ୟ ବିପଜ୍ଜନକ ସ୍ତରରେ ରହିଛି। ଦିଲ୍ଲୀରେ ପ୍ରବାହିତ ଯମୁନା ନଦୀର ଜଳ ଏତେ ବିଷାକ୍ତ ହୋଇଯାଇଛି ଯେ, ଏହା ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ଏଥିରେ କେବଳ ଫେଣ ଭାସିବା ଦେଖାଯାଉଛି। ପ୍ରତିବର୍ଷ ପରି ଚଳିତ ବର୍ଷ ମଧ୍ୟ ଶୀତଦିନ ଆରମ୍ଭ ହେବା ପୂର୍ବରୁ ଦିଲ୍ଲୀରେ ବାୟୁ ପ୍ରଦୂଷଣ ମାତ୍ରା ବିପଜ୍ଜନକସ୍ତରକୁ ଟପିଛି। କାରଣ ହେଲା ପଞ୍ଜାବ ଭଳି ଉତ୍ତର-ପଶ୍ଚିମ ଭାରତର କିଛି କୃଷି ସମୃଦ୍ଧ ରାଜ୍ୟର ଚାଷୀମାନେ ଜମିରେ ବ୍ୟାପକ ଭାବେ କୃଷି ବର୍ଜ୍ୟ ବସ୍ତୁ ବା ନଡ଼ା ଜାଳିବା କାରଣରୁ ସେଠାରୁ ନିର୍ଗତ ଧୂଆଁ ପବନରେ ଭାସି ଆସି ଦିଲ୍ଲୀର ବାୟୁ ପ୍ରଦୂଷଣକୁ ବୃଦ୍ଧି କରୁଛି। ଏମିତି ଶୀତଦିନେ କୁହୁଡ଼ି ପରିଲକ୍ଷିତ ହୋଇଥାଏ। ଦିଲ୍ଲୀରେ ଯେଉଁ ପେଟ୍ରୋଲ ବା ଡିଜେଲ ଚାଳିତ ଗାଡ଼ି ଚାଲୁଛି ଏବଂ ଦିଲ୍ଲୀ ଉପକଣ୍ଠରେ ଥିବା କଳକାରଖାନାରୁ ଧୂଆଁ ନିର୍ଗତ ହେଉଛି ତାହା ଦିଲ୍ଲୀର ବାୟୁମଣ୍ଡଳକୁ ବିଷାକ୍ତ କରୁଛି। ଶିତଦିନେ ଏହା କୁହୁଡ଼ି ଯୋଗୁଁ ବାୟୁମଣ୍ଡଳର ଅଧିକ ଉପରକୁ ଯାଇପାରେ ନାହିଁ। ଏହା ସହିତ ଶୀତଦିନେ ସବୁସ୍ଥାନରେ ନିର୍ମାଣ କାର୍ଯ୍ୟ ଅଧିକ ହୋଇଥାଏ। ନିର୍ମାଣ କାର୍ଯ୍ୟ ଯୋଗୁଁ ମଧ୍ୟ ବାୟୁ ମଣ୍ଡଳରେ ଧୂଳିକଣାର ମାତ୍ରା ବୃଦ୍ଧି ପାଇଥାଏ। ଏସବୁ ମିଶି ଦିଲ୍ଲୀର ପ୍ରଦୂଷଣମାତ୍ରାକୁ ଅତି ମାତ୍ରାରେ ବୃଦ୍ଧି କରୁଛି। ଏବେ ଦିଲ୍ଲୀରେ ଏକ୍ୟୁଆଇ ୫୦୦ ଟପିଛି। ଦିଲ୍ଲୀରେ ପ୍ରତିବର୍ଷ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି। ମାର୍ଚ୍ଚ ଶେଷ ପର୍ଯ୍ୟନ୍ତ ଏଭଳି ପରିସ୍ଥିତି ଜାରି ରହୁଛି। ଏହାର ତତ୍କାଳ ମୁକାବିଲା ନିମନ୍ତେ କିଛି ପଦକ୍ଷେପ ନିଆଯାଉଛି। କିନ୍ତୁ ଏହା ସ୍ଥାୟୀ ସମାଧାନ ପନ୍ଥା ନୁହେଁ। ବାୟୁ ପ୍ରଦୂଷଣ ରୋକିବାକୁ ଅନେକ ସମୟରେ ଦିଲ୍ଲୀରେ ଗାଡ଼ି ଚଳାଚଳରେ ଅଡ଼ ଇଭନ ନିୟମ କାର୍ଯ୍ୟକାରୀ କରାଯାଏ। ସବୁ ଦିନ ସବୁ ଗାଡ଼ି ଚାଲେ ନାହିଁ। ନମ୍ବର ଆଧାରରେ ଦିନେ ଛାଡ଼ି ଦିନେ ଗାଡ଼ି ଚାଲିଥାଏ। ଇତିମଧ୍ୟରେ ଦିଲ୍ଲୀରେ ଇଭି ଏବଂ ସିଏନଜି ଚାଳିତ ଗାଡ଼ି ସଂଖ୍ୟା ବୃଦ୍ଧି ପାଉଛି। ଡିଜେଲ ଚାଳିତ ଗାଡ଼ି ସଂଖ୍ୟା ଅନେକାଂଶରେ ହ୍ରାସ ପାଇଛି। ଶୀଘ୍ର ଦିଲ୍ଲୀରେ ଡିଜେଲ ଚାଳିତ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। କାରଣ ଏହା ଜନସ୍ୱାସ୍ଥ୍ୟ ପ୍ରତି ଗୁରୁତର ବିପଦ ସୃଷ୍ଟି କରୁଛି। ବାୟୁ ପ୍ରଦୂଷଣ ଯୋଗୁଁ ଦିଲ୍ଲୀରେ ଫୁସଫୁସ ଜନିତ ରୋଗରେ ଆକ୍ରାନ୍ତଙ୍କ ସଂଖ୍ୟା ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ୨୦୨୧ରେ ଡେଲଟା ଭାଇରସ ଯେତେବେଳେ ସକ୍ରିୟ ହେଲା ଏବଂ କୋଭିଡ ମହାମାରୀର ଦ୍ୱିତୀୟ ଲହର ଆସିଲା ସେତେବେଳେ ଦିଲ୍ଲୀରେ ପୋକ ମାଛି ଭଳି ଲୋକେ ପ୍ରାଣ ହରାଇଥିଲେ। ଏହାର କାରଣ ହେଲା ଦିଲ୍ଲୀର ବାୟୁ ପ୍ରଦୂଷଣ। ଏହି କାରଣରୁ ଦିଲ୍ଲୀରେ ମହାମାରୀ ସଂକ୍ରମଣ ଅଧିକ ହେଲା। କିଛି ବର୍ଷ ତଳେ ଦିଲ୍ଲୀର ଫିରୋଜ ଶାହା କୋଟଲା ଗ୍ରାଉଣ୍ଡରେ ଭାରତ-ଶ୍ରୀଲଙ୍କା ଟେଷ୍ଟ ମ୍ୟାଚ ଚାଲୁଥିବା ବେଳେ ବାୟୁ ପ୍ରଦୂଷଣ ମାତ୍ରା ଏତେ ଅଧିକ ହେଲା ଯେ, ଖେଳ ଅଧାରୁ ବନ୍ଦ ରଖିବାକୁ ପଡ଼ିଲା। ଅନେକ ଶ୍ରୀଲଙ୍କା ଖେଳାଳୀ ଅସୁସ୍ଥ ହୋଇ ବାନ୍ତି କଲେ। ଭାରତ ପାଇଁ ଏହା ଥିଲା ଏକ ଲଜ୍ଜାର ବିଷୟ। ଦେଶର ରାଜଧାନୀରେ ଯଦି ଏଭଳି ପରିସ୍ଥିତି ତେବେ ଅନ୍ୟ ସ୍ଥାନରେ କିଭଳି ପରିସ୍ଥିତି ହୋଇଥିବ ତାହା ଅନୁମାନ ଯୋଗ୍ୟ। ଏଥିପାଇଁ ପଞ୍ଜାବରେ ନଡ଼ା ଜାଳିବା ଉପରେ କଟକଣା ଜାରି ହୋଇଥିଲା। କିନ୍ତୁ ଏହା ବିରୋଧରେ ପଞ୍ଜାବର ଚାଷୀମାନେ ଆନ୍ଦୋଳନ କରିବା ହେତୁ ଏହା କାର୍ଯ୍ୟକାରୀ ହୋଇପାରିଲା ନାହିଁ। ଏହା ହେଉଛି ଆମ ଦେଶରେ ରାଜନୀତିର କୁପ୍ରଭାବ। ଏହି ଚାଷୀଙ୍କୁ ପର୍ଯ୍ୟାପ୍ତ କ୍ଷତିପୂରଣ ଦିଆଗଲେ ମଧ୍ୟ ସେମାନେ ଏହାକୁ ଗ୍ରହଣ କଲେ ନାହିଁ। କିଛି ଚାଷୀ ନିୟମ ଅମାନ୍ୟ କରି ଗିରଫ ହେଲେ। କିନ୍ତୁ ଶେଷରେ ଚାଷୀ ଆନ୍ଦୋଳନ ଆଗରେ ସରକାର ମୁଣ୍ଡ ନୁଆଁଇଲେ ଏବଂ ଗିରଫ ଚାଷୀଙ୍କୁ ମୁକ୍ତ କରିବା ସହ ମାମଲା ପ୍ରତ୍ୟାହାର କଲେ ଏବଂ ଆଇନ ପ୍ରତ୍ୟାହାର କଲେ। ଏହା ହେଉଛି ଆମ ଦେଶର ଦୁର୍ଭାଗ୍ୟ। ଦେଶର ବୃହତ୍ତର ସ୍ୱାର୍ଥ ରକ୍ଷା ନିମନ୍ତେ କେହି ବ୍ୟକ୍ତିଗତ ସ୍ୱାର୍ଥ ତ୍ୟାଗ କରିବାକୁ ପ୍ରସ୍ତୁତ ନାହାନ୍ତି। ଦିଲ୍ଲୀ ବାୟୁ ପ୍ରଦୂଷଣର ଏହା ହେଉଛି ମୁଖ୍ୟ କାରଣ। ଏହାର ନିରାକରଣ ବା ସ୍ଥାୟୀ ପ୍ରତିକାର ନିମନ୍ତେ ସରକାରଙ୍କୁ କଠୋର ହେବାକୁ ପଡ଼ିବ। ନଚେତ ଦିନେ ଦିଲ୍ଲୀ ମହାନଗରୀ ଏକ ପରିତ୍ୟକ୍ତ ସହରରେ ପରିଣତ ହେବ। ୨୦୨୧ରେ କୋଭିଡ ମହାମାରୀର ଦ୍ୱିତୀୟ ଲହର ବେଳେ ଦିଲ୍ଲୀ ଏକ ପ୍ରକାର ଶ୍ମଶାନରେ ପରିଣତ ହୋଇଯାଇଥିଲା। କୁଡ଼ କୁଡ଼ ଶବ ଦେଖିବାକୁ ମିଳିଥିଲା। ସଂସ୍କାର କରିବାକୁ ମଧ୍ୟ ସ୍ଥାନାଭାବ ପରିଲକ୍ଷିତ ହେଲା। ଇତିହାସରେ ପଢ଼ିଛୁ ତୈମୁରଲଙ୍ଗ ଦିଲ୍ଲୀ ଆକ୍ରମଣ କରିବା ପରେ ଏହା ଏକ ପ୍ରକାର ଶ୍ମଶାନରେ ପରିଣତ ହୋଇଯାଇଥିଲା। ଯଦି ଦିଲ୍ଲୀରେ ପ୍ରଦୂଷଣ ରୋକିବାକୁ କଡ଼ା ପଦକ୍ଷେପ ନିଆନଯାଏ ତେବେ ଏଭଳି ପରିସ୍ଥିତିର ପୁନରାବୃତ୍ତି ହେବ। ତେଣୁ ସରକାରଙ୍କ ଦାୟିତ୍ୱ ହେଲା ଏହାର ନିରାକରଣ ନିମନ୍ତେ ସବୁ ସମ୍ଭାବ୍ୟ ପଦକ୍ଷେପ ନେବା ଉଚିତ। ଆଉ ବଡ଼ ବଡ଼ ମହାନଗରୀରେ ସମସ୍ତେ ଏକାଠି ନହୋଇ ଭିନ୍ନ ଭିନ୍ନ ସ୍ଥାନରେ ରହିବା ଉଚିତ। ସବୁ ଅଫିସ ବଡ଼ ବଡ଼ ମହାନଗରୀରେ ରହିବାର ଆବଶ୍ୟକତା ନାହିଁ। ଅନେକ ଛୋଟ ବା ମଧ୍ୟମଧରଣର ସହରକୁ ଏହା ସ୍ଥାନାନ୍ତରିତ ହୋଇପାରିବ। ଅନେକ ଛୋଟ ସହରକୁ ବଡ଼ ସହରରେ ପରିଣତ କରାଯାଇପାରିବ। କର୍ଣ୍ଣାଟକ ସରକାର ଏଭଳି ଚିନ୍ତା କରିଛନ୍ତି ଏବଂ ବେଙ୍ଗାଲୁରୁର ସମ୍ପ୍ରସାରଣ ପରିବର୍ତ୍ତେ ରାଜ୍ୟରେ ଆଉ ୩/୪ଟି ବେଙ୍ଗାଲୁରୁ ଭଳି ସହର ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି। ଏବେ ସମୟ ଆସିଛି ଦିଲ୍ଲୀରୁ ଅନେକ ବଡ଼ ବଡ଼ ଅଫିସ ଏବଂ ଶିଳ୍ପ କାରଖାନା ଅନ୍ୟତ୍ର ହଟିଯିବା ଉଚିତ। ଓଡ଼ିଶାରେ ମଧ୍ୟ ପରିସ୍ଥିତିରେ ବିଶେଷ ଫରକ ନାହିଁ। ରାଜ୍ୟରେ ଶିଳ୍ପାୟନ ସହ ସହରାଞ୍ଚଳରେ କଙ୍କ୍ରିଟ ଜଙ୍ଗଲ ବଢ଼ିବାରେ ଲାଗିଛି। ରାଜଧାନୀ ଭୁବନେଶ୍ୱର ଓ କଟକ ଭଳି ସହରରେ ଅବିଚାରିତ ଭାବେ ଗଛ କଟା ଯାଉଛି। ରାସ୍ତା ସମ୍ପ୍ରସାରଣ ନାମରେ ବହୁ ପୁରୁଣା ଗଛ ସବୁ କଟା ଯାଉଛି। ଏହା ସହିତ ଓଡ଼ିଶାରେ ଗାଡ଼ିମୋଟର ସଂଖ୍ୟା ମଧ୍ୟ ବଢ଼ିଚାଲିଛି। ଧୂଳି ଧୂଆଁରେ ବାୟୁ ମଣ୍ଡଳ ପରିପୂର୍ଣ୍ଣ। ତେଣୁ ବାୟୁ ପ୍ରଦୂଷଣ ମାତ୍ରା ଦ୍ରୁତ ଗତିରେ ବଢ଼ୁଛି। ଅନ୍ୟ ପକ୍ଷରେ ଓଡ଼ିଶାରେ ଜଳ ପ୍ରଦୂଷଣ ମାତ୍ରା ଉଦବେଗଜନକ। ଶିଳ୍ପ ବର୍ଜ୍ୟବସ୍ତୁ ପାଣି ମିଶୁଥିବାରୁ ନଦୀ ଜଳ ଏବେ ବ୍ୟବହାର ଉପଯୋଗୀ ହୋଇ ରହିନାହିଁ। ବ୍ରାହ୍ମଣୀ ଏବେ ଭାରତର ସର୍ବାଧିକ ପ୍ରଦୂଷିତ ନଦୀ ଭାବେ ପରିଗଣିତ ହେଉଛି। ପ୍ରଦୂଷଣ ଯୋଗୁ ଜଳବାୟୁ ପରିବର୍ତ୍ତନ ଅନୁଭବ କରାଯାଉଛି। ଏଥିପାଇଁ ପାଣିପାଗରେ ଅସ୍ୱାଭାବିକତା ପରିଲକ୍ଷିତ ହେଉଛି। ଜଙ୍ଗଲ ହ୍ରାସ ଯୋଗୁ ଗ୍ରୀଷ୍ମଦିନେ ତାପମାତ୍ରା ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ଆଉ ବର୍ଷାରେ ମଧ୍ୟ ଅନିୟମିତତା ପରିଲକ୍ଷିତ ହେଉଛି। ଏ ସମ୍ପର୍କରେ ଓଡ଼ିଶାରେ କେହି ଗମ୍ଭିରତାର ସହ ଚିନ୍ତା କରୁନାହାଁନ୍ତି। କିନ୍ତୁ ଦିନ ଆସିବ ଓଡ଼ିଶରେ ମଧ୍ୟ ଦିଲ୍ଲୀ ଭଳି ପରିସ୍ଥିତି ସୃଷ୍ଟି ହେବ।

## ସମ୍ପାଦକଙ୍କୁ ପତ୍ର

### ପୁରୀରେ ଭିତ୍ତିଭୂମି ବିକାଶ

**ମହାଶୟ,**

ଓଡ଼ିଶାର ବୃହତ୍ତମ ପର୍ଯ୍ୟଟନ ଏବଂ ଧାର୍ମିକ କ୍ଷେତ୍ର ହେଉଛି ପୁରୀ। ଏହାକୁ ଓଡ଼ିଶାର ଆଧ୍ୟାତ୍ମିକ ରାଜଧାନୀ ବୋଲି କହିଲେ ଭୁଲ ହେବ ନାହିଁ। କିନ୍ତୁ ଦୁର୍ଭାଗ୍ୟର ବିଷୟ ହେଲା ଏଠାରେ ଭିତ୍ତିଭୂମିର ବିକାଶ ସନ୍ତୋଷଜନକ ହୋଇପାରିନାହିଁ। ୨୦୧୫ରେ ମହାପ୍ରଭୁଙ୍କ ନବକଳେବର ବେଳେ ଯାହା କିଛି ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ଠପ ହୋଇଯାଇଛି। ପୁରୀକୁ ସଡ଼କ ଏବଂ ରେଳପଥରେ ଯୋଗାଯୋଗ ବ୍ୟବସ୍ଥାରେ ଉନ୍ନତି ଆସିଛି। କିନ୍ତୁ ବିମାନ ବନ୍ଦର ନାହିଁ। ଏଥିପାଇଁ ଜମି ଅଧିଗ୍ରହଣ ହୋଇଛି। ଶୀଘ୍ର ଏହାର କାମ ସମ୍ପୂର୍ଣ୍ଣ ହେବା ଉଚିତ। ପୁରୀ ଜିଲ୍ଲା ମୁଖ୍ୟ ହସ୍ପିଟାଲର ଅବସ୍ଥା ଅତି ଖରାପ। ତେଣୁ ରାଜ୍ୟ ସରକାର ପୁରୀରେ ଏକ ମେଡିକାଲ କଲେଜ ପ୍ରତିଷ୍ଠା କରିଛନ୍ତି। କିନ୍ତୁ ଏବେସୁଦ୍ଧା ଏହା ସମ୍ପୂର୍ଣ୍ଣ ହୋଇପାରିଲା ନାହିଁ। ପୁରୀରେ ଏକ ବଡ଼ ଷ୍ଟାଡିୟମ ନିର୍ମାଣ ହେଉଛି। କିନ୍ତୁ ଏହା ବି ସମ୍ପୂର୍ଣ୍ଣ ହୋଇପାରିନି। ମୋହନ ମାଝୀ ସରକାର ପୁରୀ ସହରର ବିକାଶକୁ ପ୍ରାଥମିକତା ଦିଅନ୍ତୁ।

ମାଧବ ଚନ୍ଦ୍ର ମହାସୁଆର, ପୁରୀ

# କଂସ ନେଇଛି ଲାଞ୍ଚ



ପ୍ରସନ୍ନ କୁମାର ପାଇକରାୟ

ବିଶ୍ୱର ସର୍ବବୃହତ ମୁକ୍ତାକାଶ ରଙ୍ଗମଞ୍ଚରେ କୃଷ୍ଣ ଚେତନାକୁ ନେଇ ପୌରାଣିକ ଉପାଖ୍ୟାନ ଉପରେ ପର୍ଯ୍ୟବେସିତ ପଶ୍ଚିମ ଓଡିଶାର ଗଣପର୍ବ ଭାବରେ ଅନୁଷ୍ଠିତ ହୋଇଆସୁଛି ବିଶ୍ୱ ପ୍ରସିଦ୍ଧ ବରଗଡ଼ ଧନୁଯାତ୍ରା। ଏକ ବାର୍ଷିକ ନାଟକ ଭିତିକ ଖୋଲା ରଙ୍ଗମଞ୍ଚ ଯାତ୍ରା ବରଗଡ଼ ପୌରାଞ୍ଚଳର ୭ କିମି ପରିଧି ମଧ୍ୟରେ ଆୟୋଜିତ ଏହି ଯାତ୍ରା ପୃଥିବୀର ବିଶାଳତମ ଖୋଲା ରଙ୍ଗମଞ୍ଚ ଭାବେ ପରିଚିତ। ପୌରାଣିକ କଥାବସ୍ତୁ ହରିବଂଶର ମଥୁରା ବିଜୟକୁ ନାଟ୍ୟ ରୂପାନ୍ତର ଆକାରରେ ମଞ୍ଚସ୍ଥ କରାଯାଇଥାଏ ଏହି ଧନୁଯାତ୍ରାରେ। ଜଣାଯାଏ ୧୯୪୮ ମସିହା ଠାରୁ ଆଜି ପର୍ଯ୍ୟନ୍ତ ପାଳନ ହୋଇ ଆସୁଥିବା ଧନୁଯାତ୍ରା ୧୯୯୮ ମସିହାରେ ସୁବର୍ଣ୍ଣ ଜୟନ୍ତୀ ଆୟୋଜିତ ହୋଇଥିଲା। ସ୍ଥାନୀୟ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଗଠିତ ଏକ କମିଟି ଧନୁଯାତ୍ରା ଆୟୋଜନର ସକଳ ଦାୟିତ୍ୱ ଗ୍ରହଣ କରିଥାଏ। ଏହି ଯାତ୍ରା ପୌଷ ଶୁକ୍ଳ ପଞ୍ଚମୀରୁ ଆରମ୍ଭ ହୋଇ ୧୧ ଦିନ ବ୍ୟାପି ଚାଲେ, ପୌଷ ପୂର୍ଣ୍ଣିମାରେ ଶେଷ ହୁଏ। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ନଭେମ୍ବର ୨୦୧୪ ମସିହା ଠାରୁ ଏହି ଧନୁଯାତ୍ରାକୁ ଜାତୀୟ ମହୋତ୍ସବର ମାନ୍ୟତା ପ୍ରଦାନ କରିଛନ୍ତି। ଏହା ମଧ୍ୟ ଗିନିସ୍ ବୁକ ଅଫ ୱାଲର୍ଡ ରେକର୍ଡ଼ରେ ସ୍ଥାନ ପାଇଛି। ପରମ୍ପରା କ୍ରମେ ଏହି ଧନୁଯାତ୍ରା ପାଇଁ ବରଗଡ଼ ସହର କଂସଙ୍କ ମଥୁରା ପାଲଟୁ ଥିବା ବେଳେ ପୌରାଞ୍ଚଳର ୧୭ ନଂ ୱାର୍ଡ ଅମ୍ବାପାଲିକୁ ଗୋପପୁର ଭାବରେ ପରିକଳ୍ପନା କରାଯାଇଥାଏ। ବରଗଡ଼ ସହରବାସୀ ଓ ଦର୍ଶକ ପାଲଟିଥାନ୍ତି ପ୍ରଜା। ଏହି ଯାତ୍ରାରେ ସମଗ୍ର ଅଞ୍ଚଳ ରଙ୍ଗମଞ୍ଚ ପାଲଟି ଯାଇଥିବା ବେଳେ ଏଠାକାର ପ୍ରତ୍ୟେକ ମଣିଷ ଜଣେ ଜଣେ ଅଭିନେତା ହୋଇ ପୁରାଣ ବର୍ଣ୍ଣିତ ଘଟଣାକୁ ଅଭିନୟ ମାଧ୍ୟମରେ ଉଜାଗର କରିଥାନ୍ତି।ବରଗଡ଼ ଧନୁଯାତ୍ର କେବଳ ଏକ ଯାତ୍ରା ନୁହେଁ ବରଂ ଏହି ଅଞ୍ଚଳର ଅଧିବାସୀଙ୍କ ଭାବାବେଗ ସହିତ ଜଡ଼ିତ। ଧନୁଯାତ୍ରାର ପରିକଳ୍ପନା ଆୟୋଜନ ମହାପୁରୁଷ ଅଚ୍ୟୁତାନନ୍ଦ ଦାସଙ୍କ ପ୍ରଣୀତ ଚିତ୍ତବୋଧ ବା ଚିତ୍ତବିନୋଦ ଗ୍ରନ୍ଥରେ ବିସ୍ତୃତ ଭାବରେ ବର୍ଣ୍ଣିତ ହୋଇଛି। ପୌରାଣିକ କଥାବସ୍ତୁକୁ ନେଇ ଶ୍ରୀକୃଷ୍ଣଙ୍କର ମଥୁରା ଲୀଳାରେ କଂସର ନିପାତ ଧନୁଯାତ୍ରାର ମୁଖ୍ୟ ଉପଜୀବ୍ୟ ଓ ବର୍ଣ୍ଣିତ। ମୁଖ୍ୟ ଚରିତ୍ର କଂସ ମହାରାଜା ଓ କୃଷ୍ଣ ବଳରାମ ,ଦେବକୀ , ବସୁଦେବ ,ଉଗ୍ରେସନ ,ଅକ୍ରୁର ଓ ଗୋପୀମାନେ ନିଜ ନିଜର ଚରିତ୍ରରେ ଅଭିନୟ କରିଥାନ୍ତି। ମହାରାଜା କଂସ ଆୟୋଜନ କରିଛି ଧନୁଯାତ୍ରା। ମାମୁଁ କଂସ ମହାରାଜାଙ୍କ ନିମନ୍ତ୍ରଣରେ କୃଷ୍ଣ ବଳରାମ ଗୋପପୁର ରୁ ମଥୁରା ଯାତ୍ରା



କରିଛନ୍ତି ଧନୁଯାତ୍ରା ଦେଖିବା ପାଇଁ , ରାଜ ଦରବାରରେ ଶ୍ରୀକୃଷ୍ଣଙ୍କର ଦର୍ଶନ ମାତ୍ରେ ମଞ୍ଚରୁ ପଡ଼ି ମୋକ୍ଷ ପ୍ରାପ୍ତି ହୁଏ କଂସ। ଏହାହିଁ ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରାର ସଂକ୍ଷିପ୍ତ ରୂପ। ଯାତ୍ରା ସମୟରେ ପ୍ରତ୍ୟେକ ଅପରାହ୍ନରେ ମହାରାଜା କଂସ ସୁସଜ୍ଜିତ ରଥରେ ବସି ନଗର ପରିଭ୍ରମଣ କରିଥାନ୍ତି। ଧନୁଯାତ୍ରାରେ କଂସର ଦର୍ପ ଅନେକ, ମହାରାଜା କଂସଙ୍କ ଆଦେଶ ଅବମାନନା କଲେ ଯେତେବଡ଼ ପଦ ପଦବୀରେ ଥିଲେ ସୁଦ୍ଧା ଦଣ୍ଡ ଭୋଗିବାକୁ ହୋଇଥାଏ। ମଞ୍ଚରେ କଂସ ଦୋଷ କରିଥିବା ଲୋକଙ୍କୁ ଜୋରିମାନା ସହ ଦଣ୍ଡବିଧାନ ମଧ୍ୟ କରିଥାନ୍ତି। କଂସଙ୍କ ଆଚରଣ ଚର୍ଚ୍ଚା ହୁଏ ସହରର ପ୍ରତ୍ୟେକ ଅଞ୍ଚଳରେ। କଂସ ଭୂମିକାରେ ଅଭିନୟ କରିଥିବା କଳାକାର ମଧ୍ୟରେ ଘନଶ୍ୟାମ ସାହୁ, ଯୁଧିଷ୍ଠିର ଦାସ, ଗୋପାଳ ସାହୁ, ଏବଂ ୨୦୦୮ ମସିହାରୁ ହୃଷିକେଶ ଭୋଇ କଂସ ଭୂମିକାରେ ଅଭିନୟ କରି ଆସୁଛନ୍ତି।

ଆସିବା ମୁଖ୍ୟ ବିଷୟ ବସ୍ତୁକୁ, ବରଗଡ଼ ଧନୁଯାତ୍ରାରେ କଂସ ଭୂମିକାରେ ଅଭିନୟ କରି ସାରା ରାଜ୍ୟରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ହୃଷିକେଶ ଭୋଇଙ୍କୁ ସରକାରୀ ଚାକିରୀରୁ ନିଲମ୍ବିତ କରାଯାଇଛି। ହୃଷିକେଶ ଭୋଇ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗରେ ମହାପ୍ରୟାଣ ଗାଡ଼ିର ଡ୍ରାଇଭର ଭାବେ କାର୍ଯ୍ୟ କରନ୍ତି। କିଛି ଦିନ ତଳେ ସେ ଏକ ମୃତଦେହ ନେଇ ଗାଇସିଲଟ ବ୍ଲକର ବଡ଼ ସାହାଜବାହାଲ ଗାଁକୁ ଯାଇଥିଲେ। ହେଲେ ଚାଳକ ହୃଷିକେଶ ଭଡ଼ା ବାବଦକୁ ୩ ହଜାର ଟଙ୍କା ମାଗିଥିଲେ। ଗ୍ରାମବାସୀ ଓ ପରିବାରବର୍ଗ ବିରୋଧ କରିବା ସତ୍ତ୍ୱେ ହୃଷିକେଶ ଟଙ୍କା ନେବାକୁ ଅଡ଼ି ବସିଥିଲେ। ଶେଷରେ ମୃତକଙ୍କ ସମ୍ପର୍କୀୟ ବାଧ୍ୟ ହୋଇ ଟଙ୍କା ପୈଠ କରିଥିଲେ, ରସିଦ ମାଗିବାରୁ ଦିଆଯାଉ ନ ଥିବା କହି ପଳେଇ ଆସିଥିଲେ। ଏ ନେଇ ପରିବାର ସଦସ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ)ଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଜନ ଅସନ୍ତୋଷ ବୃଦ୍ଧି ପାଇଥିଲା। ଜିଲ୍ଲାପାଳ ଯାଞ୍ଚ ଆଦେଶ ଦେବା ପରେ ଏକ ଟିମ ଗଠନ କରାଯାଇଥିଲା, ଯାହାର ରିପୋର୍ଟ ଉପରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଯାଞ୍ଚ କମିଟି ରିପୋର୍ଟ ଏବଂ ଜିଲ୍ଲାପାଳଙ୍କ ନିର୍ଦ୍ଦେଶାନୁସାରେ ସିଡ଼ିଏମଓ ଡ଼ା ନିରୂପମା ଷଡ଼ଙ୍ଗୀ ଶ୍ରୀ ଭୋଇଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଛନ୍ତି। ଏଠି କଂସ ନେଇଛି ଲାଞ୍ଚ। ଧନୁଯାତ୍ରାର ମୁଖ୍ୟ ଚରିତ୍ର କଂସ ଚରିତ୍ରରେ ଜଣେ କଳାକାରଙ୍କ ଏପରି ଆଚରଣ କୁ ସବୁ ମହଲରୁ ତୀବ୍ର ନିନ୍ଦା କରାଯାଇଛି ।

ସାମ୍ବାଦିକ, ଖୋର୍ଦ୍ଧା
ମୋବାଇଲ୍: ୭୦୦୮୯୩୬୩୭୩

# ବାଜିରେ ଲାଗିଛି ନିରୀହ ଲୋକଙ୍କ ଜୀବନ



ଆଶୁତୋଷ ନାୟକ

ଭାରତରେ ରେଳଯାତ୍ରା ସବୁଠୁ ସୁରକ୍ଷିତଏବଂ ଆରାମଦାୟକ ଏହା ସାଧାରଣଲୋକଙ୍କର ବିଶ୍ୱାସ ରହିଛି। ଏଥିପାଇଁ ଗରିବ ଓ ମଧ୍ୟବିତ୍ତ ବର୍ଗର ଲୋକମାନେ ଟ୍ରେନରେ ଯାତ୍ରା କରିବାକୁ ଅଧିକ ପସନ୍ଦ କରିଥାନ୍ତି। ବସ ଏବଂ ବିମାନଯାତ୍ରା ଅପେକ୍ଷା ଏଥିରେ ଟିକେଟର ମୂଲ୍ୟ ଅପେକ୍ଷାକୃତ କମ ରହିଥାଏ। ସେଥିପାଇଁ ରେଳଯାତ୍ରା କରିବା ପାଇଁ ଲୋକମାନେ ଅଧିକ ପସନ୍ଦ କରିଥାନ୍ତି। ବିଗତ କିଛି ବର୍ଷ ମଧ୍ୟରେ ଛୋଟ, ବଡ଼ ରେଳ ଦୁର୍ଘଟଣା ରେଳଯାତ୍ରୀଙ୍କ ମନରେ ଭୟ ସଂଚାର କରୁଛି। ସୁରକ୍ଷିତ ଭାବେ ନିଜେ ଏବଂ ନିଜର ପରିବାରବର୍ଗ, ଆତ୍ମୀୟସ୍ୱଜନ, ବନ୍ଧୁପରିଜନ ନିଜର ଗନ୍ତବ୍ୟ ସ୍ଥଳରେ ପହଁଛିପାରିବେ ତ?କୌଣସି ଅଘଟଣ ତାଙ୍କ ସହିତ ଘଟିଯିବନି ତ? ଏହିପରି ଅନେକ ଅସୁମାରୀ ପ୍ରଶ୍ନ ଯାତ୍ରୀ ମନ ମଧ୍ୟରେ ଉଙ୍କି ମାରୁଛି। ନିଜର ସୁରକ୍ଷା ପାଇଁ ରେଳଯାତ୍ରୀଙ୍କୁ ସଦାସର୍ବଦା ଚିନ୍ତିତ, ଭୟ ଏବଂ ଆଶଙ୍କା ମଧ୍ୟରେ ରହିବାକୁ ପଡୁଛି। ରେଳଦୁର୍ଘଟଣାକୁ ରୋକିବା ପାଇଁ ସରକାର ଅନେକ ପଦକ୍ଷପ ଗ୍ରହଣ କରିଛନ୍ତି କିନ୍ତୁ ଦୁର୍ଘଟଣାକୁ ରୋକିବାରେ ସରକାର ବିଫଳ ହେଉଛନ୍ତି। ରେଳଦୁର୍ଘଟଣା କମିବାର ନା ଧରୁନି। ପୁଣି ବାରମ୍ବାର ଏହିପରି ଦୁର୍ଘଟଣାର ଲୋକମାନେ ଶିକାର ହେଉଛନ୍ତି। ଟ୍ରେନ ମାନଙ୍କ ମଧ୍ୟ୍ୟରେ ଯେପରି ଧକ୍କା ନହୁଏ ସେଥିଲାଗି ଆଣ୍ଟି କଲିଜନ ଡିଭାଇସି ବା କବଚ ସିଷ୍ଟମର ବ୍ୟାପକ ବ୍ୟବହାରର ଆବଶ୍ୟକତା ରହିଛି।

ଭାରତରେ ହୋଇଥିବା କେତେକ ବଡ଼ ରେଳ ଦୁର୍ଘଟଣାର ଇତିହାସକୁ ଯଦି ଆମେ ଅବଲୋକନ କରିବା ରେଳ ଦୁର୍ଘଟଣାର ପ୍ରକୃତ କାରଣ ପାଖରେ ଆମେ ନିଶ୍ଚିତ ପହଁଞ୍ଚିପାରିବା ଏଥିରେ ସନ୍ଦେହ ର ଅବକାଶ ନାହିଁ। ଯେଉଁ କେତେଟି ହୃଦୟବିଦାରକ ଅତି ଭୟାଭୟ ରେଳ ଦୁର୍ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଥିଲା ସେଥିମଧ୍ୟରୁ ବିହାରର ବାଗମତୀ ନଦୀରେ ହୋଇଥିବା ଦୁର୍ଘଟଣା ଅନ୍ୟତମ। ଏହା ବିଶ୍ୱର ଦ୍ୱିତୀୟ ବୃହତ ରେଳ ଦୁର୍ଘଟଣା। ୧୯୮୧ଜୁନ ୬ତାରିଖରେ ବିହାର ବାଗମତୀ ନଦୀରେ ଖସିପଡ଼ିଥିଲା ଏକ ପାସେଞ୍ଜର ଟ୍ରେନ। ଏଥିରେ ନିର୍ଦ୍ଦିଷ୍ଟ ଭାବେ କେତେଜଣ ଲୋକଙ୍କ ପ୍ରାଣହାନୀ ଘଟିଥିଲା ତାହା ଆଜି ମଧ୍ୟ ରହସ୍ୟ ହୋଇରହିଛି। ସରକାରୀ ତଥ୍ୟ ଅନୁସାରେ ଏହାର ସଠିକ ତଥ୍ୟ ପ୍ରଶାସନ ଆକଳନ କରିବା ଅସମ୍ଭବ ଥିଲା। ଗଣମାଧ୍ୟମର ରିପୋର୍ଟ ଅନୁସାରେ ୭୫୦ରୁ ଉର୍ଦ୍ଧ୍ୱ ଯାତ୍ରୀଙ୍କ ପ୍ରାଣହାନି ଘଟିଥିଲା। ଏହି ଭୟାବହ ଦୁର୍ଘଟଣାର ପ୍ରକୃତ କାରଣ ମଧ୍ୟ ସରକାର ଜାଣିବାକୁ ସକ୍ଷମ ହେଇପାରିନଥିଲେ। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାଇ ଅଚାନକ ଟ୍ରେନ ଲୋକପାଇଲଟ ବ୍ରେକ ମାରିବାରୁ ଏପରି ଘଟିଥିଲା ଏବଂ ଆଉକିଛି ବ୍ୟକ୍ତି ବନ୍ୟା, ବାତ୍ୟାର କାରଣ ଦର୍ଶାଇଥିଲେ।

୧୯୯୫ ଅଗଷ୍ଟ ୨୦ ଉତ୍ତରପ୍ରଦେଶର କାଳିନ୍ଦୀ ଏକ୍ସପ୍ରେସକୁ ଟକ୍କର ଦେଇଥିଲା ପୁରୁଷୋତ୍ତମ ଏକ୍ସପ୍ରେସ। ଏହି ଭୟଙ୍କର ରେଳଦୁର୍ଘଟଣାରେ ୩୦୫ରୁ ଉର୍ଦ୍ଧ୍ୱ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ସରକାରୀ ତଥ୍ୟ ଅନୁସାରେ ଏବଂ ଅନେକ ଲୋକ ଏଥିରେ ଆହତ ହୋଇଥିଲେ। ଏକ ଗାଈକୁ ବଞ୍ଚାଇବାକୁ ଯାଇ ବ୍ରେକ୍ ମାରିଥିଲେ କାଳିନ୍ଦୀ ଏକ୍ସପ୍ରେସର ଲୋକପାଇଲଟ୍। ବ୍ରେକ୍ ଜାମ ହୋଇଯିବା ପରେ ଏହା ଷ୍ଟେସନରେ ଠିଆ ହୋଇଥିଲା ସେତିକିବେଳେ ପୁରୁଷୋତ୍ତମ ଏକ୍ସପ୍ରେସ ପଛରୁ ଆସି ଏହାକୁ ଧକ୍କା ଦେଇଥିଲା। ୧୯୯୮ ମସିହା ନଭେମ୍ବର ୨୬ରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ଓ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲ ମଧ୍ୟରେ ଧକ୍କା ହୋଇଥିଲା ପଞ୍ଜାବର ଖାନ୍ନା ଠାରେ ଏହି ଲୋମହର୍ଷଣକାରୀ ଦୁର୍ଘଟଣା ଘଟିଥିଲା। ରେଳଧାରଣା ଭାଙ୍ଗିଥିବା



ଯୋଗୁଁ ଫ୍ରଣ୍ଟିୟର ଗୋଲଡେନ ଟେମ୍ପୁଲ୍ ମେଲର ୬ଟି ବଗି ଲାଇନଚ୍ୟୁତ ହୋଇଥିଲା। ଠିକ୍ ସେହି ସମୟରେ ଜମ୍ମୁତାଇ - ସିଆଲଦା ଏକ୍ସପ୍ରେସ ପଛରୁ ଆସି ଧକ୍କା ଦେଇଥିଲା। ଏହି ଭୟଙ୍କର ଦୁର୍ଘଟଣାରେ ୨୧୨ଜଣ ନିରୀହ ବ୍ୟକ୍ତିଙ୍କ ଜୀବନ ପ୍ରଦୀପ ଲିଭି ଯାଇଥିଲା ଏବଂ ଅନେକ ଏଥିରେ ଆହତ ହୋଇଥିଲେ। ୧୯୯୯ ମସିହା ଅଗଷ୍ଟ୨ରେ ଘଟିଥିଲା ଏକ ଭୟଙ୍କର ଦୁର୍ଘଟଣା ଯେତେବେଳେ ସବୁ ଯାତ୍ରୀ ବିଶ୍ରାମ ନେଉଥିଲେ ଠିକ୍ ରାତି ୧ ଟା ୩୦ରେ ଘଟିଥିଲା ବଡ଼ ଦୁର୍ଘଟଣା। ଆସାମର ଗୁଆହାଟି ରେ ଅୱଧ - ଆସାମ ଏକ୍ସପ୍ରେସ୍ ଏବଂ ବ୍ରହ୍ମପୁତ୍ର ମେଲ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିଲା।ଏଥିରେ ୨୮୫ରୁ ଉର୍ଦ୍ଧ୍ୱ ନିରୀହ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା ଏବଂ ଅନେକ ବ୍ୟକ୍ତି ଏଥିରେ ଆହାତ ହୋଇଥିଲେ। ତ୍ରୁଟିପୂର୍ଣ୍ଣ ସିଗନାଲ ଯୋଗୁଁ ଏପରି ଭୟାବହ ଦୁର୍ଘଟଣା ଘଟିଥିଲା।

ମାଓବାଦୀଙ୍କ ଆକ୍ରମଣ ଯୋଗୁଁ ୨୦୧୦ମସିହା, ମେ, ୨୮ ତାରିଖରେ ଘଟିଥିଲା ବିରାଟ ବଡ଼ ରେଳ ଦୁର୍ଘଟଣା। ପଶ୍ଚିମବଙ୍ଗର ମେଦିନାପୁର ଜିଲ୍ଲା କ୍ଷମାଶୁଳି ଓ ସାରଦିଆ ମଧ୍ୟରେ ହୋଇଥିଲା ଶକ୍ତିଶାଳୀ ବିସ୍ଫୋରଣ କିମ୍ବା କୌଣସି ଆତ୍ମଘାତୀ କାର୍ଯ୍ୟ ଯୋଗୁଁ ଜ୍ଞାନେଶ୍ୱରୀ ଟ୍ରେନ ଲାଇନଚ୍ୟୁତ ହୋଇଥିଲା। ଫଳରେ ଏକ ମାଲବାହୀ ଟ୍ରେନ ସହିତ ଏହାର ଧକ୍କା ହୋଇଥିଲା। ରାତି ପ୍ରାୟ ସାଢେ ଗୋଟାଏ ସମୟରେ ଟ୍ରେନ ଅଟକିଥିଲା। ଏହି ସମୟରେ ମାଓବାଦୀ ମାନଙ୍କର ବର୍ବରତାର ସମସ୍ତ ସୀମା ଟପି ଯାଇଥିଲା। ସେମାନେ ୧୪୮ଜଣ ନିରୀହ ଯାତ୍ରୀଙ୍କୁ ହତ୍ୟା କରିଥିଲେ। ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରୋର ତଥ୍ୟ ଅନୁସାରେ ୨୦୨୦ପର୍ଯ୍ୟନ୍ତ ଆମଦେଶରେ ଛୋଟ ବଡ଼ ରେଳ ଦୁର୍ଘଟଣାକୁ ମିଶାଇ ୧୩୦୦୦ ଦୁର୍ଘଟଣା ଘଟିଛି ଏବଂ ୧୬୦୦୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ଅକାଳ ବିୟୋଗ ହୋଇଛି। ଦେଶର ଅନେକ ରେଳମନ୍ତ୍ରୀଙ୍କ ସମୟରେ ବଡ଼ ରେଳ ଦୁର୍ଘଟଣା ଘଟିଛି କିନ୍ତୁ କ୍ୱଚିତ କୌଣସି ରେଳମନ୍ତ୍ରୀ ନୈତିକତା ଦୃଷ୍ଟିରୁ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ସବୁଠୁ ଆଗରେ ଅଛନ୍ତି ଆଦର୍ଶ ରାଜନେତା ଲାଲବାହଦ୍ଦୁର ଶାସ୍ତ୍ରୀ।ନଭେମ୍ବର, ୧୯୫୬ ଆରିୟାଲୁରରେ ରେଳ ଦୁର୍ଘଟଣା ଘଟି ୧୪୬ବ୍ୟକ୍ତିଙ୍କ ଅକାଳ ବିୟୋଗରେ ସେ ଗଭୀର ମର୍ମାହତ ହୋଇଥିଲେ ଏବଂ ରେଳମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କର ଉତ୍ତରଦାୟିତ୍ୱ ଓ ନୈତିକତା ଅନ୍ୟ ରାଜନେତାଙ୍କ ପାଇଁ ସଦା ସର୍ବଦା ଆଦର୍ଶ ହୋଇରହିବ। ଏକବିଂଶ ଶତାବ୍ଦୀ ୨୦୨୩ରେ ସବୁଠୁ ବଡ଼ ଭୟଙ୍କର ଲୋମହର୍ଷଣକାରୀ ରେଳ ଦୁର୍ଘଟଣା ଯାହା ସାରା ବିଶ୍ୱକୁ ଆଚମ୍ବିତ କରିଦେଇଥିଲା। ସନ୍ଧ୍ୟା ୭ଟା ସମୟରେ କରମଣ୍ଡଳ ଏକ୍ସପ୍ରେସ ଏବଂ ଯଶୱନ୍ତପୁର -ହାଓଡା ସୁପରଫାଷ୍ଟ ଏବଂ ଏକ ମାଲବାହି ଟ୍ରେନ ମଧ୍ୟରେ ଧକ୍କା ହୋଇଥିଲା। ଏହି ହୃଦୟବିଦାରକ ଲୋମହର୍ଷଣକାରୀ ଭୟଙ୍କର ରେଳଦୁର୍ଘଟଣାରେ ୨୯୦ରୁ ଉର୍ଦ୍ଧ୍ୱ ନିରୀହ ଯାତ୍ରୀଙ୍କ ପ୍ରାଣହାନି ଘଟିଛି ଏବଂ ଅନେକ ଏଥିରେ ଆହତ ହୋଇଛନ୍ତି।

ସଦ୍ୟତମ ରେଳ ଦୁର୍ଘଟଣା ଯାହାକି ଏଇ ବୁଧବାର ୧୧ଅକ୍ଟୋବରରେ ଘଟିଛି। ନର୍ଥଇଷ୍ଟ ଏକ୍ସପ୍ରେସର ୨୧ଟି ବଗି ଲାଇନଚ୍ୟୁତ ହୋଇଛି ବିହାରର ରଘୁନାଥପୁର ଷ୍ଟେସନ ନିକଟରେ। ଏଥିରେ ୬ଜଣ ନିରୀହ ଯାତ୍ରୀଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ୧୦୦ରୁ ଉର୍ଦ୍ଧ୍ୱ ଯାତ୍ରୀ ଏଥିରେ ଆହତ ହୋଇ ବିଭିନ୍ନ ଚିକତ୍ସାଳୟରେ ଚିକିତ୍ସିତ ହେଉଛନ୍ତି। ରେଳବାଇର ପ୍ରାଥମିକ ତଦନ୍ତ ରିପୋର୍ଟ ଅନୁସାରେ ଟ୍ରାକରେ ରହିଥିବା ତ୍ରୁଟି ଯୋଗୁଁ ଏହି ଦୁର୍ଘଟଣା ଘଟିଛି। ଇଞ୍ଜିନିୟରିଂ ବିଭାଗର ଗୁରୁତର ଅବହେଳା ପାଇଁ ଏପରି ଘଟିଛି ବୋଲି ଏହି ରିପୋର୍ଟ ରେ ଉଲ୍ଲେଖ ଅଛି। ଏହି ଦୁର୍ଘଟଣାରେ ସରକାରୀ ରିପୋର୍ଟ ଅନୁସାରେ ରେଳବିଭାଗର ୫୨କୋଟି ଟଙ୍କା କ୍ଷତି ହୋଇଛି।

କେତେକ ଅସାମାଜିକ ତତ୍ତ୍ୱ ମାଓବାଦୀ, ଆତଙ୍କବାଦୀ ନିଜର ମନ୍ଦ ଉଦେଶ୍ୟ ଚରିତାର୍ଥ କରିବା ପାଇଁ ଅନେକ ସମୟରେ ଜାଣିଶୁଣି ଷଡଯନ୍ତ୍ର କରି ପ୍ରତ୍ୟେକ୍ଷ ଏବଂ ପରୋକ୍ଷ ଭାବରେ ଦୁର୍ଘଟଣା ଭଳି ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେଥିପାଇଁ ସମୟ ଆସିଛି ରାଜନୈତିକ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ଉଭୟ ରାଜ୍ୟ ଏବଂ କେନ୍ଦ୍ରସରକାର ମିଳିତ ଉଦ୍ୟମ ଓ ପ୍ରଚେଷ୍ଟା କରିବାକୁ ପଡ଼ିବ, ଯେପରିକି ଭବିଷ୍ୟତରେ ରେଳ ଦୁର୍ଘଟଣା ରୋକାଯାଇପାରିବ। ସମ୍ପୂର୍ଣ୍ଣଭାବେ ଦୁର୍ଘଟଣାକୁ ରୋକାଯାଇ ନପାରିଲେ ମଧ୍ୟ୍ୟ ଏହାକୁ କମ କରାଯାଇ ପାରିବ। ଆଣ୍ଟିକଲିଜନ ଡିଭାଇସି ବା କବଚ ସିଷ୍ଟମ ବହୁଳମାତ୍ରରେ ବ୍ୟବହାର କରାଯାଇ ଅନେକାଂଶରେ ରେଳ ଦୁର୍ଘଟଣାକୁ ରୋକାଯାଇ ପାରିବ। ଟ୍ରେନ ଲୋକପାଇଲଟଙ୍କ ଠାରୁ ଆରମ୍ଭ କରି ସିଗନାଲ ମ୍ୟାନ, ଇଞ୍ଜିନିୟର ପ୍ରଯ୍ୟନ୍ତ ସମସ୍ତ ରେଳବାଇ କର୍ମଚାରୀ ଯେଉଁମାନେ କର୍ତ୍ତବ୍ୟରେ ଅବହେଳା କରୁଛନ୍ତି ସେମାନଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଡ଼ିବ। ସମସ୍ତଙ୍କର ମିଳିତ ସହଯୋଗରେ ରେଳ ଦୁର୍ଘଟଣାକୁ ନିଶ୍ଚିତ ଭାବେ ରୋକାଯାଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ।

ଗୋପାଳପୁର, ବାଲେଶ୍ୱର
ମୋବାଇଲ୍: ୭୦୨୦୬୧୧୩୦୦

# ଆମ ଗାଁ ରାସ୍ତା



ଇଂ ସତ୍ୟନାରାୟଣ ମାଝୀ

ରାସ୍ତା କହିଲେ ସେ ଅଂଚଳର ବିକାଶକୁ ବୁଝାଇଥାଏ। କାରଣ ଗମନାଗମନର ସୁବିଧା ଥିଲେ ହିଁ ଗାଁରୁ ସହରକୁ ଯୋଗାଯୋଗ ହୋଇପାରିଥାଏ।ଯେମିତି କି ଗାଁ ରାସ୍ତାରେ ଗଲା ବେଳେ ନଈ କିମ୍ବା ନାଳଟିଏ ପଡିଲେ ବର୍ଷାଦିନେ ବାଟ ଓଗାଳିଥାଏ। ଆଉ ଯୋଗାଯୋଗ ବିଚ୍ଛିନ୍ନ ହୋଇପଡେ। ଲୋକେ ଶିକ୍ଷାନୁଷ୍ଠାନ,ଡାକ୍ତରଖାନାରୁ ଆରମ୍ଭ କରି ଅନେକ ସରକାରୀ କାର୍ଯ୍ୟରେ ତ ବାଧାହୁଏ ନିଶ୍ଚିତ। ଆହୁରି ମଧ୍ୟ ଚାଷୀ କରିଥିବା ଅମଳ ପରିବା କିମ୍ବା ଅନ୍ୟାନ୍ୟ ଜିନିଷକୁ ବିକ୍ରିବଟା କରିବାରେ ଅସୁବିଧା ସୃଷ୍ଟି ହୋଇଥାଏ।ସ୍ୱାଧୀନତା ପରଠାରୁ ବହୁ ଗାଁରେ ରାସ୍ତା ଓ ପୋଲ ଆଦି ନିର୍ମାଣ ହୋଇଚାଲିଛି। ଭାରତର କୋଣ ଅନୁକୋଣରେ ରାସ୍ତା ନିର୍ମାଣ ଏବେ ବି ଚାଲିଛି।ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ଶାସନ କାଳରେ ଶୁଭାରମ୍ଭ ହୋଇଥିବା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା,ଯାହା ଏ ପର୍ଯ୍ୟନ୍ତ ଯୋଜନାର କାର୍ଯ୍ୟକାରୀ ହୋଇଚାଲିଛି।ଗ୍ରାମାଞ୍ଚଳରେ ପିଚୁରାସ୍ତାରେ ଚାଲିବା ସପ୍ନକୁ ସାର୍ଥକ କରିବାର କାର୍ଯ୍ୟ କରିଥିଲେ।ଏହି ଯୋଜନା ଏମିତି ଭାବେ କାର୍ଯ୍ୟରେ ରୂପାନ୍ତରିତ ହୋଇଥିଲା ଯେ ଯୁଗଯୁଗ ଧରି ସ୍ୱର୍ଗତଃ ବାଜପେୟୀଜୀଙ୍କୁ ଲୋକେ ମନେ ରଖିଥିବେ।

ଗ୍ରାମ୍ୟ ରାସ୍ତାର ଅବସ୍ଥା ଏହା ପୂର୍ବରୁ ନୂଆ ନିର୍ମାଣର ଅପେକ୍ଷାରେ ଥିଲା।ଯଦିଓ ଆଜି ଗାଁରେ ସରକାରଙ୍କର ବିଭିନ୍ନ ଯୋଜନାରେ ଗାଁ ରାସ୍ତା ନିର୍ମାଣ ହୋଇଯାଇଛି।ସମ୍ପ୍ରତି କିଛି ନ ହେଲେ ବି ସହରକୁ ବାହାରିବା ଲାଗି ରାସ୍ତା ତିଆରି ହୋଇଯାଇଛି। ପିଏମ୍‌ଜିଏସ୍‌ୱାଇ, ମନରେଗା ଓ ପଞ୍ଚାୟତ ପାଣ୍ଠିରୁ ରାସ୍ତା ଗାଁଗୁଡ଼ିକରେ ହୋଇଯାଇଛି। କିନ୍ତୁ ଗାଁ ରାସ୍ତାକୁ ନେଇ ପ୍ରକୃତ ଚିତ୍ର ଟିକେ ଅଲଗା ରହିଛି। ବହୁ ଗାଁକୁ ପଶିଗଲେ ନିର୍ମାଣ ହୋଇଥିବା କଂକ୍ରିଟ୍ କିମ୍ବା ରାସ୍ତା ଗୁଡିକର ରକ୍ଷଣାବେକ୍ଷଣରେ ଏତେ ଅବହେଳା ଯେ ଗାଡି ଅତିକ୍ରମ ଯିବାଟା ଅସମ୍ଭବ।ଅନେକେ ଦେଖାଯାଇଛି,ଦୁଇପାର୍ଶ୍ୱରେ ଡ୍ରେନ୍ ନଥିବା କାରଣରୁ ବହୁ ଅଳିଆ ଆବର୍ଜନା ରାସ୍ତାରେ ପଡି ଦୁର୍ଗନ୍ଧ ହେଉଥାଏ। ଟିକେ ନିଛାଟିଆ ରାସ୍ତାକଡରେ ଅଳିଆ ଆବର୍ଜନା ଫୋପାଡିବା ସହିତ ମଳତ୍ୟାଗ ମଧ୍ଯ ହେଉଛି। କିଛି ଜାଗାରେ ରାସ୍ତା ଉପରକୁ ବଡ ବଡ ଘାସ ଉଠିଯାଇଛି।



ଯାହା ଏକା ସାଙ୍ଗରେ ଦୁଇଟି ଗାଡି ଯାଆଆସ ଯାଇପାରୁନି। ରାସ୍ତାରେ ଗଲା ବେଳକୁ ଆହୁରି ନଜର କରିବେ ରାସ୍ତା ଉପରେ କିଛି ଘର ତିଆରି ସାମଗ୍ରୀ ଇଟା, ବାଲି ଓ ଚିପ୍ସ୍ ଆଦି ବର୍ଷ ବର୍ଷ ଧରି ପଡି ରହୁଛି। ଗାଁ ରାସ୍ତାରେ ବାଧା ସାଜିଛି ଏବେ ବମ୍ପର ବା ହମ୍ପସ୍। କିନ୍ତୁ ବେଆଇନ ଭାବରେ ଲୋକେ କିଛି ନ ବୁଝି ମନଇଛା ହମ୍ପସ୍ ତିଆରି କରିଦେଉଛନ୍ତି। ଆହୁରି ମଧ୍ୟ ଅନେକ ଗ୍ରାମାଞ୍ଚଳ ରାସ୍ତା ଗୁଡିକରେ ଭାରିଯାନ ଯାଆଆସ କଲା ପରେ ରାସ୍ତା ଫାଟିଯିବା ସହ ନଷ୍ଟ ହୋଇଯାଉଛି। ସବୁଠାରୁ ବଡ ସମସ୍ୟା ହେଉଛି, ଯଦି ଜଣେ ବାହାରିଆ କଣ୍ଟ୍ରାକରକୁ ରାସ୍ତା ନିର୍ମାଣର କାର୍ଯ୍ୟଭାର ଦିଆଯାଉଛି, ତେବେ ସେ ବେଳେବେଳେ କାର୍ଯ୍ୟଟିକୁ ଯଥାକଥା ନିର୍ମାଣ କରି ଶେଷ କରୁଛି। ଆଉ ଅନେକ ଗାଁର ନିରୀହ ଲୋକଙ୍କର ରାସ୍ତା କିଛିଦିନ ପରେ ନଷ୍ଟ ହେଉଛି। ରାସ୍ତା ଖରାପ ହୋଇ ଖାଲ ହୋଇଯିବା ବର୍ଷା ଦିନଗୁଡିକରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେବା ସ୍ୱାଭାବିକ ଚିତ୍ର।

ବାସ୍ତବରେ ଏ ସବୁକୁ ନେଇ ବହୁ ଛୋଟ ବଡ ଦୁର୍ଘଟଣାମାନ ମଧ୍ୟ ଘଟିଚାଲିଛି। ଆଉ ଏହାର ଶିକାର ହେଉଛନ୍ତି ଅଧିକାଂଶ ନିରୀହ ଜନସାଧାରଣ।ଯେହେତୁ ଗମନାଗମନ ସୁବିଧା ହିଁ ଗାଁର ବିକାଶକୁ ଦୃଷ୍ଟି ଆକର୍ଷଣ କରିଥାଏ।ରାସ୍ତାର ରକ୍ଷଣାବେକ୍ଷଣ କେବଳ ସରକାର ଯେ କରିବ ତାହା ନୁହେଁ। ଆମେ ଜନସାଧାରଣ ଯେ ପର୍ଯ୍ୟନ୍ତ ରାସ୍ତା ରକ୍ଷଣାବେକ୍ଷଣ କଥା ଚିନ୍ତାକରିବା ନାହିଁ,ସେ ପର୍ଯ୍ୟନ୍ତ ଆମର ଏସବୁ ରାସ୍ତା ସମସ୍ୟା ସୃଷ୍ଟି ହେବା ଯଥାର୍ଥ।ପୂର୍ବରୁ ଗାଁର ଯୁବକମାନେ ରାସ୍ତାର ରକ୍ଷାଣବେକ୍ଷଣା ଲାଗି ବହୁ ତତ୍‌ପର ହେଉଥିଲେ।କାହାକୁ ଭରସା ନ କରି ରାସ୍ତାର ମରାମତି କରୁଥିଲେ ଗାଁ ଯୁବକମାନେ। ଅଥବା ସରକାରଙ୍କୁ ଅବଗତ କରାଉଥିଲେ।ସାମ୍ପ୍ରତିକ ପରିସ୍ଥିତିରେ ଗାଁ ରାସ୍ତାର ମରାମତି ଓ ଉନ୍ନତିକରଣ ବହୁ ଜରୁରୀ ରହିଛି। ସହର ସହିତ ଗାଁ ଏତେ ନିର୍ଭରଶୀଳ ଯେ ତାହା ନ ହୋଇପାରିଲେ ବହୁ କାର୍ଯ୍ୟରେ ବାଧା ସୃଷ୍ଟି ହେବା ନିଶ୍ଚିତ।ପ୍ରତ୍ୟେକ ଗାଁ ରାସ୍ତାକୁ ଆମେ ଯେତେ ସୁରକ୍ଷିତ ରଖିବା ସେ ଗାଁର ସମୃଦ୍ଧି ସେତେ ମାତ୍ରାରେ ବଢ଼ିବ। ଯେମିତିକି ଗାଁକୁ ନୂଆ ଲୋକଟି ଆସିଲେ ବି ରାସ୍ତାରେ ଗଲାବେଳେ କୌଣସି ପ୍ରକାର ଅସୁବିଧା ନ ହୋଇ ଖୁସି ହୋଇଯିବ।

ଏକତାଳୀ, ଯଶିପୁର, ମୟୂରଭଞ୍ଜ
ମୋବାଇଲ୍: ୯୪୩୮୫୩୭୦୧୩

# ଖାଇକୁ ଖସିଲା ବସ୍, ୩୬ ମୃତ



**ଡେରାଡୁନ, ୪।୧୧:** ଖାଇକୁ ଖସିଲା ଯାତ୍ରୀବାହୀ ବସ୍। ଏହା ଉତ୍ତରାଖଣ୍ଡର ଅଲ୍‌ମୋଡାର ମାର୍ଚୁଲାରେ ଘଟିଛି ଏଭଳି କିଛି ମର୍ମନ୍ତୁଦ ଘଟଣା। ଏଥିରେ ୩୬ ଜଣଙ୍କ ମୃତ୍ୟୁ ହୋଇଛି। ସେହିପରି ଅନେକ ଆହତ ହୋଇଛନ୍ତି।

ସୂଚନା ମୁତାବକ, ସୋମବାର ଗୌରାଖାଲରୁ ଏକ ବସ୍ ରାମନଗରରୁ ବାହାରିଥିଲା। ଏହି ବସ୍‌ରେ ମୋଟ ୪୫ ଜଣ ଯାତ୍ରୀ ଥିଲେ। ତେବେ ସଲ୍ଟ କୁପି ନିକଟରେ ଡ୍ରାଇଭର ନିୟନ୍ତ୍ରଣ ହରାଇଥିଲେ। ଏହା ପରେ ଏହା ଦେଖୁ ଦେଖୁ ଖାଇକୁ ଖସି ପଡ଼ିଥିଲା। ତେବେ ଦୁର୍ଘଟଣା ସମୟରେ କିଛି ଯାତ୍ରୀ ବସ୍‌ରୁ ବାହାରକୁ ଡେଇଁ ପଡି ଆହତ ହୋଇଥିଲେ। ସେମାନଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେପଟେ ସୂଚନା ମିଳିବା ପରେ ଏସ୍‌ଡିଆର୍‌ଏଫ୍‌ର ୩ଟି ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଜାରି ରଖିଛି। ପୁଲିସ ମଧ୍ୟ ଉଦ୍ଧାର କାର୍ଯ୍ୟରେ ଲାଗିଛି। ଘଟଣାସ୍ଥଳରେ ଜିଲ୍ଲାପାଳ ମଧ୍ୟ ଉପସ୍ଥିତ ଅଛନ୍ତି। ତେବେ ଆଗକୁ ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ସେପଟେ ଏହି ଦୁର୍ଘଟଣାକୁ ନେଇ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଦୁଃଖ ପ୍ରକାଶ କରିଛନ୍ତି। ଆଲମୋଡା ଜିଲ୍ଲାର ମାର୍ଚୁଲାରେ ଘଟିଥିବା ଦୁର୍ଭାଗ୍ୟଜନକ ବସ୍ ଦୁର୍ଘଟଣା ଘଟିଥିବା ନେଇ ଦୁଃଖଦ ଖବର ପାଇଛି। ଉଦ୍ଧାର କାର୍ଯ୍ୟ ଜୋରଦାର କରିବାକୁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି। ଘଟଣାସ୍ଥଳରେ ଏସ୍‌ଡିଆର୍‌ଏଫ୍‌ର ଟିମ୍ ଆହତଙ୍କୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ପହଞ୍ଚାଇଛନ୍ତି। ଯଦି ଆବଶ୍ୟକ ପଡେ ତେବେ ଗୁରୁତର ଥିବା ଯାତ୍ରୀଙ୍କୁ ଏୟାରଲିଫ୍ଟ କରିବାକୁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ Xରେ ପୋଷ୍ଟ କରି ଲେଖିଛନ୍ତି।

ଏହି ଘଟଣା ପରେ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ପୌଡି ଏବଂ ଆଲମୋଡାର ସମ୍ପୃକ୍ତ ଅଞ୍ଚଳରେ ଆର୍ଟିଓ କାର୍ଯ୍ୟକାରିତାକୁ ସ୍ଥଗିତ ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଏବଂ ଆହତମାନଙ୍କୁ ୧ଲକ୍ଷ ଟଙ୍କା ଲେଖାଏଁ ସହାୟତା ପ୍ରଦାନ କରିବାକୁ ସିଏମ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଘଟଣାର ମାଜିଷ୍ଟ୍ରେଟ ତଦନ୍ତ ପାଇଁ କମିଶନର୍ କୁମାଓନ୍ ଡିଭିଜନକୁ ନିର୍ଦ୍ଦେଶ ଦିଆଯାଇଛି।

କାନାଡ଼ାରେ ଖଲସ୍ତାନୀଙ୍କ ଉତ୍ପାତ

# ମନ୍ଦିରରେ ପଶି ଶ୍ରଦ୍ଧାଳୁଙ୍କୁ ପିଟିଲେ



**ଓଟାୱା, ୪।୧୧:** କାନାଡାରେ ପୁଣି ହିନ୍ଦୁ ମନ୍ଦିରକୁ ଟାର୍ଗେଟ୍ କରିଛନ୍ତି ଖଲିସ୍ତାନୀ। ମନ୍ଦିର ଭିତରେ ପଶି ଶ୍ରଦ୍ଧାଳୁଙ୍କୁ ଖଲିସ୍ତାନୀମାନେ ଆକ୍ରମଣ କରିଛନ୍ତି। ତାଙ୍କ ସହ ମାର୍‌ପିଟ୍ ମଧ୍ୟ କରାଯାଇଛି। କାନାଡାର ବ୍ରମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିରରେ ଭକ୍ତଙ୍କ ଉପରେ ଆକ୍ରମଣ ହୋଇଛି। ଏହି ପୂରା ଘଟଣାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ହିନ୍ଦୁ ଫୋରମ୍ କାନାଡା ଏହି ଘଟଣାର ଭିଡିଓକୁ X ହ୍ୟାଣ୍ଡେଲରେ ଶେୟାର କରିଛି। ଏଥିରେ ଖାଲିସ୍ତାନୀଙ୍କ ହାତରେ ହଳଦିଆ ପତାକା ଧରି ମନ୍ଦିର ପରିସରରେ ପଶି ହଙ୍ଗାମା ସୃଷ୍ଟି କରୁଥିବା ଦେଖିବାକୁ ମିଳିଛି। ଏହି ଭିଡିଓରେ କିଛି ଖାଲିସ୍ତାନୀ ହିନ୍ଦୁ ଭକ୍ତଙ୍କୁ ଏକ ଲାଠିରେ ଆକ୍ରମଣ କରୁଥିବା ଦେଖିବାକୁ ମିଳିଛି। ସେପଟେ ମନ୍ଦିର ଭିତରେ ହୋଇଥିବା ଏହି ଆକ୍ରମଣକୁ କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୋ ଓ ସାଂସଦ କଡ଼ା ନିନ୍ଦା କରିଛନ୍ତି। ଜଷ୍ଟିନ୍ ଟ୍ରୁଡୋ କହିଛନ୍ତି, 'ଏଭଳି ଘଟଣାକୁ ବରଦାସ୍ତ କରାଯିବ ନାହିଁ, କାନାଡାରେ ସମସ୍ତଙ୍କର ନିଜର ଧର୍ମ ପାଳନ କରିବାର ଅଧିକାର ରହିଛି।' ସେପଟେ ବ୍ରାମ୍ପଟନର ମେୟର ପ୍ୟାଟ୍ରିକ୍ ବ୍ରାଉନ ଏହି ପୂରା ଘଟଣାକୁ ନେଇ ନିରାଶ ଥିବା କହିଛନ୍ତି। ଧାର୍ମିକ ସ୍ୱାଧୀନତା କାନାଡାର ଏକ ମୌଳିକ ମୂଲ୍ୟ ଅଟେ। ପ୍ରତ୍ୟେକ ବ୍ୟକ୍ତି ତାଙ୍କ ପୂଜା ସ୍ଥାନରେ ନିଜକୁ ସୁରକ୍ଷିତ ଅନୁଭବ କରିବା ଉଚିତ୍। ପୂଜା ସ୍ଥାନ ବାହାରେ କୌଣସି ହିଂସା କାର୍ଯ୍ୟକୁ ମୁଁ ଦୃଢ଼ ନିନ୍ଦା କରୁଛି। ଯେଉଁମାନେ ଦୋଷୀ ସେମାନଙ୍କୁ ଆଇନ ଅନୁଯାୟୀ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ଉଚିତ୍ ବୋଲି ସେ କହିଛନ୍ତି। ବ୍ରମ୍ପଟନରେ ଥିବା ହିନ୍ଦୁ ସଭା ମନ୍ଦିର କମ୍ପ୍ଲେକ୍ସର ଯେଉଁ ଭିଡିଓ ସାମ୍ନାକୁ ଆସିଛି ତାକୁ ଦେଖିବା ପରି ଲାଗୁଛି ଯେ କାନାଡାରେ ଆଇନ ଏବଂ ଶୃଙ୍ଖଳା ଭଳି କିଛି ନାହିଁ। ଖଲିସ୍ତାନୀମାନେ ମନ୍ଦିର ଭିତରେ ହଙ୍ଗାମା କରିବା ବେଳେ ସେଠାରେ କୌଣସି ସୁରକ୍ଷାକର୍ମୀ କିମ୍ବା ପୁଲିସ୍ ଦୃଶ୍ୟମାନ ହେଉନାହାଁନ୍ତି। ଏଭଳି ପରିସ୍ଥିତିରେ କାନାଡା ପୁଲିସ ଖଲିସ୍ତାନୀଙ୍କୁ ସୁରକ୍ଷା ଦେଇଥିବା ନେଇ ଅଭିଯୋଗ ହୋଇଛି। ପ୍ରଶ୍ନ ଉଠିଛି ଯେ ଏତେ ବଡ ଘଟଣା ସତ୍ତ୍ୱେ ପୁଲିସ କାହାକୁ ଗିରଫ କରିନାହିଁ। ଭିଡିଓ ସାମ୍ନାକୁ ଆସିବା ପରେ ମଧ୍ୟ ଅଭିଯୁକ୍ତଙ୍କୁ ଚିହ୍ନଟ କରିବାରେ ପୁଲିସ ସକ୍ଷମ ହୋଇପାରି ନାହିଁ।





# ଆଜି ସ୍ପଷ୍ଟ ହେବ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି

**ୱାଶିଂଟନ, ୪।୧୧:** ଆସନ୍ତାକାଲି ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ। କିଏ ହେବେ ଆମେରିକାର ପରବର୍ତ୍ତୀ ରାଷ୍ଟ୍ରପତି ? ପୁଣି କ୍ଷମତାକୁ ଫେରିବେ କି ଡୋନାଲ୍ଡ ଟ୍ରମ୍ପ ? ନା ବାଜି ମାରିନେବେ ଭାରତୀୟ ବଂଶଦ୍ଭବ କମଲା ହାରିସ। ତାଙ୍କୁ ନେଇ ଜାରି ରହିଛି ନାନା ଚର୍ଚ୍ଚା, ବଢୁଛି ଉତ୍କଣ୍ଠା। ଆମେରିକା ରାଷ୍ଟ୍ରପତି ନିର୍ବାଚନ ପାଇଁ ଆରମ୍ଭ ହୋଇଛି କାଉଣ୍ଟଡାଉନ। ୪୮ ଘଣ୍ଟା ପରେ ହ୍ୱାଇଟ ହାଉସର ବସ୍ କିଏ ହେବ ତାହା ସ୍ପଷ୍ଟ ହେବ। ମତଦାନ ପାଇଁ କ୍ୟାମ୍ପେନର ଡେଡଲାଇନ୍ ପୂର୍ବରୁ ଶକ୍ତି ପ୍ରଦର୍ଶନ ପାଇଁ ଜି ଜାନ୍ ଲଗାଇ ପ୍ରଚାର କରିଛନ୍ତି ଉପରାଷ୍ଟ୍ରପତି ତଥା ଡେମୋକ୍ରାଟିକ୍ ପାର୍ଟିର ରାଷ୍ଟ୍ରପତି ପ୍ରାର୍ଥୀ କମଲା ହାରିସ ଏବଂ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ପୂର୍ବତନ ରାଷ୍ଟ୍ରପତି ତଥା ରିପବ୍ଲିକାନ୍ ପାର୍ଟିର ପ୍ରାର୍ଥୀ ଡୋନାଲ୍ଡ ଟ୍ରମ୍ପ। ଏଥର ନିର୍ବାଚନରେ ବୃହତ ବ୍ୟବଧାନରେ ନିର୍ବାଚନ ଜିଣିବେ ବୋଲି ଦୁଇ ପ୍ରାର୍ଥୀ ଦୃଢ଼ ଆଶାବାଦୀ ରହିଛନ୍ତି । ତେବେ ମ୍ୟାଜିକ୍ ନମ୍ବର ୨୭୦ କିଏ ପାର୍ କରି ହ୍ୱାଇଟ ହାଉସରେ ଏଣ୍ଟ୍ରି ମାରିବେ ତାକୁ ଜନତା ଜନାର୍ଦ୍ଦନ ହିଁ ନିଷ୍ପତ୍ତି ନେଇଛନ୍ତି। ରାଜନୀତି ବିଶାରଦଙ୍କ କହିବା କଥା ଚଳିତ ନିର୍ବାଚନରେ ପେନସଲଭେନିଆ ଏବଂ ମିସଗନ୍ ଏହି ଦୁଇ ରାଜ୍ୟ କିଏ ରାଷ୍ଟ୍ରପତି ରେସ୍ ଜିତିବ ତାହା ନିର୍ଣ୍ଣୟ କରିବେ। ଡେମୋକ୍ରାଟିକ୍ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି ଭାରତୀୟ ବଂଶୋଦ୍ଭବ କମଲା ହାରିସ। ସେପଟେ ରିପବ୍ଲିକାନ ପାର୍ଟିରୁ ପ୍ରାର୍ଥୀ ହୋଇଛନ୍ତି ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଉଭୟଙ୍କ ମଧ୍ୟରେ ହୋଇପାରେ କଡ଼ା ଟକ୍କର। ଆମେରିକାରେ ରାଷ୍ଟ୍ରପତି ନିର୍ବାଚନ ବିଜୟୀ ପାଇଁ ୫୩୮ ଇଲେକ୍ଟୋରାଲ କଲେଜ ଭୋଟରୁ ୨୭୦ ଭୋଟ୍ ସହ ପ୍ରାର୍ଥୀଙ୍କୁ ଅତି କମରେ ତିନିଟି ପ୍ରମୁଖ ରାଜ୍ୟରେ ଜିତିବାକୁ ପଡ଼ିବ।

# ୧୪ ବିଧାନସଭା ଉପନିର୍ବାଚନ ୨୦କୁ ଘୁଞ୍ଚିଲା

**ନୂଆଦିଲ୍ଲୀ, ୪।୧୧:** ଏକାଧିକ ରାଜନୀତିକ ଦଳର ଅନୁରୋଧକ୍ରମେ ଆଜି ଭାରତୀୟ ନିର୍ବାଚନ କମିଶନ ୧୪ଟି ବଧାନସଭା ଆସନ ପାଇଁ ହେବାକୁ ଥିବା ଉପ ନିର୍ବାଚନ ତାରିଖ ବଦଳାଇ ଦେଇଛନ୍ତି। କେରଳ, ପଞ୍ଜାବ ଓ ଉତ୍ତର ପ୍ରଦେଶର ୧୪ଟି ବିଧାନସଭା ଆସନରେ ଆସନ୍ତା ୧୩ ତାରିଖରେ ଭୋଟ ଗ୍ରହଣ ହେବାର ଥିଲା। କିନ୍ତୁ ଏବେ ଏଠାରେ ଉପ ନିର୍ବାଚନ ପାଇଁ ମତଦାନ ନଭେମ୍ବର ୨୦ରେ ଅନୁଷ୍ଠିତ ହେବ। ଭୋଟିଂ ତାରିଖ ବଦଳିଥିଲେ ହେଁ ଗଣତି ଓ ରେଜଲ୍ଟ ପ୍ରକାଶ ତାରିଖ ଅପରିବର୍ତ୍ତିତ ରହିଛି। ମହାରାଷ୍ଟ୍ର ଓ ଝାରଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳ ସହ ଏହି ସବୁ ଆସନର ରେଜଲ୍ଟ ନଭେମ୍ବର ୨୩ରେ ପ୍ରକାଶ ପାଇବ। ନିର୍ବାଚନ କମିଶନଙ୍କ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, କଲପାଥି ରଥୋତ୍ସବମ(ନଭେମ୍ବର ୧୩ରୁ ୧୫), କାର୍ତ୍ତିକ ପୂର୍ଣ୍ଣିମା(ନଭେମ୍ବର ୧୫) ଓ ଶ୍ରୀ ଗୁରୁ ନାନକ ଦେବଙ୍କ ପ୍ରକାଶ ପର୍ବ(ନଭେମ୍ବର ୧୫) ଯୋଗୁ ଏହି ୩ ରାଜ୍ୟ ଉତ୍ସବ ମୁଖର ରହିବ। ଏସବୁ ଛୁଟି ଦିନ ହୋଇଥିବାରୁ ନିର୍ବାଚନ ତାରିଖ ବଦଳାଇବାକୁ ଏକାଧିକ ରାଜନୀତିକ ଦଳ ପ୍ରସ୍ତାବ ଦେଇଥିଲେ। ଉତ୍ସବ ଯୋଗୁ ଭୋଟ ହାର ଉପରେ ମଧ୍ୟ ପ୍ରଭାବ ପଡ଼ିପାରେ ବୋଲି ମଧ୍ୟ ଦଳଗୁଡ଼ିକ ଆଶଙ୍କା କରିଥିଲେ। ଏବେ ସେମାନଙ୍କ ପ୍ରସ୍ତାବକୁ ଗ୍ରହଣ କରି ନିର୍ବାଚନ କମିଶନ ଭୋଟିଂ ତାରିଖ ବଦଳାଇ ଦେଇଛନ୍ତି। ଆସନ୍ତା ୧୩ ତାରିଖରେ ଉତ୍ତର ପ୍ରଦେଶର ୯ଟି, ପଞ୍ଜାବର ୪ଟି ଓ କେରଳର ଗୋଟିଏ ବିଧାନସଭା ଆସନରେ ଉପ ନିର୍ବାଚନ ହେବାର ଥିଲା। ଏବେ ଏହି ଆସନଗୁଡ଼ିକ ପାଇଁ ନଭେମ୍ବର ୨୦ରେ ଭୋଟ ଗ୍ରହଣ ହେବ।

୬ ବର୍ଷ ପରେ ଜମ୍ମୁ-କଶ୍ମୀର ବିଧାନସଭା ଅଧିବେଶନ

# ୩୭୦ ଉଚ୍ଛେଦକୁ ନେଇ ହଙ୍ଗାମା

**ଶ୍ରୀନଗର, ୪।୧୧:** ଦୀର୍ଘ ୬ ବର୍ଷ ପରେ ଜମ୍ମୁ-କଶ୍ମୀର ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭ ହୋଇଛି। ନିକଟରେ ନିର୍ବାଚନ ଓ ସରକାର ଗଠନ ପ୍ରକ୍ରିୟା ଶେଷ ହେବା ପରେ ବିଧାନସଭା ଅଧିବେଶନ ବସିଛି। ହେଲେ ୬ ବର୍ଷ ପରେ ବସିଥିବା ବିଧାନସଭାର ପ୍ରଥମ ଦିନରେ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଛି। ନିୟମ ଅନୁସାରେ, ପ୍ରଥମ ଦିନ ଗୃହରେ ବାଚସ୍ପତି ନିର୍ବାଚନ ହୋଇଥିଲା। ଏନସିର ବରିଷ୍ଠ ନେତା ତଥା ୭ଥରର ବିଧାୟକ ରହିମ ରାଥେର ବାଚସ୍ପତି ଭାବେ ନିର୍ବାଚିତ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ଓ ପ୍ରୋ ଟମ ବାଚସ୍ପତି ମୁବାରକ ଗୁଲ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। କିନ୍ତୁ ଏହାପରେ ଗୃହରେ ପ୍ରବଳ ହଙ୍ଗାମା ହୋଇଛି। ଜମ୍ମୁ-କଶ୍ମୀରରୁ ୨୦୧୯ ଅଗଷ୍ଟ ୫ରେ ଉଚ୍ଛେଦ ହୋଇଥିବା ଧାରା ୩୭୦କୁ ନେଇ ଗୃହରେ ପିଡିପି ଓ ବିଜେପି ବିଧାୟକ ମୁହାଁମୁହିଁ ହୋଇଛନ୍ତି। ପ୍ରଥମ ଦିନରେ ସମସ୍ତଙ୍କୁ ଚକିତ କରି ପିଡିପି ବିଧାୟକ ୱାହିଦ ପାରା ଗୃହରେ ଧାରା ୩୭୦ ଉଚ୍ଛେଦ ବିରୋଧରେ ଗୋଟିଏ ପ୍ରସ୍ତାବ ଆଗତ କରିଥିଲେ। ପୁଣି ଏହାକୁ ଲାଗୁ କରିବାକୁ ସେ ଦାବି କରିଥିଲେ। ତେବେ ବିଜେପିର ବିଧାୟକମାନେ ଏପରି ପ୍ରସ୍ତାବକୁ ଜୋରଦାର ବିରୋଧ କରିଥିଲେ। ତାଙ୍କୁ ନିଲମ୍ବିତ କରିବାକୁ ବାଚସ୍ପତିଙ୍କୁ କହିଥିଲେ। ବାଚସ୍ପତି ରହିମ ରାଥେର ପ୍ରସ୍ତାବ ଗ୍ରହଣ ହୋଇ ନଥିବା କହିଥିଲେ



ମଧ୍ୟ ବିଜେପି ବିଧାୟକମାନେ ହଙ୍ଗାମା ବନ୍ଦ କରି ନଥିଲେ। ପିଡିପି ବିଧାୟକମାନେ ମଧ୍ୟ ସେମାନଙ୍କୁ ବିରୋଧ କରିବାରୁ ପ୍ରବଳ ହଙ୍ଗାମା ଦେଖିବାକୁ ମିଳିଥିଲା। ଶେଷରେ ମାର୍ଶଲ ଆସି ଉଭୟ ପକ୍ଷଙ୍କୁ ଶାନ୍ତ କରାଇବାକୁ ଚେଷ୍ଟା କରିଥିଲେ।

ଧାରା ୩୭୦କୁ ବିଜେପି ପୁଣି ଲାଗୁ କରିବ ବୋଲି ଭାବିବା ନିର୍ବୋଧତାର ପରିଚୟ କହି ସାରିଥିବା ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା ପ୍ରସ୍ତାବ ଆଗତ ସମ୍ପର୍କରେ ଜାଣିଥିବା କହିଛନ୍ତି। ସେ କହିଛନ୍ତି, "ବାସ୍ତବ କଥା ହେଲା ଜମ୍ମୁ-କଶ୍ମୀରର ଲୋକମାନେ ଧାରା ୩୭୦ ଉପରେ ହୋଇଥିବା ନିଷ୍ପତ୍ତିକୁ ଗ୍ରହଣ କରିପାରୁ ନାହାନ୍ତି। ଯଦି ସେମାନେ ଏହାକୁ ଗ୍ରହଣ କରିଥାଆନ୍ତେ, ତା'ହେଲେ ଫଳାଫଳ ଆଜି ଏମିତି ହୋଇ ନଥାଆନ୍ତା।"

ଅବଦୁଲ୍ଲାଙ୍କ କହିବା କଥା ଯେ ବିଧାନସଭାରେ ଆସିଥିବା ପ୍ରସ୍ତାବର କୌଣସି ଗୁରୁତ୍ୱ ନାହିଁ। ଏହା କେବଳ କ୍ୟାମେରାରେ ରହିବା ପାଇଁ ଉଦ୍ୟମ। ଯଦି ଏହା ପଛରେ କିଛି ଉଦ୍ଦେଶ୍ୟ ରହିଥାଆନ୍ତା, ତା'ହେଲେ ପିଡିପି ନିଶ୍ଚିତ ଭାବେ ଆମ ସହ ଆଲୋଚନା କରିଥାଆନ୍ତା। ଜଣେ ବିଧାୟକ ଏପରି ପ୍ରସ୍ତାବ ଆଣିବାର କିଛି ମୂଲ୍ୟ ନାହିଁ ବୋଲି ସେ କହିଛନ୍ତି। ତେବେ ପିଡିପି ମୁଖ୍ୟ ମେହବୁବା ମୁଫତି ଏପରି ଏକ ପ୍ରସ୍ତାବ ବିଧାନସଭାର ପ୍ରଥମ ଦିନରେ ଆଗତ କରିଥିବା ବିଧାୟକ ୱାହିଦଙ୍କୁ ପ୍ରଶଂସା କରିଛନ୍ତି।

ନିର୍ବାଚନ କମିସନଙ୍କ କାର୍ଯ୍ୟାନୁଷ୍ଠାନ

# ମହାରାଷ୍ଟ୍ର ଡିଜିପି ହଟିଲେ



**ମୁମ୍ବାଇ, ୪।୧୧:** ମହାରାଷ୍ଟ୍ର ନିର୍ବାଚନ ପୂର୍ବର ବଡ଼ ନିଷ୍ପତ୍ତି ନେଲେ ନିର୍ବାଚନ କମିଶନର। ବିରୋଧୀଙ୍କ ଅଭିଯୋଗ ପରେ ଆକ୍ସନ ମୁଡ୍‌କୁ ଆସିଲେ ଇସି। ହଟିଲେ ମହାରାଷ୍ଟ୍ର ଡିଜିପି ରଶ୍ମୀ ଶୁକ୍ଲା। ତାଙ୍କ ଟ୍ରାନ୍ସଫର ହୋଇଛି। ପ୍ରକୃତରେ କଂଗ୍ରେସ ସମେତ ଅନ୍ୟାନ୍ୟ ରାଜନୈତିକ ଦଳ ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଅଭିଯୋଗ କରିଥିଲେ। ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନିର୍ବାଚନ ଆୟୋଗ ରଶ୍ମୀ ଶୁକ୍ଲାଙ୍କୁ ମହାରାଷ୍ଟ୍ରର ଡିଜିପି ପଦରୁ ହଟାଇ ତାଙ୍କୁ ବଦଳି କରି ଦିଆଯାଇଛି। ଏହା ସହିତ କ୍ୟାଡରର ପରବର୍ତ୍ତୀ ସବୁଠାରୁ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ଏହି ଦାୟିତ୍ୱ ହସ୍ତାନ୍ତର କରିବାକୁ ଇସି ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ମହାରାଷ୍ଟ୍ରର ଡିଜିପି ଭାବରେ ନିଯୁକ୍ତି ପାଇଁ ଆସନ୍ତାକାଲି (ନଭେମ୍ବର ୫) ଅପରାହ୍ନ ୧ଟା ସୁଦ୍ଧା ତିନିଜଣ ଆଇପିଏସ୍ ଅଧିକାରୀଙ୍କ ଏକ ପ୍ୟାନେଲ୍ ପଠାଇବାକୁ ମଧ୍ୟ ମୁଖ୍ୟ ସଚିବଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସୂଚନାଯୋଗ୍ୟ, ଅକ୍ଟୋବର ୩୧ରେ ମହାରାଷ୍ଟ୍ର କଂଗ୍ରେସ ସଭାପତି ନାନା ପଟୋଲ ମୁଖ୍ୟ ନିର୍ବାଚନ କମିଶନରଙ୍କୁ ଚିଠି ଲେଖି ଡିଜିପି ରଶ୍ମୀ ଶୁକ୍ଲାଙ୍କ ବିରୋଧରେ ଗୁରୁତର ଅଭିଯୋଗ ଆଣିଥିଲେ। ରଶ୍ମୀ ଶୁକ୍ଲା ପୁଣି ବିରୋଧୀ ନେତାଙ୍କ ଫୋନ୍ ଟ୍ୟାପ୍ କରିବାକୁ ନିର୍ଦ୍ଦେଶ ଦେଇଥିବା ସେ ଚିଠିରେ ଉଲ୍ଲେଖ କରିଥିଲେ। ଏଥିପାଇଁ ତାଙ୍କୁ ପଦରୁ ହଟାଯାଉ ବୋଲି ସେ ଦାବି କରିଥିଲେ। ଏହି ଅଭିଯୋଗ ଆସିବା ପରେ ନିର୍ବାଚନ କମିଶନର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ରଶ୍ମୀ ଶୁକ୍ଲାଙ୍କୁ ଡେପୁଟେସନରେ ସଶସ୍ତ୍ର ସୀମା ବଳକୁ ପଠାଇଛନ୍ତି। ମହାରାଷ୍ଟ୍ରର ମହା ବିକାଶ ଆଘାଡି ସରକାର ସମୟରେ ରଶ୍ମୀ ଶୁକ୍ଲା ରାଜ୍ୟ ଗୁଇନ୍ଦା ବିଭାଗର ମୁଖ୍ୟ ଥିଲେ। ସେତେବେଳେ କିଛି ବରିଷ୍ଠ ରାଜନୈତିକ ନେତାଙ୍କ ବେଆଇନ ଭାବେ ଫୋନ୍ ଟ୍ୟାପ୍ କରିବା ଅଭିଯୋଗରେ ତାଙ୍କ ବିରୋଧରେ ତିନୋଟି ମାମଲା ରୁଜୁ ହୋଇଥିଲା। ମୁମ୍ବାଇରେ ଦାଖଲ ହୋଇଥିବା ପ୍ରଥମ ଏଫ୍‌ଆଇଆର୍‌ରେ ସେ ଶିବସେନା (ୟୁବିଟି) ନେତା ସଞ୍ଜୟ ରାଉତ ଏବଂ ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନସିପି) ନେତା ଏକନାଥ ଖାଡସେଙ୍କ ଫୋନକୁ ଟ୍ୟାପ୍ କରିଥିବା ଅଭିଯୋଗ ହୋଇଛି।


# ଲସ୍କର କମାଣ୍ଡର ଉସମାନ ନିହତ

ବିସ୍କୁଟ ସାହାଯ୍ୟରେ ସୁରକ୍ଷା ବାହିନୀକୁ ମିଳିଥିଲା ସଫଳତା

**ଶ୍ରୀନଗର, ୪।୧୧:** ଜମ୍ମୁ-କଶ୍ମୀରରେ ମିଳିଲା ସେନାକୁ ବଡ଼ ସଫଳତା। ସିଆର୍‌ପିଏଫ୍ ଏବଂ ଜମ୍ମୁ-କଶ୍ମୀର ପୁଲିସ ଶନିବାର ଶ୍ରୀନଗରସ୍ଥିତ ଖାନ୍‌ୟାର ଅଞ୍ଚଳରେ ଦିନ ତମାମ ଏକ ମିଳିତ ଅପରେଶନ୍‌ରେ ପାକିସ୍ତାନୀ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବା (ଏଲ୍‌ଇଟି)ର ଟପ୍ କମାଣ୍ଡର ଉସ୍‌ମାନ୍‌ଙ୍କୁ ନିପାତ କରିଥିଲେ। ଏଥିସହ ଏନ୍‌କାଉଣ୍ଟରରେ ଆଉ ଦୁଇ ଜଣ ଆତଙ୍କବାଦୀ ମଧ୍ୟ ନିହତ ହୋଇଥିଲେ। ତେବେ ଏହି ଅପରେସନ୍ ସେନାକୁ ବଡ଼ ସହାୟତା କରିଥିଲା ବିସ୍କୁଟ୍। ବରିଷ୍ଠ ଅଧିକାରୀମାନେ ଆତଙ୍କବାଦୀ ସଙ୍ଗଠନ ଲଶ୍କର-ଇ-ତୋଇବାର କମାଣ୍ଡର ଉସ୍‌ମାନ ବିରୋଧରେ କରାଯାଇଥିବା ଅପରେସ୍‌ରେ ବେଶ୍ ଯତ୍ନବାନ ଥିଲେ। ବୁଲା କୁକୁରମାନେ ଯେପରି ଏହି ଅପରେସନ୍‌ରେ ବାଧା ସୃଷ୍ଟି ନ କରନ୍ତି ସେଥିପାଇଁ ସେମାନେ ବିସ୍କୁଟର ସାହାଯ୍ୟ ନେଇଥିଲେ। ଦୀର୍ଘ ୯ ଘଣ୍ଟା ଧରି ଏହି ଅପରେସନ୍ ଚାଲିଥିଲା। ବୁଲା କୁକୁରମାନେ ଯବାନଙ୍କୁ ଦେଖି ଭୁକିପାରନ୍ତି ବୋଲି ଅନୁମାନ କରି ସେମାନଙ୍କୁ ଶାନ୍ତ କରିବା ପାଇଁ ବିସ୍କୁଟ୍ ଖାଇବାକୁ ଦିଆଯାଇଥିଲା। କୁକୁର ବିସ୍କୁଟ୍ ଖାଉଥିବାବେଳେ ଯବାନମାନେ ପ୍ରାୟ ୩୦ଟି ଘରକୁ ଘେରିଯାଇ ଅପରେସନ୍ ଚଳାଇଥିଲେ ଏବଂ ଶେଷରେ ସଫଳ ହୋଇଥିଲେ। ଆତଙ୍କବାଦୀଙ୍କୁ ହତ୍ୟା କରିଥିଲେ। ଉସମାନ ଜଣେ କୁଖ୍ୟାତ ଆତଙ୍କବାଦୀ ଥିଲା। ୨୦୦୦ ମସିହାରୁ ଜମ୍ମୁ କଶ୍ମୀରରେ ସକ୍ରିୟ ଥିଲା। ସେ ଉପତ୍ୟକା ଅଞ୍ଚଳକୁ ଭଲଭାବେ ଜାଣିଥିଲା। ସେ ଘାଟିରେ ଘଟିଥିବା ଅନେକ ଆତଙ୍କବାଦୀ କାର୍ଯ୍ୟକଳାପରେ ଲିପ୍ତ ଥିଲା। ତେବେ ପାକିସ୍ତାନରେ କିଛି ସମୟ ବିତାଇବା ପରେ ୨୦୧୬-୧୭ ମସିହାରେ ପୁଣି ଜମ୍ମୁ-କଶ୍ମୀରରେ ସେ ଅନୁପ୍ରବେଶ କରିଥିଲା।

ଦିଲ୍ଲୀରେ ପ୍ରଦୂଷଣ ଯନ୍ତ୍ରଣା

# ନିଶ୍ୱାସ ନେବା କଷ୍ଟକର



**ନୂଆଦିଲ୍ଲୀ, ୪।୧୧:** ଦିନକୁ ଦିନ ବଢ଼ି ଚାଲିଛି ପ୍ରଦୂଷଣ। ଦେଶର ରାଜଧାନୀ ଦିଲ୍ଲୀରେ ବିକରାଳ ରୂପ ଧାରଣ କରି ସାରିଲାଣି ବାୟୁ ପ୍ରଦୂଷଣ। ଆଜି ସକାଳୁ ସକାଳୁ ବିଭିନ୍ନ ଅଞ୍ଚଳ ଧୂଆଁମୟ ହେବା ସହ ଧୂଳିର ମୋଟା ଚାଦର ଢ଼ାଙ୍କି ହୋଇ ରହିଥିବା ଦେଖିବାକୁ ମିଳିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ଅନୁଯାୟୀ, ଦିଲ୍ଲୀର ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଅନେକ କ୍ଷେତ୍ରରେ 'ଅତ୍ୟନ୍ତ ନିମ୍ନ' ବର୍ଗରେ ପହଞ୍ଚିଛି।

ଦିଲ୍ଲୀର ଆନନ୍ଦ ବିହାର ସମେତ ବିଭିନ୍ନ କ୍ଷେତ୍ରରେ ଏକ୍ୟୁଆଇ ୪୦୦ ଅତିକ୍ରମ କରିଛି ଯେଉଁଥିପାଇଁ ଲୋକମାନେ ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ନଡ଼ାପୋଡି, ଯାନବାହନ ଏବଂ ଶିଳ୍ପାଞ୍ଚଳରୁ ଧୂଆଁ ନିର୍ଗମନ ହ୍ରାସ ପାଇଥିଲେ ମଧ୍ୟ ନିର୍ମାଣଜନିତ ଧୂଳି ଯୋଗୁ ସହରର ବାୟୁ ମାନ ଗମ୍ଭୀର ସ୍ଥିତିରେ ପହଞ୍ଚିଛି। ପ୍ରଦୂଷଣ ରୋକିବା ପାଇଁ ବିଭିନ୍ନ ପଦକ୍ଷେପ ନିଆଯିବା ସତ୍ତ୍ୱେ ଏହା ବଢ଼ି ଚାଲିଥିବାରୁ ଦିଲ୍ଲୀବାସୀଙ୍କ ଚିନ୍ତା ବଢ଼ିଯାଇଛି। ଲୋକଙ୍କୁ ନିଶ୍ୱାସ ନେବାରେ ମଧ୍ୟ ମୁସକିଲ ରହିଛି। ସେହିପରି ଆଖି ଜଳିବା ସହ ଗଳା ଯନ୍ତ୍ରଣା ଅନୁଭବ କରୁଛନ୍ତି ଲୋକେ। ଦିଲ୍ଲୀର ଆନନ୍ଦ ବିହାର, ଅଶୋକ ବିହାର, ବାୱାନା, ଦ୍ୱାରକା, ଜାହାଙ୍ଗିରପୁରୀ, ମୁଣ୍ଡକା, ଏନଏସଆଇଟି ଦ୍ୱାରକା, ନଜଫଗଡ଼, ନେହେରୁ ନଗର, ପାଟପଡ଼ଗଞ୍ଜ, ପଞ୍ଜାବୀ ବାଗ, ରୋହିଣୀ, ୱାଜିରପୁର ଏବଂ ବିବେକ ବିହାରରେ ବାୟୁର ମାନ ସବୁଠୁ ଖରାପ ରହିଛି । ସକାଳ ୬ଟାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ଆନନ୍ଦ ବିହାରରେ ୪୩୨, ବାୱାନାରେ ୪୦୬, ୱାଜିରପୁରରେ ୪୧୧, ବିବେକ ବିହାରରେ ୪୧୮, ମୁଣ୍ଡାକରେ ୪୦୨ ଏବଂ ଜାହାଙ୍ଗିରପୁରୀରେ ୪୧୨ ରେକର୍ଡ କରାଯାଇଛି।

ଦିଲ୍ଲୀରେ ପୂର୍ବରୁ ଯେତିକି ବାୟୁ ପ୍ରଦୂଷଣ ଥିଲା, ଦୀପାବଳି ପାଳନ ପରେ ତାହା ଯଥେଷ୍ଟ ଅଧିକ ବଢ଼ିଯାଇଛି। ଏକ ସର୍ବେକ୍ଷଣରୁ ଜଣାପଡ଼ିଛି ଯେ ବାୟୁ ଗୁଣବତ୍ତା ଖରାପ ହେବାପରେ ଦିଲ୍ଲୀ-ଏନସିଆରର ଅବସ୍ଥା ପୂରାପୁରି ବିଗିଡ଼ି ଯାଇଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଦ୍ୱାରା ଧାର୍ଯ୍ୟ ମାନଦଣ୍ଡଠାରୁ ୬୫ ପ୍ରତିଶତ ଅଧିକ ରହିଛି ଦିଲ୍ଲୀର ପ୍ରଦୂଷଣ। ଏହି ବାୟୁ ପ୍ରଦୂଷଣ ହେତୁ ଦିଲ୍ଲୀର ପ୍ରାୟ ୬୯ ପ୍ରତିଶତ ପରିବାର ଗଳା ଯନ୍ତ୍ରଣା, କାଶ ସମେତ ବିଭିନ୍ନ ପ୍ରଦୂଷଣ ଜନିତ ରୋଗରେ ପୀଡିତ ଅଛନ୍ତି।

ଏକ ଡିଜିଟାଲ୍ ପ୍ଲାଟଫର୍ମ ଲୋକାଲ୍ ସର୍କଲ୍ ଦ୍ୱାରା କରାଯାଇଥିବା ଏକ ସର୍ଭେରେ ଦିଲ୍ଲୀ-ଏନସିଆରରେ ୨୧,୦୦୦ରୁ ଅଧିକ ବାସିନ୍ଦାଙ୍କ ପ୍ରତିକ୍ରିୟା ସଂଗ୍ରହ କରାଯାଇ ଏହି ଅଞ୍ଚଳର ଜନସଂଖ୍ୟା ଉପରେ ବାୟୁ ପ୍ରଦୂଷଣର ବ୍ୟାପକ ପ୍ରଭାବ ପ୍ରକାଶ ପାଇଛି । ୬୨% ପରିବାରରେ ବାୟୁ ପ୍ରଦୂଷଣ ବୃଦ୍ଧି ହେତୁ ଜଣେ କିମ୍ବା ଅଧିକ ସଦସ୍ୟ ଆଖି ଜଳିବା ପରି ସମସ୍ୟା ଅନୁଭବ କରୁଥିବାବେଳେ ୪୬% ଲୋକ ନାକ ପୋଡ଼ା ଅନୁଭବ କରିଛନ୍ତି।

ଲାହୋରରେ ସାଂଘାତିକ ବାୟୁ ପ୍ରଦୂଷଣ



# ଭାରତକୁ ଦାୟୀ କଲା ପାକିସ୍ତାନ

**ଲାହୋର, ୪।୧୧:** ପାକିସ୍ତାନର ଅନ୍ୟତମ ପ୍ରମୁଖ ସହର ଲାହୋରରେ ବାୟୁ ପ୍ରଦୂଷଣ ଚରମ ସୀମାରେ ପହଞ୍ଚିଛି। ଘନ ଧୂମ କୁହୁଡ଼ି (ସ୍ମଗ) ବଳୟରେ ପୂରା ସହର ଆଚ୍ଛାଦିତ ହେଲାଣି। ସହରର ବାୟୁ ସୂଚକାଙ୍କ ସାଂଘାତିକ ଭାବେ ହ୍ରାସ ପାଇ ୧୦୬୭ରେ ପହଞ୍ଚିଛି। ତେବେ ଲାହୋର ବାୟୁର ଏପରି ଅବସ୍ଥା ପାଇଁ ପାକିସ୍ତାନର ମନ୍ତ୍ରୀ ଭାରତକୁ ଦାୟୀ କରିଛନ୍ତି। ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏକ ମାନକ ଜାରି କରିଛି। ଏହି ମାନକ ଅନୁସାରେ ଗୋଟିଏ ଅଞ୍ଚଳରେ ୨୪ ଘଣ୍ଟା ମଧ୍ୟରେ "ପିଏମ୍ ୨.୫" (ଅତି ସୂକ୍ଷ୍ମ ଧୂଳିକଣା) ୧୫ ମାଇକ୍ରୋଗ୍ରାମରୁ ଅଧିକ ହେଲେ ସେହି ଅଞ୍ଚଳର ବାୟୁ ପ୍ରଦୂଷିତ ବୋଲି ଗ୍ରହଣ କରାଯିବ। ତେବେ ପାକିସ୍ତାନର ଦ୍ୱିତୀୟ ବୃହତ୍ତମ ସହର ଲାହୋରରେ "ପିଏମ୍ ୨.୫"ର ମାତ୍ରା ଗତ ୨୪ ଘଣ୍ଟା ମଧ୍ୟରେ ୬୧୦ରେ ପହଞ୍ଚିଛି। ଫଳରେ ସମଗ୍ର ସହର ଘନ ଧୂମ୍ର କୁହୁଡ଼ି ବଳୟରେ ଆଚ୍ଛାଦିତ ହୋଇ ରହିଛି। ବାୟୁର ମାନ ଅତି ସାଂଘାତିକ ସ୍ତରରେ ପହଞ୍ଚିବାରୁ ଲୋକଙ୍କୁ ନିଶ୍ୱାସ ନେବାରେ କଷ୍ଟ ହେଉଛି।

ରେକର୍ଡ ଭାଙ୍ଗୁଥିବା ପ୍ରଦୂଷଣ କାରଣରୁ ଲାହୋର କର୍ତ୍ତୃପକ୍ଷ "ଗ୍ରୀନ ଲକଡାଉନ୍" ଘୋଷଣା କରିଛନ୍ତି। ସୋମବାରଠାରୁ ଏକ ସପ୍ତାହ ପାଇଁ ସ୍କୁଲ ଛୁଟି ଘୋଷଣା କରାଯିବା ସହିତ ଉଭୟ ସରକାରୀ ଏବଂ ବେସରକାରୀ କମ୍ପାନୀର ୫୦ ପ୍ରତିଶତ କର୍ମଚାରୀଙ୍କୁ ଘରେ ରହି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିଭିନ୍ନ ନିର୍ମାଣ କାର୍ଯ୍ୟ ଏବଂ ଖୋଲାସ୍ଥାନରେ ରୋଷେଇ କରୁଥିବା ରେଷ୍ଟୁରାଣ୍ଟ ଏବଂ ହୋଟେଲଗୁଡ଼ିକୁ ମଧ୍ୟ ସାମୟିକ ଭାବେ ବ୍ୟାନ କରାଯାଇଛି। ତେବେ ଲାହୋରରେ ପ୍ରଦୂଷଣ ସମସ୍ୟାର ସମାଧାନ ପାଇଁ ଭାରତ ସହ କଥାବାର୍ତ୍ତା କରିବାକୁ ପଡ଼ିବ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରତିକ୍ରିୟା ରଖିଛନ୍ତି ପାକିସ୍ତାନ-ପଞ୍ଜାବର ଜଣେ ମନ୍ତ୍ରୀ ମାରିୟମ ଔରଙ୍ଗଜେବ। ସେ କହିଛନ୍ତି, 'ଭାରତ ସହ ଆଲୋଚନା ବିନା ପ୍ରଦୂଷଣଜନିତ ସମସ୍ୟାର ସମାଧାନ ଅସମ୍ଭବ।' ଏହା ସହିତ ସେ ଲାହୋରବାସୀଙ୍କୁ ନିହାତି ଆବଶ୍ୟକ ନଥିଲେ ବାହାରକୁ ନବାହାରିବା ପାଇଁ ଅନୁରୋଧ କରିଛନ୍ତି। ପଞ୍ଜାବର ଅନ୍ୟଜଣେ ଅଧିକାରୀ ରାଜା ଜାହାଙ୍ଗୀର ଅନୱର କହିଛନ୍ତି, 'ଭାରତରେ ନଡ଼ା ଜଳିବା- ବାୟୁ ପ୍ରଦୂଷଣର ପ୍ରମୁଖ କାରଣ।'

# ରଣଜୀ ଟ୍ରଫି ପରେ ସନ୍ୟାସ ନେବେ ରିଦ୍ଧିମାନ

**ନୂଆଦିଲ୍ଲୀ, ୪।୧୧:** ଭାରତୀୟ କ୍ରିକେଟ ଟିମର ୱିକେଟ କିପର ରିଦ୍ଧିମାନ ଶାହା ଘୋଷଣା କରିଛନ୍ତି ଯେ ସେ ଚଳିତ ବର୍ଷ ୨୦୨୪-୨୫ ରଣଜୀ ଟ୍ରଫି ସିଜନ ପରେ ସେ କ୍ରିକେଟରୁ ଅବସର ନେବେ ଏବଂ ତାଙ୍କର ୧୭ ବର୍ଷର କ୍ୟାରିୟରକୁ ଶେଷ କରିବେ। ଶାହା ବର୍ତ୍ତମାନ ବେଙ୍ଗାଲୁରୁର କର୍ନାଟକ ବିପକ୍ଷ ଚତୁର୍ଥ ରାଉଣ୍ଡ ମ୍ୟାଚ ପାଇଁ ପ୍ରସ୍ତୁତିରେ ବ୍ୟସ୍ତ ଅଛନ୍ତି। ସୋସିଆଲ ମିଡିଆରେ ସେ ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛନ୍ତି। ସେ ଟୁଇଟରରେ ଲେଖିଛନ୍ତି ଯେ, କ୍ରିକେଟରେ ଏକ ସ୍ମରଣୀୟ ଯାତ୍ରା ପରେ ଏହା ମୋର ଶେଷ ସିଜନ ହେବ। ବଙ୍ଗଳା ପକ୍ଷରୁ ରଣଜୀ ଟ୍ରଫିରେ ଖେଳୁଥିବାବେଳେ ଅବସର ନେବା ମୋ ପାଇଁ ଗୌରବର ବିଷୟ। ଚାଲ ଏହି ସିଜନକୁ ସ୍ୱତନ୍ତ୍ର କରିବା।

୨୦୨୨-୨୩ରେ ବଙ୍ଗଳା ଦଳ ସହ ବିବାଦ ହେତୁ ୩୯ ବର୍ଷୀୟ ଶାହା ଦଳରୁ ନିଜକୁ ଦୂରେଇ ରଖିଥିଲେ। କ୍ରିକେଟ ଆସୋସିଏସନ ଅଫ ବେଙ୍ଗଲ (କ୍ୟାବ) ସଚିବ ଦେବବ୍ରତ ଦାସ ତାଙ୍କୁ ଖେଳରୁ ନିବୃତ୍ତ କରିବା ପାଇଁ ବାହାନା କରିଥିବା ଅଭିଯୋଗ କରିଥିଲେ। କିନ୍ତୁ ଏହି ସିଜନରେ ଶାହା ଦଳକୁ ଫେରି ରଣଜୀ ଟ୍ରଫିର ପ୍ରଥମ ଦୁଇଟି ମ୍ୟାଚ ଖେଳିଥିଲେ।



ଶାହା ଭାରତ ପାଇଁ ୪୦ଟି ଟେଷ୍ଟ ଖେଳି ୧୩୫୩ ରନ ସ୍କୋର କରି ତିନୋଟି ଶତକ ଏବଂ ଛଅ ଅର୍ଦ୍ଧଶତକ ହାସଲ କରିଛନ୍ତି। ସେ ଦୀର୍ଘ ସମୟ ଧରି ଟିମ ଇଣ୍ଡିଆ ସହିତ ଜଡିତ ରହିଥିଲେ, କିନ୍ତୁ ଋଷଭ ପନ୍ତଙ୍କ ଆଗମନ ସହିତ ଦଳରେ ସ୍ଥାନ ପାଇବା ତାଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡିଥିଲା, ଯଦିଓ ସେ ଅନେକ ଥର ଦ୍ୱିତୀୟ ୱିକେଟ କିପର ଭାବରେ ଅନ୍ତର୍ଭୁକ୍ତ ହୋଇଥିଲେ। ସେ ଶେଷ ଥର ପାଇଁ ଡିସେମ୍ବର ୨୦୨୧ରେ ଭାରତ ପାଇଁ ଖେଳିଥିଲେ ଏବଂ ୨୦୨୩ରେ କେନ୍ଦ୍ରୀୟ ଚୁକ୍ତିରୁ ମୁକ୍ତ ହୋଇଥିଲେ।

ଆଇପିଏଲ ୨୦୨୫ ନିଲାମ ପୂର୍ବରୁ ଗୁଜୁରାଟ ଟାଇଟାନ୍ସ ତାଙ୍କୁ ରିଟେନ କରି ନାହିଁ। ୨୦୦୮ରୁ ପ୍ରତି ସିଜନରେ ଆଇପିଏଲରେ ଖେଳିଥିବା ଅଳ୍ପ କିଛି ଖେଳାଳିଙ୍କ ମଧ୍ୟରୁ ଶାହା ଅନ୍ୟତମ। ସେ ଏହା ପୂର୍ବରୁ ସନରାଇଜର୍ସ ହାଇଦ୍ରାବାଦ, ଚେନ୍ନାଇ ସୁପର କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ ଏବଂ ପଞ୍ଜାବ କିଙ୍ଗ୍ସ ପାଇଁ ମଧ୍ୟ ଖେଳିଛନ୍ତି। ୨୦୧୪ ଫାଇନାଲରେ, ଯେତେବେଳେ ପଞ୍ଜାବ କିଙ୍ଗସ ରନର୍ସଅପ ଶେଷ କଲା, ଶାହା ୫୫ ବଲରୁ ଅପରାଜିତ ୧୧୫ସ୍କୋର କରି ଏକ ଐତିହାସିକ ଶତକ ହାସଲ କରିଥିଲେ।



ପରାଜୟରୁ ଆରମ୍ଭ ହେଲା ରିଜୱାନଙ୍କ କ୍ୟାପ୍ଟେନ୍ସି

# ଅଷ୍ଟ୍ରେଲିଆଠାରୁ ହାରିଲା ପାକିସ୍ତାନ

**ମୁମ୍ବାଇ, ୪।୧୧:** କ୍ୟାପ୍ଟେନ ବଦଳିଥିଲେ ହେଁ ଦିନିକିଆରେ ବଦଳିନି ପାକିସ୍ତାନର ଭାଗ୍ୟ। ମହମ୍ମଦ ରିଜୱାନଙ୍କ କ୍ୟାପ୍ଟେନ୍ସିରେ ପାକିସ୍ତାନ ପ୍ରଥମ ଥର ପାଇଁ ଦିନିକିଆ ମ୍ୟାଚ୍ ଖେଳୁଥିବା ବେଳେ ଦଳକୁ ହାରିବାକୁ ପଡ଼ିଛି। ଆଜି ପାକିସ୍ତାନକୁ ୨ ୱିକେଟରେ ହରାଇ ଦେଇଛି ଅଷ୍ଟ୍ରେଲିଆ। ମେଲବର୍ଣ୍ଣ ଗ୍ରାଉଣ୍ଡରେ ଖେଳା ଯାଉଥିବା ପ୍ରଥମ ଦିନିକିଆକୁ ଜିତି ଘରୋଇ ଅଷ୍ଟ୍ରେଲିଆ ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ୧-୦ରେ ଆଗୁଆ ହୋଇଯାଇଛି। ବିଶ୍ୱକପ ପରେ ବାବାର ଆଜମ କ୍ୟାପ୍ଟେନ ପଦରୁ ଇସ୍ତଫା ଦେବା ପରେ ନିକଟରେ ମହମ୍ମଦ ରିଜୱାନଙ୍କୁ ଏହି ପଦ ମିଳିଥିଲା। ସେ ଅଷ୍ଟ୍ରେଲିଆ ବିପକ୍ଷ ସିରିଜରୁ ନିଜର କ୍ୟାପ୍ଟେନ୍ସି ଆରମ୍ଭ କରିଛନ୍ତି। ହେଲେ ପ୍ରଥମ ମ୍ୟାଚ୍‌ରେ ଦଳକୁ ହାରିବାକୁ ପଡ଼ିଛି। ଏଥିସହ ଅଷ୍ଟ୍ରେଲିଆ ମାଟିରେ ୭ ବର୍ଷ ହେଲା ପ୍ରଥମ ବିଜୟ ପାଇଁ ପାକିସ୍ତାନ କରିଥିବା ଅପେକ୍ଷା ଆହୁରି ଲମ୍ବିଛି। ଦଳ ଶେଷଥର ପାଇଁ ସମାନ ଗ୍ରାଉଣ୍ଡରେ ୨୦୧୭ ଜାନୁଆରୀ ୧୫ରେ ଜିତିଥିଲା। ସେବେଠାରୁ ପାକିସ୍ତାନ କୌଣସି ଦିନିକିଆ ମ୍ୟାଚ୍ ଅଷ୍ଟ୍ରେଲିଆ ମାଟିରେ ଜିତିବାକୁ ସକ୍ଷମ ହୋଇନାହିଁ। ଅଷ୍ଟ୍ରେଲିଆ ଦମଦାର ବିଜୟ ସହ ପାକିସ୍ତାନ ବିପକ୍ଷରେ ନିଜର ଦିନିକିଆ ସିରିଜ ଅଭିଯାନ ଆରମ୍ଭ କରିଛି। ଅଧିନାୟକ ପାଟ କମିନ୍ସ ମ୍ୟାଚ ବିଜୟୀ ଇନିଂସ ଖେଳି ଶେଷ ଭାଗରେ ପାକିସ୍ତାନ ସୃଷ୍ଟି କରିଥିବା ବିପଦକୁ ଟାଳି ଦେଇଛନ୍ତି। ପାକିସ୍ତାନ ଦେଇଥିବା ୨୦୪ ରନର ଟାର୍ଗେଟକୁ ପିଛା କରୁଥିବା ଅଷ୍ଟ୍ରେଲିଆ ୧୮୫ ରନରେ ୮ ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ହେଲେ ପାଟ କମିନ୍ସ ଅପରାଜିତ ୩୨ ରନର ଇନିଂସ ଖେଳି ଦଳକୁ ୯୯ ବଲ ପୂର୍ବରୁ ୨ ୱିକେଟରେ ବିଜୟ ଭେଟି ଦେଇଛନ୍ତି। ଦଳ ପାଇଁ ଷ୍ଟିଭ ସ୍ମିଥ ୪୪ ଓ ଜୋଶ ଇଙ୍ଗଲିସ ୪୯ ରନର ଇନିଂସ ଖେଳିଥିଲେ ହେଁ ଶେଷ ଭାଗରେ ପାକିସ୍ତାନ ବାଉନ୍ସ ବ୍ୟାକ କରିଥିଲା। କିନ୍ତୁ କମିନ୍ସ ସେସବୁକୁ ପଣ୍ଡ କରି ପାକିସ୍ତାନକୁ ବିଜୟ ସ୍ୱାଦ ଚାଖିବାକୁ ଦେଇ ନାହାନ୍ତି। ତେବେ ବୋଲିଂରେ ୩ ୱିକେଟ ନେଇଥିବା ମିଚେଲ ଷ୍ଟାର୍କଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ମିଳିଛି।

# ଆଇଆଇଟି ଭୁବନେଶ୍ୱର ପକ୍ଷରୁ କ୍ରୀଡ଼ା ମହୋତ୍ସବ ଅଶ୍ୱମେଧ

**ଭୁବନେଶ୍ୱର, ୪।୧୧:** ଭାରତୀୟ ପ୍ରଦ୍ୟୋଗିକ ସଂସ୍ଥାନ (ଆଇଆଇଟି) ଭୁବନେଶ୍ୱରର ବାର୍ଷିକ କ୍ରୀଡା ମହୋତ୍ସବ 'ଅଶ୍ୱମେଧ' ୨ ରୁ ୩ ନଭେମ୍ବର ୨୦୨୪ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଅଶ୍ୱମେଧର ଚତୁର୍ଥ ସଂସ୍କରଣରେ ଫୁଟଫଲର ଏକ ଅନ୍ତର୍ଭୁକ୍ତି, ପ୍ରତିଯୋଗିତା, ଇଭେଣ୍ଟ ଏବଂ ଇ-କ୍ରୀଡ଼ାର ଆୟୋଜନ ଏହାକୁ ଓଡିଶାର ସବୁଠାରୁ ବଡ କଲେଜସ୍ତରୀୟ କ୍ରୀଡ଼ା ଉତ୍ସବରେ ପରିଣତ କରିଥିଲା। ଏହି ଉତ୍ସବରେ ବାସ୍କେଟବଲ୍, ଟେବୁଲ୍ ଟେନିସ୍, ଲନ୍ ଟେନିସ୍, ଚେସ୍, ଭାରୋତ୍ତୋଳନ, ଫୁଟବଲ୍, ଭଲିବଲ୍, ବ୍ୟାଡମିଣ୍ଟନ୍ ଏବଂ ଅନ୍ୟାନ୍ୟ କ୍ରୀଡା ଅନ୍ତର୍ଭୁକ୍ତ ହୋଇଥିଲା, ଯାହା ପୂର୍ବ ଜୋନର ପ୍ରାୟ ୨୩ ଟି କଲେଜ ଏବଂ ଶିକ୍ଷାନୁଷ୍ଠାନର ୭୫୦ ରୁ ଅଧିକ ଖେଳାଳିଙ୍କ ଅଂଶଗ୍ରହଣର ସାକ୍ଷୀ ରହିଥିଲା। ଆଇଆଇଟି ଭୁବନେଶ୍ୱର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ୍ କରମଲକର ଉଦ୍ଘାଟନୀ ସମାରୋହରେ ଯୋଗ ଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ସେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର କ୍ରୀଡ଼ା ମନୋଭାବ ବଜାୟ ରଖିବାକୁ ଉତ୍ସାହିତ କରିଥିଲେ। ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଡିନ୍-ଛାତ୍ର ବ୍ୟାପାର ପ୍ରଫେସର ରାଜେଶ ରୋଶନ ଦାଶ, ଷ୍ଟୁଡେଣ୍ଟ ଜିମଖାନାର ସଭାପତି ଡକ୍ଟର କୋଦଣ୍ଡରାମ ମଙ୍ଗିପୁଡି ଏବଂ ଫ୍ୟାକଲ୍ଟି ଆଡ଼ଭାଇଜର-ସ୍ପୋର୍ଟ୍ସ ଆଣ୍ଡ୍ ଗେମ୍ସ ଡକ୍ଟର ବଙ୍କିମ ଚନ୍ଦ୍ର ମଣ୍ଡଳ ମଧ୍ୟ ଯୋଗ ଦେଇଥିଲେ। ଫେଷ୍ଟର ମୁଖ୍ୟ ସଂଯୋଜକ ଶ୍ରୀ ଅଭିଷେକ ଜାଖର ଏହି କାର୍ଯ୍ୟକ୍ରମକୁ ସଫଳତାର ସହ ସଂଯୋଜନା କରିଥିଲେ। ସୂଚନାଯୋଗ୍ୟ ଯେ ପୂର୍ବ ବର୍ଷ ପରି ଆଇଆଇଟି ଭୁବନେଶ୍ୱର ମଧ୍ୟ ଦୁଇ ଦିନିଆ ଇଭେଣ୍ଟ ଶେଷରେ ଚାମ୍ପିଅନସିପ୍ ଟ୍ରଫି ବଜାୟ ରଖିଥିଲେ।



## ଆଇଟିଏଫ୍ ଏମ୍୨୫ ଆରମ୍ଭ

# ଦେବାଶିଷ, ଆଦିତ୍ୟ ବିଦା

**ଭୁବନେଶ୍ୱର, ୪।୧୧:** ପ୍ରଥମ ଥର ପାଇଁ ଓଡ଼ିଶା ଟେନିସ୍ ସଂଘ (ଓଟିଏ) ପକ୍ଷରୁ ଆଇଟିଏଫ୍ ବିଶ୍ୱ ଟେନିସ୍ ଟୁର୍ ମେନ୍ସ ୨୫,୦୦୦ ଡଲାର୍ ପୁରସ୍କାର ରାଶି ବିଶିଷ୍ଟ ପ୍ରତିଯୋଗିତା ରବିବାର ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ପ୍ରଥମ ଦିନରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳାଯାଇଥିଲା ବେଳେ ମଙ୍ଗଳବାରଠୁ ମୁଖ୍ୟ ପର୍ଯ୍ୟାୟ ଆରମ୍ଭ ହେବ। ଓଡ଼ିଶା କ୍ରୀଡ଼ା ବିଭାଗ ସହଯୋଗରେ ଅନୁଷ୍ଠିତ ହେବାକୁ ଯାଉଥିବା ଏହି ପ୍ରତିଯୋଗିତାରେ ଭାରତ ସମେତ ୧୧ ଦେଶରୁ ମୋଟ ୮୮ ଜଣ ପେସାଦାର ଖେଳାଳି ଅଂଶଗ୍ରହଣ କରିଛନ୍ତି। ଓଡ଼ିଶାରୁ ୩ ଜଣ ୧୩୩୦ ମାନ୍ୟତାପ୍ରାପ୍ତ କବିର ହଂସଙ୍କ ସହ ପ୍ରତ୍ୟୁଷ ମହାନ୍ତି, ଅମୃତଜୟ ମହାନ୍ତି ସିଧାସଳଖ ମୁଖ୍ୟ ପର୍ଯ୍ୟାୟରେ ଖେଳିବେ। ୱାଇଲ୍ଡ କାର୍ଡ ପାଇ ଯୋଗ୍ୟତା ପର୍ଯ୍ୟାୟ ଖେଳିଥିବା ଦେବାଶିଷ ସାହୁ ଓ ଆଦିତ୍ୟ ଶତପଥୀ ରବିବାର ନିଜ ନିଜ ମ୍ୟାଚ୍ ହାରି ଯାଇଛନ୍ତି। ଦେବାଶିଷ ୧-୬, ୩-୬ ସେଟ୍‌ରେ ଭାରତୀୟ ପ୍ରତିଦ୍ୱନ୍ଦ୍ୱୀ ମୁନି ଅନନ୍ତଙ୍କଠୁ ଏବଂ ଆଦିତ୍ୟ ୦-୬, ୧-୬ ସେଟ୍‌ରେ ସିଦ୍ଧାର୍ଥ ବଛିଆଙ୍କଠୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି।

ଏହି ପ୍ରତିଯୋଗିତାରେ ତାରକା ଖେଳାଳି ୨୭୮ ମାନ୍ୟତାପ୍ରାପ୍ତ ଚେକ୍‌ଗଣରାଜ୍ୟର ଡାଲବର ଭିର୍ସିନା, ୩୯୦ ମାନ୍ୟତାପ୍ରାପ୍ତ ବୋଗଡାନ ବୋବରୋଭ, ୪୧୦ ମାନ୍ୟତାପ୍ରାପ୍ତ ଶଶିକୁମାର ମୁକୁନ୍ଦ ଓ ୫୭୭ ମାନ୍ୟତାପ୍ରାପ୍ତ ଆମେରିକାର ନିକ୍ ଚାପେଲ୍ ଟ୍ରଫି ପାଇଁ ଲଢ଼େଇ କରିବେ। ଉଭୟ ଏକକ ଓ ଯୁଗଳ ବିଜେତାଙ୍କୁ ୨୫ ଏଟିପି ପଏଣ୍ଟ୍ ସହ ପୁରସ୍କାର ରାଶି ମିଳିବ। ଏହି ପ୍ରତିଯୋଗିତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ରବିବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଓଡ଼ିଶା ଟେନିସ୍ ସଂଘ ସମ୍ପାଦକ ସତ୍ୟଜିତ ମହାନ୍ତି, ଯୁଗ୍ମସମ୍ପାଦକ ତଥା ପ୍ରତିଯୋଗିତା ନିର୍ଦ୍ଦେଶକ ସଂଜୀବ ପଣ୍ଡା, ପ୍ରାଶାସନିକ ଅଧିକାରୀ ତଥା ସଂଯୋଜକ ସମ୍ବିତ ପଟ୍ଟନାୟକ, ଆଇଟିଏଫ୍ ସିଲ୍‌ଭର ବ୍ୟାଚ୍ ରେଫରି ଅଭିଷେକ ମୁଖାର୍ଜୀ ଓ ପ୍ରବୀଣ ନାକ ପ୍ରମୁଖ ଉପସ୍ଥିତ ଥିଲେ।

## ଏକ ଦିବସୀୟ ଫୁଟବଲ ଟର୍ଣ୍ଣାମେଣ୍ଟ ଉଦ୍‌ଯାପିତ

# ହଲକା ଦାରୁଲ ଅନୱ୍ୱାର ଚାମ୍ପିଅନ

**ଖୋର୍ଦ୍ଧା, ୪।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଉପକଣ୍ଠ କେରଙ୍ଗ ଅହମଦୀୟା ମୁସଲିମ ଗ୍ରାମରେ ବୃଦ୍ଧ ସଂଗଠନ ମଜଲିସ ଅନସାରୁଲ୍ଲାଃ କେରଙ୍ଗ ତତ୍ତ୍ୱାବଧାନରେ ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ କେରଙ୍ଗର ୪ଗୋଟି ହଲକା( ଦାରୁସ୍ ସଲାମ,ଦାରୁଲ ବରକାତ,ଦାରୁଲ ଫଜଲ ଏବଂ ଦାରୁଲ ଅନଓ୍ୱାର) ଅଂଶ ଗ୍ରହଣ କରିଥିଲା। ପ୍ରଥମ ସେମିଫାଇନାଲ ଦାରୁଲ ଅନୱ୍ୱାର ଏବଂ ଦାରୁସ୍ ସଲାମ ମଧ୍ୟରେ ହୋଇଥିଲା। ଏଥିରେ ଦାରୁଲ ଅନଓ୍ୱାର ୪-୨ ଗୋଲରେ ବିଜୟୀ ହୋଇଥିଲା। ଦ୍ୱିତୀୟ ସେମିଫାଇନାଲ ଦାରୁଲ ବରକାତ ଏବଂ ଦାରୁଲ ଫଜଲ ମଧ୍ୟରେ ହୋଇଥିଲା। ଦାରୁଲ ଫଜଲ ୧-୦ ଗୋଲରେ ବିଜୟୀ ହୋଇଥିଲା। ଫାଇନାଲ ଦାରୁଲ ଫଜଲ ଏବଂ ଦାରୁଲ ଅନୱ୍ୱାର ମଧ୍ୟରେ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ ଦାରୁଲ ଅନଓ୍ୱାର ୨ ଗୋଲରେ ଅଗ୍ରଣୀ ରହିଥିବା ବେଳେ ଖେଳର ଦ୍ୱିତୀୟାର୍ଦ୍ଧରେ ଦାରୁଲ ଅନଓ୍ୱାର ଆଉ ଏକ ଗୋଲମାରି ଚାମ୍ପିଆନ ହୋଇଛି। ଏହି ଖେଳରେ ଫଜଲ ଖାଁ ପ୍ଲେଆର ଅଫ ଦି ଟୁର୍ଣ୍ଣାମେଣ୍ଟ ଘୋଷିତ ହୋଇ ସମ୍ମାନୀତ ହୋଇଥିଲେ। ଏହି ଖେଳରେ ମୁଖ୍ୟ ରେଫେରି ଥିଲେ, ସେକ ଗୁଲାମ ସରୱ୍ୱର। ତାଙ୍କୁ ଲାଇନରେ ମୁବଶିର ଅହମଦ ଏବଂ ସଖାଓ୍ୱତ ଅହମଦ ସାହାଯ୍ୟ କରିଥିବା ବେଳେ ଅମଜାଦ ଖାଁ ମ୍ୟାଚ କମିଶନର ଭାବେ ଦାୟିତ୍ୱ ତୁଲାଇ ଥିଲେ। ଏହି ଖେଳରେ ମୁଖ୍ୟ ଅତିଥି ଭାବେ କେରଙ୍ଗ ଅହମଦୀୟା ମୁସଲିମ ସଂଗଠନର ସଭାପତି ଅମିରୁଦ୍ଦିନ ଖାଁ ଏବଂ ସମ୍ମାନୀତ ଅତିଥି ଭାବେ ମେରାଜ ଅଲ୍ଲି, ମୋଜିବୁଲ ହକ ଏବଂ ଅମଜଦ ଖାଁ ଯୋଗ ଦେଇ ବିଜୟୀ ଦଳକୁ ପୁରସ୍କୃତ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ସଗିର ଅହମଦ ଏବଂ ସଗିରୁଦ୍ଦିନ ଖାଁ ପରିଚାଳନା କରିଥିଲେ।



## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ମାଥିଙ୍କ ଦୁର୍ନୀତିର...

ଦିଅନ୍ତୁ ଆମେ ମଂଜୁରୀ ଦବୁ ଏବଂ ତା ବଦଳରେ ଆମକୁ ୨୦% ପିସି ଦିଆଯାଉ । ଯେଉଥିପାଇଁ ଦୁଇ ଜଣ ପୂର୍ବତନ ପରାମର୍ଶଦାତାଙ୍କ ନିଯୁକ୍ତି ସରିଥିଲେ ମଧ୍ୟ ତାଙ୍କୁ ପୁର୍ନବାର ନିଯୁକ୍ତି ଦେଇଥିଲେ । ଯାହା ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ର ହସ୍ତକ୍ଷେପ ପରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ସଚିବଙ୍କ ଦ୍ୱାରା ପୂର୍ଣ୍ଣ ନିଯୁକ୍ତି କୁ ବାତିଲ କରାଗଲା ।

କିନ୍ତୁ ଆଶ୍ଚର୍ଯ୍ୟ ର କଥା ଏଇ ଦୁଇ ପରାମର୍ଶଦାତା ଙ୍କର ଚାକିରି ଚୁକ୍ତି ନଥାଇ ଏମାନଙ୍କୁ ସରକାରୀ ଗାଡି ଦେଇ ଢେଙ୍କାନାଳ, ବ୍ରହ୍ମପୁର ଏବଂ ଚିକିଟିକୁ କୁ ପଠାଇଥିଲେ ଏବଂ ଏଇ ଦୁଇ ପରାମର୍ଶଦାତା ସେଠାରେ କହୁଛନ୍ତି ଯେ ଡପିଆର ସଂଶୋଧନ କରିଦିଅନ୍ତୁ ଆମେ ଅନୁମୋଦନ ଦବୁ ଓ ସଂଶୋଧିତ ଆକଳନ ର ୨୦% ପିସି ଖୁଲମଖୁଲା ମାଗୁଛନ୍ତି । ଆଉ ଗୋଟିଏ ଦୁର୍ନୀତି ହେଉଛି ସାଗରିକାଙ୍କ ଅଧୀନରେ ଥିବା ଓ୍ୟୁଏ (ଓଡ଼ିଶା ଅର୍ବାନ ଏକାଡେମୀ ) ଏଠାରେ ନିର୍ଦ୍ଦେଶକ ଏବଂ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ବିଭାଗର ବରିଷ୍ଠ ଅଧିକାରୀ ଥାଉ ଥାଉ ନିଜର ଜଣେ ଘନିଷ୍ଠ ସହଯୋଗୀ ପ୍ରକଳ୍ପ ଯନ୍ତ୍ରୀଙ୍କୁ ଅତିରିକ୍ତ ନିର୍ଦ୍ଦେଶକ ପଦବୀରେ ବସାଇଛନ୍ତି ଯାହାକି ସରକାରୀ ନିୟମକୁ ଉଲଘଂନ କରୁଛି । ଏହି ଯନ୍ତ୍ରୀ ସୂର୍ଯ୍ୟବତୀ ମାଝୀ ଅକ୍ଟୋବର ମାସ ପ୍ରଥମ ସପ୍ତାହରେ ରାଜଧାନୀ ର ଏକ ବ୍ୟୟବହୁଳ ହୋଟେଲ ରେ ମାଡାମ ସାଗରିକାଙ୍କ ଜନ୍ମଦିନ ପାଳନ ପାଇଁ ୩ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ । ବିଭାଗର ବିଭିନ୍ନ ପ୍ରୋଗ୍ରାମ ର ଟ୍ରେନିଂ ପାଇଁ ଓ୍ୟୁଏ ର ସ୍ଥାପନ କରିଥିଲେ ।

କିନ୍ତୁ ନିକଟରେ ଅକ୍ଟୋବର ୨୨ତାରିଖ ଦିନ ସରକାର ବାତ୍ୟା ଦାନା ର ମୁକାବିଲା ପାଇଁ ବ୍ୟସ୍ତ ଥିବାବେଳେ ରାଜଧାନୀର ଏକ ବ୍ୟୟବହୁଳ ହୋଟେଲ୍ ରେ କର୍ମକ୍ଷେତ୍ରରେ ଯୌନ ନିର୍ଯ୍ୟାତନା ସଚେତନତା ନାମରେ ଏକ ଟ୍ରେନିଂ ପ୍ରୋଗ୍ରାମ କଲେ । କେଉଁ ପରିପେକ୍ଷୀରେ ଓ୍ୟୁଏ ଥାଉ ଥାଉ ଏହି ହୋଟେଲ ରେ ଟ୍ରେନିଂ ପ୍ରୋଗ୍ରାମ କଲେ ଏବଂ ଏହି ଟ୍ରେନିଂ ରେ ଖର୍ଚ୍ଚ ହେଇଥିବା ଟଙ୍କା ସରକାରଙ୍କର କେଉଁ ପାଣ୍ଠି ରୁ ବ୍ୟବହାର କରାଗଲା ସେ ନେଇ ଶ୍ରୀ ଦାଶ ପ୍ରଶ୍ନ କରିଛନ୍ତି ।

ଏହି ଅଧିକାରିଣୀ ତାଙ୍କ ଅଧୀନରେ ଥିବା ବିଭାଗରେ କିଛି ଅବସରପ୍ରାପ୍ତ ଯନ୍ତ୍ରୀ ଯାହାଙ୍କୁ ବିଗତ ଦିନେରେ ବିଭାଗରୁ ହଟାଯାଇଥିଲା ସେହି ଯନ୍ତ୍ରୀମାନଙ୍କୁ ଥଇଥାନ କରିବା ପାଇଁ ଠିକା ସଂସ୍ଥା ଦ୍ୱାରା ଗଳାବାଟ ଖୋଜା ଚାଲିଛି। ତାଙ୍କ ଅଧୀନରେ ଥିବା ବିଭାଗରେ କିଛି ଯୁବକ ଏବଂ ଯୁବତୀଙ୍କୁ ଟ୍ୟୁଲିପ ଇଣ୍ଟର୍ଣ ହିସାବରେ ଛଅ ମାସ ତଳେ ନିଯୁକ୍ତ କରିଥିଲେ । କିନ୍ତୁ ଗତ ଅଗଷ୍ଟ ୩୧ତାରିଖରେ ସେମାନଙ୍କୁ ସେଠାରୁ କାର୍ଯ୍ୟଚ୍ୟୁତ କରିଛନ୍ତି । ଶୁଣିବାକୁ ମିଳୁଛି ଏହି ପିଲାଙ୍କୁ କଂସଲଟାଣ୍ଟ କରେଇବାକୁ ମାଡାମ ସାଗରିକା ପଟ୍ଟନାୟକ ମୋଟା ଅଙ୍କର ଅର୍ଥ ନେବାର ବ୍ୟବସ୍ଥା କରିଛନ୍ତି ଯାହାକି କଂସଲଟାଣ୍ଟ ନିଯୋଗ ନିୟମର ଉଲଙ୍ଘନ ଅଟେ ଏବଂ ସମ୍ପୂର୍ଣ୍ଣ ବେଆଇନ ଅଟେ । ବିଭାଗରେ ତାଲିକାଭୁକ୍ତ ଥିବା ଦୁଇ ଏଜେନ୍ସିକୁ୨୫ ଜଣ ନୂଆ ନିଯୁକ୍ତ ଥିବା ଟ୍ୟୁଲିପ ଇଣ୍ଟର୍ଣ୍ଣ ଙ୍କୁ କଂସଲଟାଣ୍ଟ ହିସାବରେ ନିଯୁକ୍ତି ଦେବାପାଇଁ ବାଧ୍ୟକରୁଛନ୍ତି । ବର୍ତ୍ତମାନ ସଚିବ ବଦଳିପରେ ବି କରିତକର୍ମା ଅଧିକାରିଣୀ ପୁରୁଣା ବାବୁଙ୍କର ଇଂଗୀତରେ କାମକରୁଛନ୍ତି ଏବଂ ନୂତନ ସଚିବଙ୍କୁ ନିଜଆୟତକୁ ଆଣିବା ଚେଷ୍ଟା କରିବା ସହ ବିଭାଗିୟ ମନ୍ତ୍ରୀ ଓ ସଚିବଙ୍କ ମଧ୍ୟରେ ଫାଟ ସୃଷ୍ଟି କରୁଛନ୍ତି ।

ସେହଭଳି ଭାରତ ସରକାରଙ୍କ ରେଳ ମନ୍ତ୍ରାଳୟ ବିଭିନ ସ୍ଥାନରେ ବିଭିନ ପ୍ରକାରର ଅସୁବିଧାର ସମ୍ମୁଖୀନ ହଉଥିବ ସତ୍ୱେ ଜଣେ ଆଇଆରପିଏସ ଅଫିସର ସାଗରୀକା ପଟ୍ଟନାୟକଙ୍କୁ ନିଜ ବିଭାଗରେ କାମ ନକରି କାହିଁକି ଏବଂ କାହା ଚାପରେ ରାଜ୍ୟର ଗୁରୁତ୍ୱ ପୁର୍ଣ ବିଭାଗର ସ୍ୱତନ୍ତ ସଚିବ ପଦରେ ଅବସ୍ଥାପିତ କରାଯାଇଛି ଏବଂ ସେ ଜନସାଧାରଣଙ୍କ ଟିକସ ଆଦାୟ ଟଙ୍କାକୁ କେତେବେଳେ ଟ୍ରେନିଂ ତ କେତେବେଳେ ସରକାର ଚାହୁଁନଥିବା ଅବସରପ୍ରାପ୍ତ ଯନ୍ତ୍ରୀ ଙ୍କୁ ଅବସ୍ଥାପିତ କରି ଏବଂ ପୋଖରୀ ଖୋଳିବା ନାମରେ ଅର୍ଥ ହରିଲୁଟ କରିବା ହେଉ ଏବଂ ଟ୍ୟୁଲିପ ଇଣ୍ଟର୍ଣ ନାମରେ ଅର୍ଥ ଆଦାୟ କରୁଛନ୍ତି ।

ଏହାର ଏକ ଉଚସ୍ତରିୟ ତଦନ୍ତ ସହିତ ଉପୋରକ୍ତ ତଥ୍ୟ ଅନୁଯାଇ ନୂଆ ସରକାରଙ୍କର ଏହା ଉପରେ ନିରପେକ୍ଷ ସଂସ୍ଥା ଜରିଆରେ ତଦନ୍ତ କରିବା ଦରକାର ହେଉଛି । ଯଦି ତାହା ନ କରନ୍ତି ତାହେଲେ ଗୃହ ଓ ନଗର ଉନୟନ ବିଭାଗରେ ହୋଇଥିବା କେଳେଙ୍କାରୀ କଫିନି ଭିତରେ ଲୁଚିଯିବ ଏବଂ ଘଟୁଥିବା ଓ ଆଗାମୀ କେଳେଙ୍କାରୀକୁ କେହି ରୋକି ପାରିବେ ନାହିଁ ଶ୍ରୀ ଦାଶ କହିଛନ୍ତି ।

### ୨୧ରୁ...

ସୂଚନା, ଶିକ୍ଷା ଓ ସଂଚାର ଅଭିଯାନ ମାଧ୍ୟମରେ ଚାଷୀଙ୍କୁ ସଚେତନ କରାଯିବ। ଏହା ବ୍ୟତୀତ ପ୍ରତି ମଣ୍ଡି ଏବଂ ସୁଲଭ ମୂଲ୍ୟ ଦୋକାନରେ ଧାନସଂଗ୍ରହ ସଂପର୍କିତ ନିର୍ଦ୍ଦେଶାବଳୀ ପ୍ରଦର୍ଶିତ ହେବ। ଆସନ୍ତା ଦୁଇ ତିନିଦିନ ମଧ୍ୟରେ ଚାଷୀଙ୍କ ନିମନ୍ତେ ଉପଯୋଗୀ ନିର୍ଦ୍ଦେଶାବଳୀ ଏସ୍‌ଏମ୍‌ଏସ୍ ମାଧ୍ୟମରେ ପ୍ରେରଣ କରାଯିବ। ଧାନସଂଗ୍ରହ ପ୍ରକ୍ରିୟାକୁ ଦଲାଲ୍‌ମୁକ୍ତ କରିବା ପାଇଁ ଯାଞ୍ଚ ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଜିଲ୍ଲାସ୍ତରୀୟ ସଂଗ୍ରହ କମିଟିଗୁଡ଼ିକ ଗ୍ରାମ ତଥା ଜିଲ୍ଲାସ୍ତରରେ ଧାନସଂଗ୍ରହ କାର୍ଯ୍ୟର ପ୍ରତ୍ୟକ୍ଷ ତଦାରଖ କରିବେ। ଧାନ କ୍ରୟ ପ୍ରକ୍ରିୟା ସୁବ୍ୟବସ୍ଥା ପାଇଁ ପ୍ରକ୍ରିୟାକୁ ଶେଷ ହେବା ଯାଏ ମଣ୍ଡିରେ ରହିବେ ଅଧିକୃତ ଅଧିକାରୀ। ୪ ରୁ ୫ ଟି ମଣ୍ଡିକୁ ନେଇ ଜଣେ ଲେଖାଁଏ ସୁପରଭାଇଜର ରହିବେ। ମଣ୍ଡିରେ ରହିବ କ୍ୱାଲିଟି ଟେଷ୍ଟିଂ ମେସିନ। ଅଗାଡି ଏଫ୍‌କ୍ୟୁ ଧାନ ଯାଞ୍ଚ କରାଯିବ। ମଣ୍ଡିରୁ ରାଇସ ମିଲ ପର୍ଯ୍ୟନ୍ତ ଧାନ ପରିବହନ ବ୍ୟବସ୍ଥା ତଦାରଖ କରିବ ପରିବହନ ବିଭାଗ।ସେପଟେ ପଡୋଶୀ ରାଜ୍ୟରୁ ଧାନ ଯେମିତି ଓଡ଼ିଶା ମଧ୍ୟକୁ ପ୍ରବେଶ ନ କରେ ସେଥିପାଇଁ ପାଟ୍ରୋଲିଂ ଟିମ୍ ମୁତୟନ ସହ ସିସିଟିଭି ବ୍ୟବସ୍ଥା ହେବ ଧାନ ବିକ୍ରି ଟୋକନ୍ ଲାପସ ନ ହେବା ପାଇଁ ବ୍ୟବସ୍ଥା କରାଯାଇଛି। ତ୍ୱରିତ ନିଷ୍ପତ୍ତି ନେବା ପାଇଁ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଚାଷୀଙ୍କ ସୁରକ୍ଷା, କଟଣି ଛଟଣି ମୁକ୍ତ ଧାନ କିଣା ଉପରେ ଗୁରୁତ୍ୱ ଦେବେ ରାଜ୍ୟ ସରକାର।

### ଯୋଗାଣ...

ପ୍ରଶଂସା କରିଛନ୍ତି। ରାଜ୍ୟରେ ତୃଣମୂଳ ସ୍ତରରେ ଖାଦ୍ୟଯୋଗାଣ ଓ ଖାଦ୍ୟ ସୁରକ୍ଷା ଅନ୍ତର୍ଗତ ହିତାଧିକାରୀମାନଙ୍କୁ ଚିହ୍ନଟ ଓ ସେମାନଙ୍କୁ ଠିକଣା ସମୟରେ ରାସନ୍ ପ୍ରଦାନ କରିବାରେ ଯୋଗାଣ ସହାୟକ ସହଯୋଗ କରିଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ପଞ୍ଚାୟତ ସ୍ତରରେ ଖାଦ୍ୟଯୋଗାଣ କ୍ଷେତ୍ରରେ ସେମାନଙ୍କ ସହଯୋଗ ଅତ୍ୟନ୍ତ ପ୍ରଶଂସନୀୟ । ଚଳିତ ଖରିଫ ଋତୁରେ ଧାନସଂଗ୍ରହରେ ସରକାରଙ୍କୁ ସହଯୋଗ କରିବାକୁ ମନ୍ତ୍ରୀ ପରାମର୍ଶ ଦେଇଛନ୍ତି ।

ସଂଘର ବିଭିନ୍ନ ଦାବିକୁ ବିଚାରକୁ ନେଇ ସରକାର ପଦକ୍ଷେପ ଗ୍ରହଣ କରିବେ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ବୈଠକରେ ସଂଘର ଉପଦେଷ୍ଟା ପ୍ରମୋଦ କୁମାର ପ୍ରଧାନ ପ୍ରାରମ୍ଭିକ ଉଦ୍‌ବୋଧନ ଦେଇଥିଲେ। ସଭାପତି ସଂଜୀବ କୁମାର ଦାଶ ଓ ସାଧାରଣ ସମ୍ପାଦକ ଅରୁଣ କୁମାର ବାରିକ ସଂଘର ବିଭିନ୍ନ ଦାବି ସଂପର୍କରେ ଉଲ୍ଲେଖ କରିଥିଲେ।

### ଦିଲ୍ଲୀରେ ଓଡ଼ିଆ ...

ସେଠାରେ ଫିଙ୍ଗି ଦିଆଯାଇଥିବା ପୋଲିସ କହିଛି।

ଦକ୍ଷିଣ ପୂର୍ବ ଦିଲ୍ଲୀର ଡେପୁଟି କମିଶନର ରବି କୁମାର ସିଂ କହିଛନ୍ତି, ତାଙ୍କୁ ଏମ୍‌ସ ଟ୍ରମା ସେଣ୍ଟରକୁ ନିଆଯାଇଥିଲା। ଭୋର ୩.୧୫ ରେ ଜଣେ ବ୍ୟକ୍ତି କଲ କରି ଜଣାଇବା ପରେ ପୋଲିସ ପୀଡିତାଙ୍କୁ ଉଦ୍ଧାର କରିଥିଲା। ଡିସିପି କହିଛନ୍ତି, ଯୁବତୀ ଏକ ବର୍ଷ ପୂର୍ବରୁ ଦିଲ୍ଲୀ ଆସିଥିଲେ ଏବଂ ଭଡାରେ ରହୁଥିଲେ। ଭାରତୀୟ ନ୍ୟାୟ ସଂହିତା (ବିଏନଏସ) ର ଧାରା ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା ଏବଂ ଅପରାଧୀଙ୍କୁ ଧରିବା ପାଇଁ ଏକାଧିକ ଦଳ ଗଠନ କରାଯାଇଛି। ଘଟଣାର ତଦନ୍ତ କରି ଅଧିକ ସୂଚନା ସଂଗ୍ରହ କରିବା ପାଇଁ ଅଞ୍ଚଳର ସିସିଟିଭି ଫୁଟେଜ ସମୀକ୍ଷା କରୁଛି। ପୋଲିସ ସୂଚନା ଅନୁଯାୟୀ, ଯୁବତୀ ଘରୁ ବାହାରିବା ପରେ ତାଙ୍କର ମାତାପିତା ନିଖୋଜ ବ୍ୟକ୍ତିଙ୍କ ରିପୋର୍ଟ ଦାଖଲ କରିଥିଲେ। ପରେ ସେ କେଉଁଠାରେ ଅଛନ୍ତି ଜାଣିବା ପରେ ସେମାନେ ପ୍ରାୟ ଦୁଇମାସ ପୂର୍ବରୁ ଦିଲ୍ଲୀରେ ତାଙ୍କୁ ଦେଖା କରିଥିଲେ। କିନ୍ତୁ ତାଙ୍କୁ ଘରକୁ ଫେରାଇନେବା ପାଇଁ ମନାଇବାରେ ଅସମର୍ଥ ହୋଇଥିଲେ।

### ଓଡ଼ିଶାରେ...

ହୋଇପାରିବ। ଏସବୁରେ ବିଭିନ୍ନ ରାଜ୍ୟର କବି, ସାହିତ୍ୟିକ, ଲେଖକ ଓ ବୁଦ୍ଧିଜୀବୀମାନେ ଅଂଶଗ୍ରହଣ କରିବା ଆବଶ୍ୟକ। ଏହା ଦ୍ୱାରା ହିନ୍ଦୀ ଓ ଓଡିଆ ମଧ୍ୟରେ ସାହିତ୍ୟିକ ଓ ସାଂସ୍କୃତିକ ସମ୍ବନ୍ଧ ବୃଦ୍ଧି ପାଇବ। ଉଭୟ ଭାଷାରେ ଅନୁସନ୍ଧାନ ଓ ଗବେଷଣା ପାଇଁ ଓଡ଼ିଶାରେ ଏକ ଇଣ୍ଟର-ଲାଙ୍ଗୁଏଜ୍ ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍ ସ୍ଥାପନା କରାଯିବା ଆବଶ୍ୟକ। ହିନ୍ଦୀ ଶିକ୍ଷାଦାନ ପାଇଁ ଆବଶ୍ୟକ ସମ୍ବଳ ପାଇଁ ରାଜ୍ୟକୁ କେନ୍ଦ୍ରୀୟ ଅନୁଦାନ ଏବଂ ସ୍ୱତନ୍ତ୍ର ସହାୟତା ପ୍ରଦାନ କରିବା ପାଇଁ ମଧ୍ୟ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ରଖିଥିଲେ। ଏହା ସହିତ ହିନ୍ଦୀ ସାହିତ୍ୟର ବିକାଶ ପାଇଁ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଓ ଶିକ୍ଷା ପ୍ରତିଷ୍ଠାନଗୁଡିକୁ ସ୍ୱତନ୍ତ୍ର ଅନୁଦାନ ଏବଂ ସହଯୋଗ ପ୍ରଦାନ କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରସ୍ତାବ ଦେଇଥିଲେ। ବୈଠକରେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡା, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ କେନ୍ଦ୍ର ମନ୍ତ୍ରିମଣ୍ଡଳର ଅନେକ ସଦସ୍ୟ, କଟକ ସାଂସଦ ଭର୍ତ୍ତୃହରି ମହତାବ ପ୍ରମୁଖ ଯୋଗ ଦେଇଥିଲେ।

### ସନ୍ତୋଷଙ୍କ...

ସୌମେନ୍ଦ୍ର ପ୍ରୀୟଦର୍ଶୀ ପୋଲିସ ଗୃହନିର୍ମାଣ ସଂସ୍ଥାର ଦାୟିତ୍ୱ ୨୫।୧୦।୨୪ ତାରିଖରେ ନେଇଥିଲେ। ଉକ୍ତଦିନ ନିଜ ଦାୟିତ୍ୱରୁ ନିଜେ ନିଜେ ମୁକ୍ତ ହୋଇ ଡ. ବାଲା ସେହିଦିନ ରାତିରେ ଅର୍ଥଲୋଭ ଓ ନିଜର ତିନି ସହଚରଙ୍କ ମୋହ ଛାଡି ଚାଲି ଯାଇଥିଲେ। ତା ୧।୧୦।୨୪ ରିଖ ଠାରୁ ତା ୨୪।୧୦।୨୪ ରିଖ ପର୍ଯ୍ୟନ୍ତ ଡ.ବାଲା ସରକାରି ଆଦେଶକୁ ଅବମାନନା କରି ପୋଲିସ ହାଉସିଂକୁ ନିୟନ୍ତ୍ରଣରେ ରଖି ତିନି ସହଯୋଗୀଙ୍କ ସହାୟତାରେ ହାକିମାତି ଚଳାଇଥିଲେ।

ଶ୍ରୀ ପାଳକ ଆହୁରି ଦାବି କରିଛନ୍ତି, ଯେହେତୁ ପୋଲିସ ହାଉସିଂ ଗୃହ ବିଭାଗ ଅଧୀନରେ ଆସୁଅଛି, ତେଣୁ ଘରୋଇ ବିଭାଗ ସଚିବଙ୍କ ଦ୍ୱାରା ତା ୧।୧୦।୨୪ ରିଖ ଠାରୁ ତା ୨୪।୧୦।୨୪ ରିଖ ଭିତରେ ଡ. ବାଲା କରିଯାଇଥିବା ସମସ୍ତ କାର୍ଯ୍ୟର ସମୀକ୍ଷା କରାଯାଉ। ସେ କରିଥିବା ବେନିୟମ କାର୍ଯ୍ୟଗୁଡିକ ପାଇଁ ଉପଯୁକ୍ତ ଦଣ୍ଡବିଧାନ କରିବାର ବ୍ୟବସ୍ଥା ହେଉ, ବୋଲି ସେ ଦାବି କରିଛନ୍ତି।

### ଭରସାଯୋଗ୍ୟ...

ହେଲେ ନିରବ ରହିଯାଇଛନ୍ତି। ଅବଶ୍ୟକ ରାଜ୍ୟରେ ନୂଆ ସରକାର ଆସିବାପରେ ପୋସ୍କୋ ଭଳି କମ୍ପାନୀ ପୁଣି ଓଡ଼ିଶା ମୁହାଁ ହୋଇଛନ୍ତି।

ତେଣୁ ନିଜ ସରକାର ସମୟରେ କେତେ ଶିଳ୍ପ ସହିତ ଭରସା ଦେଖାଇ ରାଜିନାମା କରିଥିଲ ଓ କେତେ ଶିଳ୍ପ ଭରସା ନପାଇ ପଳାଇଛନ୍ତି ତାହାର ହିସାବ ଦେବା ସହିତ ନୂଆ ସରକାର ଯେଉଁ ଶିଳ୍ପ ବିକାଶ ଆଭିମୁଖ୍ୟ ନେଇ ଆଗକୁ ବଢୁଛନ୍ତି ତାହା ବାଟବଣା କରିବା ଉଚିତ୍ ନୁହେଁ ବୋଲି ସାଧାରଣରେ ମତପ୍ରକାଶ ପାଉଛି।

## ଉମରକୋଟରେ ପୂଜା ପାଉଛନ୍ତି

# ୪୫ ଫୁଟର କାଳୀ ମୂର୍ତ୍ତି



**ନବରଙ୍ଗପୁର/ଉମରକୋଟ, ୪।୧୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ବଡ଼କୁମାରୀ ପଞ୍ଚାୟତ ୟୁଭି ୧ ନମ୍ବର ବଙ୍ଗୀୟ ଗ୍ରାମରେ ଦୀର୍ଘ ୬୦ ବର୍ଷ ପୂର୍ତ୍ତି ଅବସରରେ ପୂଜା ପାଉଛନ୍ତି ମା'କାଳୀ। ଚଳିତ ବର୍ଷ ପ୍ରଥମ ଥର ପାଇଁ ୪୫ ଫୁଟର ମା' କାଳୀ ମୂର୍ତ୍ତି ଏଠାରେ ପୂଜା ପାଉଛନ୍ତି। ଦଶ ଦିନ ଧରି ପୂଜା ଜାରି ରହିବା ସହ ଭକ୍ତଙ୍କୁ ଆକୃଷ୍ଟ କରିବା ପାଇଁ ପୂଜା କମିଟି ପକ୍ଷରୁ ମିନାବଜାର ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ୪୫ ଫୁଟର ମା' କାଳୀଙ୍କ ମୂର୍ତ୍ତି ନିର୍ମାଣ କରାଯାଇଥିବା ବେଳେ ଦୀପାବଳି ମଧ୍ୟ ରାତ୍ରିରୁ ପୂଜା ଆରମ୍ଭ ହୋଇଯାଇଛି।

ଏହି ପୂଜାରେ ମୀନା ବଜାର ସହ ବିଭିନ୍ନ ଦୋକାନ ବଜାର ବସିଥାଏ । ଏହି ପୂଜା ପାଇଁ ଜିଲ୍ଲା ସହ ଜିଲ୍ଲା ବାହାରୁ ଛତିଶଗଡ ଓ ପଶ୍ଚିମବଙ୍ଗରୁ ବହୁ ଭକ୍ତ ଏହି ପୂଜା ଦେଖିବାକୁ ଆସିଥାନ୍ତି। ଜନ ଗହଳିକୁ ଆଖି ଆଗରେ ରଖି ସୁରକ୍ଷା ପାଇଁ ବିଶେଷ ବ୍ୟବସ୍ଥା କରାଯାଇଥିବା ବେଳେ ସିସି ଟିଭି କ୍ୟାମେରା ମାଧ୍ୟମରେ ସମସ୍ତ କାର୍ଯ୍ୟ ଉପରେ ନଜର ରଖାଯାଉଛି।

ପୂଜା କମିଟି ସଭାପତି କହିଛନ୍ତି ମା' କାଳୀଙ୍କ ପୂଜାରେ ଗ୍ରାମର ମହିଳାଙ୍କ ବିଶେଷ ଭୂମିକା ରହିଥାଏ। ଏହି ପୂଜା ପାଇଁ ବଡ଼କୁମାରୀ ଗ୍ରାମର ବଙ୍ଗୀୟ ଓ ଆଦିବାସୀ ମହିଳାମାନେ ସମସ୍ତ ଦାୟିତ୍ୱ ନେଇ ରୀତିନୀତିରେ ସମସ୍ତ ପୂଜା କରିଥାନ୍ତି । ଚଳିତ ବର୍ଷ ୧୦୦୦ ଜଣ ମହିଳା ଉପବାସ ଓ ବ୍ରତ ରଖି ପୂଜା କରୁଛନ୍ତି । ପୂଜା ସମୟରେ ପ୍ରାୟ ସମସ୍ତଙ୍କ ଘରକୁ ବାହାରୁ ସମ୍ପର୍କୀୟ ଓ ଅତିଥି ଆସନ୍ତି । ଘରର ମହିଳାମାନେ ମା'ଙ୍କ ପୂଜା ସହ ଅତିଥି ଚର୍ଚ୍ଚା କରି ବହୁ ଆନନ୍ଦ ଲାଭ କରିଥାନ୍ତି ବୋଲି କହିଛନ୍ତି ପୂଜା କମିଟି ସଭାପତି ।

## ପାନୀୟ ଜଳ ଯୋଗାଣ ପାଲଟିଛି ପ୍ରହସନ

# କୂଅର ଅପରିଷ୍କାର ପାଣି ପିଉଛନ୍ତି ଦଳିତ ସାହିର ଲୋକେ



**ବାଲିଅନ୍ତା, ୪।୧୧ (ସଂଚାର ବ୍ୟୁରୋ):** ସରକାରଙ୍କ ପାନୀୟ ଜଳ ଯୋଗାଣ ଯୋଜନା ପ୍ରହସନ ପାଲଟିଛି। ବାଲିଅନ୍ତା ବ୍ଲକ୍ ଅନ୍ତର୍ଗତ ଜୟଦେବ ଗ୍ରାମପଞ୍ଚାୟତ ସାହେବ୍ ନଗର ଭୋଇ ସାହିରେ ଏହି ଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଗ୍ରାମରେ ପାନୀୟ ଜଳ ଯୋଗାଣ ଲାଗି ସମସ୍ତ ଘରକୁ ଟ୍ୟାପ୍ ସଂଯୋଗ କରାଯାଇଥିଲା। ସାହେବ୍ ନଗରର ସମସ୍ତ ସାହିକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯାଇଛି। ସରକାରୀ ଅଧିକାରୀଙ୍କ ଆନ୍ତରିକତା ଅଭାବରୁ ସାହେବ୍ ନଗରର ଭୋଇ ସାହିରେ ବସବାସ କରୁଥିବା ଜନସାଧାରଣ ପାଇପ୍ ପାଣି ବା ସରକାରୀ ନଳକୂପ ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି । ଏଠାରେ ବାସ କରୁଥିବା ୧୫ରୁ ଅଧିକ ଦଳିତ ପରିବାର ପାଣି ପାଇଁ ଡହଳ ବିକଳ ହେଉଛନ୍ତି । ପାଣି ମୁନ୍ଦାଏ ପାଇଁ ଏକ ଖୋଲା କୂଅ ଉପରେ ନିର୍ଭର କରନ୍ତି । ଯାହାକି ମହିଳା ପାଣି ହୋଇଥିଲେ ବି ମହିଳା ପାଣିକୁ ଛାଣି ବ୍ୟବହାର କରିବା ସହ ଘର ଠାରୁ କିଛି ଦୂରରେ ଥିବା ଅନ୍ୟ ଗ୍ରାମର ନଳ କୂପ ଉପରେ ନିର୍ଭର କରନ୍ତି।

ଏନେଇ ସ୍ଥାନୀୟ ଦଳିତ ସାହିର ଲୋକ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରି, ସରପଞ୍ଚ ଓ ଜନପ୍ରତିନିଧିଙ୍କୁ ଜଣାଇଲେ ବି କୌଣସି ସୁଫଳ ମିଳିନାହିଁ । ଦଳିତ ସାହିର ଲୋକମାନେ ଖୋଲା କୂଅରୁ ମହିଳା ପାଣି ବ୍ୟବହାର କରୁଛନ୍ତି । ଏହି ଖୋଲା କୂଅରୁ ପାଣି ନେବା ପାଇଁ ଗାଁର ମହିଳାମାନେ ପାଣି କାଢ଼ି ଛାଣି ପିଉଥିବା ପ୍ରକାଶ କରିଛନ୍ତି । ଏହି ଖୋଲା କୂଅଟି ଗ୍ରାମର ମଝିରେ ବିପଦ ସଂଙ୍କୁଳ ଅବସ୍ଥାରେ ରହିଛି । ଆଗାମୀ ଦିନରେ ଏହି ସମସ୍ୟା ଦୂର ନହେଲେ ସ୍ଥାନୀୟ ଦଳିତ ସାହିର ଲୋକମାନେ ବାଲିଅନ୍ତା ବ୍ଲକ୍ ଅଫିସ୍ ସମ୍ମୁଖରେ ଧାରଣା ଦେବା ପାଇଁ ସୂଚନା ଦେଇଛନ୍ତି ।

## ତାଳଦା ପଠାରେ ହେବ ବାଲିଯାତ୍ରା ଓ ବୋଇତ ବନ୍ଦାଣ



**ଅସ୍ତରଙ୍ଗ, ୪।୧୧ (ସଂଚାର ବ୍ୟୁରୋ):** ଅସ୍ତରଙ୍ଗ ବ୍ଲକ ଅନ୍ତର୍ଗତ ତାଳଦା ପଂଚାୟତର ତାଳଦା ନଈପଠାରେ ନୂତନ ଭାବେ ଚଳିତ ବର୍ଷ କାର୍ତ୍ତିକ ପୂର୍ଣ୍ଣମା ଉପଲକ୍ଷେ ଆରମ୍ଭ ହେବ ବାଲିଯାତ୍ରା ଓ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ। ଏ ନେଇ ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ତଥା ଉପଦେଷ୍ଟା ପ୍ରତାପ ପରିଡାଙ୍କ ସଭାପତିତ୍ୱ ରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଦୀର୍ଘ ବର୍ଷ ହେବ ତାଳଦା ପଂଚାୟତକୁ ଗମନାଗମନର ସୁବିଧା ନ ଥିଲା, ପଂଚାୟତ ବାସୀ ଯନ୍ତ୍ର ଚାଳିତ ଡ଼ଙ୍ଗାରେ ଯିବା ଆସିବା କରୁଥିଲେ। କିନ୍ତୁ ବର୍ତ୍ତମାନ ତାଳଦା ପଂଚାୟତକୁ ବିଜୁ ସେତୁ ଯୋଜନାରେ ସଂଯୋଗୀ କରଣ କରାଯାଉଛି ଯାହା ଅଂଚଳ ବାସୀଙ୍କୁ ଉତ୍ସାହିତ କରିଛି। କିନ୍ତୁ ଚଳିତ ବର୍ଷ ନଦୀପଠାରେ ବାଲିଯାତ୍ରା ସାଙ୍ଗକୁ ବୋଇତ ବନ୍ଦାଣ ସାସ୍କୃତିକ କାର୍ଯ୍ୟକ୍ରମ ହାତକୁ ନିଆଯାଇଥିବା କମିଟି ପକ୍ଷରୁ କୁହା ଯାଇଛି। ଆସନ୍ତା ନଭେମ୍ବର ୧୪ ତାରିଖରୁ ଆରମ୍ଭ ହୋଇ ୧୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୧୪ ତାରିଖ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ହେବ ଓ ୧୫ ତାରିଖ ଦିନ ସକାଳ ସମୟରେ ବୋଇତ ବନ୍ଦାଣ କାର୍ଯ୍ୟକ୍ରମ ଅତିଥି ମାନଙ୍କ ଗହଣରେ କରାଯିବାକୁ ସ୍ଥିର ହୋଇଥିବା କହିଛନ୍ତି କମିଟି ସଭାପତି ବିଜୟ କୁମାର ପଡ଼ିଆରୀ କହିଛନ୍ତି। ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଯଯାତି କେଶରୀ ସାହୁ, କୋଷାଧକ୍ଷ ଦିବାକର ସାହୁ ଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ।

## ୨୦୧୧ ବ୍ୟାଚ ପୋଲିସ ଡ୍ରାଇଭର ଭାଇମାନଙ୍କ ଦ୍ୱାରା ବୃଦ୍ଧାଶ୍ରମରେ ସେବା



**ଫୁଲନଖରା, ୪।୧୧ (ସଂଚାର ବ୍ୟୁରୋ):** ୨୦୧୧ରେ ଓଡିଶା ପୋଲିସରେ ଡ୍ରାଇଭର ପଦବୀରେ ଯୋଗ ଦେଇଥିବା କିଛି ଚାଳକ ବନ୍ଧୁ ଏକାଠି ହୋଇ ସରକାରୀ ଚାକିରୀରେ ଯୋଗଦାନ କରିବାର ସମୟକୁ ସ୍ମରଣୀୟ କରିବା ପାଇଁ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ ସେବା କାର୍ଯ୍ୟରେ ନିଜକୁ ସଂଶ୍ଲିଷ୍ଟ କରିଥିବାର ଜଣାପଡିଛି । ଚଳିତ ବର୍ଷ ପିପୁଲସ ଫର ସେବା ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୃଦ୍ଧାଶ୍ରମରେ ପହଂଚି ସେଠାରେ ଥିବା ବୃଦ୍ଧବୃଦ୍ଧାମାନଙ୍କ ସୁଖଦୁଃଖରେ ସାମିଲ ହେବା ସହିତ ସେମାନଙ୍କୁ ଖାଦ୍ୟ ଓ ଶୀତବସ୍ତ୍ର ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମୀର ମଲ୍ଲ, ବିପ୍ର ଚରଣ ପ୍ରଧାନ, ମଙ୍ଗରାଜ ବେହେରା, ସୁରେଶ ଗୁମାନ ସିଂ, ଗଣେଶ ବେହେରା, ନୀଳକଣ୍ଠ ପ୍ରଧାନ ଓ ନିର୍ମଳ କୁମାର ସାହୁ ପ୍ରଭୃତି ସାମିଲ ଥିଲେ । ଉଲ୍ଲେଖଯୋଗ୍ୟ ଏହି ଚାଳକ ବନ୍ଧୁମାନେ ପ୍ରତିବର୍ଷ ଅନାଥାଶ୍ରମ, କିମ୍ବା ମଠ, ମନ୍ଦିର ବା ଆଶ୍ରମରେ ପହଂଚି ଅନାଥ ଓ ଗରୀବଲୋକଙ୍କୁ ଯଥାସାଧ୍ୟ ସାହାଯ୍ୟ କରୁଥିବାର ଜଣାପଡିଛି ।

## ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ବୈଠକ

# 'ଧର୍ମପଦ' ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି



**କୋଣାର୍କ, ୪।୧୧ (ସଂଚାର ବ୍ୟୁରୋ):** ବିଶ୍ୱ ଐତିହ କୋଣାର୍କ ସୂର୍ଯ୍ୟ ମନ୍ଦିର ନିର୍ମାଣର ପ୍ରମୁଖ ବିନ୍ଧାଣୀ ଧର୍ମପଦ ଆଜି ଅବହେଳିତ। ଯାହା ପାଇଁ ଆଜି ବିଶ୍ୱ ଦରବାରରେ କୋଣାର୍କ ପରିଚିତ ସେ ଆଜି ଇତିହାସର କୋଉ କୋଣରେ ଅଚିହ୍ନା ଫର୍ଦ୍ଦ ହୋଇ ପଡ଼ିରହିଛି। ବାରଶହ ବଢ଼େଇଙ୍କ ମଉଡମଣି ଧର୍ମପଦର ତ୍ୟାଗ, ବଳିଦାନକୁ ଭବିଷ୍ୟତ ପୀଢ଼ି ପାଇଁ ସାଇତି ରଖିବା ଉଦ୍ଦେଶ୍ୟରେ କୋଣାର୍କରେ ତାଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସମିତି ପକ୍ଷରୁ ମତ ପ୍ରକାଶ ପାଇଛି। ଗୋଟେ ଜାତିର ଗୌରବ ଗାଥାକୁ ଉଜ୍ଜିବୀତ ରଖିବା ପାଇଁ ବିଶ୍ୱକର୍ମାକୁଳ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କୁ ନିବେଦନ କରିଥିବା ଜଣାପଡିଛି।

ଏନେଇ ବିଶ୍ୱକର୍ମା କୂଳ ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କୋଣାର୍କ ସ୍ଥିତ ସମିତି ଗୃହରେ ଅନୁଷ୍ଠିତ ହୋଇଯାଇଅଛି। ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଗୋପ ବ୍ଲକର ସଭାପତି ମଙ୍ଗରାଜ ମହାରଣାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ବୈଠକରେ ସମ୍ପାଦକ ଦେବରାଜ ମହାରଣା, କୋଷାଧ୍ୟକ୍ଷ ପଞ୍ଚାନନ ମହାରଣା ଯୋଗ ଦେଇଥିବା ବେଳେ ନିମନ୍ତ୍ରିତ ଅତିଥି ଭାବେ ସାଂସଦଙ୍କ ନିମାପଡ଼ା ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ଓଝା ଯୋଗ ଦେଇଥିଲେ। କୋଣାର୍କରେ ଏକ ଧର୍ମପଦ ପ୍ରତିମୂର୍ତ୍ତି ସ୍ଥାପନା ସମେତ କୋଣାର୍କ ଠାରୁ ଚନ୍ଦ୍ରଭାଗା ପର୍ଯ୍ୟନ୍ତ ରାସ୍ତାକୁ ଧର୍ମପଦ ମାର୍ଗ ନାମରେ ନାମିତ କରିବା ପାଇଁ ବୈଠକରେ ନିଷ୍ପତି ନିଆଯାଇଥିଲା। ସମିତି ପକ୍ଷରୁ ଏହି କାର୍ଯ୍ୟକୁ ତୋରାନ୍ୱିତ କରିବା ପାଇଁ ଏକ ୨୦ଜଣିଆ କମିଟି ଗଠନ କରାଯାଇଥିଲା। ଏହି କମିଟି ମାନ୍ୟବର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ସମେତ ବିଭାଗୀୟ ଉଚ୍ଚଅଧିକାରୀ ମାନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ବିଶ୍ୱକର୍ମାକୁଳର ଦାୟାଦ ଧର୍ମପଦର ଗାଥାକୁ ଭବିଷ୍ୟତ ପୀଢ଼ି ପାଇଁ ସାଇତି ରଖିବା ନିମନ୍ତେ କାର୍ଯ୍ୟ କରିବ ବୋଲି ଜଣାପଡିଛି। ଅନୁଷ୍ଠିତ ଏହି ବୈଠକରେ ବିଚିତ୍ର ଓଝା, ରତିକାନ୍ତ ଓଝା, ପ୍ରକାଶ ଓଝା, ନକୁଳ ଓଝା, ସର୍ବେଶ୍ୱର ମହାରଣା, ମଙ୍ଗୁଳି ମହାରଣା, ରାମଚନ୍ଦ୍ର ମହାରଣା, ରଶ୍ମିରଂଜନ ମହାରଣାଙ୍କ ସମେତ ଗୋପ, ନିମାପଡ଼ା, କାକଟପୁର ବ୍ଲକ ସମେତ କୋଣାର୍କ ଏନଏସିର ବିଶ୍ୱକର୍ମା କୂଳର ଭାଇ ମାନେ ଯୋଗଦେଇଥିଲେ।

## ସଂଚାର ପ୍ରଭାବ

# ଜୁଆ ଆଡ୍ଡା ଉପରେ ଚଢ଼ାଉ, ୩ ଗିରଫ

**କାକଟପୁର/ଅସ୍ତରଙ୍ଗ, ୪।୧୧ (ସଂଚାର ବ୍ୟୁରୋ):** ଗତ ୩୦ ଅକ୍ଟୋବର ରେ ସଂଚାର ରେ ପ୍ରକାଶିତ ହୋଇଥିଲା କାକଟପୁର ଓ ଅସ୍ତରଙ୍ଗ ଅଂଚଳରେ ଜୁଆ ଆଡ୍ଡା ଚାଲିଛି। ଯାହାକୁ ନେଇ ଆକ୍ସନ ମୁଡ଼ରେ ପୁଲିସ। ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅନ୍ତର୍ଗତ ଆଳସାହି ପଂଚାୟତ ଅସନ ଗ୍ରାମରେ ଜୁଆ ଖେଳ ଚାଲିଥିବା ବେଳେ ଅସ୍ତରଙ୍ଗ ଥାନା ପୁଲିସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ଘଟଣାରେ ପୁଲିସ ୩ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କ ଠାରୁ ଟଙ୍କା ଓ ବହୁସଂଖ୍ୟାରେ ତାସ ଜବତ କରିଛି।



ସୂତ୍ରରୁ ପ୍ରକାଶ ଯେ, ଅସ୍ତରଙ୍ଗ ଥାନା ପୁଲିସ ଶନିବାର ମଧ୍ୟାହ୍ନ ୧ଘଟିକା ସମୟରେ ପାଟ୍ରୋଲିଂ କରୁଥିବା ବେଳେ ବିଶେଷ ସୂତ୍ରରୁ ଖବର ପାଇଁ ଅସ୍ତରଙ୍ଗ ଥାନା ସବଇନିସ୍ପେକ୍ଟର ଅନ୍ନପୂର୍ଣ୍ଣା ମଲ୍ଲିକ ଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ଜୁଆ ଖେଳ ଚାଲିଥିବା ଅସନ ବାତ୍ୟାଆଶ୍ରୟସ୍ଥଳୀ ରେ ଅଚାନକ ଚଢ଼ାଉ କରିଥିଲେ। ଘଟଣା ସ୍ଥଳରୁ ୩ ଜଣ ଯୁବକ ଲିପୁ ଦାସ (୩୦), ସନ୍ତୋଷ କୁମାର ସ୍ୱାଇଁ (୩୭) ଓ ତ୍ରିନାଥ ଖୁଣ୍ଟିଆ (୩୨)ଗିରଫ କରିବା ସହିତ କିଛି ଟଙ୍କା ଓ ତାସ ଜବତ କରିଥିଲେ। ଅସ୍ତରଙ୍ଗ ଥାନା କେଶ ନମ୍ବର ୨୩୦/୨୪ରେ ମାମଲା ରୁଜୁ କରାଯାଇ ଗିରଫ କରାଯାଇଥିଲା। ଆଗକୁ ପୁଲିସ ର ଜୁଆ ଆଡ୍ଡା ଉପରେ ତୀକ୍ଷ୍ଣ ନଜର ରହିବ ବୋଲି ଜଣାପଡିଛି।



## ଅଳିଆ ଆବର୍ଜନା ଘେରରେ

# ବସୁଧା ପାଣିଟାଙ୍କି

### ପାଣିରୁ ବାହାରୁଛି ପୋକ

**ସିନାପାଲି, ୪।୧୧ (ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ସିନାପାଲି ବ୍ଲକ ଅନ୍ତର୍ଗତ ଟିମନପୁର ଗ୍ରାମ ପଞ୍ଚାୟତ ଗୋବିନ୍ଦପୁର ଗାଁ ରେ ଅପରିଷ୍କାର ଓ ଅଳିଆ ଆବର୍ଜନା ଘେରରେ ବସୁଧା ପାଣିଟାଙ୍କି ପାଣିପାଇପରୁ ପାଣି ସହିତ ବାହାରୁଛି ବିଭିନ୍ନ ପ୍ରକାରର କିଟ୍ ପତଙ୍ଗ । ମାସେ ତଳେ ମଧ୍ୟ ବାହାରିଥିଲା ।ଏହି ସବୁ ସମସ୍ୟାକୁ ନେଇ ଗାଁ ଲୋକେ ପାଣି ଚାଳକକୁ ଜଣାଇଥିଲେ । ପାଣି ଚାଳକ ସିନାପାଲି ଆର ଡବ୍ଲୁ ଏସ ଏସ କନିଷ୍ଠ ଯନ୍ତ୍ରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ ମଧ୍ୟ ଏକଥାକୁ କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଗାଁର ଲୋକ ପୋକ ବାହାରୁଥିବା ପାଣି ବ୍ୟବହାର କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପାଣି ଟାଙ୍କି ଯଦି ସଫା ନ କରାଯାଏ ତାହେଲେ ଅଶୁଦ୍ଧ ପାଣି ପିଇ ଅସୁସ୍ଥ ହେବାର ସମ୍ଭାବନା ରହିଛି। ଉକ୍ତ ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ତଥା ବ୍ଲକ ପ୍ରଶାସନର ଦୃଷ୍ଟି କେବେ ପଡୁଛି ଓ ସମସ୍ୟାର ସମାଧାନ କେବେ ହଉଛି ତାହା ଦେଖିବାକୁ ବାକି ରହିଲା।

# କବି ବସନ୍ତ ମୁଦୁଲିଙ୍କ କବିତା ସତ୍ୟର ଜୟଗାନ କରେ

### କବି ବସନ୍ତ ମୁଦୁଲିଙ୍କ ୩୭ ତମ ସ୍ମୃତି ସମାରୋହ



**ଭଦ୍ରକ, ୪।୧୧ (ସଂଚାର ବ୍ୟୁରୋ):** କବି ବସନ୍ତ ମୁଦୁଲିଙ୍କ କବିତାରେ ବିଦ୍ରୋହ ନୁହେଁ ମାନବବାଦର ସ୍ୱର ଝଙ୍କୃତ ହୋଇଥାଏ। ସ୍ୱଳ୍ପ କାଳର ଆୟୁଷ ନେଇ କବି ବସନ୍ତ ମୁଦୁଲି ରାଶି ରାଶି କବିତା ରଚନା କରିଯାଇଥିବା ବେଳେ ସେସବୁରେ ମାଟିକୁ ଓ ସମଗ୍ର ମାନବ ଜାତିକୁ ଭଲ ପାଇବାର ବାର୍ତ୍ତା ସେ ଦେଇଯାଇଛନ୍ତି। ତାଙ୍କର କବିତା ସତ୍ୟର ଜୟଗାନ କରେ। ଯିଏ ସତ୍ୟ କହିବ ସେ ତ ବ୍ୟବସ୍ଥାକୁ ବିରୋଧ କରିବ। ଏ ସତ୍ୟ କବି ହୃଦୟର, କବିତାର ଚରିତ୍ରର ସତ୍ୟ। କବିତାର ଚରିତ୍ର ହେଉଛି ସତ୍ୟ ଓ ପ୍ରେମ। ଏହି ସତ୍ୟତା ଓ ମାନବପ୍ରେମକୁ ନେଇ କବି ବସନ୍ତ ମୁଦୁଲି ଆଜିବି ଜନମାନସରେ ବଞ୍ଚି ରହିଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

ଭଦ୍ରକ ସ୍ଥିତ ସଂସ୍କୃତି ଭବନଠାରେ କ୍ରାନ୍ତିକାରୀ କବି ବସନ୍ତ ମୁଦୁଲିଙ୍କ ୩୭ତମ ସ୍ମୃତି ସମାରୋହ ଅନୁଷ୍ଠିତ ହୋଇଯାଇଛି। ସ୍ମୃତି ସଂସଦର ସଭାପତି ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ କଥାକାର କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇ କହିଥିଲେ ଯେ, 'କବି ବସନ୍ତ ମୁଦୁଲିଙ୍କୁ ବିଦ୍ରୋହୀ କବି ଭାବରେ ବର୍ଣ୍ଣନା କରାଯାଉଥିବା ବେଳେ ପ୍ରକୃତରେ ସେ ତାଙ୍କ କବିତାରେ ମାନବବାଦର କଥା ବଖାଣିଛନ୍ତି'। ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବୟିତ୍ରୀ ଅପର୍ଣ୍ଣା ମହାନ୍ତି ଯୋଗଦେଇ ତାଙ୍କ ବକ୍ତବ୍ୟ ରେ କହିଲେ ଯେ, 'ପ୍ରତ୍ୟେକ କବିତାର ଗୋଟିଏ ଚରିତ୍ର ଥାଏ ଆଉ ସେଇ ଚରିତ୍ର ହେଉଛି ସତ୍ୟ ଓ ପ୍ରେମ। କବିତାର ଚରିତ୍ରରେ ସତ୍ୟତା ରହିବା ଜରୁରୀ'। ଏହି ଅବସରରେ ଯୁବ କବି ଜ୍ଞାନୀ ଦେବାଶିଷ ମିଶ୍ରଙ୍କୁ ଚଳିତବର୍ଷର 'କବି ବସନ୍ତ ମୁଦୁଲି କବିତା ପୁରସ୍କାର' ରେ ସମ୍ମାନିତ କରାଯାଇଥିଲା। ପୁରସ୍କାର ସ୍ୱରୂପ ୫ ହଜାର ନଗଦ ରାଶି ସହିତ ମାନପତ୍ର ଓ ଉପଢ୍ୌକନ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ସଂପାଦକୀୟ ବିବରଣୀ ପାଠ କରିଥିଲେ ସଂସଦର ସଂପାଦକ କୃଷ୍ଣ କୁମାର ମହାନ୍ତି। ସ୍ୱାଗତ ଭାଷଣ ସଂସଦର କାର୍ଯ୍ୟକାରୀ ସଭାପତି କବି ନିରାକାର ଦାସ। ଅତିଥି ପରିଚୟ ପ୍ରଦାନ କରିଥିଲେ ସଂସଦର ଉପସଭାପତି କବି କିଶୋର ପାଣିଗ୍ରାହୀ। ଏହି ଅବସରରେ କବି ବସନ୍ତ ମୁଦୁଲିଙ୍କ କବିତା ପାଠ କରିଥିଲେ କବି ସରୋଜ ବଳ, ଗାଳ୍ପିକା ହିରଣ୍ମୟୀ ମିଶ୍ର, କବୟିତ୍ରୀ ମମତା ସାହୁ। କବି ପତିତପାବନ ପାଣି ମାନପତ୍ର ପାଠ କରିଥିଲେ। ପ୍ରାରମ୍ଭରେ ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ ସଙ୍ଗୀତଜ୍ଞ ରୁଦ୍ର ମାଧବ ବାରିକ ଏବଂ ତାଙ୍କ ସାଥୀ। ଉଦଯାପନ ସଙ୍ଗୀତ ଗାନ କରିଥିଲେ ସଙ୍ଗୀତଜ୍ଞ ସୁବାସ ରାମ।ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ସହସଂପାଦକ ଅମିତାଭ ଖିଲାର। ଏହି କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ କବି ଓ ଲେଖକମାନେ ଯୋଗ ଦେଇଥିଲେ।

# ନିଆରା ମଣିଷ ଜୟୀ ଭାଇନା

### ପେଷା: ଖବର କାଗଜ ବିତରଣ
### ନିଶା: ସମାଜସେବା ଓ ପଶୁପକ୍ଷୀଙ୍କୁ ଭଲପାଇବା



**କଣାସ, ୪।୧୧ (ସଂଚାର ବ୍ୟୁରୋ):** ରାତି ପାହିଲେ କଣାସରୁ ପଚ୍ଚନାୟିକା ଛକ ଅର୍ନ୍ତଗତ ବିଭିନ୍ନ ଛକବଜାର ମାନଙ୍କରେ ଭିଡ। ସେତେ ଯେମିତି କାହାକୁ ଅନାଇ ରହିଛନ୍ତି। ସେମାନେ ମଣିଷ ନୁହଁନ୍ତି। କିନ୍ତୁ ଏକ ମଣିଷକୁ ଭଲ ପାଉଥିବା କୁକୁର, ମାଙ୍କଡ ଓ ପାରାମାନେ। ମଣିଷ ଓ ପଶୁ ମାନଙ୍କ ମଧ୍ୟରେ ଏକ ଅଦୃଶ୍ୟ ସ୍ନେହ ଭାବ ଅନୁଭୂତ ହୁଏ ଏହି ଦୃଶ୍ୟକୁ ଦେଖିଥିବା ପଥଚାରୀମାନଙ୍କ ମଧ୍ୟରେ। ଦୀର୍ଘ ୫ଦଶକ ଧରି ପୁରୀ ଜିଲ୍ଲାର କଣାସ ଓ ଡେଲାଙ୍ଗ ବ୍ଲକରେ ଦୈନିକ ଖବରକାଗଜ ଗୁଡିକର ବିତରଣ ଓ ସମ୍ବାଦ ପ୍ରସାରଣରେ ମୁଖ୍ୟ ଭୂମିକା ଗ୍ରହଣ କରି ସମସ୍ତଙ୍କର ଖବର କାଗଜ ମଣିଷ ରୂପେ ପରିଚିତ ବିଭୂତି ଭୂଷଣ ତ୍ରିପାଠୀ ଓ ଜୟୀ ଭାଇନା ଓ ପଶୁପକ୍ଷୀମାନଙ୍କର ଏହା ହେଉଛି ନିବିଡ ସମ୍ପର୍କର କଥା। ତତ୍ ସହିତ ସମାଜସେବା ଓ ପରିବେଶ ସୁରକ୍ଷା ଦିଗରେ ଆଗଧାଡିରେ।



୧୯୭୫ ମସିହା ଯେତେବେଳେ ଦୈନିକ ଖବର କାଗଜ ପାଇଁ କଣାସ ଓ ଡେଲାଙ୍ଗର ଲୋକମାନେ ମୁଖ୍ୟତଃ ଡାକ ବିଭାଗ ଉପରେ ନିର୍ଭର କରିବାକୁ ପଡ଼ିଥିଲା। ଡାକରେ ଦୁଇ ରୁ ତିନିଦିନ ରେ ଖବର କାଗଜ ଆସୁଥିବାରୁ ଖବର କାଗଜ ପ୍ରେମିମାନେ ତିନିଦିନ ପରେ ଖବର କାଗଜ ପାଉଥିଲେ। ସେହି ସମୟରେ ପ୍ରଥମେ କଣାସ ବ୍ଲକ ତଥା ଡେଲାଙ୍ଗ ବ୍ଲକର କିଛି ଅଞ୍ଚଳରେ ଦୈନିକ ଖବର କାଗଜମାନଙ୍କ ସଇକେଲ୍ ଆଣି ପହଞ୍ଚାଇଥିବା ମଣିଷଟିଏ ଆଜି ୬୮ବର୍ଷରେ ପାଦ ଦେଇଥିଲେ ମଧ୍ୟ ସେ ଥକିପଡ଼ି ନାହାଁନ୍ତି। ଏବେ ରାତି ୪ଟାରୁ ସ୍କୁଷ୍ଟିଗାଡି ଧରି କଣାସରୁ ପଚ୍ଚନାୟିକା ଛକ ଦୀର୍ଘ ୩୦କିମି ରାସ୍ତା ଅତିକ୍ରମ କରି ସକଳା ସକଳା ଖବର କାଗଜର ତାଜା ଖବର ପାଠକଙ୍କ ପାଖରେ ପଞ୍ଚାଉଥିବା ବେଳେ ତାଙ୍କ ନିଘା ନାହିଁ ଖରା, ବର୍ଷା ଓଝଡ ତୋଫାନକୁ ବୟସାଧିକ କାରଣରୁ ରୋଗାଗ୍ରସ୍ତ ହେଲେ ହେଁ ପରିବାର, ବନ୍ଧୁ ଓ ଶୁଭେଚ୍ଛୁଙ୍କ ପରାମର୍ଶ ସତ୍ତ୍ୱେ ସେ ଓହରି ଯାଇ ନାହାନ୍ତି ପେଶାରୁ। କେବଳ ଖବର କାଗଜ ବିତରଣ ନୁହେଁ ଦୀର୍ଘ ୪ଦଶନ୍ଧି ଧରି ଓଡ଼ିଶାର ପ୍ରକାଶ ପାଉଥିବା ବିଭିନ୍ନ ଓଡିଆ ଖବରକାଗଜରେ ଅଞ୍ଚଳର ବିଭିନ୍ନ ଖବର ପ୍ରସାରଣ କରି ଅଞ୍ଚଳବାସୀ ଜିଲ୍ଲା ତଥା ରାଜ୍ୟ ସ୍ତରରେ ପ୍ରସଂଶା ସଉଁଟିଥିଲେ ମଧ୍ୟ ଖବର କାଗଜ ତାଙ୍କୁ ପରିଚୟ ଦେଇଥାରୁ ସକ୍ଷମ୍ୟ ଥିବା ପର୍ଯ୍ୟନ୍ତ ଏଥିରୁ ଦୂରେଇବେ ନାହିଁ ବୋଲି ଦୃଢ଼ତାର ସହ ପ୍ରକାଶ କରିଛନ୍ତି ତ୍ରିପାଠୀ। କେବଳ ସେତିକି ନୁହଁ କୌଣସି ଅସହାୟ ବ୍ୟକ୍ତି ଅସୁବିଧାରେ ପଡ଼ିଲେ, ଥାନା, ତାହାସିଲ, ବ୍ଲକ, ସ୍ୱାସ୍ଥ୍ୟ ସେବା ଓ ବିଭୀନ୍ନ କାର୍ଯ୍ୟାଳୟକୁ ଡାକିଥାଆନ୍ତି। ଜୟୀ ଭାଇନା ସଂଗେ ସଂଗେ ସେଠାରେ ପହଁଚି ଅ ଅସହାୟ ବ୍ୟକ୍ତି ସାହାର୍ଯ୍ୟ କରିଥାଆନ୍ତି। କେବଳ ପାଠକ ବା ବିଭିନ୍ନ ଅନୁଷ୍ଠାନ ନୁହେଁ ତାଙ୍କ ଏହି କର୍ତ୍ତବ୍ୟ ନିଷ୍ଠାକୁ ଭଲ ପରୂପେ ପରକ୍ଷି ଥିବା ପଶୁପକ୍ଷୀମାନୁ ସେ ମଧ୍ୟ ଭଲ ପାଇବା ବେଳେ ବୁଲାଷଣ୍ଢ ଓ ଗାଈଗୋରୁଙ୍କୁ ମଧ୍ୟ ଖାଇବାକୁ ଦିଅନ୍ତି। ଠିକ୍ ସମୟରେ ଠିକ୍ ସ୍ଥାନରେ ଉପସ୍ଥିତ ହୋଇ ଖାଦ୍ୟ ଦେବା ଓ ଖାଦ୍ୟଗ୍ରହଣ କରୁଥିବା ପଶୁ ପକ୍ଷୀମାନଙ୍କୁ ଦେଖି ସେ ବହୁତ ଖୁସି ହଅନ୍ତି। ଖବର କାଗଜ ବିତରଣ ଓ ପ୍ରଶାରଣ ହେଲେ ହିଁ ତାଙ୍କ ଏ ପଶୁପକ୍ଷୀମାନଙ୍କୁ ଭଲ ପାଇବାର ନିଶା ଜନସାଧାରଣଙ୍କ ମଧ୍ୟରେ ପ୍ରଶଂସାର ବିଷୟ ହୋଇଛି। ତତ୍ ସହିତ ପରିବେଶ ସୁରକ୍ଷା ଦିଗରେ ଅନେକ ବୃକ୍ଷ ଲଗାଇ ସଫଳତା ହାସଲ କରିଛନ୍ତି।

## ଆଧ୍ୟାତ୍ମିକ ଜୀବନ ଶାନ୍ତି ଆନନ୍ଦର ଉତ୍ସ

**ସେମିଲିଗୁଡା, ୪।୧୧ (ସଂଚାର ବ୍ୟୁରୋ):** ଡାକ୍ତର କବି ପ୍ରସାଦ ମିଶ୍ର ସ୍ମୃତି ପରିଷଦ ଆନୁକୂଲ୍ୟରେ ସ୍ଥାନୀୟ ବ୍ରାଇ ଟ ଷ୍ଟାର ହୋଟେଲ ସମ୍ମିଳନୀ କକ୍ଷରେ ଆୟୋଜିତ ସାରସ୍ୱତ ସନ୍ଧ୍ୟାରେ ମୁଖ୍ୟ ଅତିଥି ଓ ମୁଖ୍ୟ ବକ୍ତା ଭାବେ ସୋଆ ବିଶ୍ୱବିଦ୍ୟାଳୟ ର ମୁଖ୍ୟପରାମର୍ଶ ଦାତା ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ଯୋଗ ଦାନ କରି ବିଭିନ୍ନ ଉଦାହରଣ ମାଧ୍ୟମ ରେ କହିଲେଜେ ଆଧ୍ୟାତ୍ମିକ ଜୀବନ ଯାପନ ଦ୍ୱାରା ମଣିଷ ଜୀବନ ରେ ଶାନ୍ତି ଓ ଆନନ୍ଦ ଉପଲବ୍ଧ କରିବାସହ ସମାଜର ମଙ୍ଗଳ ହୋଇପାରିବ ତେଣୁସମସ୍ତେ ଆଧ୍ୟାତ୍ମିକ ଜୀବନ ଯାପନ କରିବଉଚିତ ବୋଲିଆହ୍ୱାନ ଦେଇଥିଲେ, ରମାକାନ୍ତ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଲୋଚକ



ଓବକ୍ତା ଭାବେ ଆରକ୍ଷୀ ନିରୀକ୍ଷକ ସତ୍ୟାନନ୍ଦ ପାତ୍ର ଯୋଗଦାନ କରି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରିଥିଲେ, ଏହି ଅବସରରେ ବାଇଧର ନୟାକଙ୍କ ରଚିତ ପିଲାଙ୍କ ମହାଭାରତ ଉନ୍ମୋଚିତ ହୋଇଥିଲା, ଆତ୍ମବିଶ୍ୱାସ, ଈଶ୍ୱର ବିଶ୍ୱାସ ଓ କଠିନ ପରିଶ୍ରମ ସଫଳତାର ଚାବିକାଠି ବୋଲି ମତ ପ୍ରକାଶ ପାଇଥିଲା, ଜଳେନ୍ଦ୍ର ତ୍ରିପାଠୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା କରିଥିଲେ, ଲୋକନାଥ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ, ଏହି ସମସ୍ତ କାର୍ଯ୍ୟକ୍ରମ କୁ ଆଞ୍ଜୁଲତା ଆଚାର୍ଯ୍ୟ, ଅମ୍ବିକା ତ୍ରିପାଠୀ, ରାଜକୁମାର ପଣ୍ଡା, ଭବାନୀ ପଣ୍ଡା ଆଦି ପରିଚାଳନା କରିଥିଲେ।

## ନିଟ୍ ଡାକ୍ତରଙ୍କ ଝୁଲନ୍ତା ଶବ ଉଦ୍ଧାର



ରାଉରକେଲା, ୪।୧୧(ସଂଚାର ବ୍ୟୁରୋ): ନିଟ୍ ହେଲଥ୍ ସେଣ୍ଟରରେ କାର୍ଯ୍ୟରତ ଡାକ୍ତର ସନ୍ତୋଷ ହୁଗାର (୨୮)ଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରାଯାଇଛି। କ୍ୱାର୍ଟର୍ସରୁ ତାଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ପୁଲିସ। ମୃତ ଡାକ୍ତରଙ୍କ ଘର କର୍ଣ୍ଣାଟକର ବିଜୟପୁର। ମୃତଦେହ ନିକଟରୁ ସୁଇସାଇଡ ନୋଟ ମଧ୍ୟ ଜବତ କରିଛି ପୁଲିସ। ସେଥିରେ ବ୍ୟକ୍ତିଗତ କାରଣରୁ ଆତ୍ମହତ୍ୟା କରିଥିବା ଲେଖା ହୋଇଛି। ତେବେ ସେହି ସୁଇସାଇଡ ନୋଟ୍ ସେ ଲେଖିଛନ୍ତି କି ନାହିଁ, ତାହା ତଦନ୍ତ ପରେ ପୁଲିସ ସ୍ପଷ୍ଟ କରିବ।

## ଧରାପଡ଼ିଲେ ଜେଇ



ଭୁବନେଶ୍ୱର, ୪।୧୧ (ସଂଚାର ବ୍ୟୁରୋ): ଲାଞ୍ଚ ନେବା ଜେଇଙ୍କୁ ପଡ଼ିଲା ମହଙ୍ଗା। ବିଲ କରିବା ଲାଗି ଠିକାଦାରଙ୍କ ଠାରୁ ୧୦ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ୍ ଜେଇ ଅଶୋକ ପାଢ଼ୀ। ଭିଜିଲାନ୍ସ ତାଙ୍କ ପାଖରୁ ୧୦ ହଜାର ଲାଞ୍ଚ ଟଙ୍କା ଜବତ କରିବା ସହ ପଚରାଉଚରା କରୁଛି। ଏକ ବିଲ୍ ପାସ କରିବା ପାଇଁ ଅଶୋକ ଠିକାଦାରଙ୍କୁ ୧୦ ହଜାର ଟଙ୍କା ମାଗିଥିଲେ। ସଂପୃକ୍ତ ଠିକାଦର ଏନେଇ ଭିଜିଲାନ୍ସକୁ ଅବଗତ କରାଇଥିଲେ। ସୋମବାର ସକାଳେ ଜେଇ ନିଜ ଅଫିସରେ ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ହାବୁଡ଼ରେ ପଡ଼ିଥିଲେ। ଭିଜିଲାନ୍ସ ତାଙ୍କ ପାଖରୁ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କ ଘର, ପୈତୃକ ଘର ଓ ଅଫିସରେ ଚଢ଼ାଉ କରିଛି।

## ହରିହର ବେଶରେ ଦର୍ଶନ ଦେଲେ ଶ୍ରୀବଳଭଦ୍ର

ପୁରୀ, ୪।୧୧ (ସଂଚାର ବ୍ୟୁରୋ): ଶ୍ରୀମନ୍ଦିରରେ ବଡ଼ଠାକୁର ଶ୍ରୀବଳଭଦ୍ର ହରିହର ବେଶରେ ଆଜି ଶ୍ରଦ୍ଧାଳୁ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବଡ଼ ଠାକୁରଙ୍କୁ ହର ବା ଶିବ ବୋଲି ବିବେଚନା କରାଯାଉ ଥିବାବେଳେ ଏହି ବେଶରେ ହରି ଓ ହରଙ୍କ ଆତ୍ମୀୟତା ପ୍ରସ୍ଫୁଟିତ ହୋଇଥାଏ। ହରିହର ବେଶରେ ବଡ଼ଠାକୁର ଅର୍ଦ୍ଧେକ ଧଳା ଓ ଅର୍ଦ୍ଧେକ କଳା ବସ୍ତ୍ର ପରିଧାନ କରି ୩୨ ପ୍ରକାର ସୁବର୍ଣ୍ଣ ଅଳଙ୍କାର ଲାଗି ହୋଇଥାନ୍ତି। କିନ୍ତୁ ଶ୍ରୀଜଗନ୍ନାଥ ରାଧାଦାମୋଦର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ଅବକାଶ ନୀତି ପରେ ପୁଷ୍ପାଳକ ସେବକମାନେ ବଡ଼ଠାକୁରଙ୍କୁ ହରିହର ବେଶରେ ଓ ଶ୍ରୀଜଗନ୍ନାଥଙ୍କୁ ରାଧାଦାମୋଦର ବେଶରେ ସଜ୍ଜିତ କରିଥିଲେ। ହରିହର ବେଶ ସାଙ୍ଗକୁ ରାଧାଦାମୋଦର ବେଶ ଦେଖି ଭକ୍ତ ଆତ୍ମତୃପ୍ତି ଲାଭ କରିଛନ୍ତି।

### କାଳୀ ମେଢ଼ ଭସାଣିରେ ସଂଘର୍ଷ: ୬ ଆହତ

## ଦୋକାନ ଓ ବାଇକ ଭଙ୍ଗାରୁଜା

କଟକ,୪।୧୧ (ସଂଚାର ବ୍ୟୁରୋ): କଟକରେ କାଳୀ ମେଢ଼ ଭସାଣି ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଗଣ୍ଡଗୋଳ ଘଟି ଉଭୟ ପକ୍ଷର ୬ ଜଣ ଆହତ ହୋଇଛନ୍ତି। ଚାନ୍ଦିନୀଚୌକ ରୟାଲ ଗାର୍ଡେନ ନିକଟରେ ଏହି ସଂଘର୍ଷ ହୋଇଛି। ଆହତ ୬ ଜଣଙ୍କୁ କଟକ ସିଟି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୁଲିସର ସୂଚନା ଅନୁଯାୟୀ, ମହମ୍ମଦିୟା ବଜାର ଅଞ୍ଚଳର କିଛି ଯୁବକ କାଳୀ ମେଢ଼ ବିସର୍ଜନ କରି ଫେରୁଥିବା ସମୟରେ ଚାନ୍ଦିନୀଚୌକ ହସିନାବାଗ ଅଞ୍ଚଳର କିଛି ଯୁବକଙ୍କ ସହ କୌଣସି କଥାକୁ ନେଇ ବଚସା ହୋଇଥିଲା। ଏହି ବଚସା ଉଗ୍ରରୂପ ନେଇଥିଲା। ଏପରେ ଉଭୟ ପକ୍ଷଙ୍କ ମଧ୍ୟରେ ଢେଲାପଥର ମାଡ଼ ସହ କାଚ ବୋତଲ ଫିଙ୍ଗା ଫିଙ୍ଗି ହୋଇଥିଲା। ଗଣ୍ଡଗୋଳକାରୀମାନେ ଗୋଟିଏ ଦୋକାନ ଭାଙ୍ଗିବା ସହ ୩ଟି ବାଇକ ମଧ୍ୟ ଭାଙ୍ଗି ଦେଇଥିବା ଅଭିଯୋଗ ହୋଇଛି। ଲାଲବାଗ ଥାନା ପୁଲିସ ପହଞ୍ଚିବା ପରେ ଉତ୍ତେଜନା ଥମିଥିଲା। ତେବେ ଗଣ୍ଡଗୋଳର ପ୍ରକୃତ କାରଣ ଜଣାପଡ଼ି ନ ଥିବାବେଳେ ଲାଲବାଗ ଥାନା ପୁଲିସ ଅଭିଯୁକ୍ତ ମାନଙ୍କୁ ଧରିବା ପାଇଁ ଛାନବିନ ଆରମ୍ଭ କରିଛି।

## ଏସ୍‌ସିବିରେ ରାଗିଂ

କଟକ,୪।୧୧ (ସଂଚାର ବ୍ୟୁରୋ): ବ୍ରହ୍ମପୁର ଏମକେସିଜି ପରେ ଏବେ କଟକ ଏସ୍‌ସିବି ମେଡିକାଲ କଲେଜରୁ ଆସିଛି ରାଗିଂ ଅଭିଯୋଗ। ଏମ୍‌ବିବିଏସ୍ ଶେଷ ବର୍ଷ ଛାତ୍ରଙ୍କ ବିରୋଧରେ ରାଗିଂ ଅଭିଯୋଗ ଆଣିଛନ୍ତି ପ୍ରଥମ ବର୍ଷ ଛାତ୍ର। ଅଭିଯୋଗକୁ ଗ୍ରହଣ କରି ଏସ୍‌ସିବି ଆଣ୍ଟି ରାଗିଂ କମିଟିର ବୈଠକ ବସିଛି। ଅଭିଯୋଗକାରୀ ଛାତ୍ର ଦେଇଥିବା ତଥ୍ୟ ଆଧାରରେ ଆରମ୍ଭ ହୋଇଛି ତଦନ୍ତ। ଏହା ପୂର୍ବରୁ ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ୪ର୍ଥ ହଷ୍ଟେଲରେ ହୋଇଥିବା ରାଗିଂ ରାଜ୍ୟରେ ଚର୍ଚ୍ଚାର ବିଷୟ ପାଲଟିଥିଲା। ଏଠାରେ ଏମ୍‌ବିବିଏସ୍ ପଢ଼ୁଥିବା କିଛି ୨ୟ ବର୍ଷ ଛାତ୍ରଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯିବା ସହ ରାଗିଂ କରାଯାଉଥିବା ନେଇ ଏନ୍‌ଏମ୍‌ସିର ଆଣ୍ଟି ରାଗିଂ ସେଲରେ ଅଭିଯୋଗ ହୋଇଥିଲା। ଏହି ଘଟଣାରେ ପରେ ଜଣେ ଦ୍ୱିତୀୟ ବର୍ଷର ଛାତ୍ର ୫ ଜଣ ସିନିୟର ଛାତ୍ରଙ୍କ ନାଁରେ ମେଡିକାଲ କଲେଜ କର୍ତ୍ତୃପକ୍ଷଙ୍କ ନିକଟରେ ଲିଖିତ ଅଭିଯୋଗ ମଧ୍ୟ କରିଥିଲେ। ଏହାପରେ ରାଗିଂରେ ସଂପୃକ୍ତ ୫ ଜଣ ଛାତ୍ରଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନେଇଛନ୍ତି ମେଡିକାଲ କଲେଜ କର୍ତ୍ତୃପକ୍ଷ। ରାଗିଂ କରିଥିବା ୪ର୍ଥ ହଷ୍ଟେଲର ୫ ଜଣ ସିନିୟର ଛାତ୍ରଙ୍କୁ ସବୁଦିନ ପାଇଁ ହଷ୍ଟେଲ ମନା ହୋଇଛି। ସଂପୃକ୍ତ ଛାତ୍ରମାନଙ୍କୁ ମେଧାବୃତ୍ତି, ଫେଲୋସିପ୍ ଓ ଅନ୍ୟାନ ସୁବିଧାସୁଯୋଗ ମଧ୍ୟ ମିଳିବନି ବୋଲି ଆଣ୍ଟି ରାଗିଂ କମିଟିର ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।

# କେନ୍ଦ୍ରାପଡ଼ାରୁ ଆନ୍ଧ୍ର ଯିବନି ଆର୍ସେଲର ମିତ୍ତଲ

ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ପ୍ରକଳ୍ପରୁ ଓହରିନି ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ କମ୍ପାନୀ। ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲର ବରିଷ୍ଠ ଅଧିକାରୀ ଏହି ସୂଚନା ଦେଇଛନ୍ତି। ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ ଆନ୍ଧ୍ରପ୍ରଦେଶରେ ଏକ ମେଗା ଇସ୍ପାତ କାରଖାନା ପ୍ରତିଷ୍ଠା କରିବାକୁ ଯାଉଥିବା ନେଇ ଜାତୀୟ ଗଣମାଧ୍ୟମରେ ଖବର ଆସିବା ପରେ ପୂର୍ବତନ ମନ୍ତ୍ରୀ ତଥା ବିଜେଡି ନେତା ପ୍ରତାପ ଜେନା କହିଥିଲେ ଯେ ଆର୍ସେଲର ମିତ୍ତଲ-ନିପନ୍ ଷ୍ଟିଲ ପ୍ରକଳ୍ପ କେନ୍ଦ୍ରାପଡ଼ାରୁ ଆନ୍ଧ୍ରପ୍ରଦେଶକୁ ଉଠିଗଲା। ଆଉ ଏହା ପରେ ଆଜି କମ୍ପାନୀ ପକ୍ଷରୁ ଦିଆଯାଇଛି ସ୍ପଷ୍ଟୀକରଣ। କେନ୍ଦ୍ରାପଡ଼ାରେ ପ୍ରସ୍ତାବିତ ୨୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ଉଠିବନି ବୋଲି ସ୍ପଷ୍ଟୀକରଣରେ କୁହାଯାଇଛି।




କମ୍ପାନୀ ଅଧିକାରୀ କହିଚନ୍ତି, ପ୍ରକଳ୍ପ ପ୍ରତିଷ୍ଠା ନେଇ ପ୍ରକ୍ରିୟା ଜାରି ରହିଛି। କେନ୍ଦ୍ରାପଡ଼ା ଷ୍ଟିଲ ପ୍ଲାଣ୍ଟ ଏବେ ବିଭିନ୍ନ ସରକାରୀ ଅନୁମୋଦନ ପ୍ରକ୍ରିୟାରେ ରହିଛି। ଏହାଛଡ଼ା ଆର୍ସେଲର ମିତ୍ତଲ-ନିପନ ଷ୍ଟିଲ ପାରାଦୀପରେ ମଧ୍ୟ ଏକ ୭ ନିୟୁତ ଟନ କ୍ଷମତା ବିଶିଷ୍ଟ ଇସ୍ପାତ କାରଖାନା ସ୍ଥାପନ କରୁଛି। ଏହି ପ୍ରକଳ୍ପ କାମ ମଧ୍ୟ ଚାଲୁ ରହିଛି।



କେନ୍ଦ୍ରାପଡ଼ାରୁ କମ୍ପାନୀର ପ୍ରସ୍ତାବିତ ପ୍ରକଳ୍ପ ଆନ୍ଧ୍ରପ୍ରଦେଶ ଚାଲି ଯାଉଥିବା ନେଇ ବିଜେଡି ଅଭିଯୋଗ କରିଥିଲା। ଦଳର ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଏଭଳି ଅଭିଯୋଗ ଆଣି ଓଡ଼ିଶା ପାଇଁ ଦୁର୍ଭାଗ୍ୟଜନକ କଥା ବୋଲି କହିଥିଲେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ନିଜେ ଜାପାନ ଯାଇ ଇସ୍ପାତ ପ୍ରକଳ୍ପ ପାଇଁ ଉଦ୍ୟମ କରିଥିଲେ ବି ବର୍ତ୍ତମାନର ବିଜେପି ସରକାର ପାଇଁ କମ୍ପାନୀ ପ୍ରକଳ୍ପ ସ୍ଥାନ ପରିବର୍ତ୍ତନ କରୁଥିବା କହିଥିଲା ବିଜେଡି। ଅନ୍ୟପକ୍ଷରେ ଆର୍ସେଲର ମିତ୍ତଲ ଓଡ଼ିଶା ଛାଡ଼ିବା ଚର୍ଚ୍ଚା ଉପରେ ଶିଳ୍ପ ମନ୍ତ୍ରୀ କହିଛନ୍ତି, କେବଳ ପ୍ରତାପ ଜେନା ନୁହନ୍ତି, ବିଜେଡିର ଅନ୍ୟ ନେତାମାନେ ଲୋକଙ୍କୁ ଭ୍ରମିତ କରୁଛନ୍ତି। ଓଡ଼ିଶାରୁ ଆର୍ସେଲର ମିତ୍ତଲ- ନିପନ୍ ଷ୍ଟିଲ ଯିବନି। ପୂର୍ବ ସରକାର ଦୁଇ ବର୍ଷ ହେଲା ଶିଥିଳ ହୋଇଯାଇଥିଲା, କୌଣସି କାମ କରୁ ନ ଥିଲା। ବରଂ ବିଜୁ ଜନତା ଦଳ ସମୟରେ ଯେଉଁ ଶିଳ୍ପ ଓଡ଼ିଶାରୁ ଫେରି ଯାଇଥିଲେ ସେମାନେ ଏବେ ଓଡ଼ିଶା ଫେରୁଛନ୍ତି।

ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ ବିଶ୍ୱରେ ଇସ୍ପାତ କାରଖାନା ବସାଉଛି। ପ୍ରତାପ ଜେନା କେମିତି କହିଲେ ଏ କଥା। ତାଙ୍କ ସମୟରେ ଗୁଜରାଟର ହାଜିରାରେ ଏକ ଷ୍ଟିଲ ପ୍ଲାଣ୍ଟ କରିଥିଲା ଆର୍ସେଲର ମିତ୍ତଲ ନିପନ୍ ଷ୍ଟିଲ। ସେତେବେଳେ କହିଲେନି ଯେ ଓଡ଼ିଶାରୁ ଏହା ଗୁଜରାଟ ପଳାଇଲା ବୋଲି। ବିଜୁ ଜନତା ଦଳ ସମୟରେ ଯେଉଁ ଶିଳ୍ପ ଫେରିଯାଇଥିଲେ ସେମାନେ ଏବେ ଫେରୁଛନ୍ତି ଓଡ଼ିଶାକୁ। ପୂର୍ବରୁ ମଧ୍ୟ ଜେଏସ୍‌ଡବ୍ଲ୍ୟୁ ଇଭି ଫେରି ଯାଉଛି ବୋଲି କହି ଲୋକଙ୍କୁ ଭ୍ରମିତ କରିଥିଲେ, ପରେ ସତ୍ୟତା ଜଣାପଡ଼ିଲା।

## ଆମ୍ବ ଟାକୁଆ ଖାଇ ଅସୁସ୍ଥ ମହିଳାଙ୍କୁ ଭେଟିଲେ ସ୍ୱାସ୍ଥ୍ୟ ମନ୍ତ୍ରୀ

କଟକ, ୪।୧୧(ସଂଚାର ବ୍ୟୁରୋ): ଆମ୍ବ ଟାକୁଆ ଜାଉ ଖାଇ ଏସ୍‌ସିବିରେ ଚିକିତ୍ସାଧୀନ ଥିବା ଜିତା ମାଝୀ ଏବଂ ଟୁନି ମାଝୀଙ୍କୁ ସ୍ୱାସ୍ଥମନ୍ତ୍ରୀ ମୁକେଶ ମହାଲିଙ୍ଗ ଭେଟିଛନ୍ତି। ସେ ଉଭୟଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିଛନ୍ତି। ଉଭୟ ଏମ୍‌କେସିଜିରେ ଚିକିତ୍ସାଧୀନ ଥିବା ବେଳେ ଅବସ୍ଥା ସଙ୍କଟାପର୍ଣ୍ଣ ହେବାରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର ହୋଇଥିଲେ। ଡାକ୍ତରଙ୍କ ସହ ଆଲୋଚନା କରି ଉଭୟଙ୍କୁ ଉତ୍ତମରୁ ଉତ୍ତମ ଚିକିତ୍ସା ଯୋଗାଇଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଚିକିତ୍ସା କରୁଥିବା ଡାକ୍ତର ଜୟନ୍ତ ପଣ୍ଡା କହିଛନ୍ତି ଆକ୍ରାନ୍ତଙ୍କ ଅବସ୍ଥା ସଙ୍କଟାପନ୍ନ ଅଛନ୍ତି। ସେମାନଙ୍କ ଲିଭର୍, କିଡନୀ କାମ କରୁନାହିଁ। ଆକ୍ରାନ୍ତଙ୍କ ଡାଏଲିସିସ ସହ ବିଭିନ୍ନ ପରୀକ୍ଷା କରିବା ସହ ଚିକିତ୍ସା କରାଯାଉଛି। ଏସସିବିର ମେଡିସିନ୍, ହେପାଟୋଲୋଜି ଏବଂ କ୍ରିଟିକାଲ କେୟାର ବିଭାଗର ମିଳିତ ଡାକ୍ତରୀ ଟିମ୍ ଆକ୍ରାନ୍ତଙ୍କ ଚିକିତ୍ସା କରୁଛନ୍ତି। କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକ ଅଞ୍ଚଳରେ ଆମ୍ବ ଟାକୁଆ ଖାଇ ୨ ଜଣଙ୍କ ମୃତ୍ୟୁ ହୋଇଥିଲା। ମୃତକ ହେଲେ ଉକ୍ତ ବ୍ଲକ ଗଦାପୁର ପଞ୍ଚାୟତ ମାଣ୍ଡିପଙ୍କା ଗ୍ରାମ ଦଡ଼ାସାହିର ରୁନୁ ମାଝୀ ଏବଂ ରମିତା ପାଟମାଝୀ। ରୁନୁ ଜଣେ ଦିବ୍ୟାଙ୍ଗ ଯୁବତୀ। ଗ୍ରାମର ୬ ଜଣ ମହିଳା ଗୁରୁତର ରହିଥିବା ବେଳେ ସେମାନଙ୍କୁ ପ୍ରଥମେ ବ୍ରାହ୍ମଣୀଗାଁ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଗୁରୁତର ହେବାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଥିଲା।

## ୨୩ ପରେ ନୂଆ ପିସିସି ସଭାପତି



ଭୁବନେଶ୍ୱର, ୪।୧୧ (ସଂଚାର ବ୍ୟୁରୋ): ଆସନ୍ତା ୨୩ ତାରିଖ ପରେ ଆସିବ ନୂତନ ସଭାପତିଙ୍କ ନାମ । ଆଜି ବୈଠକ ପରେ ଏହି ସୂଚନା ଦେଇଛନ୍ତି ଏଆଇସିସି ପକ୍ଷରୁ ନିଯୁକ୍ତ ସ୍ୱତନ୍ତ୍ର ଅଧିକାରୀ ତଥା ଛତିଶଗଡ ବିଧାୟକ ଦଳ ନେତା ଚରଣ ଦାସ ମହନ୍ତ। ଦୁଇ ଦିନିଆ ଗସ୍ତରେ ଆସିଥିବା ଚରଣ ପ୍ରଥମ ଦିନର ବୈଠକ ପରେ କହିଛନ୍ତି ଯେ, ତୃଣମୂଳ ସ୍ତରରେ ଯିଏ କଂଗ୍ରେସକୁ ଅଧିକ ସୁଦୃଢ଼ ଏବଂ ମଜବୁତ୍ କରିପାରିବ ସେଭଳି ନେତାଙ୍କୁ ଚୟନ କରାଯିବ । ଆଗାମୀ ପଞ୍ଚାୟତ ଓ ମହାନଗର ନିର୍ବାଚନରେ ଦଳକୁ ଯିଏ ଜିତେଇବାରେ ସମର୍ଥ ହେବ ସେହିଭଳି ନେତାଙ୍କୁ ଚୟନ କରାଯିବ। ଚରଣ କଂଗ୍ରେସ ଭବନଠାରେ ପହଞ୍ଚି ପ୍ରଥମେ ଷ୍ଟିୟରିଂ କମିଟି ସଦସ୍ୟମାନଙ୍କ ସହିତ ବିଚାରବିମର୍ଶ କରିବେ ବୋଲି ଜଣାପଡ଼ିଛି। ଏହି ସମୟରେ ଦଳର ବିଧାୟକ ଏବଂ ଏମ୍‌ପି ମଧ୍ୟ କଂଗ୍ରେସର ସ୍ଥିତି ଏବଂ କାହାକୁ ଦଳର ସଭାପତି ପଦରେ ଅବସ୍ଥାପିତ କରାଯିବ ସେ ନେଇ ବିସ୍ତୃତ ଆଲୋଚନା କରିବେ। ଏହାପରେ ପୂର୍ବତନ ବିଧାୟକ, ଏମ୍‌ପି ଏବଂ ଜିଲା ସଭାପତିମାନଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହିତ ସେ ଦଳର ବରିଷ୍ଠ ନେତାମାନଙ୍କ ସହିତ ଆଲୋଚନା କରିଛନ୍ତି। ବୈଠକରେ ଯୋଗଦେଇଥିବା ସବୁ ବରିଷ୍ଠ ନେତା ନିଜ ନିଜର ମତ ଉପସ୍ଥାପନ କରିଛନ୍ତି। ତେବେ ଚୁଡାନ୍ତ ନିଷ୍ପତ୍ତି ହାଇକମାଣ୍ଡଙ୍କ ଉପରେ ଛାଡିଛନ୍ତି। ରାଜ୍ୟରେ କଂଗ୍ରେସର ଭବିଷ୍ୟତ ପାଇଁ ହାଇକମାଣ୍ଡ ଯାହା ନିଷ୍ପତ୍ତି ନେବେ ତାହାକୁ ସମସ୍ତେ ମାନିବେ ବୋଲି ସବୁ ବରିଷ୍ଠ ନେତା କହିଛନ୍ତି। ସେହିଭଳି ଲବି ନୁହେଁ, ଦକ୍ଷତା ଆଧାରରେ ପିସିସି ସଭାପତି ଚୟନ କରାଯିବ ବୋଲି ସବୁ ବରିଷ୍ଠ ନେତା ମତ ରଖିଛନ୍ତି।

## ମାଲକାନଗିରିରେ ହେବ ଆଇନଜୀବୀଙ୍କ ବାର୍ଷିକ ସମ୍ମିଳନୀ



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ନିଖିଳ ଓଡ଼ିଶା ଆଇନଜୀବୀ ସଂଘର କାର୍ଯ୍ୟକାରୀ ବୈଠକ ବିଜେବି ନଗର ସ୍ଥିତ ସଂଘ କାର୍ଯ୍ୟାଳୟରେ ଅଧ୍ୟକ୍ଷ ଜ୍ଞାନ ରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ୫୩ତମ ବାର୍ଷିକ ସମ୍ମିଳନୀର ସ୍ଥାନନିର୍ଦ୍ଧାରଣ କରାଯାଇଛି। ସମ୍ମିଳନୀ ମାଲକାନଗିରିରେ ଅନୁଷ୍ଠିତ ହେବ ବୋଲି ନିଷ୍ପତ୍ତି ହୋଇଛି। ମାଲକାନଗିରି ଓକିଲ ସଂଘ ସଭାପତି ନୃସିଂହ ଚରଣ ମହାନ୍ତି, ସମ୍ପାଦକ ଲମ୍ବୋଦର ତୁରୁକ, ସାଧାରଣ ସମ୍ପାଦକ ବିଜୁ ସରକାର ଓ ଅନ୍ୟ ସଭ୍ୟ ମାନଙ୍କ ଉପସ୍ଥିତିରେ ଏହି ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ଏହାସହିତ ଅକ୍ଟୋବର ୨୯ ତାରିଖରେ ଘାଜିଆବାଦରେ ଓକିଲମାନଙ୍କ ଉପରେ ବର୍ବରୋଚିତ ଆକ୍ରମଣକୁ ଘୋର ନିନ୍ଦା କରାଯାଇଛି। ଏହାକୁ ବିରୋଧ କରି ନଭେମ୍ବର ୮କୁ ପ୍ରତିବାଦ ଦିବସ ଭାବେ ପାଳନ କରିବାକୁ ନିଷ୍ପତି ନିଆଯାଇଛି।ଏହାସହିତ ଆଇନଜୀବୀ ଅନୁଦାନ ପାଣ୍ଠିକୁ ସରକାରୀ ଅନୁଦାନ ୨୦ କୋଟି ଟଙ୍କାକୁ ବୃଦ୍ଧି କରିବା ପାଇଁ ଏକ ସ୍ମାରକପତ୍ର ଦେବାକୁ ପ୍ରସ୍ତାବ ଗ୍ରହଣ କରାଯାଇଛି। ବୈଠକରେ ସଂଘର ଉପଦେଷ୍ଟା ତଥା ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ବିଭୁ ପ୍ରସାଦ ତ୍ରିପାଠୀ, ସଭାପତି ନନ୍ଦ ନନ୍ଦନ ଶତପଥୀ, ସାଧାରଣ ସମ୍ପାଦକ ସଂଜିତ କୁମାର ପାଣିଗ୍ରାହୀ, ପ୍ରଶାନ୍ତ କୁମାର ସାହୁ, ଇତିଶ୍ରୀ ମହାପାତ୍ର, ଶେଖ ହାସନ ପ୍ରମୁଖ ଉପସ୍ଥିତ ଥିଲେ।

## ଆଖିବୁଜିଲା 'ଯଶୋଦା'

ବାରିପଦା,୪।୧୧ (ସଂଚାର ବ୍ୟୁରୋ): ଚନ୍ଦକାରୁ ସ୍ଥାନାନ୍ତର ହେବା ପରେ ଦୀର୍ଘ ଦିନ ଧରି ଅସୁସ୍ଥ ଥିବା ତାଲିମପ୍ରାପ୍ତ ହାତୀ ଯଶୋଦା ସୋମବାର ସକାଳେ ଶିମିଳିପାଳ ଜଙ୍ଗଲରେ ପ୍ରାଣତ୍ୟାଗ କରିଛି। ଜେନାବିଲ ଜଙ୍ଗଲ ପରିସରରେ ଚିକିତ୍ସିତ ଅବସ୍ଥାରେ ପ୍ରାୟ ୬୦ ବର୍ଷ ବୟସର ଯଶୋଦାର ମୃତ୍ୟୁ ହୋଇଥିବା ବନ ବିଭାଗ ସୂଚନା ଦେଇଛି। ଯଶୋଦା ଛଅ ମାସ ପୂର୍ବରୁ ଚନ୍ଦକା ଜଙ୍ଗଲରୁ ଶିମିଳିପାଳକୁ ସ୍ଥାନାନ୍ତର ହୋଇଥିଲା। ସ୍ଥାନାନ୍ତର ପରେ ସେଠାରେ ସେ ଅସୁସ୍ଥ ହୋଇପଡିଥିଲା। ତିନି ମାସ ପୂର୍ବେ ଯଶୋଦାର ସ୍ୱାସ୍ଥ୍ୟ ଅବସ୍ଥା ଖରାପ ହେବାରୁ ସେ ଚିକିତ୍ସିତ ହେଉଥିଲା। ତଥାପି ଯଶୋଦାର ଜୀବନ ରକ୍ଷା କରାଯାଇପାରିଲାନି। ଏହାପୂର୍ବରୁ, ଯଶୋଦା ଅନ୍ୟ ବନ୍ୟଜନ୍ତୁଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ନିୟୋଜିତ ହୋଇଥିଲା। ୨୦୧୮ ରେ ସାତକୋଶିଆ ଜଙ୍ଗଲରେ ବାଘୁଣୀ 'ସୁନ୍ଦରୀ'କୁ ଟ୍ରାଙ୍କୁଆଲାଇଜ କରିବା ପାଇଁ ବନ ବିଭାଗ ଯଶୋଦାର ସହାୟତା ନେଇଥିଲା।

## ଶଙ୍ଖ ଛାଡ଼ି ପଦ୍ମ ଧରିଲେ ୨ ବିଜେଡି ନେତା



ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ବିଜେଡି ଛାଡ଼ି ବିଜେପିରେ ମିଶିଛନ୍ତି ଦୁଇ ଜଣ ବିଜେଡି ନେତା। ସୋମବାର ସକାଳେ ମୁଖ୍ୟମନ୍ତ୍ରୀଙ୍କ ଭୁବନେଶ୍ୱର ସ୍ଥିତ ବାସଭବନରେ ଏମାନେ ପଦ୍ମ ଧରିଛନ୍ତି। ସେମାନେ ହେଲେ ସାହାରପଡ଼ା ବ୍ଲକ ଅଧ୍ୟକ୍ଷା ରୀନା ନାଏକ ଓ ବିଜେଡି ସମର୍ଥିତ କେନ୍ଦୁଝର ଜିଲ୍ଲା ଓକିଲ ସଂଘର ସଭାପତି ଆଲୋକ ମହାନ୍ତ। ଲୋକଙ୍କୁ ସେବା ଯୋଗାଇ ଦେବାକୁ ବିଜେପିରେ ମିଶିଥିବା କହିଛନ୍ତି ରୀନା ନାଏକ। ଜିଲ୍ଲା ଓକିଲ ସଂଘର ସଭାପତି ଆଲୋକ ମହାନ୍ତ କହିଛନ୍ତି, ବିଜେଡିରେ ତାଙ୍କୁ ସବୁବେଳେ ଅବହେଳା କରାଯାଇଛି। ବିଜେଡିରେ ଚାଲିଥିବା ଏକଛତ୍ରବାଦରେ ଅତିଷ୍ଠ ହୋଇ ସେ ମୁଖ୍ୟମନ୍ତ୍ରୀ, ବିଜେପି ଜିଲ୍ଲା ସଭାପତି ଓ ବିଜେପି ଯୁବମୋର୍ଚ୍ଚା ସଭାପତିଙ୍କ ଉପସ୍ଥିତିରେ ପଦ୍ମ ଧରିଛନ୍ତି ବୋଲି କହିଛନ୍ତି।

### ଆଇଡିଏସ୍‌ପିର ୨୦ ବର୍ଷିଆ ସ୍ମାରକୀ କାର୍ଯ୍ୟକ୍ରମ

## ଜନସ୍ୱାସ୍ଥ୍ୟ ନିରୀକ୍ଷଣରେ ଉତ୍କୃଷ୍ଟତା ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟ୍ ସମ୍ବର୍ଦ୍ଧିତ

ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ନୂଆଦିଲ୍ଲୀରେ ଆୟୋଜିତ ଆଇଡିଏସପିର ୨୦ ବର୍ଷିଆ ସ୍ମାରକୀ କାର୍ଯ୍ୟକ୍ରମରେ ଜନସ୍ୱାସ୍ଥ୍ୟ ନିରୀକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟକୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ସ୍ୱୀକୃତି ଓଡ଼ିଶାର ଜନସ୍ୱାସ୍ଥ୍ୟର ସୁରକ୍ଷା ପାଇଁ ରାଜ୍ୟ ନିରୀକ୍ଷଣ ୟୁନିଟର ଉତ୍ସର୍ଗୀକୃତ ସେବା ମନୋଭାବ ଏବଂ ପ୍ରତିବଦ୍ଧତାକୁ ପ୍ରମାଣିତ କରୁଛି।



ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଅତିରିକ୍ତ ନିର୍ଦ୍ଦେଶକ, ଜନସ୍ୱାସ୍ଥ୍ୟ ଡ. ପ୍ରମିଳା ବରାଳ ଏବଂ ଯୁଗ୍ମ-ନିର୍ଦ୍ଦେଶକ-ତଥା-ଏସଏସଓ ଆଇଡିଏସପି ଡ. ଅଶୋକ କୁମାର ପାଇକରାୟ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନଙ୍କ ଠାରୁ ଏହି ସମ୍ମାନ ଗ୍ରହଣ କରିଛନ୍ତି।

ବିପର୍ଯ୍ୟୟ, ବନ୍ୟା, ବାତ୍ୟା ସମୟରେ ରାଜ୍ୟ ନିରୀକ୍ଷଣ ୟୁନିଟ ୨୪ ଘଣ୍ଟିଆ କାର୍ଯ୍ୟକରି ବିଭିନ୍ନ ରୋଗକୁ ଠିକ୍ ସମୟରେ ଚିହ୍ନଟ କରିବା ସହ ସେଗୁଡିକର ମୁକାବିଲା ସୁନିଶ୍ଚିତ କରିଥାଏ। କଣ୍ଟ୍ରୋଲରୁମ୍ ରୋଗର ଧାରା ଉପରେ ତୀକ୍ଷ୍ଣ ନଜର ରଖିବା ସହ ପ୍ରାପ୍ତ ତଥ୍ୟର ବିଶ୍ଲେଷଣ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ସହ ସମନ୍ୱୟ ରକ୍ଷା କରି କାର୍ଯ୍ୟ କରୁଛି । ଏହି ସକ୍ରିୟ ଆଭିମୁଖ୍ୟ ଜନସ୍ୱାସ୍ଥ୍ୟକୁ ସୁରକ୍ଷିତ ରଖିବା ସହିତ ଅନେକ ମହାମାରୀର ପ୍ରାରମ୍ଭିକ ଚିହ୍ନଟ ଏବଂ ନିୟନ୍ତ୍ରଣ କରିବାରେ ରାଜ୍ୟ ନିରୀକ୍ଷଣ ୟୁନିଟ ସକ୍ଷମ ହୋଇପାରିଛି।

ଭେକ୍ଟରବାହିତ, ଖାଦ୍ୟବାହିତ, ଜଳବାହିତ, ଜୁନୋଟିକ୍ସରୁ ଉତ୍ପନ୍ନ ରୋଗ ଓ ଅନ୍ୟାନ୍ୟ ରୋଗର ପ୍ରାଦୁର୍ଭାବକୁ ଠିକ୍ ସମୟରେ ଚିହ୍ନଟ ଏବଂ ଏଗୁଡିକର ସଠିକ ଅନୁସନ୍ଧାନ ପାଇଁ ସମୟୋପଯୋଗୀ ଡାଟା ଏଣ୍ଟ୍ରି ଏବଂ ତାହାର ବିଶ୍ଲେଷଣ କରାଯାଉଛି । ଏହା ସହିତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଏବଂ ଅନ୍ୟ ଅଂଶୀଦାରଙ୍କ ସହ ସମୁଚିତ ସମନ୍ୱୟ ମାଧ୍ୟମରେ ସଂକ୍ରମଣର ଦ୍ରୁତ ମୁକାବିଲା କରାଯାଉଛି।

ସଂକ୍ରମଣ ପ୍ରବଣ ରୋଗ ନିର୍ଣ୍ଣୟ ପାଇଁ ରାଜ୍ୟରେ ୩୨ଟି ଜିଲ୍ଲା ଜନସ୍ୱାସ୍ଥ୍ୟ ପରୀକ୍ଷାଗାରର ପ୍ରତିଷ୍ଠା କରାଯାଇଛି । ଜିଲ୍ଲାମାନଙ୍କରେ ୩୦ଟି ଆରଟିପିସିଆର ପରୀକ୍ଷାଗାର ମଧ୍ୟ କାର୍ଯ୍ୟକ୍ଷମ ହୋଇଛି। ନିୟମିତ ପ୍ରଶିକ୍ଷଣ ମାଧ୍ୟମରେ ପରୀକ୍ଷାଗାର କର୍ମଚାରୀ ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି କରାଯାଉଛି । ପ୍ରତ୍ୟେକ ମଙ୍ଗଳବାର ଓ ଗୁରୁବାର ପରୀକ୍ଷାଗାର ତଥ୍ୟର ସମୀକ୍ଷା, ରୋଗ ନିରୀକ୍ଷଣ ଓ ନିୟନ୍ତ୍ରଣ ନେଇ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କୁ ବୈଷୟିକ ମାର୍ଗଦର୍ଶନ ପ୍ରଦାନ କରାଯାଉଛି। ବିଭିନ୍ନ ରୋଗର ଉପଯୁକ୍ତ ତଦାରଖ ପାଇଁ ମତ୍ସ୍ୟ ଏବଂ ପଶୁ ସମ୍ପଦ ବିକାଶ, କୃଷି ଏବଂ କୃଷକ ସଶକ୍ତୀକରଣ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ, ଜଳ ସମ୍ପଦ, ବିଦ୍ୟାଳୟ ଏବଂ ଗଣ ଶିକ୍ଷା ଏବଂ ଅନ୍ୟାନ୍ୟ ବିଭାଗ ସହିତ ରାଜ୍ୟ ନିରୀକ୍ଷଣ ୟୁନିଟ ସମନ୍ୱୟ ରକ୍ଷା କରିଆସୁଛି ।

# ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ବନ୍ଦ କରାଯାଇପାରିବନି

ଭୁବନେଶ୍ୱର,୪।୧୧ (ସଂଚାର ବ୍ୟୁରୋ): ଅବସରପ୍ରାପ୍ତ ସମବାୟ ବ୍ୟାଙ୍କ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ବିଚାରଧୀନ ଅଡିଟ ସରଚାର୍ଜ କେସ, ଭିଜିଲାନ୍ସ କେସ ଓ ଶୃଙ୍ଖଳାଗତ ପ୍ରକ୍ରିୟା ଇତ୍ୟାଦି ପାଇଁ ଅଟକାଯାଇପାରିବ ନାହିଁ।




ଗ୍ରାଚ୍ୟୁଇଟି ଆଇନ ଅପିଲ କର୍ତ୍ତୃପକ୍ଷ ଏବଂ ନିୟନ୍ତ୍ରଣ କର୍ତ୍ତୃପକ୍ଷ କଟକ ସେଣ୍ଟ୍ରାଲ୍ କୋଅପରେଟିଭ୍ ବ୍ୟାଙ୍କର ଅବସରପ୍ରାପ୍ତ ସହକାରୀ ପରିଚାଳକ-ନଳିନୀକାନ୍ତ ଷଢଙ୍ଗୀଙ୍କ ଗ୍ରାଚ୍ୟୁଇଟି ସମ୍ବନ୍ଧୀୟ ସମସ୍ତ ପ୍ରାପ୍ୟ ୧୦% ସୁଧ ସହ ପ୍ରଦାନ କରିବାକୁ ଦେଇଥିବା ନିର୍ଦ୍ଦେଶ ବିରୋଧରେ ବ୍ୟାଙ୍କ କର୍ତ୍ତୃପକ୍ଷ ଦାୟର କରିଥିବା ରିଟ୍ ସଂଖ୍ୟା ୯୪୯୬/୨୦୨୨ ମାନ୍ୟବର ଓଡ଼ିଶା ହାଇକୋର୍ଟ ଗତ ୯-୧୦-୨୦୨୪ ତାରିଖରେ ଖାରଜ କରିବା ସହ ଅପିଲ କର୍ତ୍ତୃପକ୍ଷ ଏବଂ ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଆଦେଶ କୁ କାୟମ ରଖିଛନ୍ତି। ଅବସର ପ୍ରାପ୍ତ କର୍ମଚାରୀମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ପ୍ରକ୍ରିୟା ଜାରି ରଖିବାକୁ କେନ୍ଦ୍ର ସମବାୟ ବ୍ୟାଙ୍କ ଚାକିରୀ ସର୍ତ୍ତାବଳୀ ୨୦୧୧ ରେ କୌଣସି ଉଲ୍ଲେଖ ନଥିବାରୁ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ସମ୍ପୃକ୍ତ କର୍ମଚାରୀଙ୍କ ବିରୁଦ୍ଧରେ ଅଡିଟ ସରଚାର୍ଜ କେସ୍ କିମ୍ବା ଭିଜିଲାନ୍ସ କେସ୍ ଇତ୍ୟାଦିର ଆଳରେ କୌଣସି ବିଭାଗୀୟ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିପାରିବେ ନାହିଁ କିମ୍ବା ତାଙ୍କ ଗ୍ରାଚ୍ୟୁଇଟି ଦେୟକୁ ଅଟକାଇ ପାରିବେନାହିଁ ବୋଲି ମାନ୍ୟବର ବିଚାରପତି ସଂଜୟ କୁମାର ମିଶ୍ରଙ୍କ ଖଣ୍ଡପୀଠ ତାଙ୍କ ରାୟରେ ସ୍ପଷ୍ଟ କରିଛନ୍ତି। ମକଦ୍ଦମାର ବିବରଣୀରୁ ପ୍ରକାଶ ଯେ ଶ୍ରୀ ନଳିନୀକାନ୍ତ ଷଢଙ୍ଗୀ ଚାକିରୀରେ ଯୋଗଦେବାଠାରୁ ବିଭିନ୍ନ ଆର୍ଥୀକ ଅନିୟମିତତାରେ ସଂପୃକ୍ତ ରହିଥିବା ଅଭିଯୋଗରେ ତାଙ୍କ ସେବା କାଳରେ ଅନେକ ଥର ଚାର୍ଜସିଟ୍ ହୋଇଥିଲେ। ଅବସର ଗ୍ରହଣ କରିବା ପୂର୍ବରୁ ତାଙ୍କ ବିରୁଦ୍ଧରେ ଦୁର୍ନୀତି ନିବାରଣ ଆଇନ, ୧୯୮୮ ର ଧାରା ୧୩ (୧) (ଘ) ସହିତ ଭାରତୀୟ ପିଙ୍ଗଳ କୋଡର ଧାରା ୪୬୮, ୪୨୦ ଓ ୧୨୦-ଖ ଅନୁଯାୟୀ ଦୁର୍ନୀତି ନିବାରଣ ବିଭାଗ ତରଫରୁ ଭିଜିଲାନ୍ସ କେସ୍ ନଂ ୪୩/୨୦୧୧ ଆରମ୍ଭ କରାଯାଇଥିଲା ଯାହା ବିଚାରଧୀନ ରହିଛି। ଏଥିସହ ଶ୍ରୀ ଷଢଙ୍ଗୀ କଟକ କେନ୍ଦ୍ର ସମବାୟ ବ୍ୟାଙ୍କ ର ବରୀ ଶାଖାରେ କାର୍ଯ୍ୟ କରୁଥିବା ସମୟରେ ଆର୍ଥିକ ଅନିୟମିତତା ଅଭିଯୋଗରେ ତାଙ୍କ ବିରୁଦ୍ଧରେ ଦୁଇଟି ଅଡିଟ୍ ସରଚାର୍ଜ କେସ ମଧ୍ୟ ଜାରି ରହିଛି। ଏହାକୁ ଭିତ୍ତିକରି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ଷଢଙ୍ଗୀଙ୍କ ଗ୍ରାଚ୍ୟୁଇଟି ଦେୟ ପ୍ରଦାନ ନକରିବାରୁ ଶ୍ରୀ ଷଢଙ୍ଗୀ ୬,୧୭,୫୧୩ ଟଙ୍କା ର ଗ୍ରାଚ୍ୟୁଇଟି ଏବଂ ସୁଧ ଦାବି କରି ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ନିକଟରେ ଆବେଦନ କରିଥିଲେ। ନିୟନ୍ତ୍ରଣ କର୍ତ୍ତୃପକ୍ଷ ତା ୧୩-୦୧-୨୦୨୦ ରେ କଟକ କେନ୍ଦ୍ର ସମବାୟ ବ୍ୟାଙ୍କକୁ ୩୦ ଦିନ ମଧ୍ୟରେ ଶ୍ରୀ ଷଢଙ୍ଗୀଙ୍କୁ ୯,୭୯,୦୫୪/- ଟଙ୍କା ସୁଧ ସହ ଗ୍ରାଚ୍ୟୁଇଟି ବାବଦରେ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶ ବିରୋଧରେ ବ୍ୟାଙ୍କ ଦ୍ୱାରା କରାଯାଇଥିବା ଅପିଲକୁ କେସ୍ ନଂ ୦୯/୨୦୨୧କୁ ଅପିଲ କର୍ତ୍ତୃପକ୍ଷ ଖାରଜ କରି ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଆଦେଶକୁ କାୟମ ରଖିବାସହ ଶ୍ରୀ ଷଢଙ୍ଗୀଙ୍କୁ ୯,୭୯,୦୫୪/- ଟଙ୍କା ସୁଧ ସହ ଗ୍ରାଚ୍ୟୁଇଟି ବାବଦରେ ପ୍ରଦାନ କରିବାକୁ ତା ୨୮-୦୩-୨୦୨୨ ରେ ଆଦେଶ ପାରିତ କରିଥିଲେ। ଉପରୋକ୍ତ ଆଦେଶକୁ ବିରୋଧ କରି କଟକ କେନ୍ଦ୍ର ସମବାୟ ବ୍ୟାଙ୍କ କର୍ତ୍ତୃପକ୍ଷ ମାନ୍ୟବର ହାଇକୋର୍ଟରେ ରିଟ ଜାଚିକା ଦାୟର କରିଥିଲେ। ମାନ୍ୟବର ହାଇକୋର୍ଟ କହିଛନ୍ତି ଯେ ଶୃଙ୍ଖଳାଗତ ବିଭାଗୀୟ ପ୍ରକ୍ରିୟା ଆରମ୍ଭ କିମ୍ବା ଜାରି ରଖିବା କିମ୍ବା ଗ୍ରାଚ୍ୟୁଇଟି ପ୍ରାପ୍ୟ ଅଟକ ରଖିବା କିମ୍ବା ବଞ୍ଚିତ କରିବା ସମ୍ବନ୍ଧରେ ସେପରି କୌଣସି ନିୟମ କେନ୍ଦ୍ର ସମବାୟ ବ୍ୟାଙ୍କ ର ସେବା ନିୟମାବଳୀରେ ନାହିଁ ଏବଂ ଏହା ପରିବର୍ତ୍ତେ, କେନ୍ଦ୍ର ସମବାୟ ବ୍ୟାଙ୍କର କର୍ମଚାରୀ ଚାକିରୀ ସର୍ତ୍ତାବଳୀ ୨୦୧୧ ଅନୁଯାୟୀ ଗ୍ରାଚ୍ୟୁଇଟି ଆଇନ (ଅଧିନିୟମ) ୧୯୭୨ ଅନୁସାରେ କର୍ମଚାରୀମାନଙ୍କୁ ଗ୍ରାଚ୍ୟୁଇଟି ପ୍ରଦାନ କରିବାକୁ ନିୟମ ରହିଛି। ୧୯୭୨ ଆଇନ (ଅଧିନିୟମ) ର ଧାରା ୭ ର ଉପ-ଧାରା (୩କ) ଅନୁଯାୟୀ ନିଯୁକ୍ତିଦାତା ଜଣେ କର୍ମଚାରୀଙ୍କ ଗ୍ରାଚ୍ୟୁଇଟିକୁ ଅଟକାଇବା ପାଇଁ, ନିୟନ୍ତ୍ରଣ କର୍ତ୍ତୃପକ୍ଷଙ୍କ ଅନୁମତି ପାଇବାରେ ବିଫଳ ହେଲେ ନିଯୁକ୍ତିଦାତା ଗ୍ରାଚ୍ୟୁଇଟି ଆଇନ ଅନୁଯାୟୀ ସୁଧ ଦେବାକୁ ଦାୟୀ ରହିବେ। ସେହିପରି ଗ୍ରାଚ୍ୟୁଇଟି ଆଇନ ଧାରା ୪ ର ଉପ-ଧାରା (୬) (ଖ) ଅନୁଯାୟୀ ଯଦି ଜଣେ କର୍ମଚାରୀ ଦଙ୍ଗା କିମ୍ବା ବିଶୃଙ୍ଖଳିତ ଆଚରଣ କିମ୍ବା ଅନ୍ୟ କୌଣସି ହିଂସା ଜନିତ କାର୍ଯ୍ୟ ପାଇଁ; କିମ୍ବା ଚାକିରୀ ସମୟରେ ନୈତିକ ଅଧମତା ଜନିତ ଅପରାଧ ପାଇଁ ତାଙ୍କ ଚାକିରିର ସେବା ସମାପ୍ତି (ଟର୍ମିନେଟ୍) ହୋଇଥିବା ସମ୍ପୃକ୍ତ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ସମ୍ପୁର୍ଣ୍ଣ କିମ୍ବା ଆଂଶିକ ଭାବରେ ବ୍ୟାଜାପ୍ତି କରାଯାଇ ପାରିବ। ସେହିପରି ଗ୍ରାଚ୍ୟୁଇଟି ଅଧିନିୟମ (ପି ଜି ଆକ୍ଟ) ୧୯୭୨ ର ଧାରା ୧୩ ଅନୁଯାୟୀ ପ୍ରତ୍ୟେକ କର୍ମଚାରୀଙ୍କ ଗ୍ରାଚ୍ୟୁଇଟି ସୁରକ୍ଷିତ ଏବଂ କୌଣସି ସିଭିଲ୍, ଦେୱାନି କିମ୍ବା ଫୌଜଦାରୀ ଅଦାଲତଙ୍କ ଆଦେଶ ବଳରେ କୌଣସି କର୍ମଚାରୀଙ୍କ ଗ୍ରାଚ୍ୟୁଟି ଜବତ କିମ୍ବା ବ୍ୟାଜାପ୍ତି କରାଯାଇ ପାରିବ ନାହିଁ ମାନ୍ୟବର ସୁପ୍ରିମକୋର୍ଟ ଓ ବିଭିନ୍ନ ହାଇକୋର୍ଟ ମାନଙ୍କର ଏ ସମ୍ପର୍କିତ ରାୟ ଗୁଡିକୁ ଉଲ୍ଲେଖ କରି ଶ୍ରୀ ଷଢଙ୍ଗୀ ଚାକିରୀରୁ ଅବସର ନେବା ପରେ ତାଙ୍କ ଗ୍ରାଚ୍ୟୁଇଟି ଦେୟକୁ ବ୍ୟାଙ୍କ କର୍ତ୍ତୃପକ୍ଷ ଅଟକାଇ ରଖି ପାରିବେନାହିଁ ବୋଲି ମାନ୍ୟବର ହାଇକୋର୍ଟ ସ୍ପଷ୍ଟ କରିଛନ୍ତି।

Printed, Published and owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar and Printed at Khetramani Printing Press, At - Darakhapatna, Po - Kalyani Nagar, Dist-Cuttack-753013 and Published at Plot No.312, Flat No.003, Greenhigh Appartment, Kharavela Nagar, Bhubaneswar-751001 (Odisha) Ph. No. 9437227777/ 8093008776
Editor: Subhransu Bhusan Kar
ସମ୍ପାଦକ: ଶୁଭ୍ରାଂଶୁ ଭୂଷଣ କର

ଭାରତୀୟ ସେୟାର ମାର୍କେଟରେ ଝଡ଼

# ଦିନକରେ ଖସିଲା ୧୪୦୦ ପଏଣ୍ଟ୍



**ମୁମ୍ବାଇ, ୪।୧୧:** ଆମେରିକା ନିର୍ବାଚନ ପୂର୍ବରୁ ଭାରତୀୟ ଷ୍ଟକ୍ ମାର୍କେଟରେ ଝଡ଼। ଦିନକରେ ବିଏସଇ ସେନସେକ୍ସ ଖସିଲା ୧୪ ପଏଣ୍ଟ। ସୋମବାର କାରବାର ଆରମ୍ଭରୁ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜରେ ବଡ଼ ଧରଣର ହ୍ରାସ ଦେଖିବାକୁ ମିଳିଛି। ଦିନ ୧୧ଟା ୧୫ ସୁଦ୍ଧା ବିଏସଇ ସୂଚକାଙ୍କରେ ୧୪୩୩ ଦଶମିକ ୬୧ ପଏଣ୍ଟ ହ୍ରାସ ପାଇ ୭୮ ହଜାର ୨୯୦ରେ ପହଞ୍ଚିଥିଲା। ଯାହା ଫଳରେ ନିବେଶକଙ୍କ ୮ ଲକ୍ଷ କୋଟି କ୍ଷତି ହୋଇଥିବା କୁହାଯାଉଛି। ସେପଟେ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫଟି ବି ଧରାଶାୟୀ ହୋଇଛି । ଗୋଟିଏ ସମୟରେ ନିଫ୍ଟି ୪୫୦ରୁ ଅଧିକ ପଏଣ୍ଟ ଖସି ୨୪ ହଜାର ତଳେ ଟ୍ରେଡ୍ କରୁଥିଲା । ଆଜି ରିଲାଏନ୍ସ, ଇନଫୋସିସ, ଆଇସିଆଇସିଆଇ ଓ ଏଚଡିଏଫସି ଭଳି ବଡ଼ ବଡ଼ କମ୍ପାନୀରେ ଷ୍ଟକ୍ ପ୍ରାଇସରେ ବଡ଼ ହ୍ରାସ ଦେଖାଇଦେଇଛି।



## ପୁଣି ବଢ଼ିବ ଅଶୋଧିତ ତେଲ ଦର

ନୂଆଦିଲ୍ଲୀ,୪।୧୧: ଅଶୋଧିତ ତୈଳ ଉତ୍ପାଦନ ହ୍ରାସ କରିବାକୁ ଉତ୍ପାଦନକାରୀ ରାଷ୍ଟ୍ର(ଓପେକ ପ୍ଲସ)ଗୁଡ଼ିକ ନିଷ୍ପତ୍ତି ନେବା ପରେ ତେଲ ମୂଲ୍ୟ ୨ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ କି ଆମେରିକାରେ ହେବାକୁ ଥିବା ରାଷ୍ଟ୍ରପତି ନିର୍ବାଚନ ଏବଂ ଚାଇନାରେ ହେବାକୁ ଥିବା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଉପରେ ସମସ୍ତଙ୍କର ନଜର ରହିଛି।

ରୁଷିଆ ସମେତ ଅନ୍ୟାନ୍ୟ ତୈଳ ଉତ୍ପାଦାନକାରୀ ଦେଶ ଗୁଡ଼ିକ ପ୍ରତିଦିନ ୨.୨ ବ୍ୟାରେଲ କମ୍ ଅଶୋଧିତ ତୈଳ ଉତ୍ପାଦନ ଆଉ ଏକ ମାସ ଡିସେମ୍ବର ପର୍ଯ୍ୟନ୍ତ କରିବାକୁ ରବିବାର ନିଷ୍ପତ୍ତି ନେଇଥିଲେ। ଅନ୍ୟପଟେ ଆମେରିକା ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ ଇରାନ ଦିନେ ଦୁଇ ଦିନମଧ୍ୟରେ ଇସ୍ରାଏଲ ଏବଂ ଇରାକ ଉପରେ ଆକ୍ରମଣ କରିବାକୁ ପ୍ରସ୍ତୁତ ହେଉଛି। ଆମେରିକାରେ ରାଷ୍ଟ୍ରପତିନିର୍ବାଚନରେ ଉଭୟ ପ୍ରାର୍ଥୀଙ୍କ ମଧ୍ୟରେ ଜୋରଦାର ଲଢେଇ ଚାଲିଥିବା ବେଳେ କିଏ ଜିତିବ ତାହା ଆକଳନ କରି ବିଶ୍ୱର ଅନେକ ଶେୟାର ବଜାରରେ ହ୍ରାସ ଦେଖିବାକୁ ମିଳୁଛି। ଏଥିସହିତ ଗୁରୁବାର ଫେଡେରେଲ ରିଜର୍ଭ ସୁଧହାର ହ୍ରାସ କରିବାର ସମ୍ଭାବନା ରହିଛି।

ତେବେ ଚଳିତ ସପ୍ତାହରେ ତେଲ ବଜାରରେ ଦର ପରିବର୍ତ୍ତନ ହେବାର ସମ୍ଭାବନା ରହିଛି। ବିଶେଷଜ୍ଞମାନେ ଏବେ ଇରନର ପଦକ୍ଷେପ, ଆମେରିକା ନିର୍ବାଚନ ଏବଂ ଫେଡେରେଲ ରିଜର୍ଭର ନିଷ୍ପତ୍ତି ଉପରେ ନଜର ରଖିଛନ୍ତି।

ସେପଟେ ଧିମା ରହିଥିବା ଅର୍ଥନୀତିକୁ ବଳ ଦେବା ଲାଗି ଚାଇନା ଆଉ ଏକ ରିହାତି ପ୍ରଦାନ କରିବାକୁ ଘୋଷଣା କରିପାରେ। ସୋମବାରଠାରୁ ଶୁକ୍ରବାର ମଧ୍ୟରେ ହେବାକୁ ଥିବା ନ୍ୟାଶନାଲ ପିପୁଲସ୍ କଂଗ୍ରେସର ଷ୍ଟାଣ୍ଡିଂ କମିଟି ବୈଠକରେ ଏହା ଉପରେ ନିଷ୍ପତ୍ତି ନିଆଯିବ।

## ଜେଫ୍ ବେଜୋସ୍ ବିଶ୍ୱର ଦ୍ୱିତୀୟ ବଡ଼ ଧନୀ



**ୱାସିଂଟନ, ୪।୧୧:** ଆମାଜନର ପ୍ରତିଷ୍ଠାତା ଜେଫ୍ ବେଜୋସ୍ ନିକଟରେ ୩ ବିଲିଅନ ଡଲାରରୁ ଅଧିକ ମୂଲ୍ୟର ସେୟାର ବିକ୍ରି କରିଛନ୍ତି। ଏହା ସତ୍ତ୍ୱେ ସେ ବିଶ୍ୱର ଦ୍ୱିତୀୟ ଧନୀ ବ୍ୟକ୍ତି ଭାବେ ବିବେଚିତ ହୋଇଛନ୍ତି। ଆମାଜନ୍‌ର ସେୟାର ମୂଲ୍ୟରେ ରେକର୍ଡ ବୃଦ୍ଧି ଫଳରେ ତାଙ୍କୁ ଏଭଳି ସଫଳତା ମିଳିଛି। ତାଙ୍କର ନିଟ୍ ସଂପତ୍ତି ୨୨୦ ବିଲିଅନ ଡଲାରକୁ ବୃଦ୍ଧି ପାଇଛି। ଗତବର୍ଷକ ମଧ୍ୟରେ ବେଜୋସ୍‌ଙ୍କ ନିଟ୍ ସଂପତ୍ତିରେ ୪୨.୮ ବିଲିଅନ ଡଲାର ବୃଦ୍ଧି ଘଟିଛି ବୋଲି ବ୍ଲୁମବର୍ଗ ବିଲିୟନେୟାର ଇଣ୍ଡେକ୍ସ ପକ୍ଷରୁ କୁହାଯାଇଛି। ସେ ବର୍ତ୍ତମାନ ବିଶ୍ୱର ଶୀର୍ଷ ଧନୀ ତାଲିକାରେ ଆମେରିକାର ଅନ୍ୟତମ ଉଦ୍ୟୋଗୀ ଏଲନ ମସ୍କଙ୍କ ପଛକୁ ରହିଛନ୍ତି। ବେଜୋସ୍‌ଙ୍କ ତଳେ ମେଟାର ପ୍ରତିଷ୍ଠାତା ମାର୍କ ଜକରବର୍ଗ ତୃତୀୟ ସ୍ଥାନରେ ଅଛନ୍ତି। ନଭେମ୍ବର ୩ ତାରିଖ ସୁଦ୍ଧା ମସ୍କଙ୍କ ନିଟ୍ ସଂପତ୍ତି ୨୬୨ ବିଲିଅନ ଡଲାର ରହିଥିବାବେଳେ ଜକରବର୍ଗଙ୍କ ନିକଟ ସଂପତ୍ତି ୨୦୧ ବିଲିଅନ ଡଲାର ରହିଛି। ଆମାଜନର ସିଇଓ ପଦରୁ ବେଜୋସ୍ ୨୦୨୧ରେ ଓହରି ଯାଇଥିଲେ ମଧ୍ୟ ଅଧ୍ୟକ୍ଷ ପଦରେ ଏବେ କାର୍ଯ୍ୟ କରୁଛନ୍ତି। ଅନ୍ୟାନ୍ୟ ବ୍ୟବସାୟରେ ଅଧିକ ସମୟ ଦେବାପାଇଁ ବେଜୋସ୍ ଏଭଳି ପଦକ୍ଷେପ ନେଇଛନ୍ତି। ତାଙ୍କ ଦ୍ୱାରା ସ୍ଥାପିତ କମ୍ପାନି ବ୍ଲୁ ଅରିଜିନ୍ ମହାକାଶକୁ ଯାନ ପ୍ରେରଣ କ୍ଷେତ୍ରରେ କାର୍ଯ୍ୟ କରୁଛି।

## ଟଙ୍କା ଉପରେ ପଡ଼ିଲା ଆମେରିକୀୟ ଦୁର୍ବଳତାର ପ୍ରଭାବ



ନୂଆଦିଲ୍ଲୀ,୪।୧୧: ଆମେରିକୀୟ ଦୁର୍ବଳତାର ଫାଇଦା ନେଇ ଅନ୍ୟ ଏସୀୟ ବଜାର ଲାଭାନ୍ୱିତ ହୋଇଥିବା ବେଳେ କ୍ଷତିର ସମ୍ମୁଖୀନ ହୋଇଛି ଭାରତୀୟ ଟଙ୍କା। ସ୍ଥାନୀୟ ଷ୍ଟକରୁ କ୍ରମାଗତ ଭାବେ ଟଙ୍କା ଉପରେ ଚାପ ଜାରି ରହିଛି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବକାଳୀନ ସର୍ବନିମ୍ନ ୮୪.୧୧ କୁ ଖସି ଆସିଛି, ଯାହା ଗତ ସପ୍ତାହରେ ପୂର୍ବ ରେକର୍ଡ ସର୍ବନିମ୍ନ ୮୪.୦୯୫୦ ଛୁଇଁଥିଲା। ଆମେରିକା ରାଷ୍ଟ୍ରପତି ନିର୍ବାଚନକୁ ଦୃଷ୍ଟିରେ ରଖି ସୋମବାର ବିଦେଶୀ ନିବେଶକମାନେ ଜୋରଦାର ବିକ୍ରି କରିବାରୁ ଏହାର ଚାପ ଶେୟାର ବଜାର ଉପରେ ପଡିଥିଲା। ଫଳରେ ସେପ୍ଟେମ୍ବର ଶେଷ ସୁଦ୍ଧା ରେକର୍ଡ ଉଚ୍ଚ ସ୍ତରରୁ ବେଞ୍ଚମାର୍କ ପ୍ରାୟ ୯% ହ୍ରାସ ପାଇଛି। ଅକ୍ଟୋବରରେ ବିଦେଶୀ ନିବେଶକମାନେ ୧୧ ବିଲିୟନ ଡଲାରରୁ ଅଧିକ ଭାରତୀୟ ଇକ୍ୱିଟି ବିକ୍ରି କରିଥିବାବେଳେ ବିଦେଶୀ ନିବେଶକ ଏବଂ ବିଦେଶୀ ଋଣଦାତାମାନେ ମଧ୍ୟ ଗତ ମାସରେ ଏପ୍ରିଲରୁ ପ୍ରଥମ ଥର ପାଇଁ ସରକାରୀ ବଣ୍ଡରେ ନିଜର ସ୍ଥିତିକୁ ହ୍ରାସ କରିଛନ୍ତି।

# ବିବାହ ଋତୁରେ ବିକ୍ରି ଅଭିବୃଦ୍ଧି ଆକଳନ

ନୂଆଦିଲ୍ଲୀ,୪।୧୧ (ଅଭୟ ଦାଶ): ପ୍ରତି ବର୍ଷ ଭଳି ଚଳିତ ବର୍ଷର ପାର୍ବଣ ବିକ୍ରି (ଫେଷ୍ଟିଭ ସେଲ୍‌ସ) ପରେ ପରେ ଦେଶର ପ୍ରମୁଖ ଅଟୋମୋବାଇଲ କମ୍ପାନି ମାରୁତି ସୁଜୁକି ଇଣ୍ଡିଆ ଲିମିଟେଡ (ଏମ୍‌ଏସ୍‌ଆଇଏଲ୍)ପକ୍ଷରୁ ୱେଡିଂ ସେଲ୍‌ସ ସମ୍ପର୍କରେ ଘୋଷଣା କରାଯାଇଛି। ଏପରିକି ଆଉ କିଛି ଦିନ ପରେ ସାରା ଦେଶରେ ବିବାହ ଋତୁ ଆରମ୍ଭ ହେବ। ଏହି ସମୟ ମଧ୍ୟରେ ବ୍ରାଣ୍ଡ୍ (କମ୍ପାନି) ବଡ଼ କାରବାର ପାଇଁ ବ୍ୟାପକ ପ୍ରସ୍ତୁତି କରୁଥିବାବେଳେ ପାର୍ବଣ କାରବାର ପରି ବିବାହ କାରବାରରେ ମଧ୍ୟ ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ଏମ୍‌ଏସ୍‌ଆଇଏଲ୍ ପକ୍ଷରୁ ଆକଳନ କରାଯାଇଛି। ସେହିଭଳି ୨୦୨୪ ଅକ୍ଟୋବରରେ ଏମ୍‌ଏସ୍‌ଆଇଏଲର ଖୁଚୁରା ବିକ୍ରି ୨,୦୨,୪୦୨ ୟୁନିଟ ଥିଲାବେଳେ ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷର ସମାନ ଅବଧି ମଧ୍ୟରେ ପ୍ରାୟ ୨୩% ବିକ୍ରି ବୃଦ୍ଧି ଘଟିଛି। ଏପରିକି ୨୦୨୦ରେ ମଧ୍ୟ ଏମ୍‌ଏସ୍‌ଆଇଏଲର ଖୁଚୁରା ବିକ୍ରି ୧,୯୧,୪୭୬ ୟୁନିଟ ଥିଲା।

ସେହିପରି ପାର୍ବଣ ବିକ୍ରିର ଉତ୍ସାହ ଅନୁଯାୟୀ ବ୍ରାଣ୍ଡ୍ ପକ୍ଷରୁ ବିବାହ ଋତୁରେ ମଧ୍ୟ ଭଲ କାରବାର ସହ ନଭେମ୍ବରରେ ପ୍ରାୟ ୫% ବିକ୍ରି ଅଭିବୃଦ୍ଧିର ଆକଳନ କରାଯାଇଛି। ଏପରିକି ଆକର୍ଷଣୀୟ ଅଫର ଓ ରିହାତି ସାଙ୍ଗକୁ ନୂତନ ମଡେଲ ଆଶାୟୀ ଗ୍ରାହକଙ୍କୁ ବେଶ୍ ସହାୟ ହେବ ବୋଲି କମ୍ପାନି ପକ୍ଷରୁ ମତବ୍ୟକ୍ତ କରାଯାଇଛି। ଏ ସମ୍ପର୍କରେ ଏମ୍‌ଏସ୍‌ଆଇଏଲର ଏସ୍‌ଇଓ (ଏମ୍ ଆଣ୍ଡ ଏସ୍) ପାର୍ଥୋ ବାନାର୍ଜୀ କହିଥିଲେ, ଆମେ ଚଳିତ ବର୍ଷର ଅକ୍ଟୋବର ବିକ୍ରି ବୃଦ୍ଧି ଭଳି ନଭେମ୍ବର ମାସର ସ୍ୱତନ୍ତ୍ର ବିକ୍ରି ଅଭିବୃଦ୍ଧି ପାଇଁ ଆଶାବ୍ୟକ୍ତ କରିଛୁ। ଏପରିକି ଚଳିତ ବିବାହ ଋତୁରେ ଆମେ ପ୍ରାୟ ୪ରୁ ୫%ର ବିକ୍ରି ଅଭିବୃଦ୍ଧି ହାସଲ କରିବାକୁ ଲକ୍ଷ୍ୟ ରଖିଛୁ। ସେହିଭଳି ବିବାହ ସମୟରେ ଉପହାର ଉପଯୋଗୀ କାର୍ ସମ୍ଭାରର ଲମ୍ବା ଲାଇନ ଆମ ପାଖରେ ରହିଥିଲାବେଳେ ବ୍ରାଣ୍ଡ୍ ବିଭିନ୍ନ ମଡେଲ ଉପରେ ଆକର୍ଷଣୀୟ ସୁବିଧା ମଧ୍ୟ ଉପଲବ୍ଧ କରାଇଛି।




## ପାର୍ଥ ପ୍ରତୀମ ବନ୍ଧନ ବ୍ୟାଙ୍କର ନୂଆ ଏମ୍‌ଡି



ନୂଆଦିଲ୍ଲୀ,୪।୧୧: ବନ୍ଧନ ବ୍ୟାଙ୍କର ନୂଆ ଏମ୍‌ଡି ତଥା ସିଇଓ ଭାବେ ପାର୍ଥ ପ୍ରତୀମ ସେନଗୁପ୍ତା ନିକଟରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ବିଶେଷ କରି ବ୍ୟବସାୟ, ଋଣ ଓ ପ୍ରଯୁକ୍ତି ଉପରେ ବିଶେଷ ଦଖଲ ରଖିଥିବା ସେନଗୁପ୍ତା ସଫଳତାର ସହ ବୃହତ ବ୍ୟବସାୟ ପରିଚାଳନା କରିଛନ୍ତି। ଅପରପକ୍ଷରେ ସେନଗୁପ୍ତା ଦାୟିତ୍ୱ ଗ୍ରହଣ କରିବା ପରେ ୨୦୨୪ ଜୁଲାଇରୁ ଅନ୍ତରୀଣ ଏମ୍‌ଡି ଓ ସିଇଓ ଭାବେ ଦାୟିତ୍ୱ ନିର୍ବାହ କରୁଥିବା ରତନ କୁମାର କେଶ ତାଙ୍କ ନିଜ ଭୂମିକା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଓ ଚିଫ୍ ଅପରେଟିଂ ଅଫିସର ପଦକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଏ ସମ୍ପର୍କରେ ବନ୍ଧନ ବ୍ୟାଙ୍କର ଅଧ୍ୟକ୍ଷ ଡ.ଅନୁପ କୁମାର ସିହ୍ନା କହିଛନ୍ତି,ପାର୍ଥ ପ୍ରତୀମଙ୍କୁ ଆମେ ଆମର ବନ୍ଧନ ପରିବାରକୁ ସ୍ୱାଗତ କରି ବେଶ୍ ଉତ୍ସାହିତ ଅଛୁ। ଏପରିକି ବ୍ୟାଙ୍କିଙ୍ଗ ଶିଳ୍ପରେ ତାଙ୍କର ପ୍ରମାଣିତ ରେକର୍ଡ ବନ୍ଧନ ବ୍ୟାଙ୍କର ପରବର୍ତ୍ତୀ ପର୍ଯ୍ୟାୟ ଅଭିବୃଦ୍ଧି ସହ ବନ୍ଧନ୨.୦ କୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ। ଏପରିକି ତାଙ୍କ ଅଭିଜ୍ଞତା ସାରା ଦେଶରେ ବ୍ୟାଙ୍କର ବଜାର ସ୍ଥିତି ଓ ସମସ୍ତଙ୍କ ପାଇଁ ବ୍ୟାଙ୍କକୁ ସୁଦୃଢ଼ କରିବାରେ ମାର୍ଗଦର୍ଶନ କରିବ। ସେହିଭଳି ବନ୍ଧନ ବ୍ୟାଙ୍କର ଏମ୍‌ଡି ତଥା ସିଇଓ ପାର୍ଥ ପ୍ରତୀମ ସେନଗୁପ୍ତା କହିଛନ୍ତି, ବନ୍ଧନ ବ୍ୟାଙ୍କ ପରିବାରରେ ଯୋଗ ଦେଇଥିବାରୁ ମୁଁ ନିଜକୁ ଗର୍ବିତ ମନେ କରୁଛି। ଆର୍ଥିକ ସେବାକୁ ସମସ୍ତଙ୍କ ପାଖରେ ପହଞ୍ଚାଇବା ଓ ସ୍ଥାୟୀ କରିବା ଲାଗି ଗ୍ରାହକ କୈନ୍ଦ୍ରିକ ସମାଧାନରେ ଉନ୍ନତି ଆଣିବା, ବ୍ୟବସାୟ ଓ ନବସୃଜନକୁ ସୁଦୃଢ଼ କରିବା ଉପରେ ମୁଁ ବିଶେଷ ଧ୍ୟାନ ଦେବି। ବିଗତ ବର୍ଷଗୁଡ଼ିକରେ ବନ୍ଧନ ବ୍ୟାଙ୍କ ଟିମ୍ ବହୁତ ଭଲ କାର୍ଯ୍ୟ କରିଛି ଏବଂ ଅଭିବୃଦ୍ଧିକୁ ଆଗକୁ ବଢ଼ାଇବା ଓ ସମସ୍ତ ଅଂଶୀଦାରଙ୍କୁ ମୂଲ୍ୟ ପ୍ରଦାନ କରିବା ଦିଗରେ କାମ କରିବା ଲାଗି ମୁଁ ଚାହି ରହିଛି।

## ସିସିପିଏ ପକ୍ଷରୁ ଓଲା ଇଲେକ୍ଟ୍ରିକ୍ସକୁ ନୋଟିସ୍




ନୂଆଦିଲ୍ଲୀ, ୪।୧୧: ଓଲା ସ୍କୁଟରକୁ ନେଇ ବିବାଦ ଥମିବାର ନାଁ ନେଉନି। ଏଭଳି ପରିସ୍ଥିତିରେ ସେଣ୍ଟ୍ରାଲ କନଜ୍ୟୁମର ପ୍ରୋଟେକ୍ସନ ଅଥରିଟି (ସିସିପିଏ) ତରଫରୁ ଓଲାକୁ ନୋଟିସ ଜାରି କରାଯାଇଛି। ଉପଭୋକ୍ତା ଅଧିକାର ଉଲ୍ଲଂଘନ, ବିଭ୍ରାନ୍ତିକର ବିଜ୍ଞାପନ ଏବଂ ଅନ୍ୟାୟ ବାଣିଜ୍ୟ ବ୍ୟାପାର ଅଭିଯୋଗରେ ସେଣ୍ଟ୍ରାଲ କନଜ୍ୟୁମର ପ୍ରୋଟେକ୍ସନ ଅଥରିଟି ଇଲେକ୍ଟ୍ରିକ ଦୁଇ ଚକିଆ କମ୍ପାନୀ ଓଲା ଇଲେକ୍ଟ୍ରିକ୍ସକୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରିଛି।

ଷ୍ଟକ୍ ଏକ୍ସଚେଞ୍ଜରେ ଦାଖଲ କରିଥିବା ଓଲା ଇଲେକ୍ଟ୍ରିକ୍ କହିଛି ଯେ ଏହା ଅକ୍ଟୋବର ୭ରେ ଇମେଲ ମାଧ୍ୟମରେ ଏକ ସିସିପିଏର କାରଣ ଦର୍ଶାଅ ନୋଟିସ ପାଇଛି। ତାଙ୍କୁ ୧୫ ଦିନ ମଧ୍ୟରେ ନୋଟିସର ଜବାବ ଦେବାକୁ କୁହାଯାଇଛି। କମ୍ପାନୀର କହିବାନୁସାରେ, ଗ୍ରାହକ ଅଧିକାରର ଉଲ୍ଲଂଘନ, ବିଭ୍ରାନ୍ତିକର ବିଜ୍ଞାପନ ଏବଂ ଅନ୍ୟାୟ ବାଣିଜ୍ୟ ପ୍ରଥାକୁ ନେଇ ସିସିପିଏ ଏକ କାରଣ ଦର୍ଶାଅ ନୋଟିସ ଜାରି କରିଛି। ସିସିପିଏ କହିଛି ଯେ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ସମ୍ପୃକ୍ତ ଡକ୍ୟୁମେଣ୍ଟ ସହିତ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜବାବ ଦେବାକୁ ହେବ। ସୋସିଆଲ ମିଡିଆ ପ୍ଲାଟଫର୍ମ 'ଏକ୍ସ'ରେ ଓଲା ପ୍ରତିଷ୍ଠାତା ଭାବିଶ ଅଗ୍ରୱାଲ ଏବଂ ଷ୍ଟାଣ୍ଡଅପ୍ କମେଡିଆନ କୁନାଲ କାମ୍ରାଙ୍କ ମଧ୍ୟରେ ହୋଇଥିବା ଯୁକ୍ତିତର୍କ ପରେ କମ୍ପାନୀର ଇଲେକ୍ଟ୍ରିକ ସ୍କୁଟରର ସର୍ଭିସିଂ ତଥା କ୍ୱାଲିଟି ସମ୍ପର୍କରେ ଏହି ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ଓଲା ଇଲେକ୍ଟ୍ରିକ୍ ଗ୍ରାହକଙ୍କ ସର୍ଭିସିଂ ସମ୍ବନ୍ଧୀୟ ପ୍ରସଙ୍ଗ ପରେ କୁନାଲ ଏହି ପ୍ରସଙ୍ଗ ଉଠାଇଥିଲେ। ସେ ଉପଭୋକ୍ତା ମାମଲା ବିଭାଗର ଅଫିସିଆଲ୍ ହ୍ୟାଣ୍ଡେଲକୁ 'ଟ୍ୟାଗ୍' ମଧ୍ୟ କରିଥିଲେ। ନିକଟ ଅତୀତରେ ଓଲା ଇଲେକ୍ଟ୍ରିକ୍ ମୋବିଲିଟିର ସେୟାରରେ ଏକ ବଡ଼ ହ୍ରାସ ଘଟିଥିଲା। ଚଳିତ ବର୍ଷ ଅଗଷ୍ଟରେ ଓଲା ଇଲେକ୍ଟ୍ରିକ୍ ମୋବିଲିଟି ସେୟାରଗୁଡ଼ିକ ୭୬ ଟଙ୍କା ମୂଲ୍ୟରେ ତାଲିକାଭୁକ୍ତ ହୋଇଥିଲା। ଏହା ପରେ ସେୟାର ମୂଲ୍ୟ ସର୍ବୋଚ୍ଚ ସ୍ତରକୁ ୧୫୭.୪ ଟଙ୍କାକୁ ବୃଦ୍ଧି ପାଇଲା। ଏହି ସ୍ତରରୁ ଷ୍ଟକ୍ ୪୩ ପ୍ରତିଶତ ହ୍ରାସ ପାଇଛି। ତେବେ କେବେ Ola ସ୍କୁଟରକୁ ନେଇ ଏହି ବିବାଦ ସରୁଛି ତାହା ଦେଖିବା ବାକି ରହିଲା।

## ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଆଣିବ ଆଇପିଓ

ଭୁବନେଶ୍ୱର, ୪।୧୧: ଏଚଡିଏଫସି ବ୍ୟାଙ୍କ ପକ୍ଷରୁ ପ୍ରତିଷ୍ଠା କରାଯାଇଥିବା ଏଚଡିବି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡ ପକ୍ଷରୁ ଇନିସିଆଲ ପବ୍ଲିକ ଅଫରିଂ (ଆଇପିଓ) ପାଇଁ ଭାରତୀୟ ପ୍ରତିଭୂତି ଓ ବିନିମୟ ବୋର୍ଡ (ସେବି) ନିକଟରେ ଡ୍ରାଫଟ ରେଡ ହେରିଂ ପ୍ରୋସପେକ୍ଟସ (ଡିଆରଏଚପି) ଦାଖଲ କରାଯାଇଛି। ଏଚଡିଏଫସି ଫାଇନାନ୍ସିଆଲ ସର୍ଭିସେସ ଲିମିଟେଡର ବିଭିନ୍ନ ପ୍ରକାର ଗ୍ରାହକଙ୍କ ବିବିଧ ଆବଶ୍ୟକତାକୁ ଏହାର ବିତରଣ ନେଟୱର୍କ ଜରିଆରେ ପୂରଣ କରିବା ଲାଗି ଭିନ୍ନ ପ୍ରକାରର ଋଣ ଉତ୍ପାଦ ରହିଛି। ଏଂଟରପ୍ରାଇଜ ଋଣ, ସଂପତି ଫାଇନାନ୍ସ ଓ କଂଜ୍ୟୁମର ଫାଇନାନ୍ସ ଭଳି ତିନିଟି ବ୍ୟବସାୟ ବର୍ଗରେ ଋଣ ପ୍ରଦାନ କରାଯାଉଛି। ଏହା ହେଉଛି ଭାରତର ଅନ୍ୟତମ ସର୍ବବୃହତ ଓ ଦ୍ରୁତ ଅଭିବୃଦ୍ଧିଶୀଳ ଗ୍ରାହକ ଫ୍ରାଂଚାଇଜି ଏବଂ ୨୦୨୪ ସେପ୍ଟେମ୍ବର ୩୦ ସୁଦ୍ଧା ଏହା ୧୭.୫ ନିୟୁତ ଗ୍ରାହକଙ୍କୁ ସେବା ପ୍ରଦାନ କରିଛି। ୨୦୨୨ ମାର୍ଚ୍ଚ ୩୧ରୁ ୨୦୨୪ ସେପ୍ଟେମ୍ବର ୩୦ ମଧ୍ୟରେ ଏହା ବାର୍ଷିକ ୨୮.୨୨ ପ୍ରତିଶତ ହାରରେ ଆଗକୁ ବଢ଼ିଛି। ଏହା ବିଶେଷ କରି ଋଣ ଅନଗ୍ରସର ଅଂଚଳରେ ନିମ୍ନ ଓ ମଧ୍ୟମ ବର୍ଗର ପରିବାରକୁ ସେବା ପ୍ରଦାନ କରୁଛି। କଂପାନି ଏହି ଅଫରରେ ୨୫୦୦ କୋଟି ଟଙ୍କା ପର୍ଯ୍ୟନ୍ତର ନୂଆ ଇକ୍ୱିଟି ସେୟାର ଜାରି କରିବ ଏବଂ ଅଫର ଫର ସେଲରେ ଏଚଡିଏଫସି ବ୍ୟାଙ୍କ ଲିମିଟେଡ ପକ୍ଷରୁ ୧୦,୦୦୦ କୋଟି ଟଙ୍କା ପର୍ଯ୍ୟନ୍ତର ଇକ୍ୱିଟି ସେୟାର ବିକ୍ରି କରାଯିବ। ଏହି ଅଫରରେ ଯୋଗ୍ୟ କର୍ମଚାରୀମାନଙ୍କ ଲାଗି ଇକ୍ୱିଟି ସେୟାର ସଂରକ୍ଷିତ ରଖାଯିବ। ପ୍ରାକ-ଆଇପିଓ ପ୍ଲେସମେଂଟର ମଧ୍ୟ ବ୍ୟବସ୍ଥା ରହିଛି। ବିଆରଏମଏଲଙ୍କ ସହ କଥାବାର୍ତ୍ତା କରି ଏହା ଉପସ୍ଥାପନ କରାଯିବ। ସେଥିରୁ ଯେଉଁ ପାଣ୍ଠି ସଂଗୃହୀତ ହେବ ସେହି ଅନୁସାରେ ମୂଳ ଇସ୍ୟୁ ପରିମାଣ ହ୍ରାସ ପାଇବ। ଏହି ଇସ୍ୟୁରୁ ଯେଉଁ ପାଣ୍ଠି ସଂଗ୍ରହ ହେବ ତାହାକୁ କମ୍ପାନି ପକ୍ଷରୁ ଋଣ, ବ୍ୟବସାୟ ଅଭିବୃଦ୍ଧି ଲାଗି ଆବଶ୍ୟକ ପାଣ୍ଠି ପାଇଁ ଏହାର ଟାୟାର-୧ ପୁଞ୍ଜି ଆଧାରକୁ ସୁଦୃଢ଼ କରିବାରେ ବ୍ୟବହାର କରାଯିବ। ଏହି ଇସ୍ୟୁର ବୁକ ରନିଂ ଲିଡ ମ୍ୟାନେଜରମାନେ ହେଉଛନ୍ତି ଜେଏମ ଫାଇନାନ୍ସିଆଲ ଲିମିଟେଡ, ବିଏନପି ପରିବାସ, ବିଓଏଫଏ ସିକ୍ୟୁରିଟିଜ ଇଣ୍ଡିଆ ଲିମି ଟେଡ, ଗୋଲଡମ୍ୟାନ ସକ୍ସ (ଇଣ୍ଡିଆ) ସିକ୍ୟୁରିଟିଜ ପ୍ରାଇଭେଟ ଲିମିଟେଡ, ଏଚଏସବିସି ସିକ୍ୟୁରିଟିଜ ଆଣ୍ଡ କ୍ୟାପିଟାଲ ମାର୍କେଟସ (ଇଣ୍ଡିଆ) ପ୍ରାଇଭେଟ ଲିମିଟେଡ, ଆଇଆଇଏଫଏଲ ସକ୍ୟୁରିଟିଜ ଲିମିଟେଡ, ଜେଫେରିଜ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ, ମୋର୍ଗାନ ଷ୍ଟାନଲି ଇଣ୍ଡିଆ କଂପାନି ପ୍ରାଇଭେଟ ଲିମିଟେଡ, ମୋତିଲାଲ ଓସ୍ୱାଲ ଇନଭେଷ୍ଟମେଂଟ ଆଡଭାଇଜର୍ସ ଲିମିଟେଡ, ନୁମୋରା ଫାଇନାନ୍ସିଆଲ ଆଡଭାଇରି ଆଣ୍ଡ ସିକ୍ୟୁରିଟିଜ ଇଣ୍ଡିଆ ଲିମିଟେଡ, ନୁଭାମା ୱେଲଥ ମ୍ୟାନେଜମେଂଟ ଲିମିଟେଡ ଓ ୟୁବିଏସ ସିକ୍ୟୁରିଟିଜ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ।

### ବାଂଲାଦେଶକୁ ୪ ଦିନ ମହଲତ ଦେଲା ଆଦାନି

## ବକେୟା ନଦେଲେ ବିଜୁଳି ଯୋଗାଣ ବନ୍ଦ



**ନୂଆଦିଲ୍ଲୀ, ୪।୧୧:** ବକେୟା ବିଜୁଳି ବିଲ୍ ପୈଠ କରିବା ପାଇଁ ଆଦାନି ପାୱାର ବାଂଲାଦେଶକୁ ୪ ଦିନ ସମୟ ଦେଇଛି। ପୂର୍ବରୁ କମ୍ପାନି ବାଂଲାଦେଶକୁ ବିଜୁଳି ଯୋଗାଣ ଅଧା କମାଇ ଦେଇଛି। ବାଂଲାଦେଶ ଆଦାନି ଗ୍ରୁପ୍ କମ୍ପାନି ଆଦାନି ପାୱାର ଝାଡ଼ଖଣ୍ଡ ଲିମିଟେଡ୍(ଏପିଜେଏଲ୍)କୁ ୮୪୬ ନିୟୁତ ଡଲାର (ପ୍ରାୟ ୭୧୧୮ କୋଟି ଟଙ୍କା) ପୈଠ ନକରିବା ଦ୍ୱାରା ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି। ବାଂଲାଦେଶର ପାୱାର ଗ୍ରିଡ୍ ତଥ୍ୟ ଅନୁଯାୟୀ, ଏପିଜେଏଲ୍ ଗୁରୁବାର ରାତିରୁ ବିଦ୍ୟୁତ୍ ଯୋଗାଣ ହ୍ରାସ କରିଛି। ଏଥିପାଇଁ ବାଂଲାଦେଶକୁ ବିଜୁଳି ଅଭାବ ସାମ୍ନା କରିବାକୁ ପଡୁଛି। ଗତ ଅକ୍ଟୋବର ୨୭ ତାରିଖରେ ଆଦାନି ପାୱାର ବାଂଲାଦେଶ ପାୱାର ଡେଭଲପମେଣ୍ଟ୍ ବୋର୍ଡ (ବିପିଡିବି)କୁ ଚିଠି ଲେଖି ୩୦ ଅକ୍ଟୋବର ସୁଦ୍ଧା ବକେୟା ରାଶି ପୈଠ କରିବାକୁ କହିଥିଲା। କମ୍ପାନି ବକେୟା ରାଶି ପୈଠ ସହିତ ସିକ୍ୟୁରିଟି ବାବଦରେ ୧୭୦ ନିୟୁତ ଡଲାର (୧୪୫୦ କୋଟି ଟଙ୍କା)ର ଲେଟର୍ ଅଫ୍ କ୍ରେଡିଟ୍ ଦେବା ପାଇଁ ୩୧ ଅକ୍ଟୋବର ପର୍ଯ୍ୟନ୍ତ ସମୟ ଦେଇଥିଲା। ବିପିଡିବି ଦେଶର କୃଷି ବ୍ୟାଙ୍କ ଜରିଆରେ ଲେଟର୍ ଅଫ୍ କ୍ରେଡିଟ୍ ଦେବାପାଇଁ ସୂଚନା ଦେଇଥିଲା। କିନ୍ତୁ ତାହା ଶକ୍ତି କ୍ରୟ ରାଜିନାମାର ସର୍ତ୍ତ ଅନୁସାରେ ହୋଇ ନଥିଲା। ବିପିଡିବିର ଜଣେ ଅଧିକାରୀ ସୂଚନା ଦେଇଛନ୍ତି ଯେ ପୁରୁଣା ବିଲ୍ ପୈଠ ହୋଇସାରିଛି। କିନ୍ତୁ ଜୁଲାଇରୁ ଆଦାନିର ବିଦ୍ୟୁତ୍ ବିଲ୍ ପ୍ରତି ସପ୍ତାହରେ ୧୮ ନିୟୁତ ଡଲାରରୁ ଅଧିକ ହୋଇଯାଇଛି। କିନ୍ତୁ ପିଡିବି ୧୮ ନିୟୁତ ଡଲାର ପ୍ରଦାନ କରୁଛି। ଏଥିଯୋଗୁ ବକେୟା ରାଶି ବଢ଼ି ଚାଲିଛି। ଆଦାନି ପାୱାର ବାଂଲାଦେଶକୁ ୨୦୨୩ ଏପ୍ରିଲ ୧୦ରୁ ବିଦ୍ୟୁତ୍ ଯୋଗାଇ ଆସୁଛି। ୨୦୧୭ରେ କମ୍ପାନି ଏଥିପାଇଁ ରାଜିନାମା କରିଛି। ଝାଡ଼ଖଣ୍ଡର ଗୋଡ୍ଡା ପାୱାର ପ୍ଲାଣ୍ଟ୍‌ରୁ କମ୍ପାନି ୨୫ ବର୍ଷ ପର୍ଯ୍ୟନ୍ତ ବିଦ୍ୟୁତ୍ ଯୋଗାଇବା ପାଇଁ ଚୁକ୍ତି କରିଛି।

# ଫେନେଷ୍ଟା ପକ୍ଷରୁ ରାୟଗଡ଼ାରେ ନୂଆ ସୋ ରୁମ



**ଭୁବନେଶ୍ୱର, ୪।୧୧:** ଭାରତର ସର୍ବବୃହତ କବାଟ ଓ ଝରକା ବ୍ରାଣ୍ଡ୍ ଫେନେଷ୍ଟା ପକ୍ଷରୁ ବଜାର ଉପସ୍ଥିତିରେ ସମ୍ପ୍ରସାରଣ ଜାରି ରଖି ଏକ ନୂଆ ସୋ'ରୁମ୍ ଖୋଲାଯାଇଛି। ଏହି ସ୍ୱତନ୍ତ୍ର ସୋ'ରୁମ୍ ଶ୍ରୀ ବିନାୟକ ଜଏଂଟେରିକୁ ରାୟଗଡ଼ାର ଜେ କେ ରୋଡ୍, ଖୋଲିଗୁଡ଼ା, ରାୟଗଡ଼ା-୭୬୫୦୦୧ରେ ଖୋଲାଯାଇଛି ଓ ସେଠାରେ ଶ୍ରେଷ୍ଠ ମାନର ଆଲୁମିନିୟମ୍ ଝରକା ଓ କବାଟ, ୟୁପିଭିସି ଝରକା ଏବଂ କବାଟ ଓ ସଲିଡ୍ ପ୍ୟାନେଲ୍ କବାଟ ଆଦି ରହିଛି। ଏହାର ଶୁଭାରମ୍ଭ ଅବସରରେ ଫେନେଷ୍ଟାର ବ୍ୟବସାୟ ମୁଖ୍ୟ ଶ୍ରୀ ସାକେତ୍ ଜୈନ କହିଛନ୍ତି ଯେ, "ଗ୍ରାହକମାନଙ୍କ ଆବଶ୍ୟକତା ପୂରଣ କରିବା ଲାଗି ଆମର ବିବିଧ ଉତ୍ପାଦ ବର୍ଗମାଳା ସହିତ ଉଲ୍ଲେଖନୀୟ ସେବା ଜରିଆରେ ଆମ ଅଭିବୃଦ୍ଧି ତ୍ୱରାନ୍ୱିତ ହୋଇଛି। ରାୟଗଡ଼ାକୁ ଆମର ସମ୍ପ୍ରସାରଣ ଆମ ସହଯୋଗୀମାନଙ୍କ ବିଶ୍ୱାସ ଓ ଆମ ମୂଳ ଦର୍ଶନର ପ୍ରତିଫଳନ। ଆମ ସୋ'ରୁମ୍ ଗ୍ରାହକମାନଙ୍କୁ ଅନୁସନ୍ଧାନ କରିବା ଏବଂ ସୂଚନା ଆଧାରିତ ନିଷ୍ପତି ନେବାରେ ସହାୟକ ହେଉଛି।"

ଏହି ସୋ'ରୁମର ଶୁଭାରମ୍ଭ ଜରିଆରେ ଫେନେଷ୍ଟା ପକ୍ଷରୁ ପୁରୁଣା ଓ ନୂଆ ଗ୍ରାହକମାନଙ୍କ ଚୟନ ପ୍ରକ୍ରିୟାକୁ ଓ ସୂଚନା ଆଧାରିତ କିଣାକିଣି ଅନୁଭୂତି ପ୍ରଦାନ କରିବାରେ ବେଶ ସହାୟକ ହୋଇପାରିବ। ଫେନେଷ୍ଟା ସୋ'ରୁମ୍ ଉଲ୍ଲେଖନୀୟ ଗ୍ରାହକଙ୍କ ପାଖରେ ପହଂଚିବା ପ୍ରତି ସଫଳ ଯୋଗଦାନ କରୁଥିବା ବେଳେ ଏହାକୁ ବଜାରର ଅଗ୍ରଣୀ ଭାବେ ଉପସ୍ଥାପନ କରିଛି। ଭାରତରେ ଆଲୁମିନିୟମ୍ ଝରକା ଓ କବାଟ, ୟୁପିଭିସି ଝରକା ଓ କବାଟ, ସଲିଡ୍ ପ୍ୟାନେଲ୍ କବାନ ବର୍ଗ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ବେଳେ କଂପାନି ଏହାର ବଜାର ଅଂଶ ବଢ଼ାଇବକୁ ଓ ଭବିଷ୍ୟତରେ ନେତୃତ୍ୱ ସ୍ଥିତି ବଜାୟ ରଖିବାକୁ ଉଦ୍ୟମ କରୁଛି। ରାୟଗଡ଼ାର ଖୋଲିଗୁଡ଼ା ଜେ କେ ରୋଡ୍ରେ ଖୋଲିଥିବା ଶ୍ରୀ ବିନାୟକ ଜଏଂଟେର୍‌ରେ ବ୍ୟାପକ ବର୍ଗର ଝରକା ଓ କବାଟ ଆଦି ବିଭିନ୍ନ ଡିଜାଇନ୍ ଓ ରଙ୍ଗରେ ଉପଲବ୍ଧ ରହିଛି। ଏହି ସୋ'ରୁମ୍ ସହ କଂପାନିର ଉପସ୍ଥିତି ୯୦୦ରୁ ଅଧିକ ସ୍ଥାନକୁ ବୃଦ୍ଧି ପାଇଛି। ଫେନେଷ୍ଟା ହେଉଛି ଭାରତରେ ଏକମାତ୍ର କମ୍ପାନି ଯାହା ୟୁପିଭିସିର ନିର୍ମାଣ ଠାରୁ ସମସ୍ତ ଯୋଗାଣ ଶୃଙ୍ଖଳକୁ ନିୟନ୍ତ୍ରଣ କରୁଛି ଏବଂ ଏହା ପ୍ରୋଫାଇଲ୍ ତିଆରି କରିବା ଠାରୁ ଚୂଡ଼ାନ୍ତ ଉତ୍ପାଦ ସ୍ଥାପନ କରିବା ଓ ବିକ୍ରି ପରବର୍ତ୍ତୀ ସେବା ଆଦି ପ୍ରଦାନ କରୁଛି। ଗ୍ରାହକମାନଙ୍କୁ ଭଲ ଭାବେ ପ୍ରସ୍ତୁତ ଓ ସମସାମୟିକ ଷ୍ଟାଇଲ୍ର ଉତ୍ପାଦ ଗ୍ରାହକମାନଙ୍କୁ ପ୍ରଦାନ କରିବା ଲାଗି ଏହି ଉତ୍ପାଦଗୁଡ଼ିକୁ ବ୍ରିଟେନ୍ ଓ ଅଷ୍ଟ୍ରିଆରେ ପ୍ରସ୍ତୁତ କରାଯାଇଛି।

ଭାରତର ବିବିଧ ଓ ଜଟିଳ ଜଳବାୟୁ ସ୍ଥିତିରେ ପ୍ରଦର୍ଶନକୁ ସୁନିଶ୍ଚିତ କରିବା ଲାଗି କଠୋର ପରୀକ୍ଷା ଓ ଗୁଣାତ୍ମକ ମାନ ଯାଂଚ ଦେଇ ଫେନେଷ୍ଟା ଉତ୍ପାଦ ଗତି କରୁଛି। ଫେନେଷ୍ଟାର ଉତ୍ପାଦଗୁଡ଼ିକ ବିଲଡର, ସ୍ଥପତି ଓ ଇଂଟେରିୟର ଡିଜାଇନର୍ଙ୍କ ମଧ୍ୟରେ ବେଶ୍ ଲୋକପ୍ରିୟ ଯାହା ସୌନ୍ଦର୍ଯ୍ୟ ସହ ସାଲିସ ନକରି ବର୍ଷା ଓ ଧୂଳି ପ୍ରଦୂଷଣରୁ ସୁରକ୍ଷା ପ୍ରଦାନ କରୁଛି।

# ଜିଲ୍ଲାପାଳ ଓ ଏସ୍‌ପିଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

**ସୁବର୍ଣ୍ଣପୁର,୪।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ସୁବର୍ଣ୍ଣପୁର ଜିଲ୍ଲାପରିଷଦ ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀମତୀ ଅନ୍ୟା ଦାସ ଓ ଆରକ୍ଷୀ ଅଧିକ୍ଷକ ରାମପ୍ରସାଦ ସାହୁ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିରରେ ଯୋଗଦାନ କରି ଜନସାଧାରଣ ଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୩୫ ଗୋଟି ପଞ୍ଜିକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ । ୨୭ ଗୋଟି ଦରଖାସ୍ତ ବ୍ୟକ୍ତିଗତ ରହିଥିବା ବେଳେ ୦୮ ଗୋଟି ସାମୁହିକ ଦରଖାସ୍ତ ଗ୍ରହଣ କରାଯାଇଥିଲା। ଗୋଟିଏ ଦରଖାସ୍ତ ର ତୁରନ୍ତ ସମାଧାନ ହୋଇଥିବା ବେଳେ ଅନ୍ୟ ସମସ୍ତ ଦରଖାସ୍ତ ଗୁଡିକୁ ନିର୍ଦ୍ଧିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଅନୁଷ୍ଠିତ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ରେ ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ଅଶ୍ୱିନୀ କୁମାର ମେହେର, ଉପଜିଲ୍ଲାପାଳ ସୋନପୁର ସୌମ୍ୟାରୂପା ରଥ , ପଞ୍ଚାୟତ ସମିତି ଅଧ୍ୟକ୍ଷ ସୋନପୁର ପ୍ରହଲ୍ଲାଦ ନାୟକ, ଅବକାରୀ ଅଧିକ୍ଷକ ପ୍ରବୀର କୁମାର ସାମଲ, ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡ ପ୍ରଦୀପ କୁମାର ଗୁରୁ, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଜିଲ୍ଲା ପଞ୍ଚାୟତ ଅଧିକାରୀ ଅର୍ଜୁନ ଚରଣ ମାଝୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅଚ୍ୟୁତାନନ୍ଦ ସିଂ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ,ଜିଲ୍ଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ ,ଜିଲ୍ଲା କ୍ରୀଡା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ତହସିଲଦାର ସୋନପୁର ଯୋଗେଶ୍ୱର ଧରୁଆ , ଡେପୁଟି କଲେକ୍ଟର (ଗ୍ରୀଭେନସ) ଶୁଭଶ୍ରୀ ରଥ,ସମେତ ବିଭିନ୍ନ ଜିଲ୍ଲା ସ୍ତରୀୟ ଅଧିକାରୀ, ତହସିଲ ଓ ବ୍ଲକ ସ୍ତରୀୟ ଅଧିକାରୀ କର୍ମଚାରୀ,ସାମ୍ବାଦିକ ପ୍ରମୁଖ ଯୋଗଦାନ କରିଥିଲେ ।



# ସାମାନ୍ୟ ବଚସାରୁ ଯୁବକଙ୍କୁ ଗୁଳିମାଡ଼

**ରାଉରକେଲା,୪।୧୧(ସଂଚାର ବ୍ୟୁରୋ):** ସାମାନ୍ୟ ବଚସା ନେଲା ଉଗ୍ର ରୂପ। ଯୁବକଙ୍କୁ ଗୁଳିମାଡ଼ କରି ଚମ୍ପଟ ମାରିଲେ ଦୁର୍ବୃତ୍ତ। ଏପରି ଘଟଣା ଘଟିଛି ରାଉରକେଲାର ଟ୍ରାଫିକ ଗେଟ୍ ମାର୍କେଟରେ। ଆହତ ଯୁବକ ଅଭ୍ୟାସ ରାୟଙ୍କୁ ଉଦ୍ଧାର କରାଯାଇ ଆରଜିଏଚ୍‌ରେ ଭର୍ତ୍ତି କରାଯାଇଛି। ଆଜି ସକାଳେ ରାଉରକେଲା ଟ୍ରାଫିକ ଗେଟ୍ ମାର୍କେଟ ନିକଟରେ କୌଣସି କଥାକୁ ନେଇ ୨ରୁ୩ ଜଣ ଯୁବକଙ୍କ ସହ ସଂପୃକ୍ତ ଯୁବକଙ୍କର ବଚସା ହୋଇଥିଲା। ପରେ ଏହି ବଚସା ଉଗ୍ରରୂପ ନେଇଥିଲା। ପରେ ଦୁର୍ବୃତ୍ତମାନେ ଯୁବକଙ୍କ ଉପରକୁ ଗୁଳିମାଡ଼ କରି ଫେରାର ମାରିଥିଲେ। ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକେ ଯୁବକଙ୍କୁ ଉଦ୍ଧାର କରି ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ଅଭ୍ୟାସଙ୍କ ଉପରକୁ ଦୁଇ ରାଉଣ୍ଡ ଗୁଳିମାଡ଼ ହୋଇଥିବା ସନ୍ଦେହ କରଯାଉଛି। ତେବେ କେଉଁ କାରଣ ପାଇଁ ଦୁର୍ବୃତ୍ତମାନେ ଯୁବକଙ୍କ ଉପରକୁ ଗୁଳିମାଡ଼ କଲେ ତାହା ଜଣାପଡ଼ି ନାହିଁ। ପୁଲିସ ଖୋକା ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

# ରକ୍ତଦାନ ଶିବିର

**ଭେଡ଼େନ,୪।୧୧(ସଂଚାର ବ୍ୟୁରୋ):** ଆଞ୍ଚଳିକ ଜନକଲ୍ୟାଣ ଭିନ୍ନ କ୍ଷମ ସଂଗଠନ ଭେଡେନ ର ସଭାପତି ବସନ୍ତ କୁମାର ଭୋଇ କଂ ତତ୍ୱାବଧାନରେ ଏକ ରକ୍ତ ଦାନ ଶିବାର ତାଲମେଣ୍ଡା ପଞ୍ଚାୟତ ଆଫିସ ଠାରେ ଅନୁଷ୍ଠିତ ହୋଇଥିଲା। ଏଠାରେ ୨୨ ୟୁନିଟ ରକ୍ତ ସଂଗ୍ରହ କରାଗଲା। ଏଥିରେ ମୁଖ୍ୟ ଅତିଥି ପାୱାର ଅଫ୍ ଦିବ୍ୟାଗଂସ୍ ବରଗଡ଼ ସଂଗଠନ ର ସଭାପତି ଶ୍ୟାମ ସୁନ୍ଦର ଅଗ୍ରୱାଲ, ଉପ ସଭାପତି ଅଶୋକ ଅଗ୍ରୱାଲ, ସଂପାଦକ ମେଘନାଦ ସାହୁ। ସମ୍ମାନୀତ ଅତିଥି ଅରୁପା ପଧାନ ଓ ଡାକ୍ତର ମାଝି ଉପସ୍ଥିତ ଥିଲେ। ଏଣୁ ଶିବିର ରେ ପୂର୍ଣ୍ଣ ସହଯୋଗ କରିଥିଲେ ସଂଗଠନ ର ଚକ୍ରମଣି ଭୋଇ, ଦୀପକ କୁମାର ଭୋଇ,




ସୁରେନ୍ଦ୍ର ପଟେଲ, ଧ୍ରୁବଲେଶ୍ୱର ବଗର୍ତ୍ତୀ, ତରଣି ସୁନା, ଫିରୋଜ ଚିରଗୁନ, ସୁ ସାନ୍ତ୍ୱନା ମେହେର, ଲକ୍ଷ୍ମୀ ମେହେର, ପ୍ରମୋଦ ମେହେର, କୁନି କୁଦେଇ, ସୁରଭି ମେହେର, ବିରକିଶୋର ବାଦି, ସୁମନ୍ତ ପଧାନ, ମନୋଜ ଛୁରିଆ, ଓ ତାଲମେଣ୍ଡା ପଞ୍ଚାୟତ ଆଫିସ ର ସରପଂଚ ତାଙ୍କର ସମସ୍ତ କାର୍ଯ୍ୟ କର୍ତା କଂ ଉପସ୍ଥିତ ରେ ଶିବିର ସାଫଲ୍ୟ ହୋଇଥିଲା।

# ନୂଆପଡ଼ା ଗସ୍ତରେ ଗଣଶିକ୍ଷା ମନ୍ତ୍ରୀ




**ନୂଆପଡ଼ା,୪।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ଜିଲ୍ଲା ଗସ୍ତରେ ଓଡ଼ିଶା ସ୍କୁଲ ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଆସି ଜିଲ୍ଲାର ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ। ସଙ୍ଗଠନ ପର୍ବ ଓ ଜିଲ୍ଲା କର୍ମଶାଳାରେ ଯୋଗ ଦେଇଥିଲେ। ରବିବାର ମଧ୍ୟାହ୍ନରେ ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ସାଂଗଠନିକ ବୈଠକରେ ଯୋଗ ଦେଇଥିଲେ। ଜିଲ୍ଲା ସଭାପତି ସୁବ୍ରତ ଠାକୁର, ପୂର୍ବତନ ସାଂସଦ ବସନ୍ତ କୁମାର ପଣ୍ଡା, ପୂର୍ବତନ ଖଡ଼ିଆଳ ବିଧାୟକ ହିତେଶ କୁମାର ବଗର୍ତ୍ତି, ଖରିଆର ରୋଡ ଏନଏସି ଅଧ୍ୟକ୍ଷା ସୋନିଆ ଜୈନ, ରାଜ୍ୟ ଉପ ସଭାନେତ୍ରୀ ସୁକେଶି ଓରାମ, ଜିଲ୍ଲା ନିର୍ବାଚନ ଅଧିକାଗ କାରୀ ଗୋବିନ୍ଦ ଜୈନ, ଜିଲ୍ଲା ସଦସ୍ୟତା ଅଭିଯାନ ସଂଯୋଜକ ତୁଳସ ପଟେଲଙ୍କ ସମେତ ସମସ୍ତ ମଣ୍ଡଳ ସଭାପତି ଓ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ ।

# ଉଠା ଜଳସେଚନ ପ୍ରକଳ୍ପରୁ ଚାଷୀଙ୍କ ଜମିକୁ ଆସିଲା ପାଣି

## ବିଭାଗୀୟ ଅଧିକାରୀଙ୍କୁ ଧନ୍ୟବାଦ ଦେଲା ଚାଷୀ ସଙ୍ଗଠନ

**ସୋନପୁର,୪।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ଅନ୍ତର୍ଗତ ଛତାପିପଳ ଠାରେ ତତ୍କାଳୀନ ସରକାର ପକ୍ଷରୁ ପାର୍ବତୀ ଗିରି ଉଠା ଜଳ ସେଚନ ପ୍ରକଳ୍ପ ହୋଇଥିଲା, ଏହି ପ୍ରକଳ୍ପ ର ନିର୍ମାଣ ୫୪ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା, ଏଲଏଣ୍ଡଟି କଂପାନୀ ଦ୍ୱାରା ଏହି ପ୍ରକଳ୍ପର କାର୍ଯ୍ୟ ନିର୍ମାଣ ହୋଇଥିଲା କିନ୍ତୁ ପ୍ରକଳ୍ପର ସପୂର୍ଣ୍ଣ ନିର୍ମାଣ କାର୍ଯ୍ୟ ଏକ ବର୍ଷ ହେବ ଶେଷ ହୋଇ ଥିଲେ ମଧ୍ୟ କିନ୍ତୁ ଚାଷୀ ଙ୍କ କ୍ଷେତକୁ ପାଣି ଆସୁ ନଥିଲା , ଦରକାର ସମୟରେ ଚାଷୀ ପାଣି ପାଇ ପାରୁ ନଥିବାରୁ ଫଳରେ ଶହ ଶହ ଏକର ଧାନ ଚାଷ ମରିବା ଉପରେ ଥିଲା ତେଣୁ ଦୀର୍ଘ ଦିନରୁ ବିଭାଗୀୟ ଅଧିକାରୀଙ୍କୁ ଛତାପୀପଳ ମେଗା ପ୍ରକଳ୍ପ ଅଞ୍ଚଳର ସହ ସହ ଚାଷୀ ମାନେ ବାରମ୍ବାର ଲିଖିତ ଭାବରେ ଏହି ପ୍ରସଙ୍ଗରେ ସୋନପୁର ଠାରେ ଥିବା କାର୍ଯ୍ୟାଳୟ କୁ ଯାଇ ଦାବି ଜଣାଇଥିଲେ କିନ୍ତୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ନେଇନଥିଲେ ବିଭାଗୀୟ ଅଧିକାରୀ, ପରେ ଚାଷୀ ମାନଙ୍କ ନିଷ୍ପତି କ୍ରମେ ଛତାପୀପଲ ମେଗା ପ୍ରୋଜେକ୍ଟ ଚାଷୀ ସଂଘଠନ ତରଫରୁ ଚାଷୀ ନେତା ଚମରୁ ଲାଲ ମିଶ୍ର ଙ୍କ ନେତୃତ୍ୱ ରେ ଶତାଧିକ ଚାଷୀ ସୋନପୁର, ବଲାଙ୍ଗୀର ୫୭ ନମ୍ବର ଜାତୀୟ ରାଜପଥ ଖମ୍ବେଶ୍ୱରୀପାଲି ମୁଖ୍ୟ ରାସ୍ତା ଅବରୋଧ କରିଥିଲେ, ଫଳରେ ସୋନପୁର ପୋଲିସ ପ୍ରଶାସନ ଓ ବିଭାଗୀୟ ଅଧିକାରୀ ଆସି ସମସ୍ତ ଚାଷୀ ଙ୍କ କ୍ଷେତକୁ ପାଣି ଦିଆଯିବ ବୋଲି ଲିଖିତ ପ୍ରତିଶୃତି ଦେଇଥିଲେ ତାପରେ ରାସ୍ତା ଅବରୋଧ ହଟିଥିଲା, ପ୍ରତିଶୃତି ଯଦି ପାଳନ ନ ହେବ ଜାତୀୟ ରାଜପଥ ରାସ୍ତା ପୁଣି ଅବରୋଧ କରାଯିବ ବୋଲି ଚାଷୀ ସଙ୍ଗଠନ ର ସଭାପତି ଚମରୁଲାଲ ମିଶ୍ର ଚେତାବନୀ ଦେଇଥିଲେ ଉଠା ଜଳସେଚନ ପ୍ରକଳ୍ପ ଅଧିକାରୀ ତାଙ୍କର ପ୍ରତିଶୃତି ପାଳନ କରି ଚାଷୀ ମାନଙ୍କ କ୍ଷେତକୁ ପାଣି ଦେଇ ଥିବାରୁ ଅତିରିକ୍ତ ନିର୍ବାହୀ ଯନ୍ତ୍ରୀ ଉଠା ଜଳସେଚନ ପ୍ରକଳ୍ପ ସୋନପୁର ରବି ନାରାୟଣ ମେହେରଙ୍କୁ ଛତାପୀପଳ ପାର୍ବତୀ ଗୀରି ଚାଷୀ ସଂଘଠନ ର ସଭାପତି ଚରମୁ ମିଶ୍ର, ଅବସର ପ୍ରାପ୍ତ ଶିକ୍ଷକ ଜାରମନି କୁଶଳ, ପୂର୍ବତନ ସରପଞ୍ଚ ସୁରେଶ କୁଶଳ, ଚାଷୀ ଗୋବିନ୍ଦ ଦୀପ ଏବଂ ବାବଲୁ ମିଶ୍ର କୃତଜ୍ଞତା ଜ୍ଞାପନ କରିବା ସହିତ ଧନ୍ୟବାଦ ଜଣେଇ ଛନ୍ତି ।



# ନାମକୁ ମାତ୍ର କୃଷି କାର୍ଯ୍ୟାଳୟ

## ସମସ୍ତ ଅଧିକାରୀ ପଦବୀ ଖାଲି

**କଣାସ,୪।୧୧(ସଂଚାର ବ୍ୟୁରୋ):** କେନ୍ଦ୍ର ଓ ରାଜ୍ୟସରକାର କୃଷକମାନଙ୍କ ପ୍ରଗତି ପାଇଁ ପ୍ରତ୍ୟେକ ବ୍ଲକରେ କୃଷି କାର୍ଯ୍ୟାଳୟ ଖୋଲି କୃଷକମାନଙ୍କ ଦେଖାସୁଣା ପାଇଁ କୃଷି ଅଧିକାରୀ ଅତିରିକ୍ତ କୃଷି ଅଧିକାରୀ, ଗ୍ରାମସେବକ ନିଯୁକ୍ତି କରିଥିବା ବେଳେ ପୁରୀ ଜିଲ୍ଲାର ଖାଲୁଆ ଅଞ୍ଚଳ ତଥା ଚିଲିକା ଉପକୂଳରେ ଅବସ୍ଥିତ କଣାସ ବ୍ଲକର କଣାସ ଠାରେ ଏକ କୃଷି କାର୍ଯ୍ୟାଳୟ ଖୋଲାଯାଇଛି। ଦୀର୍ଘ ଦିନ ହେଲା କୃଷିଅଧିକାରୀ ପବଦୀ ଖାଲିପଡ଼ିଥିବା ବେଳେ ଓଭସିୟର ପଦବୀ ଖାଲି ପଡ଼ିଛି। କଣାସ ବ୍ଲକ ୨୮ଟି ଗ୍ରାମପଞ୍ଚାୟତ ହୋଇଥିବାରୁ ୧୪ଜଣ ଗ୍ରାମସେବକ ନିଯୁକ୍ତି ପାଇବା କଥା। ମାତ୍ର ୪ଜଣ ଗ୍ରାମସେବକ ନିଯୁକ୍ତି ପାଇଥିବା ବେଳେ ୧୦ ଗ୍ରାମସେବକ ପଦବୀ ଦୀର୍ଘ ଦିନ ହେଲା ଖାଲିରହିଛି।

# ନାଏବ ସରପଞ୍ଚଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ



**ନୂଆପଡ଼ା,୪।୧୧(ସଂଚାର ବ୍ୟୁରୋ):** ଜିଲ୍ଲା ସିନାପାଲି ବ୍ଲକ୍ ଅନ୍ତର୍ଗତ ହାତିବନ୍ଧା ଗ୍ରାମ ପଞ୍ଚାୟତ ରେ ନାଏବ ସରପଞ୍ଚ ପଞ୍ଚାୟତ ବିରୁଦ୍ଧ କାର୍ଯ୍ୟ ସାଙ୍ଗକୁ ଜନ କଲ୍ୟାଣକାରୀ ଯୋଜନା ରେ ବ୍ୟାହତ ସୃଷ୍ଟି କରି ପଞ୍ଚାୟତ ଉନ୍ନୟନ ମୂଳକ କାର୍ଯ୍ୟ ପାଇଁ ବାଧା ଦେଉଥିବା ଅଭିଯୋଗ ନେଇ ବରିଷ୍ଠ ସଦସ୍ୟ ମାନେ ଉପଜିଲ୍ଲାପାଳ ଙ୍କ ଦ୍ୱାରସ୍ଥ ହୋଇଛନ୍ତି। ନାଏବ ସରପଞ୍ଚ ଜନ୍ମେଜୟ ମେହେର ମାନରେଗା ଯୋଜନା ରେ ଶ୍ରମିକଙ୍କୁ କାମ ଯୋଗାଣ ପାଇଁ ବ୍ୟବସ୍ଥା କରିଥିବା ବେଳେ ସେ ଗାଁ ସାଥୀ ଙ୍କ ସହ ମିଶି ବିଶୃଙ୍ଖଳା ସୃଷ୍ଟି କରୁ ଥିବା ଅଭିଯୋଗ ଆସୁଅଛି। ତେଣୁ ବରିଷ୍ଠ ସଭ୍ୟ ରାଜେନ୍ଦ୍ର ଜନୀ ସ୍ୱତନ୍ତ୍ର ବୈଠକ ରେ ପ୍ରସ୍ତାବ ଆଗତ ହୋଇ ନାଏବ ସରପଞ୍ଚ ଙ୍କ ବିରୁଦ୍ଧ ରେ ଅନାସ୍ଥା ପ୍ରସ୍ତାବ ଆଗତ କରିଛନ୍ତି। ପଞ୍ଚାୟତିରାଜ ଆଇନ ୧୯୬୪ ଧାରା ୨୪ ରେ ବିଶୃଙ୍ଖଳା ସୃଷ୍ଟି କରି ତାଙ୍କ ପଦ ଉପରେ ସଦସ୍ୟ ମାନେ ଅବସ୍ଥା ପ୍ରସ୍ତାବ ଆଗତ କରିବା ପ୍ରାବଧାନ ରହିଅଛି। ତେଣୁ ସଭ୍ୟ ସଭ୍ୟା ମାନେ ଉପ ଜିଲ୍ଲାପାଳ କାର୍ଯ୍ୟାଳୟ ରେ ଆପତ୍ତି ଅଭିଯୋଗ କରିଛନ୍ତି।

# ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର



**ନୟାଗଡ଼,୪।୧୧(ସଂଚାର ବ୍ୟୁରୋ):** ନୟାଗଡ଼ ସଦର ମହକୁମାରେ ଆଜି ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ଆରକ୍ଷୀ ଅଧୀକ୍ଷକ ଏସ.ସୁଶ୍ରୀ, ଅତିରିକ୍ତ ଜିଲ୍ଲାପାଳ ଦିଲ୍ଲୀପ କୁମାର ବଳ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ ଦେବଦତ ପଣ୍ଡା, ଉପଜିଲ୍ଲାପାଳ କର୍ଣ୍ଣଦେବ ସମାଦାର, ନୟାଗଡ଼ ତହସିଲଦାର ରାଜେଶ କେଶରୀ ସ୍ୱାଇଁ, ନୟାଗଡ଼ ବ୍ଲକ ବିଡିଓ ପଦ୍ମ ଲୋଚନ ସାହୁ ଓ ସମସ୍ତ ବିଭାଗର ଅଧୀକାରି ମାନେ ଉପସ୍ଥିତ ରହିଥିଲେ । ଆଜି ମୋଟ ୧୯୬ ଗୋଟି ଅଭିଯୋଗ ଆସିଥିଲା । ସେଥି ମଧ୍ୟରୁ ୧୭୯ ଟି ବ୍ୟକ୍ତିଗତ ମାମଲା ରହିଥିବା ବେଳେ ଗ୍ରାମ୍ୟ ସମସ୍ୟା ୭ ଗୋଟି ରହିଥିଲା । ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ୧୦ ଗୋଟି ମାମଲା ରହିଥିଲା । ତୁରନ୍ତ ୨୬ ଗୋଟି ମାମଲାର ସମାଧାନ କରାଯାଇଥିଲା । ସେହିପରି ଭାବେ ଜନଶୁଣାଣୀରେ ବହୁ ଜନସାଧାରଣ ଅଭିଯୋଗ ନେଇ ଆସିଥିଲେ । କିନ୍ତୁ ଆବଶ୍ୟକୀୟ କର୍ମଚାରୀ ନଥିବାରୁ ଭିନ୍ନକ୍ଷମ ବ୍ୟକ୍ତି ବିଶେଷଙ୍କୁ ନେବା ଆଣିବାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳିଥିଲା । ଏମିତି ଜଣେ ବୟସ୍କ ବ୍ୟକ୍ତି ଅଭିଯୋଗ ନେଇ ଆସିଥିଲେ କିନ୍ତୁ ସାଥିରେ କେହି ନଥିବାରୁ ତଳେ ପଡିଯାଇଥିଲେ । ଯାହାଫଳରେ ତାଙ୍କ ମୁଣ୍ଡରେ ଆଘାତ ଲାଗିଥିଲା । ପରବର୍ତ୍ତୀ ସମୟରେ ଟାଉନ ପୋଲିସ ପହଞ୍ଚି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ହୁଇଲ ଚେୟାର ଅଛି କିନ୍ତୁ ନବା ଆଣିବାରେ କାହାକୁ ଦେଖିବାକୁ ମିଳିନଥିଲା । ଯାହାକୁ ନେଇ ଅଭିଯୋଗକାରୀ ମନରେ ଅସନ୍ତୋଷ ଦେଖାଦେଇଥିଲା । ତେବେ ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦାବି ହୋଇଛି ।

# ଅନୁକମ୍ପା ରାଶି ପାଇଁ ରାସ୍ତାରୋକ

# ବାଇକ୍ ଦୁର୍ଘଟଣାରେ ବୃଦ୍ଧାଙ୍କ ମୃତ୍ୟୁ



**କଳାହାଣ୍ଡି,୪।୧୧(ସଂଚାର ବ୍ୟୁରୋ):** କଲମପୁର ଥାନା ଅନ୍ତର୍ଗତ ଇଚ୍ଛାପୁର ଗାଁ ର ମୁନି ମାଝୀ ନିକଟସ୍ଥ ରାଣୀ ବନ୍ଧ ରୁ ଶୌଚ ହୋଇ ଫେରୁଥିବାବେଳେ ବାଇକ ଦୁର୍ଘଟଣାରେ ମୃତ୍ୟୁ ବରଣ କରିଥିବା ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ସୂଚନା ଅନୁସାରେ ରବିବାର ସନ୍ଧ୍ୟାରେ ଇଚ୍ଛାପୁର ଗ୍ରାମର ସୁଦାମ ଲହଜଲ, ପିତା- କୃଷ୍ଣ ଲହଜଲ ଏକ ବାଇକ ଯୋଗେ କଲମପୁର ପଟରୁ ଫେରୁଥିଲେ। ସେ ବେପରୁଆ ଭାବେ ବାଇକ ଚଲାଇ ଆସୁଥିବା ବେଳେ ନିକଟସ୍ଥ ରାଣୀବନ୍ଧ ରୁ ଶୌଚ ହୋଇ ଫେରୁଥିବା ଗାଁ ର ମୁନି ମାଝୀ (୬୦) ଙ୍କୁ ପଛପଟ ରୁ ଧକ୍କା ଦେଇଥିଲା। ଗାଡି ଧକ୍କାରେ ସମ୍ପୃକ୍ତ ବ୍ୟକ୍ତି ତଳେ ଛିଟିକି ପଡ଼ିଯାଇଥିଲେ। ସଙ୍ଗେ ସଙ୍ଗେ ଖବର ପାଇ ତାଙ୍କ ପରିବାର ବର୍ଗ ଘଟଣା ସ୍ଥଳରେ ପହଞ୍ଚି ରକ୍ତାକ୍ତ ଅବସ୍ଥାରେ ମୁନି ମାଝୀ ଙ୍କୁ ଏକ ବାଇକ ଯୋଗେ କଲମପୁର ଡାକ୍ତରଖାନାରେ ପହଞ୍ଚାଇ ଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ଓ ଡାକ୍ତର ଶିବାଶିଷ ସ୍ୱାଇଁ କଲମପୁର ଥାନା ଙ୍କୁ ଖବର କରିଥିଲେ। ଖବରପାଇ ଏ.ଏସ. ଆଇ ଶେଖର ଜେନା ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ବେପରୁଆ ଗାଡ଼ି ଚାଳକ ସୁଦାମ ଗାଁ ର ଚୈତନ୍ୟ ପାତ୍ରଙ୍କ ଗାଡ଼ିରେ ଦୁର୍ଘଟଣା ଘଟାଇ ଥିବା ତଦନ୍ତରୁ ଜଣାପଡ଼ିଛି। ବାଇକ ଚାଳକ ସୁଦାମ ଲହଜାଲ ଫେରାର ଥିବା ପୋଲିସ ପକ୍ଷରୁ ସୁଚନା ମିଳିଛି। ଥାନା ପକ୍ଷରୁ କେଶ ନମ୍ବର ୧୧୭/୨୪ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପାଇଁ ଜୟପାଟଣା ପଠାଇ ଥିଲେ। ଏହାପରେ ଶବ କୁ ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯାଇଥିଲା। ତେବେ ମୃତ୍ୟ ବୃଦ୍ଧା ଜଣକ ଅତ୍ୟନ୍ତ ଗରିବ ଯାହା ତାଙ୍କ ଏକ ମାତ୍ର ପୁଅ ଏବେ ଘର ଚଳେଇବା କଷ୍ଟ ସାଧ୍ୟ ହୋଇଛି। ତେଣୁ ଦୁର୍ଘଟଣା ଜନିତ ମୃତ୍ୟୁ ପାଇଁ ଆର୍ଥିକ ସହାୟତା ପ୍ରଦାନ ନିମନ୍ତେ ସୋମବାର ଅପରାହ୍ନରେ କଲମପୁର - ଜୁନାଗଡ଼ ମୁଖ୍ୟରାସ୍ତାରେ ଶବକୁ ରଖି ପରିବାର ପକ୍ଷରୁ ରାସ୍ତାରୋକ କରିଥିଲେ। ରାସ୍ତାରୋକର ଖବର ପାଇ କଲମପୁର ତହସିଲଦାର ସ୍ମରଣିକା ତୁଲ ଓ କଲମପୁର ଥାନା ଆଇଆଇସି ପି.କେ କାନୁନ୍ ଗୋ ଘଟଣାସ୍ଥଳରେ ପହଞ୍ଚି ସରକାରଙ୍କ ତରଫରୁ ଥିବା ଅନୁକମ୍ପା ରାଶି ପ୍ରଦାନ କରାଯିବ ବୋଲି ପରିବାର ଲୋକଙ୍କୁ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ପ୍ରତ୍ୟାହୃତ ହୋଇଥିଲା ଓ ପରିବାର ଲୋକେ ଗାଁ ଶ୍ମଶାନରେ ଶବ ସଂସ୍କାର କରିଥିଲେ।

# ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**ବାଲିଅନ୍ତା,୪।୧୧(ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅଧୀନ ସୁଧଷଡ଼ଙ୍ଗୀ ଗ୍ରାମର ନରହରି ମହାନ୍ତିଙ୍କର ଆଜି ଭୋର ସାଢେ ୩ଟା ସମୟରେ ମୃତ୍ୟୁ ହୋଇଯାଇଛି। ମୃତ୍ୟୁ ବେଳକୁ ନରହରିଙ୍କୁ ୭୫ ବର୍ଷ ବୟସ ହୋଇଥିଲା। ସେ ହଠାତ ୨ ଦିନ ତଳେ ଅସୁସ୍ଥତା ଅନୁଭବ କରି ବାରୁ ଆପୋଲୋ ହସ୍ପିଟାଲ ନିଆଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ନରହରିଙ୍କ ମୃତ୍ୟୁ ଘଟିଥିଲା। ନରହରିଙ୍କ ମୃତ୍ୟୁ ଖବର ପାଇବା କ୍ଷଣି ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ଚୌଧୁରୀ ଦ୍ୱାରିକା ନାଥ ଦାଶଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷଙ୍କର ତାଙ୍କର ଶେଷ ଦର୍ଶନ ଲାଗି ତାଙ୍କ ବାସ ଭବନରେ ଭିଡ଼ ଜମିଥିଲା। ଉଲ୍ଲେଖଯୋଗ୍ୟ ନରହରିଙ୍କର ଏଅଞ୍ଚଳର ବେଷ୍ଟପୁର କଲେଜ ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନ କରାଇବାରେ ତାଙ୍କର ବହୁତ ଅବଦାନ ରହିଥିଲା। ଚାକିରିରୁ ଅବସର ନେବା ପରେ ସମାଜ ସେବାରେ ନିଜକୁ ନିୟୋଜିତ କରିଥିଲେ। ବଡ଼ ପୁଅ ମନୋରଞ୍ଜନ ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଦାୟିତ୍ୱ ଗ୍ରହଣକଲେ ନୂତନ ତହସିଲଦାର ସୋନମ୍

**ନୀଳଗିରି,୪।୧୧(ସଂଚାର ବ୍ୟୁରୋ):** ନୀଳଗିରି ତହସିଲରେ ନୂତନଭାବେ କାର୍ଯ୍ୟରେ ଯୋଗଦାନ କରିଛନ୍ତି ସୋନମ୍ ଦାସ। ସୋମବାର ଅପରାହ୍ନରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପୂର୍ବତନ ତହସିଲଦାର ଦିପ୍ତିମୟୀ ବେହେରାଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିବା ସହିତ ଆଦିବାସୀ ଅଧ୍ୟୁଷିତ ନୀଳଗିରିର ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବାକୁ ପ୍ରାଧାନ୍ୟ ଦେବେ ବୋଲି ସୂଚନା ଦେଇଛନ୍ତି। ପୂର୍ବରୁ ଯାଜପୁର ଜିଲ୍ଲାର ଡେପୁଟି କଲେକ୍ଟର ଥିବା ଶ୍ରୀମତୀ ଦାସ ନୀଳଗିରି ତହସିଲଦାର ଭାବେ ବଦଳି ହେବା ପରେ ଆଜି କାର୍ଯ୍ୟରେ ଯୋଗଦାନ କରିଥିଲେ। ତାଙ୍କୁ ତହସିଲର ସମସ୍ତ କର୍ମଚାରୀ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ ଜଣାଇଥିବା ବେଳେ ପୂର୍ବତନ ତହସିଲଦାର ଦିପ୍ତିମୟି ବେହେରାଙ୍କୁ ବିଦାୟୀ ସମ୍ବର୍ଦ୍ଧନା ଜଣାଇଥିଲେ। ଶ୍ରୀମତୀ ବେହେରା ଯାଜପୁର ଜିଲ୍ଲା ଡେପୁଟି କଲେକ୍ଟର ଭାବେ ବଦଳି ହୋଇଥିବା ସୂଚନା ମିଳିଛି।



# ସିଡିଏମ୍‌ଓଙ୍କୁ ସମ୍ବର୍ଦ୍ଧନା

**ବାଲେଶ୍ୱର,୪।୧୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ନବ ନିଯୁକ୍ତ ସି.ଡି.ଏମ୍.ଓ. ଡ.ଗୋପୀନାଥ ପରିଡ଼ାଙ୍କୁ ସରକାରୀ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କ୍ରିୟାନୁଷ୍ଠାନ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଅଛି। ଏହି ସମ୍ବର୍ଦ୍ଧନା ଅବସରରେ ପୂର୍ବତନ ସି.ଡି.ଏମ୍.ଓ. ଡ. ଦୁଲାଲ ସେନ ଜଗଦେବ, ଏ.ଡି. ଏମ. ଓ. ଡ. ମୃତ୍ୟୁଞ୍ଜୟ ମିଶ୍ର, ଡ. ଚୌଧୁରୀ ଡ. ସୁମିତ୍ରା ଦେ ଓ ଅନୀଲ ମହାନ୍ତି, ଡି. ପି.ଏମ୍. ପ୍ରଭୃତି ଉପସ୍ଥିତ ଥିଲେ। କ୍ରିୟାନୁଷ୍ଠାନ କମିଟି ତରଫରୁ ସଭାପତି ଆଇନଜୀବୀ ନିରଞ୍ଜନ ପରିଡ଼ା, ସାଧାରଣ ସମ୍ପାଦକ ପ୍ରଦୀପ ଦାସଙ୍କ ସମେତ ନିରଞ୍ଜନ ରାଉତ, ପ୍ରଫୁଲ୍ଲ କୁମାର ଦାସ, ଶତ୍ରୁଘ୍ନ ମଲ୍ଲିକ, ଶ୍ୟାମ ସୁନ୍ଦର ଜେନା, ଭବେଶ ମହାପାତ୍ର, ରବୀନ୍ଦ୍ର ପାଣିଗ୍ରାହୀ ଓ ଯଶୋଦା ନନ୍ଦନ ଆସ ପ୍ରମୁଖ ସମ୍ବର୍ଦ୍ଧନାରେ ଅଂଶ ଗ୍ରହଣ କରିଥିଲେ। ହୃଦରୋଗ ବିଭାଗର ଜଣେ ବରିଷ୍ଠ ଚିକିତ୍ସାଧିକାରୀ ସି.ଡି.ଏମ.ଓ. ଭାବେ ନିଯୁକ୍ତ ହୋଇଥିବାରୁ ଜିଲ୍ଲାବାସୀଙ୍କ ମହଲରେ ଆନନ୍ଦ ଖେଳିଯାଇଛି।



# ଜମୁଛି ଜୁଗାର ଯାତ୍ରା

# ପଶୁବଳି ନୁହେଁ ମା’ ଶ୍ୟାମାକାଳୀଙ୍କୁ ଲାଗିଛି ଯୁଗାର ଭୋଗ

## ବିଭିନ୍ନ ଧର୍ମର ଲୋକ ସାମିଲ ହେଲେ

**ପଦ୍ମପୁର,୪।୧୧(ସଂଚାର ବ୍ୟୁରୋ):** ପଶୁବଳିକୁ ବିରୋଧ। ପୂଜାରେ ରକ୍ତ ବଦଳରେ ମାଆ କାଳୀଙ୍କୁ ଲାଗିଲା ଖଇ ଓ ଗୁଡ଼ରେ ପ୍ରସ୍ତୁତ ଜୁଗାର ଭୋଗ। ନିଆରା ଢଙ୍ଗରେ ବରଗଡ଼ ପଦ୍ମପୁର ଉପଖଣ୍ଡ କୁଟିପାଲି ଗାଁ ଯୁଗାର ଯାତ୍ରା ମହୋତ୍ସବରେ ଏକାଠି ହୋଇଛନ୍ତି ସବୁଧର୍ମର ଶ୍ରଦ୍ଧାଳୁ। ମାଆ ଶ୍ୟାମାକାଳୀଙ୍କ ପୂଜାକୁ ନେଇ ଉତ୍ସବ ମୁଖର ହୋଇଛି ସାରା ଗାଁ। କେବଳ ପରମ୍ପରା ନୁହେଁ ଭାଇଚାରର ନିଦର୍ଶନ ଏହି ପୂଜାରେ ଦେଖିବାକୁ ମିଳିଛି। ଭାଇଚାରା ଏବଂ ଏକତାର ସନ୍ଦେଶ ନେଇ ମହାକାଳୀଙ୍କୁ ଶହଶହ ମାନସିକ ଯୁଗାରକୁ ବଳି ଦେଇଛନ୍ତି ମାନସିକଧାରୀ। ରକ୍ତ ବଦଳରେ ଖଇ ଓ ଗୁଡ଼ରେ ପ୍ରସ୍ତୁତ ଯୁଗାର ଭୋଗ ଲାଗି କରିଛନ୍ତି। ଗତ ୩୯ବର୍ଷ ଧରି ଗ୍ରାମବାସୀ ପଶୁବଳିକୁ ବିରୋଧ କରି ଚାଲିଛନ୍ତି ସଂଘର୍ଷ। ନିରବଚ୍ଛିନ୍ନ ଭାବେ ହିନ୍ଦୁ, ମୁସଲିମ, ଖ୍ରୀଷ୍ଟିଆନ ସବୁଧର୍ମର ଲୋକେ ଏକାଠି ହୋଇ ମାଆ କାଳୀଙ୍କ ଯୁଗାର ଯାତ୍ରାରେ ସାମିଲ ହୋଇଛନ୍ତି। ଗାଁରେ ପଶୁବଳିକୁ ବିରୋଧ କରି ପ୍ରଥମେ ଆରମ୍ଭ ହୋଇଥିଲା ମା’ କାଳୀଙ୍କ ସାତ୍ୱିକ ପୂଜା ମହୋତ୍ସବ। ଚଳିତ ବର୍ଷ ଯୁଗାର ଯାତ୍ରାରେ ସାମିଲ ହୋଇଥିଲା ପଶ୍ଚିମବଙ୍ଗ, ଗୁଜୁରାଟରୁ ନେଇ ବାହରୁ ଶହଶହ ମାନସିକଧାରୀ। ଯୁଗାର ସାଂସ୍କୃତିକ ଶୋଭାଯାତ୍ରାରେ ସାମିଲ ହୋଇଥିଲେ ଏକ ହଜାରରୁ ଉର୍ଦ୍ଧ୍ୱ କଳାକାର। ବିଲୁପ୍ତ ଲୋକ ବାଦ୍ୟ ଓ ଲୋକ ନାଚରେ ଦୁଲୁକି ଉଠିଥିଲା ସମଗ୍ର ଅଞ୍ଚଳ। ଭେଦ ଭାବ ଭୁଲି ଏହି ଅଞ୍ଚଳରେ ଯୁଗାର ଯାତ୍ରାରେ ପୂଜା ସହିତ ଭାଇଚାରାର ନିଦର୍ଶନ ଦେଖିବାକୁ ମିଳିଛି । ଯାହା ଅନ୍ୟ ପାଇଁ ପାଲଟିଛି ଉଦାହରଣ ।

